Spreading Knowledge Amongst Mankind.......

ମାର୍ଚ୍ଚ-୨୦୧୮ **MARCH - 2018**



Painting by Shri Debashis Raut, President, ROSA, Riyadh

# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ହନୁମାମୁଁ ରିପୋର୍ଟିଙ୍ଗ.......



ମମତା ଦାଶ

ପ୍ରିୟ ପାଠକ ବନ୍ଧୁ,

ରଙ୍ଗ ମହୋତ୍ସବ ହୋଲି ପ୍ରତି ବର୍ଷ ଫଗୁଣ ମାସରେ ବଡ ଧୁମ- ଧାମରେ ଭାରତର ପ୍ରତି କୋଣ- ଅନୁକୋଣରେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ପ୍ରଚଳତ ଏହି ଉତ୍ସବ, ଉତ୍ସାହ ଭରା ଆନନ୍ଦ ମୁଖରିତ ଅନ୍ୟ ପ୍ରତି ରାଗ, ଦ୍ୱେଷ ଭୁଲି ସ୍ନେହ, ଶ୍ରଦ୍ଧା ଉତ୍ପନ୍ନ କରେ । ଏହି ସମୟରେ ପ୍ରକୃତିର ବାତାବରଣ ଖୁବ୍ ସୁନ୍ଦର ଏବଂ ରଙ୍ଗୀନ ଦେଖାଯାଏ । ଢୋଲ, ହାରମୋନିୟମ, ରଙ୍ଗ, ମିଷ୍ଟାନ୍ନ ସହିତ ସଙ୍ଗୀତର ତାଳରେ ହୋଲି ଉତ୍ସବ ସମଗ୍ର ପରିବେଶକୁ ରଙ୍ଗୀନ ବନାଇଥାଏ । ରାଗ- ରଙ୍ଗର ଲୋକପ୍ରିୟ ପର୍ବ ବସନ୍ତର ସନ୍ଦେଶ ବାହକ ମଧ୍ୟ ଅଟେ । ରାଗ, ଅର୍ଥାତ ସଙ୍ଗୀତ । ରଙ୍ଗ ଏହାର ପ୍ରମୁଖ ଅଙ୍ଗ । ଏହାକୁ ଉତ୍କର୍ଷରେ ପହଞ୍ଚାଉଥିବା ପ୍ରକୃତି ମଧ୍ୟ ଏହି ସମୟରେ ନବ ଯୌବନ ଧାରଣ କରିଥାଏ । ଏହି ସମୟରେ ଗଛ- ବୃକ୍ଷ, ପଶୁ- ପକ୍ଷୀ, ମନୁଷ୍ୟ ସମସ୍ତ ଜୀବ ଜଗତ ହର୍ଷ- ଉଲ୍ଲାସରେ ପରିପୂର୍ଣ୍ଣ ହୋଇଥାଏ । ସୋରିଷ କ୍ଷେତ, ଆମ୍ବ ଗଛ ବଉଳର ଶୋଭା ଅବର୍ଣ୍ଣନୀୟ । ଏହି ପର୍ବର ବର୍ଣ୍ଣନା ବହୁତ ଧାର୍ମିକ ପୁସ୍ତକରେ ମଧ୍ୟ ଦେଖାଯାଏ । ଶ୍ରୀମଦଭାଗବତ ମହାପୁରାଣରେ ରସର ସମୁହ ରାସର ବର୍ଣ୍ଣନା କରାଯାଇଛି । ଭାରତର ଅଲଗା ଅଲଗା ପ୍ରାନ୍ତରେ ହୋଲି ଉତ୍ସବ ଭିନ୍ନ ଭିନ୍ନ ପାରମ୍ପାରିକ ସାସ୍କୃତିକ ପ୍ରାନ୍ତୀୟ ଶୈଳୀରେ ମନାଯାଏ । ବ୍ରଜଧାମରେ ରାଧାକୃଷ୍ଣଙ୍କର ହୋଲି ବର୍ଣ୍ଣନା ଏବଂ ଅବଧରେ ରାମ- ସୀତାଙ୍କର ହୋଲି ଉତ୍ସବର ବର୍ଣ୍ଣନ ବେଶ୍ ମନୋରମ ।

ହୋଲି ହେଉଛି ରଙ୍ଗର ପର୍ବ । ହସ- ଖୁସି ଲହଡିର ଅନେକ ରୂପ ଏଥିରେ ଦେଖିବାକୁ ମିଳେ । ହୋଲିର ଲୋକପ୍ରିୟତା ଧିରେ ଧିରେ ବିକଶିତ ହୋଇ ଅନ୍ତରାଷ୍ଟ୍ରୀୟ ସ୍ତରରେ ଆଗ୍ରହର ସହିତ ଅଗ୍ରଣୀ ଭୂମିକା ପ୍ରଦାନ କରିଛି ।

ଫଗୁ ଦଶମୀର ଫଗୁଣୀ ପବନ
ଝୁଲି- ଝୁଲି, ଲୁଚ- ଲୁଚ, ନଇଁ- ନଇଁ
ଧରି ରଙ୍ଗଭରା, ରଙ୍ଗୀନ ପିଚକାରୀ
ରଙ୍ଗେଇ ଦେଲା ସେ
ଚଞ୍ଚଳ ନୟନେ, ଅଞ୍ଜନ ଲଗେଇ
ଆଖିକୁ ନଚେଇ, କହେ ଲାଜେଇ
ଆସିଛି ମୁଁ ଖେଳବାକୁ ହୋଲି
ଅଧରକୁ ଦାବି, ଦାନ୍ତକୁ ଚାପି
ଓଦା ବଦନେ, ପଣତ ଚୁପୁଡି
କୋମଳ- କମଳ, ଗୋଲାପର ଦଳ
ଅଙ୍ଗେ- ଅଙ୍ଗେ ରଙ୍ଗର ତରଙ୍ଗ
ଫଗୁଣର ଉମଙ୍ଗ, ଅନୁରାଗରେ
ରଙ୍ଗର ବର୍ଷାରେ
ଗୋକୁଳ କୂଳରେ
ଗୋପିଙ୍କ ମେଳରେ
ଆରେ....... ମାଦଳ, ହୋଇ ବିହ୍ୱଳ
ବଜାରେ ବଜା, ଢମ.....ଢମ.....ଢମ
ଢୋଲକୁ ତୋର
ଫଗୁଣ କରିଛି ଆଜି ରଙ୍ଗର ସିଙ୍ଗାର
ଶୁଣ......ଶୁଣ...... ମୁରଲୀର ସ୍ୱର
କାହ୍ନା ଖୋଜେ ରାଧାରାଣୀକୁ ହୋଇ ଅଧିର
ସପ୍ତମ ସ୍ୱରରେ, ଫଗୁଣ ଗାଏରେ
ଜମୁନା କୂଳରେ, କଦମ୍ବ ମୂଳରେ
ଧରି ପ୍ରେମ ପିଚକାରୀ
ରାଧା ସଙ୍ଗେ ରାସ ରଚେ
ଦେଖ....ଦେଖ.....ବାଙ୍କ ବିହାରୀ
ବସନ୍ତ- ବାସନ୍ତି, ପ୍ରେମ ରଙ୍ଗେ ମାତି
ହୋଲିର ବାହାନେ
ଇନ୍ଦ୍ରଧନୁଷି ରଙ୍ଗକୁ ସାଉଁଟି
କହନ୍ତି..........
ଇର୍ଷା, ଦ୍ୱେଷ ଭୁଲି, ଆଜି ମନାଅରେ ହୋଲି
ସାମାଜିକ କୁ- ରୀତିକୁ ସମୁଳେ ବିନାଶ କରି
ଚାଲ ସମସ୍ତେ ମିଶି ଖେଳବାରେ ହୋଲି ॥

ବେଦାନ୍ତୀ ପରିବାର ତରଫରୁ ସମସ୍ତ ପାଠକବୃନ୍ଦଙ୍କୁ ପବିତ୍ର ହୋଲି ପର୍ବର ଅନେକ ଅନେକ ହାର୍ଦ୍ଦିକ ଶୁଭେଚ୍ଛା ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ତିଳକ ଚନ୍ଦନ | ପ୍ରତିଭା ପ୍ରିୟଦର୍ଶିନୀ | ୦୭ |
| ତୁମେ ପ୍ରଭୁ ମହାଦାନୀ | ଶଶଧର ମହାପାତ୍ର | ୧୦ |
| ହଁ.....ମୁଁ ବି ପାରିବି<br>ଅଭିପ୍ରେରିତ | ଅନୁସୂୟା ମିଶ୍ର<br>ସୁଲୋଚନା ପଟ୍ଟନାୟକ | ୧୩<br>୧୫ |
| ନୂଆ ବର୍ଷ | ନୃସିଂହ ଚରଣ ବେହେରା | ୨୨ |
| ବର୍ଷା | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ଅସାହାୟତା | ଦେବସ୍ମିତା ବେହେରା | ୨୫ |
| ମନ ଖୋଜେ | ଶାନ୍ତିଲତା ମିଶ୍ର | ୨୭ |
| ବାପା | ବରୁଣ କୁମାର ଦାସ | ୩୫ |
| ବିସ୍ମୃତ ପ୍ରତିବିମ୍ବ | ଅଶୋକ ବିଶ୍ୱାଳ | ୩୭ |
| ପ୍ରଶ୍ନ ସେଇ ହତଭାଗିନୀର... | ବିକେଶ ସାହୁ | ୩୮ |
| ଖୁସିର ରାହା | ଡ. ବିଜ୍ଞାନୀ ଦାସ | ୪୦ |
| ବସନ୍ତରେ ଝରାପତ୍ରର ଦୁଃଖ | ଜୀତେନ୍ଦ୍ରିୟ ବେହେରା | ୫୨ |
| ପ୍ରୀତି ପଥ | ନିର୍ମଳ କୁମାର ଦଳାଇ | ୫୩ |
| ତୁମକୁ ଖୋଜୁଛି | ପ୍ରଶାନ୍ତ କୁମାର ନାଥ | ୫୪ |
| ସାହିତ୍ୟ ଦୃଷ୍ଟିରୁ ଓଡିଆ ଭ୍ରମଣ କାହାଣୀ | ପ୍ରିୟବ୍ରତ ପାତ୍ର | ୫୫ |
| କଥା କବିତା କାହାଣୀ | ସଂଘମିତ୍ରା ସାମନ୍ତରାୟ | ୬୨ |
| ସ୍ମୃତି ଅତୀତର | ପୁଷ୍ପିତା ଭୂୟାଁ | ୬୩ |
| ନାଲି ଗୁ | ସୁବଳ ମହାପାତ୍ର | ୬୫ |
| କବିତା | ସୁବଳ ମହାପାତ୍ର | ୬୬ |
| ସେ ଦୁନଆଁ ଚଲସି | ଆଶୁତୋଷ ମେହେର | ୬୭ |
| ଦୋଛକ | ଆଶା ସାହୁ | ୬୮ |
| ତୃତୀୟ ପୁରୁଷ | ବିନୟ ମହାପାତ୍ର | ୭୧ |
| ଦିନ ଗୁଡିକ ମୋର | ସନାତନ ମହାକୁଡ | ୭୪ |
| ମୁଠାଏ ମାଟି | ଶାରଦା ପ୍ରସାଦ ପରିଡା | ୭୫ |
| ଜୀବନ ନାବ ର ମୁଁ ନାବିକ | ପ୍ରକାଶ ସାହୁ | ୭୮ |
| ଜୀବନ | ରୀତା ଅପରାଜିତା ମହାନ୍ତି | ୭୯ |

| | | |
|---|---|---|
| ଆମ୍ ସନ୍ତୋଷ | ପରମିତା ମିଶ୍ର | ୮୦ |
| ନିଃଶବ୍ଦ ସହରରେ ଶେଷ ଇଚ୍ଛା<br>ସମୟ | ସିପ୍ରା ନାମତା<br>ରବି ଶତପଥୀ | ୮୨<br>୮୫ |
| ଅନୁତାପର ଅନ୍ତରାଳେ | ରାଜୀବ ଗୋପାଳ ସ୍ୱାଇଁ | ୮୬ |
| ତୁମେ ଆସିବ ବୋଲି | କାର୍ତ୍ତିକ ପାଣିଗ୍ରାହୀ | ୯୪ |
| ସ୍ୱାଗତଂ ଶହସ୍ରାବ୍ଦ | ଶୁଭକାନ୍ତ ସାହୁ | ୯୬ |
| ଆମୂର ଫାଲକନର ବିଶ୍ୱ ରାଜଧାନୀ | ଅଶୋକ ବିଶ୍ୱାଳ | ୯୭ |
| ସୁନେଲି ସପନ | ଦେବବ୍ରତ ଶତପଥି | ୧୦୪ |
| ନବୀନ ଆଶାର ଆଲୋକ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୦୬ |
| ଆରାଧ୍ୟ ଦେବତା | ଭଗିରଥି ବେହେରା | ୧୦୮ |
| ଖୁସି | ସୁଧାଂଶୁ ଦ୍ୱିବେଦୀ | ୧୦୯ |
| ଶୁଷ୍କ ହୃଦୟ | ମାମାଜିନ ପ୍ରଧାନ | ୧୧୫ |
| ତୁମେ ଗଲାପରେ | ମଧୁଛନ୍ଦା ବେହେରା | ୧୧୭ |
| ସତୀ | କାଳକଙ୍କର | ୧୧୯ |
| ଫୁଲ | ମାନସ କୁମାର ପାତ୍ର | ୧୩୦ |
| ଅଭୁଲା ମୁହୂର୍ତ୍ତ | ତରୁଣ କୁମାର ଦାସ | ୧୩୨ |
| ରଙ୍ଗ<br>ମୁକ୍ତି | ସତ୍ୟବ୍ରତ ସାହୁ<br>ମଧୁସ୍ମିତା ପଟ୍ଟନାୟକ | ୧୩୩<br>୧୩୪ |
| ମୂଲ୍ୟ | ପ୍ରସନ୍ନ କୁମାର ଭୁଏ | ୧୪୬ |
| ଜାଗର | ସାଗର ପ୍ରଧାନ | ୧୪୭ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୧୪୮ |
| ମୋର ଗାଁ ବନେ ଲାଗସି ମତେ | ଫିରୋଜ କୁମାର ପଟେଲ | ୧୫୨ |
| ବହେନ୍ ଟେ ଥିତା କ ମୋର୍ | ଶୁଭମ ନାୟକ | ୧୫୫ |
| ପ୍ରତିଫଳ | ଲିନା ରାଣୀ ଧଳ ମଙ୍ଗରାଜ | ୧୫୬ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୫୭ |
| କ୍ଷୁଦ୍ର ଜୀବଟିଏ ମୁଁ | ଜୟକୃଷ୍ଣ ମେହେର | ୧୫୮ |

| | | |
|---|---|---|
| ପଶ୍ଚାତାପ | ବିଜୟ ପଣ୍ଡା | ୧୫୯ |
| ଆସିବ ବୋଲି | ଦୟାନନ୍ଦ ଶବର | ୧୬୫ |
| ଆମ ଏ ଜୀବନ | ପର୍ଶୁରାମ ଶଗରିଆ | ୧୬୬ |
| ବିଲ୍ୱବୃକ୍ଷର ଜନ୍ମ | ରାଜଲକ୍ଷ୍ମୀ ସାହୁ | ୧୬୭ |
| ନୂତନ ବିଶ୍ୱ ଗଢିବା | ହିମାଂଶୁ ଭୂଷଣ ଜେନା | ୧୭୦ |
| ସକାଳ | ଅଶୋକ କୁମାର ସେଠୀ | ୧୭୧ |
| ଭୃଗୁ ସଂହିତାର ବାସ୍ତବିକତା | ବାଲ୍ମୀକ ନାୟକ | ୧୭୩ |
| ଶୁନ୍ୟତା | ରାମ ପ୍ରସାଦ ବିଶୋଇ | ୧୭୮ |
| ଇସ୍ତାପା | ଏମ୍. ବିଜୟ କୁମାର | ୧୮୦ |
| ଅକାରଣ | ସ୍ୱାଗତ କୁମାର ପଣ୍ଡା | ୧୮୧ |
| ଅସରାଏ ଫଗୁଣ | ମୃତ୍ୟୁଞ୍ଜୟ ହୋତା( ଆଲୋକ) | ୧୮୨ |
| ଉପହାସ | ଶିଶିର କୁମାର ସାମଲ | ୧୮୩ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୧୮୪ |
| **ଶିଶୁ ବିଭାଗ** | | |
| ଖେଳବା ଆସ ହୋଲି | ସତ୍ୟବ୍ରତ ସାହୁ | ୧୯୦ |
| ସୁନା ଭଉଣୀ ମୋ ସୁନା କଣ୍ଢେଇ | ପ୍ରକାଶ ସାହୁ | ୧୯୧ |
| ଝିଅ | ସୁଦାମ ଗୌଡ଼ | ୧୯୩ |
| ଚନ୍ଦ | ସିମ୍ରନ ମଲ୍ଲିକ ( ମାମା) | ୧୯୪ |
| ଚନ୍ଦ | ମଧୁସ୍ମିତା ସାମଲ | ୧୯୫ |
| କିଏ କହିବ | ପ୍ରକାଶ ସାହୁ | ୧୯୬ |
| ମାର୍ଚ୍ଚ ମାସର ପର୍ବପର୍ବାଣୀ | ସଂଗୃହୀତ | ୧୯୮ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୧୯୯ |

# ତିଳକ ଚନ୍ଦନ



ପ୍ରତିଭା ପ୍ରିୟଦର୍ଶିନୀ

ସନାତନ ହିନ୍ଦୁଧର୍ମରେ ତିଳକ ଚନ୍ଦନର ବିଶେଷ ମହତ୍ତ୍ୱ ରହିଛି। ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ପ୍ରାୟତଃ ମସ୍ତକରେ ତିଳକ ଲଗାଇବା ପରମ୍ପରା ଦେଖାଯାଏ ନାହିଁ। ବିଶ୍ୱାସ ରହିଛି ଯେ ମସ୍ତକର ମଝାମଝି ଭଗବାନ ବିଷ୍ଣୁ ନିବାସ କରନ୍ତି, ତେଣୁ ଠିକ୍ ସେହି ସ୍ଥାନରେ ତିଳକ ଧାରଣ କରାଯାଏ।

## ଭଗବାନଙ୍କୁ ଚନ୍ଦନ ଅର୍ପଣ

* * * * * * * * * * * * * *

ଭଗବାନଙ୍କୁ ଚନ୍ଦନ ଅର୍ପଣ ପଛରେ ଏହି ଭାବ ରହିଥାଏ ଯେ, ହେ ଈଶ୍ୱର! ତୁମ କୃପାର ସୁଗନ୍ଧରେ ଆମ ଜୀବନ ଭରିଯାଉ ତଥା ଆମ ବ୍ୟବହାର ରେ ଶୀତଳତା ରହୁ ଅର୍ଥାତ ଆମେ ଥଣ୍ଡା ମସ୍ତିଷ୍କ ନେଇ କାର୍ଯ୍ୟ କରୁ। ପ୍ରାୟତଃ ଉତ୍ତେଜନା ଯୋଗୁଁ କାମ ବିଗିଡିଯାଏ। ଚନ୍ଦନ ଲଗାଇବା ଦ୍ୱାରା ଉତ୍ତେଜନା କୁ କାବୁ କରିହୁଏ। ଚନ୍ଦନର ତିଳକ ଲଲାଟରେ କମ୍ବା ଛୋଟ ବିନ୍ଦୁ ଆକାରରେ ଦୁଇ ଭ୍ରୁଲତା ମଝିରେ ଲଗାଯାଏ।

## ବୈଜ୍ଞାନିକ ଦୃଷ୍ଟିକୋଣ

* * * * * * * * * * * *

ମନୋବିଜ୍ଞାନ ଦୃଷ୍ଟିରୁ ମଧ୍ୟ ଚନ୍ଦନ ଲଗାଇବା ଅତ୍ୟନ୍ତ ଉପଯୋଗୀ ବୋଲି ବିଶ୍ୱାସ କରାଯାଏ। ମଥା ଆମ ମୁହଁର କେନ୍ଦ୍ରୀୟ ଅଂଶ ଅଟେ, ଯେଉଁଠି ପ୍ରତ୍ୟେକଙ୍କ ଦୃଷ୍ଟି ଅଟକେ। ତାହାରି ମଝିରେ ତିଳକ ଲଗାଇବା ଦ୍ୱାରା ଦେଖୁଥିବା ବ୍ୟକ୍ତିର ଦୃଷ୍ଟିକୁ ବାନ୍ଧି ରଖିବା ପାଇଁ ପ୍ରଯତ୍ନ କରାଯାଏ। ମସ୍ତକରେ ତିଳକ ଧାରଣ କରିବାକୁ ହିନ୍ଦୁଧର୍ମରେ ସାତ୍ତ୍ୱିକତାର ପ୍ରତୀକ ଭାବେ ମାନ୍ୟତା ଦିଆଯାଏ ଏବଂ ଏହା ଶୁଭଙ୍କର ବୋଲି ବିଶ୍ୱାସ ରହିଛି। ଭ୍ରୁଲତା ମଝିରେ

ମସ୍ତକର ଯେଉଁ ସ୍ଥାନରେ ତିଳକ ଲଗାଯାଏ ତାହାକୁ ଆଜ୍ଞାଚକ୍ର ର ସ୍ଥାନ ବୋଲି ବିବେଚନା କରାଯାଏ। ଶରୀର ଶାସ୍ତ୍ର ଅନୁସାରେ ଏହା ପିନଏଲ ଗ୍ରନ୍ଥିର ସ୍ଥାନ ହୋଇଥିବାରୁ, ଯେତେବେଳେ ଏହି ଗ୍ରନ୍ଥିକୁ ଉଦ୍ଦୀପ୍ତ କରାଯାଏ ସେତେବେଳେ ମସ୍ତିସ୍କ ମଧ୍ୟରେ ଏକ ପ୍ରକାର ପ୍ରକାଶର ଅନୁଭୂତି ହୁଏ। ଏକଥା ବୈଜ୍ଞାନକ ଭାବରେ ସିଦ୍ଧ କରାଯାଇଛି ଯେ ଆମ ପ୍ରାଚୀନ ମୁନିଋଷି ମାନେ ଖୁବ ଭଲଭାବରେ ଜାଣିଥିଲେ, ପିନଏଲ ଗ୍ରନ୍ଥିର ଉଦ୍ଦୀପନ ଦ୍ୱାରା ଆଜ୍ଞାଚକ୍ରର ଉଦ୍ଦୀପନ ହେବ। ଏବଂ ଆଜ୍ଞାଚକ୍ର ମନୁଷ୍ୟର ବିଚାର, ବୁଦ୍ଧି ଓ ତାର୍କିକ କ୍ଷମତାକୁ ନିୟନ୍ତ୍ରଣ କରିଥାଏ। ଏହି କାରଣରୁ ଧାର୍ମିକ କର୍ମକାଣ୍ଡ, ପୂଜା ଉପାସନା ଏବଂ ସମସ୍ତ ଶୁଭକାର୍ଯ୍ୟରେ ଟିକା ଲଗାଇବାର ପ୍ରଚଳନ ଯୋଗୁଁ ବାରମ୍ବାର ଏହାର ଉଦ୍ଦୀପନ ଦ୍ୱାରା ଆମ ଶରୀରର ସ୍ଥୁଳ- ସୂକ୍ଷ୍ମ ଅବୟନ ଜାଗୃତ ହେବାର ସମ୍ଭାବନା ସୃଷ୍ଟିହୁଏ। ଏହି ସାଧାରଣ ପଦ୍ଧତିଟିର ଅବଲମ୍ବନ ଓ ପାଳନ ଦ୍ୱାରା ସର୍ବସାଧାରଣ ଙ୍କ ରୁଚ ଧାର୍ମିକତା ଓ ଆଧାତ୍ମିକତା ପ୍ରତି ବଢିବା ସହିତ, ଆଜ୍ଞାଚକ୍ର ବା ତୃତୀୟ ନେତ୍ରର ଉନ୍ମୀଳନ ପାଇଁ ଏକ ପ୍ରୟାସ ହୁଏ ଯାହାଦ୍ୱାରା ନିୟମିତ ଭାବରେ ଆଜ୍ଞାଚକ୍ର କୁ ଉତ୍ତେଜନା ମିଳୁଥାଏ।

## ଶାସ୍ତ୍ରୀୟ ମତ

* * * * * * * * * * *

ଶାସ୍ତ୍ର ଅନୁସାରେ ମଥାକୁ ଇଷ୍ଟଦେବଙ୍କ ପ୍ରତୀକ ବୋଲି ବିଚାର କରାଯାଏ। ତେଣୁ ଇଷ୍ଟଦେବଙ୍କ ସ୍ମରଣ ସର୍ବଦୈବ ଆମ ମନରେ ରହିବ ଏବଂ ଏହିପ୍ରକାର ଧାରଣାକୁ ଧ୍ୟାନ ରଖି, ମନର ସେହି କେନ୍ଦ୍ରବିନ୍ଦୁରେ ତାହା ସଂଗଠିତ ହୋଇପାରିବ। ଶରୀରର ସମସ୍ତ ଚେତନା ଧିରେ ଧିରେ ଆଜ୍ଞାଚକ୍ର ଠାରେ ଏକତ୍ରିତ ହେଉଥିବ, ଯାହାକି ଶରୀର ସାରା ଇତଃସ୍ତତ ଖେଳେଇ ହୋଇ ରହିଥାଏ। ଅତଃ, ତିଳକ ବା ଟିକା ମାଧ୍ୟମରେ ଚେତନାକୁ ଆଜ୍ଞାଚକ୍ର ଠାରେ ଏକତ୍ରିତ କରି ତୃତୀୟ ନେତ୍ର କୁ ଜାଗ୍ରତ କରିପାରିବା, ଯଦ୍ୱାରା ଆମକୁ ପରମାନସିକ ଜଗତରେ ପ୍ରବେଶ ମିଳପାରିବ।

## ତିଳକ ଲଗାଇବାର ପ୍ରକାର

* * * * * * * * * * *

ସ୍ନାନ ସମାପନ ପରେ ଧୌତବସ୍ତ୍ର ପରିଧାନ କରିବା ଉପରାନ୍ତେ ବୈଷ୍ଣବମାନେ ଲଲାଟରେ ଉର୍ଦ୍ଧ୍ୱପୁଣ୍ଡ୍ର, ଶୈବ ମାନେ ତ୍ରିପୁଣ୍ଡ, ଗାଣପତ୍ୟ ମାନେ ରୋଲି ବା ସିନ୍ଦୁର ତିଳକ, ଶାକ୍ତ ଓ

ଜୈନ ମାନେ ଯଥାକ୍ରମେ ଲାଲ ଓ କେସରୀଆ ବିନ୍ଦୁ ଧାରଣ କରନ୍ତି। ଧାର୍ମିକ ତିଳକ ସ୍ୱୟଂ ଲଗାଯାଏ ତଥା ସାଂସ୍କୃତିକ ତିଳକ ଅନ୍ୟ ବ୍ୟକ୍ତି ଲଗାଇ ଦିଅନ୍ତି।

ନାରଦ ପୁରାଣ ଅନୁସାରେ ବ୍ରାହ୍ମଣ ଉର୍ଦ୍ଧ୍ୱପୁଣ୍ଡ୍ର, କ୍ଷତ୍ରୀୟ ତ୍ରିପୁଣ୍ଡ, ବୈଶ୍ୟ ଅର୍ଦ୍ଧଚନ୍ଦ୍ର ଓ ଶୁଦ୍ର ମାନେ ବର୍ତ୍ତୁଳାକାର ଚନ୍ଦନ ତିଳକ ଲଲାଟରେ ଅଙ୍କିତ କରିବା ଉଚିତ।

ଯୋଗୀ, ସନ୍ୟାସୀ, ଋଷି, ସାଧକ ତଥା ଏହି ବିଷୟ ସମ୍ବନ୍ଧିତ ଗ୍ରନ୍ଥମାନଙ୍କ ଅନୁସାରେ ଭ୍ରୁକୁଟିର ମଧ୍ୟଭାଗ ଦେଦୀପ୍ୟମାନ ଅଟେ।

## ଚନ୍ଦନର ପ୍ରକାର


* * * * * * * * * * * *

### ୧ - ହରି ଚନ୍ଦନ

ପଦ୍ମପୁରାଣ ଅନୁସାରେ ତୁଳସୀର କାଷ୍ଠକୁ ଘଷି ତହିଁରେ କର୍ପୂର, ଅଗୁରୁ ବା କେସର ମିଶାଇ ହରିଚନ୍ଦନ ପ୍ରସ୍ତୁତ କରାଯାଏ।

### ୨ - ଗୋପୀ ଚନ୍ଦନ

ଗୋପୀ ଚନ୍ଦନ ଦ୍ୱାରକା ନିକଟରେ ସ୍ଥିତ ଗୋପୀ ସରୋବର ର ରଜ ଅଟେ। ବୈଷ୍ଣବ ମାନେ ଏହାକୁ ପରମ ପବିତ୍ର ମାନନ୍ତି । ସ୍କନ୍ଦପୁରାଣରେ ଉଲ୍ଲେଖ ଅଛିଯେ ଶ୍ରୀକୃଷ୍ଣ ଗୋପୀ ମାନଙ୍କ ଭକ୍ତିରେ ପ୍ରଭାବିତ ହୋଇ ଏହି ଗୋପୀ ସରୋବର ନିର୍ମାଣ କରିଥିଲେ, ଯହିଁରେ ସ୍ନାନକରି ସେମାନଙ୍କୁ ଶ୍ୟାମସୁନ୍ଦର ଙ୍କ ସ୍ନେହ ସଦାସର୍ବଦା ପାଇଁ ପ୍ରାପ୍ତ ହୋଇଥିଲା। ଏହି ଭାବ ଦ୍ୱାରା ଅନୁପ୍ରେରିତ ହୋଇ ବୈଷ୍ଣବ ମାନେ ଗୋପୀଚନ୍ଦନ କୁ ଉର୍ଦ୍ଧ୍ୱପୁଣ୍ଡ୍ର ଭାବେ ମସ୍ତକରେ ଲଗାନ୍ତି।



ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ତୁମେ ପ୍ରଭୁ ମହାଦାନୀ



ଶଶଧର ମହାପାତ୍ର

କରିଅଛ ଧନ୍ୟ ମୋତେ ଦେଇ ଏ' ଜୀବନ
ତୁମେ ପ୍ରଭୁ ମହାଦାନୀ, ଧନ୍ୟ ତୁମ ଦାନ
ନକରିଛ କୀଟ କ ପତଙ୍ଗ କଛି ଭାବି
ସୁନ୍ଦର ତୁମ ଦୁନଆ, ବିଚତ୍ର ତା' ଛବି
ଜନମ ଦେଲଟି ଏକ ମା'ର କୋଳରେ
ଜୀବନ ତା' କଟିଥିଲ୍ ଭଲପାଇବାରେ
ଯାହାଙ୍କୁ ଚହ୍ନେଇଦେଲ ଇଏ ତୋ'ର ପିତା
ସହୁଥିଲେ ସଂସାରର ବେଦନା ଓ ବ୍ୟଥା
ଯେତେ ତୁମେ ଦେଇଅଛ ଭାଇ ଓ ଭଉଣୀ
ଭାଇ, ଭଉଣୀଙ୍କ ପ୍ରେମ ଅଭୁଲ୍ କାହାଣୀ
ପଡୋଶୀ, କୁଟୁମ୍ବ, ସାଙ୍ଗସାଥୀମାନେ ମିଶି
ଦେଖିଲେ ମୁରୁକ ମୁରୁକ ଦେଇଥାନ୍ତି ହସି



ପାଦ ତଳେ ଦେଇଅଛ ଦି' ପାଦ ମାଟି
ସେ' ମା' ପାଇଁ ଆଜି ପୂରିଛି ପେଟଟି
ମୁ  ଉପରେ ଖଞ୍ଜିଛ ଅସୀମ ଆକାଶ
ଦେ  ହୁଏ ଖୁସି ଜହ୍ନ, ତାରାଙ୍କର ହସ
ଚାରିଆଡେ ଦେଇଅଛ ମୁକୁଳା ପବନ

ତା'ବିନା ଅସମ୍ଭବ ହୁଅନ୍ତା ଜୀବନ
ସ୍ଥଳ ଭାଗେକୁ ଜଳ ତିନ ଭାଗ କଲ
ତଥାପି ମିଳୁନ ପାଣି ପିଇବାକୁ ଭଲ
କି ସୁନ୍ଦର ଗଢ଼ିଅଛ ନଦୀ ଓ ସାଗର
କେଉଁ ପାଣି ଲୁଣି ଆଉ କଏତ ମଧୁର



ପାହାଡ, ପର୍ବତ ଘେର୍ ସବୁଜ ବନାନୀ
କାନ ପାଖେ ଆସି କହେ କଥା ତୁନତୁନ
ଗଛରେ ଫୁଟୁଛି ଫଳ, ଫୁଲ ନାନାଜାତି
କେଉଁ ଫଳ ଖଟା ପୁଣି କଏ ମିଠା ଅତି
କେଉଁ ଫୁଲରେ ଭରିଛ ରଙ୍ଗ ଓ ସୁଗନ୍ଧ
କଏ ପୂଜାପାଇଁ ଭଲ, କଏ ହୁଏ ମନ୍ଦ
ପୂଜାଫୁଲେ ସଜାଇଛି ହୃଦ ସିଂହାସନ
ଆସିବକ ଥରେ ପ୍ରଭୁ ଦେଖୁଛି ସପନ
ଏତେ ପଶୁ, ପକ୍ଷୀ ତୁମେ କରିଅଛ ସୃଷ୍ଟି
ମାନବାକୁ ହେବ ପ୍ରଭୁ ତୁମ ଦୂରଦୃଷ୍ଟି
ଆଲୋକ ପରେ ଅନ୍ଧାର, ଦିନ ପରେ ରାତି
ସବୁଠାରେ ଭରିଅଛି ତୁମ ଦିବ୍ୟ ଜ୍ୟୋତି
ମଣିଷ ଗଢିଲ୍ ବେଳେ ପଡିଲାକ ପତା
ବେଶୀ ହେଲେ ଅସୁର ଓ ଅଳପ ଦେବତା
ଦଙ୍ଗା, ହଙ୍ଗାମା ଘଟୁଛି ଆଜି ନତିନତି
ଜାତି, ଧର୍ମ, ବର୍ଣ୍ଣ ନେଇ ଗ୍ଲେ ରାଜନୀତି

ହତ୍ୟା, ଲୁଣ୍ଠନ, ଅନ୍ୟାୟ ଜଗୁଛି ବାଟକୁ
ଭାଇଗୁର୍ ଭାବ ଗଲା ଦକ୍ଷିଣ ଦିଗକୁ

ଗୁହୁଁ ଗୁହୁଁ ମୋତେ ଆସି ଷାଠିଏ ଟପିଲା
ନିଜ ଉପରେ ବିଶ୍ୱାସ ହେଇଗଲା ଢିଲା
କାଳ ଛଞ୍ଚାଣ କାଟୁଛି ଉପରେ ଚକ୍କର
ବେଳ ଦେଖି ଝାମ୍ପି ନେବ ହୋଇ ତରବର
କେଉଁ ଶିଶୁ ମରୁଅଛି ମା'ର କୋଳରେ
ଏତେ ଦିନ ବଞ୍ଚିଅଛି ତୁମରି କୃପାରେ
ହାତ, ଗୋଡ ଚଳୁ ଚଳୁ ପହଞ୍ଚିଲେ କାଳ
ଭାବିବି ମୁଁ ଏ ସମୟ ଅଟେ ଶୁଭ ବେଳ
ସ୍ୱର୍ଗ କ ନରକ ନଥ ନାହିଁ ଡର ଭୟ
ଧର୍ମ ନକତିର ହେଉ ସର୍ବଦା ବିଜୟ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ହଁ.....ମୁଁ ବି ପାରିବି



ଅନୁସୂୟା ମିଶ୍ର

ଜଠରର ଉଷୁମ ଆଶ୍ରୟ ଯାଏଁ
ତୋ ଆଖିର ଆଢୁଆଳେ କାହାର କ ହାତ ପାଏ
ତୁ ଟିକେ ମୁହଁ ଖୋଲନ୍ତନ !
ଅସୀମ ତୋ ମନର ବଳକୁ
କାହାର ବା ସାଧ ଅଛି ଭଙ୍ଗି ପାରିବାକୁ
ତୁ ଟିକେ ଟାଣ ହୁଅନ୍ତନ !
ସମୟ ସିନା ବଦଳଛି ଆଜି
ବଦଳନୁ ତୁ
ବଦଳନ ରକ୍ଷଣଶୀଳ ତୋ ଚନ୍ତାଧାର୍ସବୁ
ବଦଳ ପାରିନ ବି
ଅସହାୟ ତୋ ନୀରବତା,
ଆଉ, ଧର୍ବନ୍ଧା ଯେତେ ତୋର ସହନଶୀଳତା ।
କହିଲୁ....କାହାକୁ ତୁ ଡରୁ ଏତେ
କାହିଁକ ତୋ ଭବିଷ୍ୟକୁ ସାରୁ ନଜ ହାତେ ?
କହ ମା,
କାହିଁକ ତୋ ଓଠଧାରେ ଆଜି



ମମତାର ଏଇ ଆତ୍ମପ୍ରବଂଚନା ?

କାହିଁକ ବା ଆଖିକୋଣେ ତୋର

ଅସରନ୍ତି ଆଶଙ୍କାର ବନ୍ୟା ?

ମୋ ପାଇଁ କଣ କଛି ଆଉ ଅପହଞ୍ଚ ଅଛି ?

ମୁଁ ବି ପାରିବି ବୋହି

ନର୍ଜନ ତୋ ଜୀବନର ବୋଝ,

ମୁଁ ବି ପାରିବି ତୋଳ

ନଃସଙ୍ଗ ତୋ ବାର୍ଦ୍ଧକ୍ୟର ନଶ୍ଚିନ୍ତ ଆଶ୍ରୟ,

ମୁଁ ବି ପାରିବି ଆଙ୍କି

ନଷ୍ପ୍ରଭ ତୋ ସ୍ୱପ୍ନ ପରେ ବାସ୍ତବତାର ମୋହର,

ଦେଖିବୁ, ମୁଁ ହିଁ ଆଣିଦେବି ତୋତେ

ଦୁସ୍ତର ତୋ ଦୁନଆର ଇପ୍ସିତ ଏକ ରୂପାନ୍ତର ।

ବିଶ୍ୱାସ ରଖିକ ତ ଦେଖ୍

ଖାଲି ଥରୁଟିଏ ପାଇଁ

ଜଠରରୁ ଜନନୀ କୋଳକୁ

ମୋତେ ରାସ୍ତାଟିଏ ତ ଦେ' ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଅଭିପ୍ରେରିତ



ସୁଲୋଚନା ପଟ୍ଟନାୟକ

ଭଲ ପାଇ ବାହା ହେବା ଆଜିକାଲି ଯୁଗରେ କିଛି ନୂଆ କଥା ନୁହେଁ । ଆମେରିକା ପରି ଦେଶରେ ଭଲ ନ ପାଇ ବାହା ହେବାଟା ଅଜବ ମନେ ହୁଏ । ମାଳବିକା ଠିକ କରିଛି, ଗୋଟିଏ କାହାଣୀ ଗଢିବ ନିଜ ଜୀବନକୁ ନେଇ । କାହାକୁ ଅଧିକା ପ୍ରଶ୍ନ କରିବାକୁ ଦେବନି । ଏଠି କଲେଜରେ ପଢିବାକୁ ଆସିବା ଦିନରୁ ସାଙ୍ଗମାନେ ତାକୁ ଅନେକ ପ୍ରଶ୍ନ କରନ୍ତି । ଭାରତରେ ପିତାମାତା ନିଜର ପିଲ୍ମାନଙ୍କର ବାହାଘର ଠିକ କରନ୍ତି ଏବଂ ପିଲ୍ମାନେ ତାକୁ ଆଦେଶ ମାନି କେମିତି ଗ୍ରହଣ କରନ୍ତି ? ଏହା ଏକ ସାଧାରଣ ପ୍ରଶ୍ନ ଯାହା ଅସାଧାରଣ ଘଟଣା ଭଳି ମନେ ହୁଏ । ବେଳେ ବେଳେ ଗୋଟିଏ ପ୍ରଶ୍ନରୁ ଅନେକ ପ୍ରଶ୍ନର ଜୁଆର ଉଠେ । ପ୍ରଥମ ଓ ସବୁଠାରୁ ବଡ ପ୍ରଶ୍ନ, ଭାରତରେ ବୟସ୍କ ନାଗରୀକ ମାନଙ୍କର ନିଜର ବିବାହ ବିଷୟରେ ପଦକ୍ଷେପ ନେବାର ସ୍ୱାଧିନତା ଅଛି ? ପିଲ୍ ମାନଙ୍କର ବିବାହ କ୍ଷେତ୍ରରେ ପିତା ମାତାଙ୍କର ନିୟନ୍ତ୍ରଣ ଏତେ ଅଧିକ ଯେ ବେଳେବେଳେ ସେମାନେ ନିଜର ଭଲ ପାଇବାକୁ ଉତ୍ସର୍ଗ କରି, ପିତା ମାତାଙ୍କର ଆଦେଶ ଅନୁସାରେ ଜଣେ ଅଦେଖା ଅଶୁଣା ପୁଅ ବା ଝିଅକୁ ଜୀବନର ସାଥୀ ରୂପେ ଗ୍ରହଣ କରିଥାନ୍ତି କିପରି ? ଯାହା ଏକ ଅସାଧାରଣ ପ୍ରଶ୍ନ ଏବଂ ଯାହା ଏଠି ଅସମ୍ଭବ ମନେ ହୁଏ ତାହା ଅନ୍ୟ ଏକ ଦେଶରେ କିଭଳି ସମ୍ଭବ ହୋଇ ପାରିଛି ? ଅନ୍ୟ ଏକ ବଡ ପ୍ରଶ୍ନ ହେଲା, ଯେଉଁଠି ଭଲ ପାଇବା ନାହିଁ, ସେଠି ବିବାହର ପ୍ରଶ୍ନ ଉଠୁଛି କିପରି ? ବାହା ହେବା ପରେ ଭଲ ପାଇବାର କେଉଁଠୁ ଆରମ୍ଭ ହୁଏ ? ଅନ୍ୟ ଦ୍ୱାରା ଠିକଣା ହୋଇ ଦୁଇ ଅଚିହ୍ନା ବ୍ୟକ୍ତି ବିବାହ ବନ୍ଧନରେ ବାନ୍ଧି ହେବା ଘଟଣା ସବୁ ସ୍ଥାନରେ ନ ହୋଇପାରେ, କିନ୍ତୁ ଏହା ଅତୀତରେ ହୋଇ ଆସିଛି

ଏବଂ ଏବେ ମଧ୍ୟ ହେଉଛି ବା ହେଉ ଥିବାର ଦେଖା ଯାଉଛି । ଏ ସବୁ ପ୍ରଶ୍ନକୁ ଏଡାଇବା ପାଇଁ ମାଳବିକା ଏକ ମନଗଢା ଗଳ୍ପ ଗଢିଲା । ତାକୁ କହିବାକୁ ହେବ ଯେ ତାର ବାହାଘର ତାର ପିତାମାତା ସ୍ଥିର କରି ନଥିଲେ । ସିଏ ଭଲ ପାଇ ବାହା ହୋଇଥିଲା ସୁକୁମାରଙ୍କୁ । ତେଣୁ ତା ଗଳ୍ପର ନାୟକ ହେଲେ ସୁକୁମାର, ଯିଏ ବୁଲୁ ହିସାବରେ ସମସ୍ତଙ୍କ ପାଖରେ ପରିଚତ । ଗଳ୍ପଟି ହେଲା ଏହିପରି - - ମାଳବିକାକୁ ସେତେବେଳେ ୧୭ ବର୍ଷ ହୋଇଥିଲା । କଲେଜରେ ପ୍ରଥମ ବର୍ଷ ସରିଯାଇଥାଏ । ସେଇ ବର୍ଷ ମେ' ମାସରୁ ବଡ ଭଉଣୀର ବାହାଘର ବି ହୋଇ ସାରିଥାଏ । ପହିଲି ରଜ ଭାର ନେଇ ଦାଦାଙ୍କ ସଙ୍ଗେ ବଡ ଭଉଣୀର ଶାଶୁ ଘର ଗାଁକୁ ବୁଲି ଯାଇଥାଏ । ଅପାର ଶାଶୁଘର ଜଗତସିଂହପୁରର ବନମାଳୀପୁର ଗାଁରେ । ଦାଦାଙ୍କ କଥା ଅନୁସାରେ କଟକରୁ ଯିବା ରାସ୍ତାରେ, ଓ ଏମ୍ ପି ଛକରୁ ଅଧିକା ଝୁଡିଏ ଫଳନେବାକୁ ସେମାନେ ସ୍ଥିର କଲେ । ସେତେବେଳେ ଆମ୍ବ, ପିଜୁଳ, ସପୁରୀର ସମୟ । ଦାଦାଙ୍କ କହିବା ଅନୁସାରେ ଡ୍ରାଇଭର ସବୁ ଫଳରୁ କେଜିଏ ଲେଖାଏଁ କଣି ଏକାଠି କରି ଝୁଡିରେ ସଜାଡି ରଖିଲା ପରେ ସେମାନେ ବାହାରିଲେ । ଦୁଇ ଘଣ୍ଟା ଭିତରେ ବନମାଳୀପୁରରେ ପହଞ୍ଚିଗଲେ ସେମାନେ । ବଡ ପରିବାରରେ ବାହା ହୋଇଛି ଭଉଣୀ । ଯୌଥ ପରିବାରରେ ବଢିଛନ୍ତି ଭିଣେଇ ଉମାକାନ୍ତ ବାବୁ । ନଅଜଣ ଦଶ ଜଣ ଭାଇ ଭଉଣୀ । ବାପା ତାଙ୍କର ସବୁଠାରୁ ବଡ ଭାଇ । ତାଙ୍କ ତଳକୁ ଚାରି ଭାଇ ଓ ଦୁଇ ଭଉଣୀ । ବାପା ଦାଦାଙ୍କର ଘର ସବୁ ଧାଡି କୁ ଧାଡି ଲାଗି ରହିଛି । କେବଳ ସାନ ଦାଦାଙ୍କ ଘର ଗାଁର ଶେଷରେ ଥିବା ଜଗନ୍ନାଥ ମନ୍ଦିର ପାଖରେ । ପରିବାର ବର୍ଗ ଯିଏ ଯେଉଁଠି ଥାଆନ୍ତି ସେଇଠାରେ ଖିଆ ପିଆର ଆସର ଜମେ । ଆଜିକାଲି ପରି କେହି କାହାକୁ ଡାକ କାହା ଘରକୁ ଯିବାର ବିଧି ବିଧାନ ନାହିଁ । ସବୁଠି ସବୁବେଳେ ହସ ଖୁସିର ଜୁଆର । କେହି କାହାକୁ ନିଜ- ପର ଭାବନ୍ତି ନାହିଁ । ମାଳବିକାକୁ ଏତେ ଗହଳ ଚହଳ ଦେଖି ଡର ମାଡୁଥାଏ । ଭାବୁଥାଏ ଏତେ ଲୋକରେ ତା ଭଉଣୀ ଚଳୁଛି କେମିତି ? ଅପାଠୁ ଶୁଣିଥିଲା ଏଠି ଚାହା ବସିଲେ ଡେକ୍‌ଚରେ ବସେ । ସସପେନ୍ ରେ କେତେ କପ୍ ଚାହା ହୋଇ ପାରିବ? ସଂଧ୍ୟାବେଳର ଚାହା ସମୟ ବଡ ଆନନ୍ଦର ସମୟ ସବୁରି ଘରେ । ଏମିତି ଭାବୁ

ଖୁବ୍ ମାଳବିକାର ଗ୍ଲହା କପେ ପିଇବା ଦରକାର ହେଉଥାଏ । ହଷ୍ଟେଲରେ ରୁମମେଟ୍ ମାନଙ୍କ ସହ ବସି ଗ୍ଲହା ପିଇବାର ଏକ ନିଆରା ସ୍ୱାଦ । ମୁଢି ସହ, ବରା ପକୁଡି ଗ୍ଲହା ସହ ଖୁବ୍ ଜମେ । ଏଠି ଗ୍ଲହା କାହାକୁ ମାଗିବା ପୂର୍ବରୁ ସିଏ ସମସ୍ତଙ୍କ ସହ ସ୍ୱଳ୍ପ ଖବର ଆଦାନ ପ୍ରଦାନ କରି ନିଜ ଜାମାପଟା ବଦଳିବାକୁ ଗଲା । ଭଉଣୀର ଶୋଇବା ଘରେ ତା' ସୁଟକେସ୍ ରହିଥାଏ । ଗଲାବେଳକୁ ରୁମ୍‌ଟି ଅନ୍ଧାରିଆ ଦିଶୁଥିଲା । ମାଳବିକା ଲାଇଟ୍ ନ ଜଳାଇ ସୁଟକେସରୁ ଘର ପିନ୍ଧା ଫ୍ରକ୍‌ଟିଏ ବାହାର କରି ଧରିଲା । କାଳେ କିଏ ଆସିଯିବ ଭାବି କବାଟଟାକୁ ଆସ୍ତେ ଆଉଜାଇ ଆଣିଲା । ଫ୍ରକ୍ ବଦଳାଇ ସାରିବା ପରେ ପିନ୍ଧିଥିବା ସାଲୁଆର କମିଜକୁ ଭାଙ୍ଗି ସୁଟକେସ୍ ରେ ରଖିବା ପୂର୍ବରୁ କବାଟ କଣକୁ ଥିବା ସୁଇଚଟା ଟିପିଲା । ହଠାତ୍ ମନେ ହେଲା ଖଟ ଉପରେ କିଏ ଶୋଇଛି ଯେମିତି । ମାଳବିକାକୁ ଭାରି ମାଡି ପଡିଲା । ଲାଇଟ୍ ଜଳବା ହେତୁ ଶୋଇଥିବା ମଣିଷଟି ଉଠି ବସିଗଲା । ମାଳବିକା ପାଟିରୁ କଥା ପଦେ ବି ବାହାରିଲାନି । ମୁହଁ ଶୁଖି କଳା ପଡିଗଲା ବୋଧହୁଏ । ଏ ଭିତରେ ଶୋଇବା ମଣିଷଟି ନିଦ ଭାଙ୍ଗି ଉଠି ବସିଛନ୍ତି । ମାଳବିକା ଲାଜରେ ମୁହଁ ତଳକୁ କରି ନ ଜାଣିବାର ଅଭିନୟ କରୁଥାଏ । ନମସ୍କାର କରିବ ନ କରିବ ଚିନ୍ତାରେ ଥାଏ । ତା ଚିନ୍ତାକୁ ସହଜ କରି ଦେଇ ସିଏ କହିଲେ, "ତୁମେ ନିଶ୍ଚୟ ମୋ' ଭାଉଜଙ୍କ ସାନ ଭଉଣୀ, ତୁମରି ଅପେକ୍ଷାରେ ମୁଁ ଗଡୁ ଗଡୁ କେତେବେଳେ ନିଦ ହୋଇ ଯାଇଛି" । ମାଳବିକା ସରୁ ସ୍ୱରରେ "ହଁ" କହି ନମସ୍କାର କଲା । ଦୁହେଁ କିଛି ସମୟ ଚୁପ୍ ହୋଇ ପରସ୍ପରକୁ ଦେଖି ନେଲେ । ବୁଲୁ କହିଲା "ଭଲ କଲ ମୋତେ ଉଠାଇଦେଲ । ଗ୍ଲହା ପିଇବା ସମୟ ହୋଇ ଗଲାଣି । ତୁମେ ଯଦି ଗ୍ଲହା ପିଅ, ତାହେଲେ ଆସ ମୋ' ସଂଗେ, ତୁମକୁ ନେଇଯିବି ଆର ଖଞ୍ଜାକୁ"। ସେତିକି କହି ସତେ କିଛି ନ ହେଲା ପରି ସିଏ ଆଗେ ଆଗେ ଗ୍ଲଲିବାକୁ ଲାଗିଲା । ଶୋଇବା ଘରୁ ରୋଷେଇ ଘର ପର୍ଯ୍ୟନ୍ତ ଲମ୍ବା ବାରଣ୍ଡାଟିଏ ପଡିଛି । ମଝିରେ ସିମେଣ୍ଟ ଅଗଣା । ଅଗଣାରେ ଝାପସା ଜହ୍ନ ଆଲୁଅରେ ଦିଶୁଛି ଦୁଇଟି ପ୍ଲାଷ୍ଟିକ୍ ଚଉକି ଆଉ ଟେବୁଲଟିଏ । ଚଉକି ପାଖକୁ ଲାଗି ଆଉ ଗୋଟିଏ ଛୋଟ ଗ୍ଲରିକଣିଆ ଷ୍ଟୁଲ ପଡିଛି । ରୋଷେଇ ଘରେ

ଭାଉଜଙ୍କୁ ଗ୍ଲାସ ମାଗି ବୁଲୁ ଯାଇ ଗୋଟେ ଚେଆର ଟାଣି ବସିଗଲା ଆଉ ମାଳବିକାକୁ ପାଖକୁ ଡାକଲା । ମାଳବିକା ବିନା ଦ୍ୱିଧାରେ ପାଖରେ ବସିଗଲା । ବୁଲୁ ନିଜକୁ ପରିଚୟ ଦେଇ ନିଜ ନାଁ ସୁକୁମାର ବୋଲି କହିଲେ, "ଦୁଇ ବର୍ଷ ପୂର୍ବରୁ ସିଏ କଲେଜ ଶେଷ ନକରି ମିଲିଟାରିରେ ଯୋଗ ଦେଇଥିଲେ । ଏବେ ଛୁଟିରେ ଘରକୁ ଆସିଛନ୍ତି । ବର୍ତ୍ତମାନ କାଶ୍ମୀରର ଲେହରେ ତାଙ୍କର କାମ ପଡିଛି । ମାଳବିକା ନିଜ ବିଷୟରେ କଣ କହିବ ଭାବୁଥାଏ । କହିବାକୁ ଯେମିତି ପାଖରେ କିଛି କଥା ନାହିଁ । ଶୋଳ ବର୍ଷର ଚଂଚଳଆ ମନକୁ କିଛି କଥା ଆସୁ ନ ଥାଏ । ସେତେବେଳକୁ ଲିନା ଅପା ଆସି ଦୁଇ କପ ଗ୍ଲାସ ଟେବୁଲ ଉପରେ ରଖିଲା । ଅପା ତାଙ୍କ ପଛେ ପଛେ ଆସି ଦୁଇଟା ପ୍ଲେଟରେ ପକୋଡା ସହିତ ମ୍ୟାଗି ଶସ୍‌ର ବୋତଲଟିଏ ବି ରଖିଦେଲା । ମାଳବିକା ଯେମିତି ଅପେକ୍ଷା କରି ରହିଥିଲା । ଟପା ଟପ ଖାଇବାରେ ଲାଗିଗଲା । ସୁକୁମାର ଓରଫ ବୁଲୁ ସେଯାଏଁ ଖାଇବା ଆରମ୍ଭ କରି ନାହାନ୍ତି । ମାଳବିକା ଭୋକଲା ପିଲାଟିଏ ପରି ଖାଇ ଗ୍ଲିଥାଏ । ବୁଲୁ ତାକୁ ଏକଲୟରେ ଦେଖୁଥାଏ । ଦେଖୁଥାଏ ସହଜ ସୁନ୍ଦର ସରଳ କଥାଟିଏ ଯେମିତି ସତ ହୋଇ ମଣିଷଟିଏ ପାଲଟି ଯାଇଛି । ଯାହାର ହାତ ଗୋଡ ଅଛି, ବୁଦ୍ଧି ଅଛି, କଥା କହିବାର ଶକ୍ତି ଅଛି, ଅସମ୍ଭବ ଚପଳତା ଅଛି, ଯାହାକୁ ଭାଷାରେ ବର୍ଣ୍ଣନା କରିହେବନି । ସମୟର, ଅବସ୍ଥିତିର, ଗ୍ଲାସ- ପକୋଡାର ଆବଶ୍ୟକତା ଯେମିତି ଅପସରି ଯାଇଥାଏ ସେମାନଙ୍କ ପାଇଁ । କିଏ ଖାଇଲା ବା ନ ଖାଇଲାର ପ୍ରଭାବ ନ ଥାଏ ମାଳବିକା ଉପରେ । ସିଏ ଗ୍ଲାସରୁ ଢୋକେ ପିଇ ନେଇ ୪/ ୫ଟା ପକୋଡା ଗୋଟାଏ ପରେ ଗୋଟାଏ କରି ଖାଇ ଗ୍ଲିଥାଏ । ଦେଖୁ ଦେଖୁ ଗୋଟେ ପ୍ଲେଟ ସାରି ସିଏ ଆର ପ୍ଲେଟରୁ ନେବା ପୂର୍ବରୁ ଗୋଟିଏ ପକୋଡା ନେଇ ବୁଲୁ ହାତରେ ଗେଞ୍ଜି ଦେଇ କହିଲା, "ଦେଖ, ତୁମେ ଗୋଟାଏ ବି ଖାଇ ନାହଁ ଆଉ ମୁଁ ସବୁ ଖାଇ ଶେଷ କରି ସାରିଲିଣି । ଯାଉଛି, ଲିନା ଅପାକୁ କହି ଆଉ ଗୋଟିଏ ପ୍ଲେଟରେ ତୁମପାଇଁ ପକୋଡା ଆଣିବି" । ବୁଲୁ ହସିଲା, ଆଉ କହିଲା, ପକୋଡା ମୋର ଦରକାର ନାହିଁ । ଗ୍ଲାସ କପେ ମୋ ପାଇଁ ଯଥେଷ୍ଟ । ତା ଛଡା ତୁମ ଖାଇବା ଦେଖି ମୋ' ପେଟ ପୂରି ଯାଇଛି । ଯାହା ହେଉ ଭଲ ଲାଗିଲା ତୁମ ସହ ଦେଖା ହେବାରୁ । କିଏ ଜାଣେ

ପୁଣି କେବେ କେଉଁଠି ଦେଖା ହେବ ?" ସେତିକି କହି ବୁଲୁ ଭାଇ ନିଜ ଚାହା କପଟିକୁ ସେଇଠି ଛାଡି ଚାଲିଗଲେ । ମାଳବିକା ଲିନା ଅପାକୁ ଡାକ ପକାଇଲା । ଲିନା ଅପା ଆଉ ଭିଣେଇଙ୍କ ସହ ସାନ ଭାଇ ବାବୁଲି ଆସି ଠିଆ ହେଲେ । ଦୁଇଟି ମାତ୍ର ଚଉକି ପଡିଥାଏ ଦେଖି ମାଳବିକା ଉଠିଲା ଅନ୍ୟ ମାନଙ୍କ ସହ ପରିଚୟ ହେବ କହି, ରୋଷେଇ ଘର ଆଡେ ।

ସେଦିନ ରାତିରେ ଅପାର ଶୋଇବା ଘରେ ମାଳବିକାର ଶୋଇବାର ବନ୍ଦୋବସ୍ତ ହୋଇଥିଲା । ଦାଦାଙ୍କ ପାଇଁ ଦାଣ୍ଡଘରେ । ରାତି ସାରା ଖଟରେ କଡ ଲେଉଟାଉଥାଏ ମାଳବିକା । ନିଦ ଯେମିତି ପାଖ ମାଡୁ ନ ଥାଏ । ଅପା ହାଲିଆ ହୋଇ ଶୋଇ ଯାଇଛି । ଶାଶୁ ଘରେ ବହୁତ କାମ ପଡୁଛି ତାକୁ । କାମର ଚାପା ଯେତେ ନୁହେଁ, ଏ ପଟ ସେ ପଟରେ ସମୟ ଯାଉଛି । ଭିଣେଇ ଅନୁଗୁଳରେ କାମ କରନ୍ତି । ବାହାଘର ପରେ ଦୁଇ ଜଣ ରହିବା ଭଳି ଘରକୁ ଯିବାର ଚେଷ୍ଟାରେ ଅଛନ୍ତି । ସରକାରୀ ଘର ମିଳିଥିଲା । ସାଙ୍ଗ ମାନଙ୍କ ସହ ସେଠି ସିଏ ରହୁଥିଲେ । କାମକୁ ପାଖ ହେବ ଭାବି ଆଉ ଅପାକୁ ଏକୁଟିଆ ଲାଗିବନି ଚିନ୍ତା କରି ଆଉ ଜଣେ ନୂଆ ହୋଇ ବାହା ହୋଇଥିବା ସାଙ୍ଗର ଘର ପାଖରେ ଭଡା ନେବାର ନିଷ୍ପତି କରିଥିଲେ । ଆଉ ଅଳ୍ପ ଦିନରେ ଅପା ବି ଚାଲିଯିବ ଅନୁଗୁଳ । ଏଇ ସବୁ କଥା ଅକାରଣେ ତା ଚିନ୍ତା ପରିସରକୁ ଆସି ଯାଉଥାଏ । ମଝିରେ ମଝିରେ ଅନ୍ଧାରିଆରେ ଦେଖିଥିବା ବୁଲୁ ଭାଇଙ୍କ ମୁହଁଟା ବି ଦିଶି ଯାଉଥାଏ । ଯେତେ ଇଛା କଲେ ମଧ୍ୟ ସେ ମୁହଁ ତା ଦୃଷ୍ଟିରୁ ହଟୁ ନ ଥାଏ । ଦୁଇ ପଦ କଥା, ଦିଓଟି ପ୍ରଶ୍ନରେ କେମେତି ସ୍ନେହ ବୋଲା ହେଲା ପରି ମନେ ହେଉଥିଲା ମାଳବିକାର । କେମିତି ସକାଳ ପାହିବ ଆଉ ଯିବା ପୂର୍ବରୁ ତାଙ୍କ ସହ ଦେଖା ହେବ କି ନାହିଁ ସେ ଚିନ୍ତା ବି ଖାଉଥାଏ ତାକୁ ।

ଅପାକୁ ଶୋଇବା ପୂର୍ବରୁ ପଚାରି ବୁଝିଥିଲା ଯେ ବୁଲୁଭାଇ ଭିଣେଇଙ୍କ ବଡ ବାପାଙ୍କ ପୁଅ । ବଡ ବାପା ଓ ଦୁଇ ଦାଦାଙ୍କ ଘର ଏକା ଧାଡିରେ । ଯିବାକୁ ଚାହିଁଲେ ବାଡି ପଟୁ ଦାଦାଙ୍କ ଘରକୁ ଯାଇ ହୁଏ, କିନ୍ତୁ ବଡ ବାପାଙ୍କ ଘରକୁ ସାମନା ବାଟ ଦେଇ ଯିବାକୁ ହୁଏ । ଜମି

ବାଡି ଭାଗ ବଣ୍ଟା ହେବା ପରଠାରୁ ତାଙ୍କ ଘରକୁ ଯିବା ରାସ୍ତା ବନ୍ଦ ହୋଇ ଯାଇଛି । ଏବେ ପିଲାମାନେ ବଡ ହେବା ପରଠାରୁ ଘରକୁ ଯିବା ଆସିବାର ଅବାଧ ପ୍ରବେଶ ଅଛି । ବଡ ବାପାଙ୍କ ଘର ବାଡି ଦୁଆର ବନ୍ଦ । ଯିବା ପୂର୍ବରୁ ସମସ୍ତଙ୍କ ଘରେ ମୁହଁ ମାରି ଯିବା ପାଇଁ ଅପା ତାକୁ ତାଗିଦା କରିଥିଲା ଶୋଇବା ପୂର୍ବରୁ । କିନ୍ତୁ ଦାଣ୍ଡ ପଟ ଦେଇ କେମିତି ବୁଲୁ ଭାଇଙ୍କୁ ଦେଖା କରିବ ବୋଲି ଭାବୁଥାଏ ସିଏ । ମାଳବିକାର ତରୁଣୀ ମନ ଯେମିତି ଛନ ଛନ ହେଉଥାଏ ସକାଳୁ । କଣ ପିନ୍ଧିବ, କେତେ ନିଜକୁ ସଜାଇବ ଓ କେତେ ସୁନ୍ଦର ଦିଶିବ, ସେଇ ଚିନ୍ତାରେ ଥାଏ । ଗୋଟିଏ ମାତ୍ର ଅଧିକା ସାଲୁଆର କମିଜ ବଦଳବା ପାଇଁ ସିଏ ଆଣିଥିଲା । ହାଲୁକା ନୀଳ ରଙ୍ଗର କମିଜ ସହ କଳା ସାଲୁଆର ଆଉ ଓଠଣୀ । ସେମିତି କିଛି ଜାକ ଜକମ ଜରିଲଗା ଡ୍ରେସ୍ ନୁହେଁ । ଗଲା ବର୍ଷ ରଜକୁ ଏଇ ଡ୍ରେସଟା ହୋଇଥିଲା । ସେଇଟାରେ ସିଏ କାଳେ ସୁନ୍ଦର ଦେଖାଯାଏ ବୋଲି ସାଙ୍ଗ ମାନେ କୁହନ୍ତି । ସୁନ୍ଦର ଦେଖାଯିବାକୁ କେଉଁ ଝିଅ ବା ଭଲ ପାଏନା ? ସେଇଥି ପାଇଁ ମାଳବିକା ସେଇ ଡ୍ରେସଟାକୁ ରଖି ଥୋଇ ପିନ୍ଧିଥାଏ । ଗାଧୋଇ ସାରି, ଭଲ ଲୁଗାପଟା ପିନ୍ଧି, ମୁହଁରେ ପାଉଡର ଓ ମୁଣ୍ଡରେ ଛୋଟ ନୀଳ ଟିକଲିଟିଏ ପିନ୍ଧି ସିଏ ଅଗଣାର ସେଇ ଚେଆର ଟେବୁଲ ପାଖେ ବସିଥାଏ । ହଠାତ ଦେଖିଲା ବୁଲୁଭାଇ ଆସି ଠିଆ ହୋଇଛନ୍ତି । ବଡ ପାଟିରେ ଅପାକୁ ଡାକ, "ଭାଉଜ ଜଳଖିଆ ଆଣ" କହୁଛନ୍ତି । ମାଳବିକା ମନରୁ ସବୁ ଚିନ୍ତା କୁଆଡେ ଅପସରି ଗଲା । ସିଏ ବୁଲୁ ଭାଇଙ୍କୁ ଚାହିଁଲା । ଆଖିରୁ ଲାଜ ମିଶା ହସ ବାରି ହୋଇ ପଡୁଥାଏ । କିଛି କହିବାକୁ ଭାବିଲା । କିନ୍ତୁ କିଏ ଯେମିତି ତାକୁ ଅଟକାଇ ଦେଲା । ଆଉଥରେ କଣେଇ ଆଖି ପହଁରେଇ ନେଲା ସେଇ ଠିଆ ହୋଇଥିବା ମଣିଷଟି ଉପରେ । ଧଳା କୁର୍ତ୍ତା ରେ ସିଏ ଭାରି ଭଲ ଦେଖା ଯାଉଥାନ୍ତି । ଭିଣେଇଙ୍କର ଠିକ ତଳ ଭାଇ ସିଏ । ତା ଠାରୁ ବେଶ ବଡ । କିଛି ଇଆଡୁ ସିଆଡୁ କହିଲେ ବା ଚପଳାମୀରେ ଥଟ୍ଟା କଲେ ହୁଏତ ଖରାପ ଭାବିବେ, ତେଣୁ କେବଳ ଏତିକ କହିଲା, "ଆପଣଙ୍କ ସହ ଦେଖା ହୋଇ ଭାରି ଭଲ ଲାଗିଲା । ପୁଣି କେବେ ଦେଖା ହେବ ଭଗବାନ ଜାଣନ୍ତି" । ବୁଲୁଭାଇ ତା' ଠାରୁ କଥା

ଛଡାଇ ନେଇ କହିଲେ, "ମାଲ୍, ତୁମେ ମୋ' ଠାରୁ କଥା ଛଡାଇ ନେଲ ବୋଧେ । ମୁଁ ବି ସେଇଆ ଭାବୁଥିଲି । କିନ୍ତୁ ମୋର ବିଶ୍ୱାସ ତୁମ ସହ ନିଶ୍ଚୟ ଦେଖା ହେବ" । ତାଙ୍କ କଥା ସରୁ ସରୁ ଅପା ଦୁଇ ପ୍ଲେଟ ଉପମା ଓ କପେ ଗୁହା ଆଣି ଟେବୁଲ ଉପରେ ରଖିଲା । ଗ୍ରେଷେଇ ଘର ବାରଣ୍ଡାରୁ ଚଉକିଟିଏ ଆଣି ପାଖରେ ବସିଲା । "ବୁଲୁ ବାବୁ, ଯାହା ହେଉ ତୁମେ ମାଲ୍‌କୁ ସଂଗ ଦେଲ, ନହେଲେ ତାକୁ ଭାରି ଏକୁଟିଆ ଲାଗିଥାଆନ୍ତା । ପିଲା ଲୋକ, କାହାକୁ ଚହ୍ନିନ ଏଠି । ତୁମକୁ ଧନ୍ୟବାଦ ଦେବା କଥା ସେଥିପାଇଁ । ହଉ ତୁମେ ଦୁହେଁ ଜଳଖିଆ ଖାଅ' । ସେତିକି କହି ଅପା ଉଠିଗଲା । ମାଳବିକାର ଆଖିରେ ଅମାନିଆ ଲୁହ । ମନେ ହେଲା ଯେମିତି ଅତି ଆପଣାର ବଂଧୁଟିକୁ ଛାଡି ତାକୁ ଫେରିଯିବାକୁ ହେବ । ବୁଲୁ ଭାଇଙ୍କ ଆଖିରୁ ସେ ଦୃଶ୍ୟ ବାଦ ପଡିଲାନି । ହଠାତ ମାଳବିକାର ହାତ ଉପରେ ହାତ ଥାପି ସିଏ କହିଲେ, "ଜାଣେନା କାହିଁକି ତୁମେ ଖୁବ ଆପଣାର ମନେ ହେଉଛ । ଯେମିତି ଏ ଦେଖା ଆମର ଅଭିପ୍ରେରିତ ! ମୋର ଦୃଢ ବିଶ୍ୱାସ ଆମର ନିଶ୍ଚୟ ଆଉଥରେ ଦେଖା ହେବ" । ମାଲ୍ କିଛି ବୁଝି ପାରିଲାନି । "ଅଭିପ୍ରେରିତ" ର ଅର୍ଥ ବୁଝିବାକୁ ଚେଷ୍ଟା ବି କଲାନି । କିନ୍ତୁ ଦୁହିଁଙ୍କ ଅଜାଣତରେ ଭଲ ପାଇବାର ବୀଜଟିଏ କିଏ ରୋପିଦେଲା । ଏତିକି ସମୟର ଦେଖାରେ ଯେ ଏହା ସମ୍ଭବ ତାହା କେବଳ ଭଗବାନ ହିଁ ଜାଣନ୍ତି !

ସେଦିନ ଦୁହେଁ ଚୁପଚାପ ଜଳଖିଆ ସାରିଲେ । "ନମସ୍କାର, ଆସୁଛି" କହି ମାଳବିକା ଦାଣ୍ଡଆଡକୁ ମୁହାଁଇଲା । ଅପା ଓ ଘରର ସମସ୍ତେ ତା' ପଛେ ପଛେ ଆସୁଥାନ୍ତି । ଦାଦା ସେତେବେଳକୁ ବାହାରେ ଠିଆ ହୋଇଥାଆନ୍ତି । ବୁଲୁ ସ୍ଥାଣୁ ଭଳି ସେଇଠି ବସିରହି ଭାବୁଥାଏ ଇଏ ଏକ ସ୍ୱପ୍ନ ନୁହେ ତ !

ଏଲକରିଜ, ମେରିଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ନୂଆ ବର୍ଷ



ନୃସିଂହ ଚରଣ ବେହେରା

କେତେ ଆଶା କେତେ ସ୍ୱପ୍ନ ସାଥେ ନେଇ
ଆସିଛି ନବ ବରଷ,
ବିଗତ ବର୍ଷର ବିଦାୟ ବେଳାରେ
ଭରେ ସେ ମନେ ହରଷ ।
ନବ ବରଷ ଶୁଭ ଆଗମନ ବାର୍ତ୍ତା
ଆଣଇ ନବ ସକାଳ,
ପାଦ ଚପି ଚପି ଧୀରେ ଧୀରେ ଆସେ ସେ
ନେଇ ଖୁସିର ପରଶ ।
ପିଲାଠାରୁ ବୁଢା ସଭିଏଁ ଯେମିତି
ଚାହିଁଥାନ୍ତି ମୋର ପଥ,
ଖୁସିରେ ସଭିଏଁ ମୋତେ ସ୍ୱାଗତ କରନ୍ତି
କରି କେତେ ଭୋଜି ଭାତ ।
ନବବର୍ଷର ଆଗମନ ବେଳେ ବଉଳ
ବାସଇ
ମହକରେ ଚଉଦିଗ,
ପୁରୁଣା ବରଷ ଦୁଃଖରେ ମୁହଁକୁ ଲୁଚାଏ
ତାର ସମୟ ହୋଇଲେ ଶେଷ ।

ନବ ବର୍ଷର ଆଗମନେ ଆସ ମିଶିକ
କରିବା ଆମେ ଶପଥ,
ଅବାଟ ଅନ୍ୟାୟ କରିବାନ କେହି
ତେବେ ହସିବ ଆମ ଦେଶ ।
ମଦ ମାଂସ ଖାଇ ଅନ୍ୟାୟ ଅନୀତି
କରିବାନ ଆଉ ସର୍ବେ,
ନୂଆ ସକାଳରେ ବିବେକ ମାଗିବା
ପ୍ରଭୁଙ୍କ ମୁଖକୁ ଚାହିଁ ।
କରିବାରଏ ଚେଷ୍ଟା ପ୍ରତିଟି ବେଳାକୁ
କରିବାକୁ ଆମ ସୁମଧୁର,
ସତ୍ୟ, ଅହିଂସା ଧର୍ମ ପଥରେ ଚାଲିବା
ହସିବ ସାରା ସଂସାର ।

ଭୋଇନଗର, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।



# ବର୍ଷା

ଭାସ୍କର ଚନ୍ଦ୍ର ଖଣ୍ଡା

କଳା ବାଦଲର ଘେର୍‌ରେ, ସେ ମେଘ ର୍‌ଣୀ
କେତେ ଯତନରେ ସାଇତି ରଖିଛି
କୁଆଁରୀ ମନର ସେଇ ସପନକୁ
ବିନ୍ଦୁ ବିନ୍ଦୁ ରୂପେ ସଜାଇ
ପାଇବ ଯେବେ ସେ ଶୀତଳ ପରଶ
ବରଷିବ ବୋଲି ପାଣି |1|

ନବ ବଧୂ ସତେ ବସିଛି ପଲଙ୍କେ, ମଥାରେ ଓଢଣୀ ଟାଣି
ଦୁକୁ ଦୁକୁ ହୋଇ ଛାତିତା ଥରୁଛି
ବିଜୁଳି ଚମକ କମ୍ପନ ଆଣିଛି
ସପନର ସେଇ ଜାଲକୁ ବିଛାଇ
ଶୀତଳ ସମୀର ଶିହରଣ ପାଇ
ଖୋଲିବ ବୋଲି ଓଢଣୀ |2|



ତୃଷାର୍ତ୍ତ ଗୃତକ ମେଣ୍ଟାଇବ ଶୋଷ, ପାଇ ଆଜି ସେଇ ପାଣି
ଝର ଝର ହୋଇ ବରଷିବ ସିଏ
ନୂଆ ନୂଆ ରୂପ ଦେଖାଇ
ନୂଆ ରଙ୍ଗେ ତାର ଧର୍‌କୁ ସଜାଇ

ନବବଧୂ ସତେ ଗଢ଼ିବ ସଂସାର

କେତେ ନୂଆ ଆଶା ଆଣି ।3।

ପ୍ରଥମ ପ୍ରେମର ପରଶ ପାଇକ, ସତେବା ଧରିତ୍ରୀ ରାଣୀ

ଭୁରୁ ଭୁରୁ ହୋଇ ବାସନା ଛାଡୁଛି

ନାଲି ଟୁକୁ ଟୁକୁ ସାଧବ ବୋହୁକୁ

ସତେ ଅବା ତା କୋଳରେ ଖେଳାଉଛି

ତୃଷାର୍ତ୍ତର ସେଇ କ୍ଷୁଧାକୁ ମେଣ୍ଟାଇ

ସବୁ ରସ ଆଜି ନେଉଛି ଟାଣି ।4।

ସତେ ଅବା ଇନ୍ଦ୍ର ଖୋଲି ଦେଇଛନ୍ତି, ମେଘ ରାଣୀର ଓଢ଼ଣୀ

ଇନ୍ଦ୍ରଧନୁ ରଙ୍ଗେ ରଙ୍ଗାୟିତ ହୋଇ

ନାଲି ଅଧରରୁ ହସ ତା ଝରାଇ

ଲୋଭନୀୟ ଆଜି ସେଇ ମେଘ ରାଣୀ

ପ୍ରଥମ ପ୍ରେମର ସେ ପରଶ ପାଇ

ବରଷୁଛି ଅବା ପାଣି ।5।

ସହଦେବଖୁଣ୍ଟା, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୃପ୍ ରେ ମେମ୍ବର ହେବାପାଇଁ

୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ଅସାହାୟତା



ଦେବସ୍ମିତା ବେହେରା

ମୋ ଚାରି ପଖରେ ଘୁରୁଥିବା
ଏହି ଜନ ସମୁଦ୍ର ନେଇଯାଏ ମୋତେ
କେଉଁ ଏକ ଅଜଣା ଦୂର ଦିଗନ୍ତକୁ ।
ସେଇ ସୀମାହୀନ ଦିଗନ୍ତରେ
ମୁଁ ଏକାକି ଅନୁଭବ କରେ ମୋ ଜୀବନର
ସବୁ ପୂର୍ଣ୍ଣତା ଆଉ ଶୂନ୍ୟତାକୁ ।
ମୋ ଜୀବନର ସବୁ ସୀମା ସତେ ଯେମିତି
ସୀମିତ ଏହି ଦୁଇ ଶବ୍ଦ ଭିତରେ ଯାହା ବେଳେବେଳେ ସୂଚାଏ ଦିଏ
ମୋତେ ମୋ ନିଜର ଅସହାୟତାକୁ ।
ସବୁ ଥାଇ ମଧ୍ୟ ଆଜି ମୁଁ ଅସହାୟ
କିନ୍ତୁ କାହିଁକି? ..କାହିଁକି ଏ ସମାଜ
ଭାବେ ମୋତେ ଦୋଷୀ ଆଉ
ଭୂଲ ବୁଝେ ମୋର ବିଚାର ଧାରାକୁ!
ମୋର ଆତ୍ମୀୟତା ନିହିତ ଥାଏ ନିଜର
ପ୍ରତିଟି ଅନୁଭବ ଆଉ ଅନ୍ୱେଷଣରେ
ମୋର ଏଇ ସ୍ନେହ କାଙ୍ଗାଳଆ ମନଟା
ପର ଆପଣାକୁ ଆପଣାଇ ନେଇ ବଞ୍ଚିରହେ
ହସ ଆଉ କାନ୍ଦର ପ୍ରତି ମୁହୂର୍ତ୍ତ ଭିତରେ ।



ଏଇ କଣ୍ଟକତ ଚଲାପଥ ଜୀବନର

କ୍ଷତ ସୃଷ୍ଟି କରୁଛି ପ୍ରତି ମୂହୂର୍ତ୍ତରେ

କ ଣ କେବେ ପାଇବି ନାହିଁ ମୁଁ

ବଞ୍ଚିବାର ସୁନ୍ଦର ମନଲୋଭା ରାସ୍ତାଟିଏ

ଯିଏ ସହଜରେ ନେଇଯିବ ମୋତେ

କୃତ୍ରିମତାର କଳ୍ପତରୁ ଭିତରୁ ସଂକଳ୍ପ ସ୍ୱର୍ଗଦ୍ୱାରକୁ

ଆଉ ଦୂର କରି ମୋର ଅସହାୟତାକୁ

ଭରିଦେବ କୋଳାହଳ ଭଙ୍ଗି

ସବୁ ଅଖଣ୍ଡ ନୀରବତାକୁ ।

୨୧୭, ଭୋଇ ନଗର
ଭୁବନେଶ୍ୱର - ୭୫୧୦୨୨

**"ବେଦାନ୍ତୀର ଅପ୍ରେଲ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ମନ ଖୋଜେ



ଶାନ୍ତିଲତା ମିଶ୍ର

"- ଆଲେ୍ ବୋଉ ! ତୋ ଭଜନ କ୍ୟାସେଟ ତକ ଆର ମାସରେ ଆଣିଦେବି । ଏ ମାସରେ ଦରମା ଡେରିରେ ମିଳବ । ତୁ ଟିଭି ଦେଖେ ରେଡିଓ ଶୁଣ, କଂପ୍ୟୁଟର ଶିଖ, କପ୍ୟୁଟରରେ ଆଜି କାଲି ସବୁ ଗୀତ ମିଳୁଛି" । କହି କହିଲେନ ସରୋଜିନୀ । ତିନ ମାସ ହୋଇଗଲ୍ଣି ପୁଅ "ନଶାନ୍ତ' ଏହିପରି କଛି ନା କଛି ବାହାନା କରି ଟାଳ ଗୁଲିଛି । ସତରେ କଣ ତା ପାଖରେ ଟଙ୍କା ନାହିଁ ଆଠ ଦଶ ଟା ସାମାନ୍ୟ କ୍ୟାସେଟ ପାଇଁ । ସେଥି ପାଇଁ ଦରମା ମିଳବା ଯାଏ ଅପେକ୍ଷା କରିବା କୁପଡିବ ତାଙ୍କୁ !

ବୋହୁ କୁହେ ଏ ବେକାରିଆ ସଉକ ହଉଛି ବଦ ଖର୍ଚ୍ଚ । ଗଦାଏ କ୍ୟାସେଟ ଘରେ ରଖିଛନ୍ତି । ଏ ଫାଲତୁ ଜିନଷପାଇଁ ଟଙ୍କା ଖର୍ଚ୍ଚ କରିବା ଦରକାର ନାହିଁ, ସେଦିନ ପୁଅକୁ କହୁଥିବାର ତାଙ୍କ କାନରେ କଥା ଟା ପଡଥିଲ୍ । ସେ ଶୁଣି ନଶୁଣିଲ୍ ପରି ରହିଗଲେ । ସେ ତାଙ୍କ ପୁଅକୁ କହିଥିଲେ, ବୋହୁର ଏଥିରେ ମୁ ଖର୍ଚ୍ଚ କରିବା କଣ ଦରକାର । ବୋହୁ ଯୋଉ ହଜାର ହଜାର ଟଙ୍କା ଶସ୍ତା ଫେସନରେ ଖର୍ଚ୍ଚ କରୁଛି ସେଗୁଡା କଣ ? ସେଗୁଡା ବଦ ଖର୍ଚ୍ଚ ନୁହେଁ ?

ଓଃ ବୋହୁ ରୋଜଗାର କରୁଛନ୍ତି ଶାଶୁ କରୁ ନାହାଁନ୍ତି । ଘରେ ବସି ଅନ୍ନ ଧ୍ୱଂସ କରୁଛନ୍ତି କେବଳ । ଏଇଆ କହିବେତ ! ଏ ଘରେ ଯୋଉ ସେମାନେ ରହୁଛନ୍ତି ମାଗଣାରେ ସେଇଟା କଣ । ସରୋଜିନୀଙ୍କ ସ୍ୱାମୀ କରିଥିଲେ ଏଇ ଘର ଟା, ଏହା ତାଙ୍କର । ଆଉ ଯୋଉ ପେନସନ ଟଙ୍କା ଆସୁଛି ସେଗୁଡା କଣ ! ଏଗୁଡିକ ତାଙ୍କ ରୋଜଗାରର ଅର୍ନ୍ତଭୁକ୍ତ ।

ଆଜି ରେଣୁବାଳାଙ୍କ କଥା ବହୁତ ମନେ ପଡୁଥିଲା । ତାଙ୍କ ସ୍ୱାମୀ ଶଶୀଶେଖରଙ୍କ ମୃତ୍ୟୁ ପରେ ସେ ଯାଇ ଏବେ ବୃଦ୍ଧାଶ୍ରମରେ ରହୁଛନ୍ତି । ଦି ଟା ପୁଅ ଦି ଜଣ ଯାଇ ଆମେରିକାରେ। ପୁଅମାନେ ଡାକୁଥିଲେ ଯାଇ ତାଙ୍କ ପାଖରେ ରହିବାକୁ। ଆମେରିକାରେ ଏ ବୟସରେ ଯାଇ ରହିବାକୁ ଭଲ ଲାଗିବନି ସେ ଜାଣନ୍ତି । ଥରେ ଯାଇଥିଲେ ସ୍ୱାମୀଙ୍କ ସଙ୍ଗେ ସ୍ୱାମୀ ବଞ୍ଚିଥିଲା ବେଳେ ।

ଭାଷା, ବେଶ ପୋଷାକ ଗୁଲି ଚଳଣ ସବୁ ଅଲଗା । କଣ ଦରକାର ଏ ବୟସରେ ଏ ସବୁ ଶିଖି ସେଠି ଯାଇ ବଞ୍ଚିରହିବା । ଯେତେବେଳେ ଛଅ ମାସ ପାଇଁ ଯାଇ ରହିଥିଲେ, ନିଜ ଦେଶ, ନିଜ ଲୋକ, ବେଶୀ ମନେ ପଡୁଥିଲେ ଖାଲି । ଏପରିକି ଯୋଉ ମାନଙ୍କ ସଙ୍ଗେ ତାଙ୍କର ଥରେ ଅଧେ ଝଗଡା ଲାଗିଛି କୌଣସି କାରଣରୁ, ସେମାନଙ୍କୁ ବି ଯାଇ ଆଲିଙ୍ଗନ କରିବାକୁ ଇଛା ହେଉଥିଲା ।

ପୁଅ ମାନଙ୍କ କଥାରେ ସେ ରାଜି ହୋଇ ନଥିଲେ । ଘର ଦ୍ୱାର ସଂପତ୍ତି ବାଡି ସବୁ ବିକ୍ରି କରି ଯାଇ ବୃଦ୍ଧାଶ୍ରମରେ ରହିଲେ । ଆମେରିକାରେ କେହି ପୁଅ ବୋହୁଙ୍କ ପାଖରେ ରୁହନ୍ତିନି। ନିଜ ସ୍ୱାଧୀନତାରେ ସମସ୍ତେ ରହିବାକୁ ଭଲ ପାଆନ୍ତି । ତାଙ୍କୁ ଏଇ କଥା ଟା ବହୁତ ଭଲ ଲାଗିଥିଲା । ସେବେଠୁ ସେ ସରୋଜିନୀଙ୍କୁ କହିଗଲିଛନ୍ତି କାହିଁ ପୁଅ ବୋହୁଙ୍କ ପାଖରେ ରହି ଦୁଃଖ ଗୁଡାଏ କଣିବୁ, ଏଠିକୁ ଗୁଲି ଆ ।

ବୃଦ୍ଧାଶ୍ରମରେ ନିଜ ସମ ବୟସୀ ଲୋକ ମାନଙ୍କ ସଙ୍ଗରେ କଥାବାର୍ତ୍ତା ଦୁଃଖ ସୁଖ ହେବାକୁ ମିଳବ । ଏଠାରେ ଭଜନକୀର୍ତ୍ତ ବି ଗୁଲେ । ଆଧ୍ୟାତ୍ମିକ ଆଲୋଚନା ସମାଲୋଚନା ବି ହୁଏ। ନ ବଡ ଆନନ୍ଦରେ ବିତୁଛି ତାଙ୍କର, କେତେ ଥରସେ ସରୋଜିନୀଙ୍କୁ ଚଠି ମାଧ୍ୟମରେ ଏ ସବୁ ଜଣେଇଛନ୍ତି ।

ସରୋଜିନୀ ଆଉ ରେଣୁବାଳା ବହୁ ବର୍ଷ ପୂର୍ବରୁ ପଡୋଶୀ ଥିଲେ । ଏକାଠି ଅନେକ ସମୟ ସାଙ୍ଗ ହୋଇ ବିତେଇଥିଲେ । ରେଣୁବାଳାଙ୍କ ର ସେଇଟା ନିଜ ଘର ଥିଲା କିନ୍ତୁ ସରୋଜିନୀ ତାଙ୍କ ପଡୋଶୀଙ୍କ ଘରେ ଭଡାରେ ରହୁଥିଲେ । ପରେ ସରୋଜିନୀଙ୍କ ସ୍ୱାମୀ ନିଜର ଘର

ତୋଳ ଅନ୍ୟ ଜାଗାକୁ ଗ୍ଭଲି ଆସିଥିଲେ ସତ କନ୍ତୁ ରେଣୁବାଳାଙ୍କ ସଂଗେ ତାଙ୍କର ବନ୍ଧୁତ୍ୱ ଅତୁଟ ରହିଥିଲା । ଫୋନ ବା ଚଠି ଦ୍ୱାଗ୍ ସେମାନେ ଖ୍ବର ଆଦାନ ପ୍ରଦାନ କରୁଥିଲେ ।

ରେଣୁବାଳା ଠିକ କୁହନ୍ତି ମା ମାନେ ପୁଅ ମାନଙ୍କ ର ସବୁ ଦୋଷ ତ୍ରୁଟିକୁ ଆଖି ବୁଜି ସହି ଯାଉଥିବାରୁ, ତାଙ୍କୁସବୁବେଳେ କ୍ଷମା କରି ଦେଉଥିବାରୁ ବୋହୂ ମାନେ ଏ ସବୁର ଫାଇଦା ଉଠାନ୍ତି । ପୁଅର କଥାକୁ ସେ ଯେତେ ଭ୍ବୁଛନ୍ତି, ରେଣୁବାଳା ସେତେ ମନେ ପଡୁଛନ୍ତି । ଏ ବୟସରେ କଣ ଆଉ ସେ ହୋ ହଲ୍ଲା ଧୁମ ଧଡାସା ଗୀତ ଶୁଣିବାକୁ ଭଲ ଲ୍ଗୁଛି। କଛି ଭଜନ ଶୁଣିଲେ ମନକୁ ଟିକେ ଶାନ୍ତି ମିଳୁଛି । ତେଣୁ ସେ ବଗ୍ଦ କରିଥିଲେ କଛି ପୁରୁଣା କାଳର ଭଜନ କ୍ୟାସେଟପାଇଁ । ଭଲ ଲ୍ଗେ ସେ ପୁରୁଣା ଗୀତ ସବୁ ।

ଜେଜେ ମାଙ୍କ ସଙ୍ଗେ ବସି ପିଲ୍ବେଳେ କେତେଥର ସେ ଏ ଗୀତ ଶୁଣିଛନ୍ତି । ସେହି ମଧୁର ସ୍ମୃତି ଟିକକ ଏବେ ବଞ୍ଚିବାର ପାଥେୟ । ଯୁଗ ବିତି ଗଲାଣି ସେ ସବୁ ଗୀତ ସେ ଆଉ ଶୁଣି ନାହାଁନ୍ତି । ଏବେ ସେଇ ଶୈଶବକୁ ଫେରି ଯିବାକୁପୁଣି ମନ । ଏ ବୟସରେ ନା ସ୍ୱପ୍ନ ଅଛି, ନା ବଞ୍ଚିବାର ମୋହ ଅଛି । ମୃତ୍ୟୁକୁ ଡରି ଡରି ମଣିଷ ଛଟପଟ ହୋଇ ବଞ୍ଚିଗ୍ଭଲିଛି । ଯମ ଦଣ୍ଡକୁ ସମସ୍ତଙ୍କର ଭୟ । ତାଠୁ ବରଂ ବଞ୍ଚିବା ଟା ଭଲ । ବଞ୍ଚିବା ପାଇଁ କଛି ପାଥେୟ ଖୋଜିବା ଟା ଭଲ । ସେଇଥି ପାଇଁ ସେ ପୁଅକୁ କହିଥିଲେ କଛି କ୍ୟାସେଟ ଆଣିବା ପାଇଁ ।

ଆଜି କାଲି ଆଉ କଏ କ୍ୟାସେଟ ବସି ଶୁଣୁଛି, ତା ସତ । ଯୁଗ କେତେ ବଦଳ ଗଲ୍ଣି । ହଁ ଯୁଗ ବଦଳଛି କନ୍ତୁସେ ତ ବଦଳ ନାହାଁନ୍ତି । ବଦଳବାକୁ ବି ଗ୍ଭହାନ୍ତିନ । ନୂଆ ନୂଆ ଉଦ୍ଭାବନ ସଂଗେ ତାଳ ମିଳେଇ ଗ୍ଭଲିବାକୁ ହେଲେ ଅନେକ କଥା ଶିଖିବାକୁ ହେବ । ଆଉ ସେ ସବୁ ଶିଖି ମୁ  ଗରମ କରିବାକୁ ତାଙ୍କର ଏ ଉତ୍ତୀର୍ଣ୍ଣ ବୟସରେ ଇଛା ନାହିଁ। ତେଣୁ ସେଇ ପୁରୁଣା କ୍ୟାସେଟ ସେ ଏବେବି ଶୁଣୁଛନ୍ତି । ପୁଅ କହେ ତୁ ଇଣ୍ଟରନେଟର ବ୍ୟବହାର ଶିଖି ନେ, ଯେତେବେଳେ ଇଛା ସେତେବେଳେ ୟୁ ଟ୍ୟୁବରୁ ବସି ଗୀତ ଶୁଣି ପାରିବୁ ।

ସେଇ ତ ନିଜେ କହେ ଦିନେ ଦିନେ ଇଣ୍ଟରନେଟ ଆସୁନ ବା ସ୍ଲୋ ଆସୁଛି ସେ ଅନେକ ସମୟରେ ତାର ଦରକାର କାମ କରି ପାରୁନ । ସେ ଏସବୁ ଝମେଲରେ କାହିଁକି ଯେ ପଶିବେ ।

ଏପରିକି ଇଲେକଟ୍ରି ଲାଇନ ଗ୍ଲିଗଲେ ବି ସେ ବ୍ୟାଟେରି ରେ ତାଙ୍କ ପୁରୁଣା କ୍ୟାସେଟପ୍ଲେୟର ବସି ଶୁଣନ୍ତି । ସେଇଟା ତାଙ୍କ ସ୍ୱାମୀ ଦଶ ବର୍ଷ ବିବାହ ବାର୍ଷିକରେ ଦେଇଥିଲେ । ଏବେବି କାମ କରୁଛି । ପୁଅ ଯେ କ୍ୟାସେଟ ନଆଣିଲା ସେଥିପାଇଁ ତାଙ୍କ ମନରେ ଦୁଃଖ ନାହିଁ କିନ୍ତୁ ତା ପାଖରେ ଯେ ଟଙ୍କା ନାହିଁ ବୋଲି ଯୋଉ ମିଛ କହିଲା ତାଙ୍କ ମନରେ ଭୀଷଣ ଦୁଃଖ ହେଲା । ଗଲା ମାସରେ ବୋହୂ ପାଇଁ ଦିଟା ଦାମିକା ଶାଢୀ ଆଣି ଦେଇଥିଲା ତା ସାଙ୍ଗ ବାହାଘରକୁ ଯିବାକୁ। ଗଲା ସପ୍ତାହରେ ଶାଳୀ ବାହାଘର ପାଇଁ ସ୍ତ୍ରୀ ପାଇଁ ପୁଣି ଗ୍ଟରିଟା ଶାଢୀ ସାଙ୍ଗକୁ ନୂଆ ଗହଣା ସେଟ । ସେମାନେ ଯେତେ ଲୁଚେଇ କିଣିକି ଆଣିଲେ ବି ତାଙ୍କ ଆଖିରେ ସବୁ ପଡିଯାଏ ।

ଗଲା ଶନିବାର ସପିଙ୍ଗ କରି ଫେରିବା ପରେ ବୋହୁ ଭୁଲି ଯାଇଥିଲା ତା ଶାଢି ଗହଣାକୁ ଆଲମାରୀ ରେ ରଖିତାଲା ପକେଇବାକୁ । ବୋହୁ ହାତରେ ସେ ଦେଖିଥିଲେ ଏକ ବଡ ପ୍ୟାକେଜ. କିନ୍ତୁ ସେ ତାଙ୍କୁ ଦେଖେଇବାର ଆବଶ୍ୟକତା ମନେ କଲା ନାହିଁ । ସେହି ଅଭିମାନରେ ସେ ବି କିଛି ପଗ୍ଟରିଲେନ । ଘର ପାଇଁ କିଛି କିଣା ହୋଇଥିଲେ ଯଥା ବାସନକୁସନ, ଛୋଟ ମୋଟ ଘର କରଣା ଜିନିଷ ବୋହୁ ଆଗତୁର୍ ଆଣି ଦେଖାଏ ଘର ପାଇଁ କଣ କିଣିଲା ବୋଲି କିନ୍ତୁ ତା ନିଜପାଇଁ କିଣୁଥିବା ଜିନିଷ କେବେ ଦେଖାଏନ ସେ ବହୁତ ଆଗରୁ ଲକ୍ଷ ରଖିଛନ୍ତି ।

ସେଦିନ ତାଙ୍କର ଅଭିମାନ ସାଙ୍ଗକୁ ଦୁଃଖ ଟିକେ ବେଶି ହୋଇ ଯାଇଥିଲା । ତେଣୁ ବୋହୁ ବାଥ ରୁମରେ ଗାଧୋଉଥିଲା ବେଳେ ତା ରୁମ ରେ ପଶି ଆଲମାରି ଖୋଲି ଦେଖି ତା ପ୍ୟାକେଜ ଆଣି ଦେଖିଲେ । ଆଖିରୁ ତାଙ୍କର ଲୁହ କିଛି ଅଜାଣତେ ଗଡିଗଲା । ଯଥା ସ୍ଥାନରେ ଜିନିଷ ରଖିଦେଇ ନିଜ ପ୍ରକୋଷ୍ଠକୁ ଫେରି ଆସି ବେଶ ମନ ଭରି କାନ୍ଦିଲେ । ବୋଉର ଜିନିଷ ଆଣି ଦେଇଥିଲେ କେତେ ବା ଖର୍ଚ୍ଚ ହୋଇ ଯାଇଥାନ୍ତା । ବୋଉ ଟିକେଖୁସି

ହୋଇ ଯାଇଥାନ୍ତା । ଏତିକ ଟିକେ ପୁଅ ହେଇ କରି ପାରିଲାନ । ଶେଷରେ ଟଙ୍କା ନାହିଁ ବୋଲି ମିଛର ଆଶ୍ରୟ ନେଲା ।

ମା ସେ, ଆଖିରୁ ଲୁହ ଝରାଇଲେ ପୁଅର ଅମଙ୍ଗଳ ହେବ ବୋଲି ଆଖିରୁ ଶିଘ୍ର ଲୁହ ପୋଛିଦେଲେ । ମନକୁ ବୁଝେଇଦେଲେ । ପୁଅ ପାଇଁ ତା ସ୍ତ୍ରୀ ହେଉଛି ବର୍ତ୍ତମାନ ର ଆବଶ୍ୟକତା, ବର୍ତ୍ତମାନର ଖୁସି । ତା ପୁଅ ତ ତାର ଭବିଷ୍ୟତର ପାଥେୟ । ସେମାନଙ୍କ କଥା ଆଗ ବୁଝିବନ ତ ଆଉ କାହା କଥା ବୁଝିବ । ମା ତ ସବୁବେଳେ ଅତୀତ । ଅତୀତକୁ ଏତେ ଗୁରୁତ୍ୱ କେହି ଦିଅନ୍ତି ନ । ଏତିକ ସଂସାରର ସତ୍ୟତା ତାଙ୍କର ଜାଣିବା ଉଚତ ଥିଲା । ସେ ନୂଆ ବାହା ହୋଇ ଆସିଥିଲାବେଳେ ତାଙ୍କ ସ୍ୱାମୀ ବି ସେଇଆ କରୁଥିଲେ ।ଘର ଲୋକଙ୍କୁ ଲୁଚେଇ ତାଙ୍କ ପାଇଁ କଛି ନା କଛି କଣି କରି ଆଣୁଥିଲେ । ଘରେ କେହି କଣ ମାଗିଲେ ସେ ବି ଟଙ୍କା ନାହିଁ ବୋଲି କହୁଥିଲେ । ତେଣୁ ସଂସାର କ୍ରମରୁ ପୁଅ ବା କାହିଁ ବାଦ ଯିବ ।

ଏବେ ରେଣୁବାଳାଙ୍କ ଠୁ ଅନେକ ଥର ବୃଦ୍ଧାଶ୍ରମ କଥା ଶୁଣି ଶୁଣି ସରୋଜିନୀ । ମନେ ମନେ ଠିକ କରିନେଲେଣି ଯାଇ ସେଇଠି ରହିବେ । ବୋହୂ ଯେତେ ଯେତେ ପୁରୁଣା ହେଉଛି ତାର ଖାପ ଛଡା ଭାବ ପ୍ରତି କଥାରେ ଯୁକ୍ତି କରିବାତାଙ୍କୁ ପସନ୍ଦ ହେଉ ନାହିଁ । ନଜର ମହତକୁ ନଜେ ରକ୍ଷା କରିବା ବୁଦ୍ଧିମାନର କାର୍ଯ୍ୟ । ଲେଡିଗୁଡ କହୁଣିକ ବୋହି ଯିବା ପର୍ଯ୍ୟନ୍ତ ସେ କାହିଁ ଅପେକ୍ଷା କରିବେ ।

ତା ପରଦିନ ସେ ପୁଅ ବୋହୁଙ୍କ ଆଗେ ପ୍ରସ୍ତାବ ରଖିଥିଲେ ଯାଇ ବୃଦ୍ଧାଶ୍ରମରେ ରହିବେ ବୋଲି । ଚମକ ପଡିଲେ ସେମାନେ । - "କାହିଁକି ବୋଉ? ଏ ପ୍ରସ୍ତାବ ର କଣ ଦରକାର । କ୍ୟାସେଟ ନଆଣି ଦେଇଥିବାରୁ ମନ ଦୁଃଖ କଲୁକ ? କାଲି ଆଣିଦେବି" । କାଲି ଟଙ୍କା କୋଉଠୁ ଆଣିବୁ ? ପଗ୍ଧରିବକୁ ଇଛା ହେଉଥିଲେ ବି କଛି ପଗ୍ଧରିଲେନ ସରୋଜିନୀ । ବୋହୁର ବି ମୁହଁ ଶୁଖିଗଲା । ଶାଶୁଙ୍କ ଗ୍ଧଲିଯିବାର ଦୁଃଖରେ ନୁହେଁ, ଏତେ ଟଙ୍କା କୋଉଠୁ ଆସିବ ଖର୍ଚ୍ଚ ଦବାକୁ । - "ନାଇଁବୋଉ ତୁମେ ସେଠି ଯାଇ ରହିଲେ ଲୋକେ ଆମକୁ କଣ କହିବେ" ?

କଛି କହିଲେନ ସେ । ସତେକ ବୋହୁର ଲୋକ ଲାଜ ପ୍ରତି ବହୁତ ଖାତିର । ସେ ତାଙ୍କ ସିଦ୍ଧନ୍ତରେ ଅଟଳ ରହିଲେ ଆଉ ଟଙ୍କା କୋଉଠୁ ଆସିବ ତାର ମଧ୍ଯ ସମାଧାନ କରିଦେଲେ । ଅଧା ଘରକୁ ଭଡା ଲଗେଇବାକୁ କହିଲେ ଓ ସ୍ୱାମୀଙ୍କ ପେନସନ ଟଙ୍କା ତାଙ୍କର ଯଥେଷ୍ଟ ହେବ ଯାଇ ସେଠି ରହିବାକୁ । ଗତ ଦଶ ବର୍ଷ ହେଲାଣି ସ୍ୱାମୀଙ୍କ ପେନସନ୍ ଟଙ୍କାରେ ଘର ସେ ଚଳେଇ ଆସୁଛନ୍ତି । ପୁଅ ବୋହୁ ନିଜ ଟଙ୍କାରେ ବୁଲା ବୁଲି ମଜା ମଜଲିସ ଚଳେଇଛନ୍ତି ।

ସେମାନଙ୍କୁ ବୁଝେଇଦେଲେ । ସେମାନେ ଗ୍ଭକରୀ କୁ ଗ୍ଭଲିଗଲା ପରେ ସେ ଏକୁଟିଆ ହୋଇ ଯାଉଛନ୍ତି । କଥାବାର୍ତା ଭଲମନ୍ଦ କହିବାକୁ ପାଖରେ କେହି ନାହାଁନ୍ତି । ସେଠିକୁ ଗଲେ ସେ ଆଉ ଏକାକୀ ଅନୁଭବ କରିବେନ । - "ଆଉ ମୁନୁ କଥା ତୋର ମନେ ପଡିବନ"? ପଗ୍ଭରିଲା ପୁଅ । - "ଆରେ ମୁନୁ ତ ବଡ ହେଇ ଗଲାଣି । ଆଉ ଦୁଇ ମାସ ପରେ ସେ ସ୍କୁଲ ଗ୍ଭଲିଯିବ । ସେ ସ୍କୁଲ ରେ ନାମ ଲେଖେଇ ସାରିଲା ପରେ ମୁଁ ଯିବି, ଏବେ କଣ ଯାଉଛି । ତା ବ୍ୟତୀତ ମୁଁ କାର୍ବାସକୁ ଯାଉ ନାହିଁ ଯେ ତୁମେ ମନ ଦୁଃଖ କରୁଛ । ମୁଁ ମଝିରେ ମଝିରେ ଆସିବି ଦେଖା କରିବାକୁ " ।

ପାଞ୍ଚ ବର୍ଷ ତଳେ ଘଟିଥିବା ସାଙ୍ଗ ସରଳାଙ୍କ କଥା ଏବେବି ତାଙ୍କର ମନେଅଛି । ସରଳାଙ୍କ ପୁତୁରାର ବାହାଘର ତାଙ୍କ ବୋହୁର ମାଉସୀ ଝିଅ ଭଉଣୀ ସଂଗେ ହେଉଥିଲା । ସମସ୍ତେ ଯାଇଥିଲେ ସେଠାକୁ । ସରଳାଙ୍କ ବୋହୁ ତାର ଦୁଇବର୍ଷର ପୁଅକୁ ଶାଶୁ ଜିମା ଧରେଇ ଦେଇ ଯାଇ ବର ଯାତ୍ରୀ ଆଉ କନଆଁ ଯାତ୍ରୀ ରେ ମିଶି ନାଚ ମଜା ମଜଲିସ କରିବାରେ ବ୍ୟସ୍ତ ରହିଲା । ସରଳା ଧୈର୍ଯ୍ୟର୍ ସହ ନାତିକୁ ରଖିଥିଲେ ସତ, ନାତି ଶୋଇଗଲା ପରେ ତାକୁ ଗୋଟେ ରୁମରେ ଖଟରେ ଶୁଆଇ ଦେଇ ତଳକୁ ଆସି ବନ୍ଧୁବାନ୍ଧବଙ୍କ ସଙ୍ଗେ କଥାବାର୍ତ୍ତାରେ ଭୁଲିଗଲେ ବୋହୁକୁ କହିବାକୁ ଯେ ତା ପୁଅ ଶୋଇଛି, ଯାଇ ମଝିରେ ମଝିରେ ଦେଖି ଆସିବାକୁ ।

ନାତି ଘୋ ଘା ଶଦ୍ଦରେ ଭଲ କରି ଶୋଇ ପାରି ନଥିଲା । ଉଠି ବାହାରକୁ ଆସିବାକୁ ଚେଷ୍ଟା କରି ଖଟରୁ ଖସି ପଡିଥିଲା ଓ ତା ମୁଣ୍ଡରେ ବଡ ଆଘାତ ଲାଗି ଫୁଲି ଯାଇଥିଲା । ତା

କାନରେ କଛି ଲୋକ ଯାଇ ତାକୁ ଆଣିଥିଲେ ସତ କନ୍ତୁ ସରଳାଙ୍କ ବୋହୂର ରାଗ ଦେଖେ କଏ । ଏତେ ଲୋକଙ୍କ ଭିତରେ ଶାଶୁଙ୍କୁ ଯେଚ୍ଛା ତାହି କଟୁ କଥାରେ ଗାଳ ଦେଇଥିଲା, ସେତିକ ବି ନୁହେଁ ସରଳା କଛି କହିବାକୁ ଯାଉଥିଲେ, ତାଙ୍କୁ ଧକ୍କା ଦେଇ ସେ ପ୍ରକୋଷ୍ଠରୁ ତା ପୁଅକୁ ନେଇ ବାହାରି ଗଲା ।

"- ଏତିକ ଟିକେ ଦାୟିତ୍ୱ ଯଦି ନ ନେଇପାରିବାର ଥିଲା ତେବେ ଆଗରୁ ମନା କରି ଦେଇ ଥାଆନ୍ତ " ।

ଏତେ ଲୋକଙ୍କ ଆଗରେ ବୋହୂର ଭର୍ତ୍ସନା, କଟୁକ୍ତି ଭାଷାରେ ସରଳା ଲଜ୍ୟା ଅପମାନରେ ଏତେ ଟିକେ ହେଇଯାଉଥିଲେ । ବାହାଘର ସରିବା ଯାଏ ଆଉ ଅପେକ୍ଷା କଲେ ନାହିଁ । ଯେତେ ଯିଏ କହିଲେ ବି ନା ଖାଇଲେ ନା ରହିଲେ ସେଠି । ଘରକୁ ଫେରି ଆସିଲେ । ସେହି ଦି ଠୁ ଶେଯରେ ପଡିଗଲେ ଯେ ଆଉ ଉଠି ନାହାଁନ୍ତି । ବୋହୂ ବି ରାଗରେ ବାପଘରକୁ ଚାଲିଗଲା । ଶାଶୁ ସଂସାରରୁ ଗଲେ କନ୍ତୁ ଦେଖା କରିବାକୁ ବି ଆସିଲାନ ।

ବୃଦ୍ଧାଶ୍ରମ ଯିବା ପୂର୍ବରୁ, ସେଇ ଦୁଇ ମାସ ଯୋଉ ଘରେ ରହିଲେ ସର୍ବୋଜିନୀ ଏପରି ଆଦର ଅଭ୍ୟର୍ଥନା, ସେବାସତ୍କାର ସେ ତାଙ୍କ ଜୀବନରେ କେବେ ପାଇ ନଥିଲେ । ବୋହୂର ପ୍ରକାରନ୍ତର କଥାବାର୍ତାରୁ ସେ ଯାଣି ପାରୁଥିଲେ ଏତେ ଟଙ୍କା ସବୁ ହାତଛଡା ହୋଇ ଯାଉଛି ବୋଲି । ଘରେ ରହିଲେ ଶାଶୁ ଙ୍କର ଦେଖା ରଖା ସେମାନେ ଭଲରେ କରି ପାରିବେ । ମୁନୁ ବି ବହୁତ ଖୁସି ହେବ ।

ଭଲରେ ! ହସ ଲାଗୁଥିଲା ବୋହୂର କଥା ଶୁଣି । କେବେ ଖାଇଲା ନଖାଇଲା କେବେ ବୁଝିଛି? ଏ ପର୍ଯ୍ୟନ୍ତ ହେଲାଣି ନଜେ ରାନ୍ଧେଇ କରି ଖାଉଛନ୍ତି । ଖାଲି ନଜେ ଖାଉଛନ୍ତି ନୁହେଁ । ପୁଅ ବୋହୂ ନାତିକୁ ବି ଦେଇ ଆସୁଛନ୍ତି । ହଁ, ସେ ମାନୁଛନ୍ତି ତାଙ୍କ ଶାଶୁଙ୍କ ବିରୁଦ୍ଧରେ ତାଙ୍କର ବି ହଜାର ଅଭିଯୋଗ ଥିଲା । କନ୍ତୁ ସେ ତାଙ୍କ କର୍ତ୍ତବ୍ୟରେ କେବେ ହେଳା କରୁନଥିଲେ । ଶାଶୁ ବି ବୋହୂ ମାନଙ୍କୁ କେବେ ଡରୁ ନଥିଲେ । ସଦା ବେଳେ ହୁକୁମ ଚଲେଇବାରେ ବ୍ୟସ୍ତ । ଏଇଟା କରିଦେ ସେଇଟା କରିଦେ ସବୁବେଳେ କଛି ନା କଛି ବରାଦ ।

କିନ୍ତୁ ତାଙ୍କ ଶାଶୁଙ୍କ ସମୟରେ ଏ ସବୁ ସୁବିଧା ନଥିଲା । ତେଣୁ ସେମାନେ ପୁଅ ବୋହୁଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିଲେ । ବୋହୁ ମାନଙ୍କ ସହିତ ସାଲିସ ବା ଭଲ ବୁଝାମଣା ରକ୍ଷା କରୁଥିଲେ । ଯୋଉ ମାନଙ୍କର ତ ଦୁଇ ବା ତିନି ପୁଅ ବୋହୁ ଥିଲେ ତାଙ୍କ ଖୁସି ଦେଖେ କିଏ । ନା କୌଣସି କଥାରେ ଚିନ୍ତା ଥିଲା ନା ଦିକ ।

କିନ୍ତୁ ଆଜି କାଲି ସେ ଯୁଗ ଗଲାଣି । ସରକାରଙ୍କ ହଜାର ପ୍ରକାର ନିୟମ କାନୁନ ଯୋଗୁ ବୋହୁ ମାନେ ଆଉ କୌଣସି କଥାକୁ ଡରୁ ନାହାଁନ୍ତି । ଟିକେ ଟିକେ କଥାରେ ଆଇନ କାନୁନ ଆଉ କୋଟ କଚେରି ଧମକେଉଚନ୍ତି । ଥାଉ ଶାଶୁ ସୁଖ ସେତିକି । ସେ କାଦୁଅରେ ସେ ଗୋଡ ପୁରେଇବେନି କି ଗୋଡ ଧୋଇବେନି । ବେଳ ଥାଉ ଡାକ ଦିଅ ଗିରି ନାଥଙ୍କୁ ହେ.....ତାଙ୍କ ପ୍ରିୟ ଭଜନ ଶୁଣୁଥିଲେ କ୍ୟାସେଟ ବଜେଇ । ହଠାତ ଏଇ ଗୀତ ଟା ଆସିଗଲା । ସତକଥା ଜ୍ଞାନୀ ଲୋକମାନେ ସବୁବେଳେ ସତର୍କ । ବେଳଥାଉ ହୁସିଆର ହେବା ନିହାତି ଦରକାର ।

ନାଁ ସେ ଯାହା ଭାବିଛନ୍ତି ସେଇଆ ହିଁ କରିବେ । ଦିନେ ନା ଦିନେ ତ ଯିବାକୁ ପଡିବ । ଆଜି କାଲି ଖବରକାଗଜରେ ନିତି ଦେଖୁଛନ୍ତି ପୁଅ ବୋହୁ ମାନେ ଶାଶୁ ଶ୍ୱଶୁର ମାନଙ୍କୁ କିପରି ବ୍ୟବହାର କରୁଛନ୍ତି । ବୃଦ୍ଧ ବୟସରେ କିପରି ନେଇ ବୃଦ୍ଧାଶ୍ରମରେ ଛାଡି ଦେଇ ଆସୁଛନ୍ତି ବାପ ମାଙ୍କୁ । ସେ ଯାଏ ସେ କାହିଁ ରହିବେ ଆଗରୁ ବାଟ ଦେଖିବା ଭଲ । ମନକଣ ଖୋଜେନା ନା ଗୃହେଁନା ବୁଢି ବୟସରେ, ପୁଅ ବୋହୁ ନାତି ନାତୁଣୀରେ ହସ ଖୁସି ଭରା ପରିବାର ଟିଏ । କିନ୍ତୁ ଆଜିକାଲି ଏଇ ନୂତନ ପିଢି ସେ ସବୁ ବୁଝିବାକୁ ଅସମର୍ଥ । କିନ୍ତୁ ତାଙ୍କର ବିଶ୍ୱାସ ଅଛି ଲୋକ ମାନେ ପୁଣି ଫେରିଯିବେ ସେଇ ପୁରୁଣା ଯୁଗକୁ । ଯୋଉଠି ମଣିଷ କେବଳ ମଣିଷକୁ ହିଁ ଗୃହିଁବ । ତାର ସ୍ନେହ ଶ୍ରଦ୍ଧାକୁ ସମ୍ମାନ ଦେବ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ବାପା



ବରୁଣ କୁମାର ଦାସ

ଆଉ କାହା ପାଇଁ
ମହାସମ୍ବଳ
ନିର୍ପଦ ଆଶ୍ରୟ
ସବୁ ସୁଖର ଉତ୍ସ ।
ନିଜେ ନିଜ ପାଇଁ
ଅସହାୟ,
ନିରୁପାୟ ଉତ୍ତରହୀନ
ଅନେକ ପ୍ରଶ୍ନ ବାଚୀ ।
ବ୍ଲାକହୋଲ ଭିତରେ
ଥାଇଁ ଖୋଜୁ ଥାଏ
ର୍ତି ଶେଷର ସ୍ୱପ୍ନ ।



ପାଳୁସିଆ, ଦେହୁର୍ଦା, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ବିସ୍ମୃତ ପ୍ରତିବିମ୍ବ

( ତାଓ୍ୱାଙ୍ଗ ପର୍ବତର ଆତ୍ମା)



ଅଶୋକ ବିଶ୍ୱାଳ

ଟେକଦେଲି ପାଣି ଆଂଜୁଳାଏ
ସମୟର ସହ ଲୁଚ ଯାଇଥିଲା
ଆଙ୍ଗୁଠି ଜଡ ହୋଇ ଯାଉଥିଲା
ହାତ ମୋର ଥରୁଥିଲା ।

ଆଂଜୁଳରେ ଧରିଲି ମୁଁ ଜଳ
ପାଣିର ରଙ୍ଗ ଦେଖିପାରେ
ବିଗତ ଦିନକୁ ଧରି ରଖିଅଛି
ଜହ୍ନ ପାଦ ରଖିଥିଲା ତ ସେଇଠି
ଦେଖିଲି ମୁଁ ପାହାଡର ଛବି
ଗତକାଲିର ସୂର୍ଯ୍ୟର ପଛରେ
ଆଂଜୁଳାଏ ପାଣିର ଭିତରେ ।



ବିଶାଳ ପର୍ବତର ଛବି ପଡିଥିଲା
ଅତିକ୍ରମ କେହି କେବେ କରି ତ ନାହାନ୍ତି
ଆଂଜୁଳାଏ ପାଣିକୁ ଧରି ରଖିଥିଲି
ଆଙ୍ଗୁଠି ମୋ ହିମ ହୋଇ ଯାଉଥିଲା ।

ଭସି ଯାଉଥିବା ମେଘର ସ୍ମୃତି ନେଇ
ନୀରବରେ ଠିଆ ହୋଇଥିଲି
ଏକ ହ୍ରଦର ଆଗରେ
ବରଫ ପାଲଟି ଯାଇଥିଲା
ହଜି ଯାଇଥିଲା ।

କହୁଥିଲି ମୁଁ ତ ନିଜକୁ
ଫେରାଇ ଦିଅ ସେହି ମୁହୂର୍ତ୍ତକୁ
ଫେରାଇ ଦିଅ ସେହି ଦିନକୁ ତ
ଫେରାଇ ଦିଅ ସେହି ତୁଷାର କଣିକା
ବିଗତ ରାତିରେ ଯାହା ଝରି ପଡିଥିଲା ।

ନୀରବରେ ଠିଆ ହୋଇଥିଲି
ପବିତ୍ର ହ୍ରଦର ଆଗରେ
ପାଣିରେ ପଡିଥିଲା ପର୍ବତର ଛବି
ପଡିଥିଲା ଛାଇ ବିଗତ ଦିନର
ବିଶାଳ ପର୍ବତ ପଛରେ
ଅସ୍ତ ଯାଇ ଆଉ ଥରେ ଉଦୟ ହୋଇଛି
ରାତି ଆରମ୍ଭ ହୋଇ ମିଳେଇ ଯାଇଛି ।

ହ୍ରଦରୁ ଦୂରକୁ ଦେଖି ପାରିଲିନି
ଭସା ମେଘକୁ ପାଖକୁ ଡାକିଲି
ସମୟକୁ ଆଣିବାର ପାଇଁକି କହିଲି
ଜଡ ପାଲଟି ଯାଉଥିଲି ସେହି ହ୍ରଦର ଆଗରେ
ବରଫ ହୋଇ ଯାଇଥିଲା
ହଜି ଯାଇଥିଲା
ଦୂର ପଥର ଯାତ୍ରା- ପବିତ୍ର ହ୍ରଦ ।

ସେକ୍ଟର- ୩, ସଲ୍ଟଲେକ, କଲିକତା



# ପ୍ରଶ୍ନ ସେଇ ହତଭଗିନୀର...



ବିକେଶ ସାହୁ

ମୋର ବି ଥିଲା
ଅନେକ କଛି ଅସୁମାରୀ ଆଶା
ଅନେକ କଛି ଇଛା
ଏଇ ସୁନ୍ଦର ଦୁନଆରେ
ମୋ ଟିକ ଡେଣାରେ
ନୂଆ ନୂଆ ତ ମୁଁ ଉଡୁଥିଲି
ସୁନେଲି ସ୍ୱପ୍ନ ସବୁକୁ ସାଉଁଟି
ହେଲେ
ଜାଣି ନଥିଲା ଏଇ ସୁକୁମାରୀ ମନ
ସବୁ ସ୍ୱପ୍ନ ମୋ ପାଇଁ ଦିନେ ସାଜିଯିବ ଅବାସ୍ତବ
କଅଁଳ ମାଂସ ଲୋଭି ଏଇ ମଣିଷ ରୁପି ହିଂସ୍ର ଶିକାରୀର
ଶକ୍ତ ପଞ୍ଝା ଭିତରେ ହଜିଯିବ
ମୋର ସବୁ ଖୁସି
ଆଉ ଏ ସମାଜ ଆଗରେ ମୋତେ
ପରିଚୟ ଦେବା କୁ ହେବ
ଗୋଟେ କଳଙ୍କିତା ଭାବରେ
କେମିତିବା ମୁଁ ସହିଥାନ୍ତି କହିଲ



ଅନେକ ବିନତୀ ତ କରିଥିଲି

ଏଇ ଭଦ୍ର ମଣିଷ ସମାଜର ଭଦ୍ର ବ୍ୟକ୍ତିତ୍ୱ ମାନଙ୍କୁ

ହେଲେ ଏ ସୁକୁମାରୀ ହୃଦୟ କଣ ଜାଣିଥିଲା

ସେଇ ଭଦ୍ର ମୁଖା ତଳେ ଲୁଚରହିଛି

ଗୋଟେ ଗୋଟେ ଭୟଙ୍କର ଅଭଦ୍ର ଚେହେରା

କେତେବା ଆଉ ସହ୍ୟ କରିଥାନ୍ତି

କାହାକୁ ବା ଆଉ ନ୍ୟାୟ ପାଇଁ ବିଶ୍ୱାସ କରିଥାନ୍ତି

ଆଉ ବଞ୍ଚିଥାନ୍ତି

ଏଇ କଳଙ୍କ କୁ ମଥା ରେ ବୋ ହୋଇ

କୁହ ଅଛି କ ତୁମ ପାଖରେ

ଏଇ ହତଭାଗିନୀର ଉତ୍ତର...

କୁହ କୁହ କୁହ ଅଛି କ ଏଇ ହତଭାଗିନୀର ଉତ୍ତର....???

ଭୁଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଖୁସିର ରାହା



ଡ. ବିଜ୍ଞାନୀ ଦାସ

ଫୋନ୍ କରିଥିଲା ଚନ୍ଦ୍ରା, ଦାଦାଙ୍କ ଝିଅ ଭଉଣୀ । ବାପା, ବୋଉଙ୍କ ଅନୁରୋଧରେ ସିଏ ଫୋନ୍ କରିଥିଲା ପଦ୍ମାର ଭଲମନ୍ଦ ଜାଣିବାକୁ । ପଦ୍ମା ସବୁକିଛି ଭଲ ବୋଲି କହି ଘରର ଅନ୍ୟାନ୍ୟ ସଦସ୍ୟମାନଙ୍କ ବିଷୟରେ ପଚାରି ବୁଝିଥିଲା । ବାପା ଓ ବୋଉ ଜିଜ୍ଞାସା କରିଥିଲେ, "ତମେମାନେ ଆମେରିକା କେବେ ଯାଉଛ ? ଯିବା ପୂର୍ବରୁ ଟିକେ ଘରେ ଆସି ବୁଲିଯିବ ।"

ପଦ୍ମା ସେମାନଙ୍କୁ ବୁଝେଇଥିଲା, "ଏପର୍ଯ୍ୟନ୍ତ ତ ଘରେ ସେ ବିଷୟ ଆଲୋଚନା ହୋଇନ । ମୋର ଭିସା ବିଷୟରେ ବି କିଛି ଖବର ପହଞ୍ଚିନ । ଯେବେ ଜଣାପଡିବ, ମୁଁ ଘରକୁ ଫୋନ୍‌କରି ଜଣେଇବି ।"

ସେ ରାତିଟା ପଦ୍ମା ଛଟପଟ ହେଲା । ଆଖିକୁ ନିଦ ଆସିଲାନି । ବାପା, ବୋଉଙ୍କୁ ସିନା କଥାରେ ଭୁଲେଇଦେଲା, ନିଜକୁ କେମିତି ଭୁଲେଇପାରିବ ? ଏକ ଜଞ୍ଜାଳମୟ ଭବିଷ୍ୟତ ତା ଆଖି ଆଗରେ ରୂପ ନେଉଥିଲା । ପରମେଶ୍ୱର ଫେରିନଥିଲେ, ତାଙ୍କ ବାପାଙ୍କ ପାଖରେ ହସ୍‌ପିଟାଲରେ ରହିଥିଲେ । ଶ୍ୱଶୁର ଯଦି ଏମିତି ପଡିରୁହନ୍ତି, ତେବେ ପଦ୍ମାପାଇଁ ଆସୁଥିବା ଦିନ ସବୁ ଆହୁରି କଠିନ ହୋଇଯିବ । ଏସବୁ ପାଇଁ ତାର ଅମଙ୍ଗଳୀ ଭାଗ୍ୟକୁ ଦାୟୀ କରାଯିବ । ହେଲେ ସିଏ ଏମିତି ଅମଙ୍ଗଳୀ ହେଲା କେମିତି ?

ନିଜ ଉପରୁ ପଦ୍ମାର ବିଶ୍ୱାସ ତୁଟିଯାଉଥିଲା । ହୁଏତ ସିଏ ମା' ଲକ୍ଷ୍ମୀଙ୍କ ଭଳି ସତୀତ୍ୱର ପରାକାଷ୍ଠା ରଖିପାରିଲାନି । ରବିଙ୍କୁ ମନରେ ପତିରୂପେ ଗ୍ରହଣ କରିଥିବା ସତ୍ତ୍ୱେ ପରମେଶ୍ୱରଙ୍କ ସହିତ ବେଦୀଉପରେ ବସି ବାହା ହୋଇଗଲା । ସେଥିପାଇଁ ହୁଏତ ମା'

ଲକ୍ଷ୍ମୀ ତାଙ୍କ ଆଶୀର୍ବାଦ ତାଠାରୁ ଫେରାଇନେଲେ । ତାର ବୈଜ୍ଞାନିକ ମନ ଏସବୁକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ ବି ପରିସ୍ଥିତିର ଚାପରେ ଏସବୁକୁ ବିଶ୍ୱାସ କରିବାକୁ ସିଏ ବାଧ୍ୟ ହେଉଥିଲା । ଶ୍ୱଶୁରଙ୍କର ତାହେଲେ ଆକ୍ସିଡେଣ୍ଟ ହେଲା କାହିଁକି ?

ରାତିରେ ଶୋଇ ନଥିବାରୁ ସକାଳୁ ସକାଳୁ ତାର ଆଖି ଲାଗିଯାଇଥିଲା । ପରମେଶ୍ୱରଙ୍କ ପାଟିରେ ତା ନିଦ ଭାଙ୍ଗିଲା । ପରମେଶ୍ୱର ଘରକୁ ଫେରି ଭାରି ଖୁସିରେ ତାଙ୍କ ମା'ଙ୍କ ସହିତ ଗପୁଥିଲେ । ପଦ୍ମା ଉଠି ମୁହଁ ଧୋଇ କବାଟ ଖୋଲିଲା । ପରମେଶ୍ୱର ଓ ଶାଶୁ ଉଭୟ ସେ କୋଠରି ଭିତରକୁ ପଶିଆସିଲେ ।

ସେ କୋଠରିରେ ଭିତରପଟ ଝରକାପାଖରେ ଗୋଟିଏ ଛୋଟ ଟେବୁଲ୍ ଓ ଦୁଇଟି ଚୌକି ପଡିଥିଲା । ସେ ଚଉକିରେ ବସି ମା' ପୁଅ ଦୁହେଁ କଥାହେଲେ ।

ପରମେଶ୍ୱର କହିଲା, "ଜାଣିଲୁ ମା', ଡିଲୁକୁ ଦେଖି ତ ମୁଁ ଜମା ଚହ୍ନିପାରିଲିନି । ହେଲେ ସିଏ ମତେ ଫଟ୍ କରି ଚହ୍ନିଦେଲା ।"

ଶାଶୁ ପଚାରିଲେ, "ଡିଲୁ କଣ ସେ ଡାକ୍ତରଖାନାରେ ଚାକରି କରୁଛି ?"

ପରମେଶ୍ୱର - "ହଁ, ବର୍ଷଟିଏ ସିଏ ଏଠି ତା ଟ୍ରେନିଙ୍ଗ୍ ସାରିବାକୁ ରହିବ । ତାପରେ ଆଉ କେଉଁଠିକୁ ଯିବ ।"

ଶାଶୁ - "ଆଉ ତା' ମା, ବାପା ? "

ପରମେଶ୍ୱର - "ସେମାନେ ତ ଦିଲ୍ଲୀରେ ଘରକରି ରହୁଛନ୍ତି । ସେଠି ତାଙ୍କ ପୁଅ ବୁବୁଲ୍ଦା କାମ କରୁଛନ୍ତି । ତେବେ ବାଲେଶ୍ୱରରେ ବି ସେମାନେ ଗୋଟିଏ ଘର କରିଛନ୍ତି । ସେଠି ସୁଲୁ ଦିଦି ଓ ତାଙ୍କ ହଜ୍‌ବ୍ୟାଣ୍ଡ ରହୁଛନ୍ତି । ସୁଲୁଦିଦିଙ୍କ ସ୍ୱାମୀ ଡି.ଆର୍.ଡି.ଓ. ରେ ଜଣେ ବୈଜ୍ଞାନିକ ଅଛନ୍ତି ।"

ଶାଶୁ - "ତାହେଲେ ତ ବହୁତ ଭଲହେଲା । ତିଲୁ ବାପାଙ୍କ ବିଷୟରେ ଆଉ କଣ କହୁଥିଲା?"

ପରମେଶ୍ୱର - "ବାପାଙ୍କର ସବୁ ଭାଇଟାଲ୍ ସାଇନ୍ ଭଲ ଅଛି । ସିଏ ବାପାଙ୍କର ସବୁ ଯତ୍ନନେଇ ତାଙ୍କୁ ଭଲ କରିଦେବାର ପ୍ରତିଜ୍ଞା ବି ମୋ ପାଖରେ କଲା । ସତରେ ମା' ମତେ ତ ବହୁତ ଭଲଲାଗୁଛି । ତିଲୁ ସହିତ କଥା ହେବା ପରେ ଅନେକଟା ବିଶ୍ୱାସ ଆସୁଛି ଯେ ବାପା ଶୀଘ୍ର ଭଲ ହୋଇଯିବେ ।"

ଶାଶୁ - "ତୋ ତୁଣ୍ଡ ସୁତୁ ହେଉ । ହଉ, ତୁ ଯା ଗାଧୁଆପାଧୁଆ କର । ମୁଁ ଆଜି ଖରାବେଳେ ତୋ ସାଙ୍ଗରେ ଡାକ୍ତରଖାନା ଯିବି । ତିଲୁକୁ ବି ଦେଖିଆସିବି ।"

ଶାଶୁ ଚାଲିଗଲେ । ସେମାନଙ୍କ ରୁମ୍‌କୁ ଲାଗି ଗାଧୁଆଘର । ଲାଇନ୍ । ତେଣୁ ପାଇପରେ ଗରମପାଣି ଆସୁଥିଲା । ପଦ୍ମା ଚଞ୍ଚଳ ହୋଇ ଗାଧୋଇ ଠାକୁରପୂଜା କରିବାକୁ ଗଲା । ପରମେଶ୍ୱର ତା'ପରେ ବାଥରୁମ୍ ରେ ପଶିଲା । ପଦ୍ମା ଠାକୁରଘରେ ପହଞ୍ଚିବା ବେଳକୁ ପୂଜା ସରିଛି । ଖୁଡୀ ସେତେବେଳକୁ ପୂଜାସାରି ସକାଳ ଜଳଖିଆ ପାଇଁ ପରଟା ତିଆରି କରୁଥିଲେ । ପଦ୍ମା ଯାଇ ତାଙ୍କ ସହିତ ମିଶି ସାହାଯ୍ୟ କରିବାକୁ ପଚାରିଲା । ଖୁଡୀ କହିଲେ, "ତୁ ଟିକେ ଅଦା ଛେଚ ପାଣି ଗରମ କର ଓ ସମସ୍ତଙ୍କ ପାଇଁ ଚାହା ବସେଇଦେ। ମୁଁ ପରଟା କରିଦେବି । ପଦ୍ମା ଖୁଡୀଙ୍କ କଥାମାନ ଚାହା ତିଆରିକଲା ।

ପରମେଶ୍ୱର ଗାଧୋଇସାରି ଆସି ବ୍ରେକ୍‌ଫାଷ୍ଟ ପାଇଁ ରୋଷେଇଘରେ ବୁଲିଗଲେ । ତାପରେ ଯାଇ ହଲ୍ ରେ ଡାଇନଙ୍ଗ୍ ଟେବୁଲ୍‌ପାଖରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର୍ ଉପରେ ବସି ଅପେକ୍ଷାକଲେ । ଖୁଡୀ ତାଙ୍କୁ ନେଇ ପରଟା, ଆଳୁଦମ୍ ପରଶିଲେ । ଘରର ଅନ୍ୟ ସମସ୍ତ ସଦସ୍ୟ ବି ଆସି ତାଙ୍କ ପାଖରେ ରୁଣ୍ଡହେଲେ । ସମସ୍ତଙ୍କର ସେଇ ଗୋଟିଏ ଜିଜ୍ଞାସା, ଶ୍ୱଶୁରଙ୍କ ଅବସ୍ଥାକୁ ନେଇ ।

"ତିଲୁ କିଏ ?" ଏଇ ପ୍ରଶ୍ନଟି ପଦ୍ମାମନରେ ବାରମ୍ବାର ଆସୁଥିଲା । ହେଲେ ସିଏ ଏତେ ଲୋକଙ୍କ ଭିତରେ ପଚାରିବ କେମିତି ?

ସୁଦାମ କକା ସେତିକବେଳେ କୁଆଡେ ଥିଲେ ଆସି ପହଞ୍ଚିଗଲେ । ପଦ୍ମାପାଖରୁ ଚାହାନେଇ ସମସ୍ତଙ୍କୁ ପରଶିଲେ । ତାପରେ ଶାଶୁଙ୍କୁ ପଚାରିଲେ, "ତିଲୁ କିଏ କ ମା? "

ଶାଶୁ କହିଲେ, "ତମର ମନେଥିବ କ ନାହିଁ, ସେମାନେ କଲିକତାରେ ଆମ ଘରପାଖରେ ଭଡାନେଇ ରହୁଥିଲେ । ତିଲୁ, ପରମା ସେତେବେଳେ ଏକାଶ୍ରେଣୀରେ ପଢୁଥିଲେ ଓ ସାଙ୍ଗ ହୋଇ ସ୍କୁଲ୍ ଯାଉଥିଲେ । ତା' ଭଲ ନାମ ତିଲୋତ୍ତମା । ତାର ବଡ ଭଉଣୀଟିଏ ଥିଲା, ସୁଲୁ, ସୁଲୋଚନା ଓ ସମସ୍ତଙ୍କଠାରୁ ବଡ ତାର ଭାଇ, ପାର୍ଥ, ଡାକ ନାଁ ବୁବୁଲ୍ । ଏବେ ମନେପଡୁଛି ।"

କକା - "ହଁ ମା, ସେ ବଙ୍ଗାଳୀବାବୁ ଘର ତ! ପରମାବାବୁଙ୍କ ପାଇଁ ମାଛ ତରକାରି ଆଣି ଦେଇଯାଉଥିଲେ ।

ଶାଶୁ - "ତମେ ଠିକ୍ ମନେ ପକେଇଛ । ମୁଖାର୍ଜୀବାବୁଙ୍କର ବଦଳହେବାରୁ ସେମାନେ ଦିଲ୍ଲୀ ଚାଲିଯାଇଥିଲେ । ସେ ତିଲୁ ଏବେ ଆସି ବାଲେଶ୍ୱର ଡାକ୍ତରଖାନାରେ ଡାକ୍ତରାଣୀ ଅଛି। ବାବୁଙ୍କର ଦେହଖବର ସବୁ ବୁଝାବୁଝି କରୁଛି । ସିଏ ପରମାକୁ ଚହ୍ନିପାରିଲା । ମୁଁ ଆଜି ଖରାବେଳେ ଡାକ୍ତରଖାନା ଯିବି ଓ ତାକୁ ବି ଭେଟିଆସିବି ।"

ଘରେ ସେଦିନ ସମସ୍ତେ ଖୁସି ରହିଲେ । ଶ୍ୱଶୁରଙ୍କ ଭଲହୋଇଯିବାର ଆଶାରେ ସେମାନେ ଖୁସିହେବାର ନୂଆ ରାହା ପାଇଗଲେ । ପଦ୍ମା ବି ମନେମନେ ଖୁସିହେଲା । ସମସ୍ତଙ୍କ ପାଇଁ ଯତ୍ନରେ ଖରାବେଳର ଖାଇବାପାଇଁ ରନ୍ଧାରନ୍ଧି କଲା । ଖୁଡୀ ସାହାଯ୍ୟ କରୁଥିଲେ । ତା ଭିତରେ ପରମାଙ୍କ ସହିତ ଏକାକୀ ହେବାର ଯେତିକ ସମୟ ମିଳଥିଲା, ସେଇ ସମୟ ଭିତରେ ସିଏ ତାକୁ ତିଲୁ ବିଷୟରେ କହିଥିଲେ । ତିଲୁର ପରିବାର ଓ ପରମାର ପରିବାର କଲିକତାରେ ପଡୋଶୀ ଥିଲେ । ଉଭୟ ଗୋଟିଏ ମାଲିକର ଘରେ ଭଡାନେଇ ରହୁଥିଲେ ।

ତାପରେ ତିଲୁ ବାପାଙ୍କର ଦିଲ୍ଲୀ ବଦଳ ହୋଇଥିଲା । କଛିଦିନ ପର୍ଯ୍ୟନ୍ତ ଚଠିପତ୍ର ଦିଆନଆ ଗ୍ଲୁଲିଥିଲା, ହେଲେ ପୁଣି ବନ୍ଦ ହୋଇଯାଇଥିଲା । ଗତକାଲି ରାତିରେ ସିଏ ଯେତେବେଳେ ପେସେଣ୍ଟ ରୁମ୍ କୁ ଚେକ୍ କରିବାକୁ ଆସିଥିଲା, ସେଠି ପରମାକୁ ଦେଖି ଚହ୍ନି ପକେଇଲା । ତାପରେ ତ ସିଏ ବାପାଙ୍କ ଦାୟିତ୍ୱ ସବୁ ନେଇଗଲା ଜାଣ ।

ପଦ୍ମା ଖୁସିହେଲା । ଯାହାହେଉ, ଶ୍ୱଶୁର ଖୁବ୍ ଶୀଘ୍ର ଭଲ ହୋଇଯିବେ ।

ଏମିତି ତିନଗ୍ଲରି ଚନ ବିତିଗଲା । ପରମେଶ୍ୱରଙ୍କ ଘରେ ଖାଲି ତିଲୁର ଚର୍ଚ୍ଚା । "ତିଲୁ", "ତିଲୁ", "ତିଲୁ" । ସିଏ ଯେମିତି ଠାକୁରାଣୀ । ସମସ୍ତେ ତାକୁ ଧ୍ୟାନ କରୁଛନ୍ତି । ପଦ୍ମାର ମନରେ କାହିଁକି କେଜାଣି ଇର୍ଷାଭାବ ଜାଗ୍ରତହେଲା । ପରମେଶ୍ୱର ପ୍ରାୟତଃ ରାତି ହସ୍‌ପିଟାଲ୍ ରେ କଟାଉଥିଲେ । ସକାଳେ ଘରକୁ ଫେରି ଦିନସାରା "ତିଲୁ", "ତିଲୁ" ହେଉଥିଲେ ।

"ତିଲୁ କହିଲା, ବାପା ଟିକେଟିକେ ସ୍ପର୍ଶକୁ ରେସପଣ୍ଡ କରୁଛନ୍ତି ।"

"ତିଲୁ କହିଲା, ବାପା ତାଙ୍କ ପାଟିରେ ଯେମିତି କଛି କହିବା ଭଳ ଚେଷ୍ଟା କରୁଥିଲେ ।"

"ତିଲୁ କହିଲା, ବାପାଙ୍କ ଆଖି ଦୁଇଥର ଖୋଲିଥିଲା ।"

ପରମେଶ୍ୱରଙ୍କଠାରୁ ଏସବୁ ଶୁଣି ଘରଲୋକମାନେ ଅତ୍ୟନ୍ତ ପୁଲକତ ହେଉଥାନ୍ତି । ଶାଶୁ କହିଲେ, "ମୁଁ ତିଲୁକୁ ଡାକଛି ଘରକୁ, ଏଇ ଶନବାର ଦିନ ପରମା ତାକୁ ନେଇଆସିବ ଓ ଛାଡିଦେଇ ଆସିବ ।"

ପଦ୍ମାକୁ ପଗ୍ଲରିଲେ, "ତୁ ନଡିଆବରା ତରକାରି କରିଜାଣିଛୁ ଯଦି କରିବୁ । ତିଲୁ ଭାରି ଭଲପାଏ ।"

ପଦ୍ମା ସ୍ୱୀକୃତି ଦେଇଥିଲା ।

ପରମା କହିଥିଲେ, "ତିଲୁକୁ ପୋଟଳଭଜା ଭଲଲାଗେ । ସିଏ ଏମିତି ଥିଲା ଯେ ଆମଘରେ ପୋଟଳଭଜା ହେଲେ ବାସ୍ନାବାରି ଠିକ୍ ମୋ ଖାଇବା ସମୟରେ ପହଞ୍ଚିଯିବ । ଆଉ କଛି ନଭାବି ମୋ ଥାଳରୁ ନେଇ ପୋଟଳଭଜା ଖାଇବା ଆରମ୍ଭକରିବ ।

ଘରେ ପୋଟଳ ଅଣାହୋଇଥିଲା । ପଦ୍ମା କହିଲା, "ମୁଁ ତାଙ୍କପାଇଁ ପୋଟଳଭଜା କରିଦେବି ।"

ତା' ପରଦିନ ଯେତେବେଳେ ତିଲୁ ଆସିଲା, ପଦ୍ମା ଦେଖିକି ହଁ ରହିଗଲା । ଏତେ ସୁନ୍ଦର, ଏତେ ସ୍ମାର୍ଟ ! ଗହମ ରଙ୍ଗର ପତଳା ଝିଅଟିଏ, ଆଖି ଦୁଇଟି ଭାରି କଥାକୁହା, ବ୍ରିଲିଆଣ୍ଟ । ମୁହଁଟି ସେମିତି ହସହସ । ଠିକ୍ ଜାହ୍ନବୀ ଅପାଙ୍କ ଭଳି । ପଦ୍ମାକୁ ଦେଖି ସିଏ ପଚାରିଲା, "ଇଏ କିଏ ? "

"ପରମାର ସ୍ତ୍ରୀ ।"

"ଏ..ମା.., କି ସୁନ୍ଦର । ତମେ ତ ପୂରା ସିନେମାର ହିରୋଇନ୍ ଭଳି ଦେଖାଯାଉଛ ।" - ଏମିତି କହି ପଦ୍ମାକୁ କୁଣ୍ଢେଇ ପକେଇଲା । ପରମେଶ୍ୱରକୁ ପଚାରିଲା, "ଆବେ, ମତେ କାହିଁକି ଏ କଥା ଲୁଚେଇଥିଲୁ ? "

ପରମେଶ୍ୱର ବିଚରା କରିବେ କଣ ? କ୍ଷମାମାଗି କହିଲେ, "ଅବସର ମିଳନଥିଲା । ଆଜି ଘରକୁ ଆସିଲୁ ତ ତତେ ସର୍‌ପ୍ରାଇଜ୍ ଦିଆଗଲା ।"

ଖାଇବାଥାଳରେ ନଡିଆବରା ତରକାରି ଓ ପୋଟଳଭଜା ଦେଖି ତିଲୁ ସବୁ ଗୁଟିଚୁଟି ଖାଇଲା । ପଦ୍ମାର ରନ୍ଧାକୁ ଅନେକ ପ୍ରଶଂସାକଲା । ନିଜ ଖାଇବା ଶେଷ କରି ପୁରୁଣା ଅଭ୍ୟାସବଶତଃ ପରମାନନ୍ଦର ଥାଳରୁ ପୋଟଳଭଜା ନେଇ ଖାଇବାକୁ ଲାଗିଲା ।

ଶାଶୁ ହସିହସି କହିଲେ, "ତୋର ସେ ଅଭ୍ୟାସ ଏ ପର୍ଯ୍ୟନ୍ତ ଅଛି ? ଆଉ ବାହାଘର କେବେ ହଉଚ ?"

ତିଲୁ ଉତ୍ତରଦେଲା, "ପରମା ତ ବାହା ହୋଇଗଲା, ଏବେ ମୁଁ ଆଉ କାହାକୁ ବାହାହେବି ?"

ପରମା - "କହୁନୁ, ତୋର କେମିତି ପାତ୍ର ଦରକାର ? ଏବେ ତ ୱେବ୍‌ସାଇଟରେ ପ୍ରୋଫାଇଲ୍ ପକେଇଦେଲେ, କେତେ ଚଏସ୍ ଆସିଯିବ ।"

ତିଲୁ - "ଥାଉ, ସେକଥା ଏବେ ଛାଡେ । ଏତେଶୀଘ୍ର ସ୍ୱାଧୀନତା ଛାଡିବାକୁ ମୁଁ ପ୍ରସ୍ତୁତ ନୁହେଁ ।"

କାହିଁକି କେଜାଣି ତିଲୁର ପରମାନନ୍ଦ ସହିତ ଏତେଟା ଅନ୍ତରଙ୍ଗତା ପଦ୍ମାକୁ ଅସହ୍ୟ ମନେହେଉଥିଲା । ଖାଇସାରିବା ପରେ ସିଏ ତିଲୁକୁ ନେଇ ତାଙ୍କ ଘରେ ଛାଡିଆସିବାକୁ ଗଲେ । ସେଦିନ ତାର ଡ୍ୟୁଟି ନଥିଲା । ତାକୁ ତାଙ୍କ ଘରେ ଛାଡି ପରମାଙ୍କର ହସ୍‌ପିଟାଲ୍ ଯିବାର ଥିଲା ।

ସେଦିନ ରାତିରେ ଖୁଡୀ ଓ ଶାଶୁଙ୍କର କଥାବାର୍ତ୍ତା ତା' କାନରେ ପଡିଥିଲା । ଖୁଡୀ ପଚାରୁଥିଲେ, "ଆଚ୍ଛା ଅପା, ତମେ ପରମାଙ୍କ ପାଇଁ ତିଲୁର ପ୍ରସ୍ତାବ ତ କେବେ ଆଣିନଥିଲ? ସେମାନେ ଛୋଟବେଳେ ଏତେ ସାଙ୍ଗଥିଲେ । ସେମାନଙ୍କର ବାହାଘର ହୋଇଥିଲେ, ଭାରି ବଢିଆ ଜୋଡି ହୋଇଥାନ୍ତା ।"

ଶାଶୁ - "ହଁ । ସେମାନେ ଛୋଟବେଳୁ ପରସ୍ପରକୁ ଭାରି ସ୍ନେହ କରୁଥିଲେ । ହେଲେ ସେମାନେ ଦିଲ୍ଲୀ ଚାଲିଯିବା ପରେ ଆଉ ସେ ପରିବାର ସହିତ ଏତେଟା ଯୋଗାଯୋଗ ରହିଲାନ । ତାପରେ ଆମେ ବି ତ ଘର ବଦଳେଇଦେଲୁ, ନଜଘର ତିଆରିକରି ଚାଲିଗଲୁ । ନହେଲେ ସତରେ, ପରମା ସହିତ ତିଲୁର ଜୋଡି ବହୁତ ଭଲ ହୋଇଥାନ୍ତା । ତେବେ ସେମାନେ ବଙ୍ଗାଳୀ ବ୍ରାହ୍ମଣ, ମାନଥାନ୍ତେ କି ନାହିଁ ।"

ଖୁଡ଼ୀ - "ଆଜିକାଲି ଯୁଗରେ ଶିକ୍ଷିତ ପରିବାରରେ ଜାତି କେହି ଦେଖୁନାହାନ୍ତି ମ । ଶିକ୍ଷାଦୀକ୍ଷା ହିଁ ଦେଖୁଛନ୍ତି ।"

ଶାଶୂ - ଛାଡେ ସେକଥା । ଏବେ ତ ପରମାର ବାହାଘର ସରିଲାଣି । ସେକଥା ଭାବି ଆଉ ଲାଭ କଣ ? "

ଖୁଡ଼ୀ - "ସେକଥା ସତ ଯେ । ତେବେ ତିଲୁ ବଡ ସୁମଙ୍ଗଳୀ । ଦେଖୁନ ସିଏ ଭାଇଙ୍କୁ ଚେକ୍ କରିବା ପରଠାରୁ ଭାଇଙ୍କର ଭଲ ଲକ୍ଷଣ ଦିଶୁଛି ।"

ଶାଶୂ - "ସତକଥା କହିଲୁ ତୁ । ତେବେ ଭଗବାନଙ୍କୁ ଡାକେ । ତୋ ଭାଇ ଖୁବ୍ ଶୀଘ୍ର ଭଲ ହୋଇଯାଆନ୍ତୁ । ବିଚରା ପରମା, ବଡ ହନ୍ତସନ୍ତ ହେଲାଣି ।"

ଖୁଡ଼ୀ - "ହେଲେ ତିଲୁକୁ ଭେଟିବା ପରଠାରୁ ସିଏ ବଡ ଖୁସି ଦିଶୁଛନ୍ତି ।"

ଶାଶୂ - "ଭଗବାନ ବଡଲୋକ । କେମିତି ତିଲୁକୁ ମିଳେଇଦେଲେ । ପରମାର ସିଏ ଭଲସାଙ୍ଗ ତ, ହୁଏତ ସେଥିପାଇଁ ସିଏ ତା' ସହିତ ଭଲରେ ଦୁଃଖସୁଖ ହୋଇପାରୁଛି । ତୋ ଭାଇ ଭଲହେବା ପରେ, ମୁଁ ସେମାନଙ୍କ ପରିବାରକୁ ଘରକୁ ଡାକିବି ।"

ଖୁଡ଼ୀ - "ବହୁତ ଭଲକଥା ।"

ପଦ୍ମା ସବୁ ଶୁଣିଲା । ଛାତି ଭିତରଟା କାହିଁକି କେମିତି ହୋଇଗଲା । ପରମାନନ୍ଦ ଏବେ ତାର ସ୍ୱାମୀ । ଅନ୍ୟ ଝିଅମାନଙ୍କ ସହିତ ଏତେଟା ଅନ୍ତରଙ୍ଗ ହୋଇ ମିଶିବା କଣ ବିବାହିତ ପୁରୁଷଙ୍କୁ ଶୋଭାପାଏ ?

ପୁଣି ଯେମିତି କଏ ଆଶ୍ୱାସନା ଦେଲା, "ନାଇଁ, ପରମା ସେମିତି ନୁହଁନ୍ତି । ଏଇଟା କେବଳ ବନ୍ଧୁତ୍ୱର ସଂପର୍କ । ତାପରେ ତିଲୁର ଚକସ୍ତାରେ ଏବେ ତୋ ଶ୍ୱଶୁର ଖୁବ୍‌ଶୀ ଭଲହୋଇଯିବାର ଆଶା ରହିଛି । ତୁ ଖୁସି ନହୋଇ ଏମିତି ଅସଂଗତ କଥା କାହିଁକି ଭାବୁଛୁ? "

ପରମାନନ୍ଦ ତା' ପରଦିନ ଫେରିଆସି ଶୁଭଖବର ଦେଇଥିଲା । "ବାପା ଆଜି ଆଖି ଖୋଲି ଚାହିଁଲେ ।"

ଘରେ ସମସ୍ତେ କୃତକୃତ୍ୟ ହୋଇଗଲେ । "ସେଇଟା ଡିଲୁ ଚମତ୍କାର କରାମତି ।"

ପରମା କହିଲା, "ହଁ ତ । କାଲି ମୁଁ ତାକୁ ତା' ଘରେ ଛାଡି ହସ୍‌ପିଟାଲ୍ ଗଲି । ହେଲେ ସିଏ ନାଇଟ୍ ଡ୍ୟୁଟିରେ ଥିବା ଡାକ୍ତରଙ୍କ ସହିତ କଥାବାର୍ତ୍ତା କରି ପୁଣି ଡିଉଟିକୁ ଚାଲିଆସିଲା । ପଚାରିବାରୁ ଉତ୍ତରଦେଲା ଯେ କାହିଁକି କେଜାଣି ତାକୁ ଲାଗିଲା ବାପାଙ୍କର କିଛି ମିରାକଲ୍ ହେବାକୁ ଯାଉଛି, ଆଉ ତାର ସେ ସମୟରେ ଉପସ୍ଥିତ ରହିବା ଦରକାର ।"

ଖୁଡୀ କହିଲେ, "ଆଉ ସେଇଟା ସତହେଲା । ହଁ, ସିଏ ତ ଆମ ପାଇଁ ଭାଗ୍ୟଦେବୀ ସାଜି ଆବିର୍ଭୂତ ହୋଇଛନ୍ତି ।"

ଏମିତି ସାରା ପରିବାର ଡିଲୁକୁ ପ୍ରଶଂସାରେ ଭସାଉଥିବା ବେଳେ ପଦ୍ମା ନିଜକୁ ଭାବୁଥିଲା ଅଲୋଡା, ଅପଦାର୍ଥ ମଣଷଟିଏ, ଯିଏ ଅମଙ୍ଗଳ ଭାଗ୍ୟ ନେଇ ଏ ଘରକୁ ଆସିଲା ।

କଲିକତାର ରିସେପ୍‌ସନ୍ ବନ୍ଦ ହେବାର ଖବର ପରମାନନ୍ଦ ପ୍ରମୋଦକୁ ଦେଇଥିଲେ । କାରଣ ବିଷୟରେ ଜଣେଇଥିଲେ ଯେ ସେମାନେ କିଛିଦିନ ଗାଁରେ କଟେଇ କଲିକତା ଫେରିବେ ଓ ତାପରେ ରିସେପ୍‌ସନ୍ ଭୋଜି ଦେବେ ।

ପ୍ରମୋଦ ସେ ସମୟରେ ଟୁର୍ ରେ ଥିଲା, ତେଣୁ ଏତେଟା ଖୋଳତାଡି କିଛି ପଚାରିନ । ଟୁର୍‌ରୁ ଫେରିବାପରେ ପଦ୍ମାକୁ ଫୋନ୍ ରେ ଡାକ ପଚାରିଲା, "ତମେମାନେ କଲିକତା କେବେ ଫେରୁଛ ? ପରମା ଫୋନ୍ କରିଥିଲା ରିସେପ୍‌ସନ୍ ତାରିଖ ଘୁଞ୍ଚିଗଲା ବୋଲି । ହେଲେ କାହିଁକି ? "

ପଦ୍ମା ସତକଥା ଜଣେଇଦେଲା । ଶ୍ୱଶୁର କୋମାରେ ଅଛନ୍ତି ଓ କୋମାରୁ କେବେ ଫେରିବେ, ସେ ଅନିଶ୍ଚିତତା ବିଷୟରେ ବି ଜଣେଇଲା ।

ପ୍ରମୋଦ ଭାରି ରାଗିଲା । "ଏତେବଡ ଘଟଣା ଘଟିଗଲା, ଅଥଚ ମତେ ଜଣେଇଲୁନ ।"

ପଦ୍ମା ବୁଝେଇଲା । "ଘରେ ସମସ୍ତେ ବ୍ୟସ୍ତ ଓ ଦୁଃଖୀ ରହୁଥିଲେ । ତମେ ଆସି ବି କଣ କରିଥାନ୍ତ ? "

ପ୍ରମୋଦ - "ମୁଁ ଜାହ୍ନବୀକୁ ପଚାରି ତାକୁ ନେଇ ତୋ ଶାଶୁଘରକୁ ଯିବି କି ? "

ପଦ୍ମା - "ନାଁ, ସେମିତି ସମୟ ଆସିଲେ ମୁଁ ଜଣେଇବି । ଏବେ ଜଣେ ଚନ୍ଦ୍ରଜଣା ଡାକ୍ତରାଣୀ ତାଙ୍କ ସେବା କରୁଛନ୍ତି ଓ ତାଙ୍କ ଅବସ୍ଥା ଭଲ ହୋଇ ଆସୁଛି । ଭଗବାନ ଚାହିଁଲେ ସିଏ ଶୀଘ୍ର ଭଲ ହୋଇଯିବେ ।"

ପ୍ରମୋଦ - "ଠିକ୍ ଅଛି, ମୁଁ ପରମା ସହିତ କଥାହୋଇ ବୁଝିବି ।"

ପ୍ରତିଦିନ କଛିନା କଛି ଶୁଭଖବର ମିଳୁଥିଲା । ଘରେ ଡିଲୁର ପ୍ରାଧାନ୍ୟ ବଢୁଥିଲା । ସିଏ ଏବେ ବେଳେବେଳେ ପରମାନନ୍ଦଙ୍କ ସହିତ ସେମାନଙ୍କ ଘରକୁ ଚାଲିଆସୁଥିଲା । ତାର ଚର୍ଚ୍ଚାପାଇଁ ପଦ୍ମାକୁ କଯୁକ୍ତି ଦିଆଯାଉଥିଲା । ଥରେ ପଦ୍ମା ଆଗ୍ରହ ପ୍ରକାଶ କରିଥିଲା, "ମୁଁ ଟିକେ ବାପାଙ୍କୁ ଦେଖିବାକୁ ହସ୍‌ପିଟାଲ୍ ଯାଆନ୍ତି ।"

ଖୁଡୀ ଓ ଶାଶୁ ପରସ୍ପରକୁ ଚାହିଁ ଆଖିରେ ଆଖିରେ କଣ କଥାହେଲେ । ତାପରେ ଖୁଡୀ କହିଲେ, "ତୁ ନୂଆବୋହୂଟା, ତୋର ଠିକ୍ ଭାବେ ଅଷ୍ଟମଙ୍ଗଳା ବି ହୋଇପାରିଲାନ । ଘରୁ କାହିଁକି ବାହାରିବୁ । ଏବେ ତ ଡିଲୁ ଅଛନ୍ତି । ସବୁ ଭଲଭାବେ ଦେଖାଶୁଣା କରୁଛନ୍ତି ।"

ପଦ୍ମା ଆଉ କଛି କହିଲାନ । ହେଲେ ତାକୁ ଲାଗିଲା ଯେମିତି ସମସ୍ତେ ତାକୁ ଅମଙ୍ଗଳୀ ଭାବି ଏମିତି ମନାକରୁଛନ୍ତି ।

ଏମିତି ଅଢେଇ ସପ୍ତାହ ବିତିଗଲା । ଶ୍ୱଶୁର ଏବେ କେଉଁ ଚମତ୍କାରିତାର ପ୍ରଭାବରେ କୋମାରୁ ଫେରିଆସିଥିଲେ । ତାଙ୍କୁ ହସ୍‌ପିଟାଲ୍‌ରୁ ଘରକୁ ଅଣାଗଲା । ହେଲେ ସେ ସଂପୂର୍ଣ୍ଣ ସୁସ୍ଥ ହୋଇନଥାନ୍ତି । ଘରେ ତାଙ୍କର ଚକସାପାଇଁ ଡିଲୁ ସମସ୍ତଙ୍କୁ ତାଲିମ

କରିଦେଲା । ପଦ୍ମାକୁ କହିଲା, "ସିଏ ଓଡିଆ ବହି ପଢିବାକୁ ଭଲପାଆନ୍ତି । ତମେ ତାଙ୍କୁ ପ୍ରତିଦିନ ଘଣ୍ଟାଏ ଲେଖାଏଁ ଯେ କୌଣସି ଓଡିଆ ଉପନ୍ୟାସ କ କାହାଣୀ ପଢେଇ ଶୁଣାଅ ।"

ଶାଶୁ କହିଲେ, "ତିଲୁ, ତୁ ହସ୍‌ପିଟାଲ୍ ଡ୍ୟୁଟି ପରେ ଆମଘରେ ଆସି ରହିଯାଉନୁ । ଟିକେ ତୋ ମଉସାଙ୍କ ଅବସ୍ଥା ତଦାରଖ କରିପାରନ୍ତୁ ।"

ତିଲୁ ଖୁସି ହୋଇ ଉତ୍ତରଦେଲା, "ସେଇକଥା ତ ମୁଁ କହିବାକୁ ଗ୍ଚହୁଁଥିଲି । ମଉସା ଆଉଟିକେ ଭଲହେବା ପର୍ଯ୍ୟନ୍ତ ମୁଁ ଡିଉଟି ପରେ ଆସି ଏଠି ରହିଯିବି । ସୁଲୁଦିଦିକୁ ବି ଏକଥା ଜଣେଇଦେବି ।"

ସେଦିନ ପରଠାରୁ ତିଲୁ ସବୁଦିନ ଘରକୁ ଆସିଲା । ଘରେ ସମସ୍ତେ ଖୁସିରେ ଗଦ୍‌ଗଦ ହୋଇଯାଉଥିଲେ । ଆନନ୍ଦର ଲହରୀ ଛୁଟୁଥିଲା । ପଦ୍ମା ଶ୍ୱଶୁରଙ୍କୁ ସନ୍ଧ୍ୟାପରେ କାହାଣୀ ପଢି ଶୁଣାଉଥିଲା । ପରମେଶ୍ୱର ତିଲୁକୁ ନେଇ ହସ୍‌ପିଟାଲରେ ଛାଡୁଥିଲେ ଓ ତାକୁ ଘରକୁ ଆଣୁଥିଲେ । ସେମାନେ ମିଶି ରେଷ୍ଟୁରାଣ୍ଟ ଯାଉଥିଲେ, ଶପିଙ୍ଗ୍ କରିବାକୁ ଯାଉଥିଲେ ।

ଆଉ ଦୁଇ ସପ୍ତାହ ଏମିତି ବିତିଗଲା । ତିଲୁ କହିଲା, "ଏବେ ମଉସାଙ୍କୁ ତମେ କଲିକତା ନେଇ ଯାଇପାରିବ ।"

ପରମାକୁ କହିଲା, "ତୋର ବି ଆମେରିକା ଫେରିବାରେ କଛି ପ୍ରବ୍ଲେମ୍ ନାହିଁ । ମୋର କଲିକତାରେ ଜଣେ ଡାକ୍ତର ସାଙ୍ଗ ଅଛି । ମୁଁ ତାକୁ କହିବି, ମଉସାଙ୍କୁ ଆସି ଚେକ୍ କରୁଥିବ ମଝିରେ ମଝିରେ । ତାପରେ ମୁଁ ବି ବେଳେବେଳେ ଯାଇପାରିବି ।"

ତିଲୁ ପଦ୍ମାକୁ ପଚ୍ଚରିଲା, "ତମେ ବି କଣ ପରମା ସହିତ ଏବେ ଆମେରିକା ଯିବ ନା କଛିଦିନ ପରେ ଯିବ ?"

ପଦ୍ମାର ଭିସା ବିଷୟରେ ଏପର୍ଯ୍ୟନ୍ତ କଛି ବୁଝାବୁଝି ହୋଇନ । ଅବଶ୍ୟ ସେମାନେ ବାହାଘର ପୂର୍ବରୁ ବାହାଘର ରେଜେଷ୍ଟ୍ରି କରିଦେଇଥିଲେ ଓ ପଦ୍ମାର ଭିସାପାଇଁ ଦରଖାସ୍ତ ପଠେଇଥିଲେ, ତେବେ ଏବେ ସେ ଦରଖାସ୍ତର ଷ୍ଟାଟସ୍ କଣ ଜଣାପଡିନ ।

ପଦ୍ମା ପାଟିରୁ ବାହାରିଗଲା, "ମୋର ତ ଏପର୍ଯ୍ୟନ୍ତ ଭିସା ହୋଇନ । ତମେ ମତେ ଯଦି କଛି ତାଲିମ ଦେଇପାରିବ, ତେବେ ମୁଁ ଏଠି ରହି ବାପାଙ୍କର ସେବାକ ରିପାରିବି ।"

ଡିଲୁ କହିଲା, "ସେଇକଥା ମୁଁ ଭାବୁଥିଲି । ତମେ ନିଶ୍ଚୟ ପାରିବ ।"

ଶାଶୁ କଣ ବାରଣ କରି ଆସୁଥିଲେ । ତେବେ ଡିଲୁ ତାଙ୍କୁ ସେ ସୁଯୋଗ ନଦେଇ ପଦ୍ମାକୁ ଡାକନେଇ ଶ୍ୱଶୁରଙ୍କ ରୁମ୍ ଭିତରକୁ ଗ୍ଲଲିଗଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବସନ୍ତରେ ଝରାପତ୍ରର ଦୁଃଖ



ଜୀତେନ୍ଦ୍ରିୟ ବେହେରା

ସଖୀ,

ଧାନ ପୋକରା ହେଲାଣି କେବେଠୁ କୋଠିରେ
ସବୁ ଦଗ୍ଧ ଦାଗ ହେଲାଣି ଛାତିରେ
ଯେତେଥର କୋଠିର ଦରଜା ଖୋଲିଛି
ଅବା ହୃଦୟର ଦଗ୍ଧକୁ ପୋଛିଚ
କାହିଁକ କେଉଁ ଭୟରେ
ମୋ' ଭିତରେ ଛନକା ପଶିଛି ।

ସେଦିନ ଗଛ ଆଜି କେତେ ବଡ
ସେଦିନ ରାସ୍ତା ଏବେ କେତେ ମୋଡ
କେତେ କେତେ ଘା' ସବୁ ବଡରୋଗୀ
କେତେ ପୁଣି ବିନା ଚକସ୍ତାରେ
ଆପେ ଆପେ ଗଲାଣି ତ ଦବି।

ସେଦିନ ସୁହାଗ ଆଜି ତୁମ ପାଇଁ
ବ୍ୟାପ୍ତ ଅନୁରାଗ
ସେଦିନର ଛୁଆଁ ଛୁଇଁ ଏମିତି ଏବେ
ଅଟେ ଦୁରାରୋଗ୍ୟ
ସେଦିନର ଫିକା ଫିକା ଜହ୍ନରାତି
ଆଜି ପରା ନିବିଡ ଅନ୍ଧାର
ସେଦିନ ସେ ବାହୁର ଆଶ୍ଲେଷ
ତୁମ ଲାଗି ମୋର, ମୋ ଲାଗି ତୁମର
ଭୁତଳର କେଉଁ ଏକ ଜୀର୍ଣ୍ଣ କାରାଗାର।

ସେଦିନର ତୁମ ଓଠ ଆଜି ଅଛି
ନାହି ତା'ର ଅଲିଅଳ ଚୁମା
ତୁମର ସେ ଗହଗହ କବରୀ
ଦେଉ ନାହିଁ ଅନ୍ଧାର ଉପମା
ଆଖି ତୁମ ହରିମାଖୀ
ଝୁମୁଥାଏ ନଦର ମହୁଲେ
ଏବେ ଯେବେ ତୁମକୁ ମୁଁ କୋଳ କରେ
ସତ କହ ତୋ ଦେହରୁ ସେଦିନର
ଉନ୍ମାଦ କ ମିଳେ ।

ତୁ ବି ଫେରାଇ ଦେ
ମୁଁ ଦେବି ଫେରାଇ
ନହେଲେ ସେ ଧାନ ସବୁ ଦିନା କେତେ
ଗ୍ଳଲିଯିବେ ଅଗାଡିକୁ ରୂପାନ୍ତର ହୋଇ ।

ଡଭାର, ବାମନାଳ, ଗୋପ, ପୁରୀ

# ପ୍ରୀତି ପଥ



ନିର୍ମଳ କୁମାର ଦଳାଇ

ପ୍ରୀତିପଥ କଣ୍ଟକତ
ସାଥି, ମରୁ ମରୀଚକା
ଜାଣେନାହିଁ କେତେବାଟ
ଚାଲିବି ମୁଁ ଏକା ଏକା ।

ଚାହିଁନାହିଁ ମନ ଯେବେ
ବାଟେଇଲୁ ହାତ ଧରି,
ପାଦ ଆଜି ପାଦ ଖୋଜେ
ଛାଡିଗଲୁ ଏକାକରି ।

ପ୍ରେମର ପରିଭାଷା
ହୃଦୟେ ଜଳୁଛି ,
ଋତୁ ସାଥେ ରଙ୍ଗ ବି
ବଦଳ ଯାଇଛି ।

ଶବ୍ଦମାନେ ଶୂନ୍ୟସିକ୍ତା
ଆଖି ଯେ ଗୁମୁରି କାନ୍ଦେ,
ହସ ବି ଅଭିନୟ କରେ
ଓଠର ପ୍ରତିଛନ୍ଦେ ।

ଜୀବନ ବେଳାଭୂମିରେ
ଗୋଧୂବାଲି ମିତ,
ଗହଳ ନଦରେ ଆଜି
ସ୍ୱପ୍ନ ପରାଜିତ ।

ପାଇକସାହି, ବ୍ରହ୍ମଗିରି , ପୁରୀ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ତୁମକୁ ଖୋଜୁଛି



ପ୍ରଶାନ୍ତ କୁମାର ନାଥ

ତୁମକୁ ଖୋଜୁଛି
ସାଗର ବେଳାରେ
ତୁମକୁ ଖୋଜୁଛି
ମୃଦୁ୍ୟ ମଳୟରେ ।
ତୁମକୁ ଖୋଜୁଛି
କବିତା ଛନ୍ଦରେ
ତୁମକୁ ଖୋଜୁଛି
ଫୁଲ ସୁଗନ୍ଧରେ ।
ତୁମକୁ ଖୋଜୁଛି
ଗପ ଓ ଗୀତରେ
ତୁମକୁ ଖୋଜୁଛି
ଶୀତ ବସନ୍ତରେ ।
ତୁମକୁ ଖୋଜୁଛି
ସକାଳ ପହରେ
ତୁମକୁ ଖୋଜୁଛି
ସଞ୍ଜ ଲଗନରେ ।

ତୁମକୁ ଖୋଜୁଛି
ସ୍ୱଗରେ ରଷାରେ
ତୁମକୁ ଖୋଜୁଛି
ପ୍ରୀତି ପ୍ରଣୟରେ ।
ତୁମକୁ ଖୋଜୁଛି
ମନ ଇଲ୍‌କାରେ
ତୁମକୁ ଖୋଜୁଛି
ପ୍ରତି ମୁହୂର୍ତ୍ତରେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ସାହିତ୍ୟ ଦୃଷ୍ଟିରୁ ଓଡିଆ ଭ୍ରମଣ କାହାଣୀ

ପ୍ରିୟବ୍ରତ ପାତ୍ର

( ପ୍ରଥମ ଭାଗ)

ସାହିତ୍ୟର ପ୍ରକାରଭେଦକୁ ନେଇ ଓଡିଆ ଭ୍ରମଣ ସାହିତ୍ୟରେ ଏଯାବତ୍ କୌଣସି ବିଧିବଦ୍ଧ ଗବେଷଣା ହୋଇନାହିଁ । ଏଥିରେ ଥାଏ ଆବେଗ, ନାଟକୀୟତା, ସଂଯୋଜନା, ସାବଲୀଳତା, କଳ୍ପନା, ଦର୍ଶନ ଇତ୍ୟାଦି ଅନେକ କଥା । ଲେଖକର ଜ୍ଞାନ, ଅନୁଭବ, ସମ୍ବେଦନଶୀଳତା, ଅନ୍ତଃଦୃଷ୍ଟି ତଥା ଚେତନାର ସ୍ତର ଉପରେ ନିର୍ଭର କରେ ସାହିତ୍ୟର ସ୍ଫୁରଣ । ଓଡିଆ ଭାଷାରେ ଯେଉଁସବୁ ଭ୍ରମଣ ସାହିତ୍ୟ ରଚନା କରାଯାଇଛି ସାହିତ୍ୟ ଦୃଷ୍ଟିରୁ ଏକ ମନୋବୈଜ୍ଞାନିକ ଦୃଷ୍ଟିକୋଣ ନେଇ ସେସବୁର ବର୍ଗୀକରଣ କରାଯାଇପାରେ । ଏଭଳି ଏକ ପ୍ରଚେଷ୍ଟା ଓଡିଆ ଭାଷାରେ ଆରମ୍ଭ ମାତ୍ର । ଆଗାମୀ ଦିନରେ ନୂଆ ପିଢି ଏହାକୁ ଅଧିକ ସଠିକ ଭାବେ ଯୁକ୍ତିସଂଗତ ଭାବେ ଅଲଗା ପୁସ୍ତକର କରିପାରିବେ । ଆଗାମୀ ଦିନର ସୁଚିନ୍ତିତ ବର୍ଗୀକରଣ ପାଇଁ ବର୍ତ୍ତମାନର ଏହି ପ୍ରୟାସ ଏକ ପ୍ରାରମ୍ଭିକ ସୋପାନ ମାତ୍ର ।

ଯଦିଓ ସବୁ ପ୍ରକାର ଭାବର ଊଣା- ଅଧିକ ଉପସ୍ଥିତି ସର୍ବତ୍ର ପାଠକଙ୍କ ଦୃଷ୍ଟିରେ ପଡିଥାଏ, ତଥାପି, ତା ଭିତରେ ଥିବା କେନ୍ଦ୍ରୀୟ ସତ୍ୟଟି ହେଉଛି ସେହି ପୁସ୍ତକର ମୂଳ ପରିଚୟ । ସାହିତ୍ୟ ଦୃଷ୍ଟିରୁ ବିଭିନ୍ନ ଭ୍ରମଣକାହାଣୀକୁ ନିମ୍ନ ମତେ ବର୍ଗୀକରଣ କରାଯାଇପାରେ:

1. ବିଳାସଧର୍ମୀ ପର୍ଯ୍ୟଟନ ସାହିତ୍ୟ : ଜଣେ ଟୁରିଷ୍ଟ ଓ ଜଣେ ପରିବ୍ରାଜକଙ୍କ ଭିତରେ ଥାଏ ବହୁତ ଫରକ । ଜଣେ ନିଜ ବ୍ୟସ୍ତବହୁଳ ଜୀବନରୁ ମୁକୁଳି, ହାଲକା ଭାବେ କିଛିଦିନ ବିତେଇବାକୁ ବାହାରେ । ଏକ ଟୁରିଷ୍ଟ ସାଜି ଭିନ୍ନ ଇଲାକାରେ, ଭିନ୍ନ ପରିବେଶରେ କଟାଏ । ଜଣେ ଟୁରିଷ୍ଟ ସବା ଆଗ ସୁରକ୍ଷା, ସୌଖିନ ଓ ଆରାମ ଉପରେ ପ୍ରାଧାନ୍ୟ ଦେଇଥାଏ। ବିଦେଶରେ ଏହି ଧର୍ମୀ ଅନେକ ସାହିତ୍ୟ ଅଛି, କିନ୍ତୁ ଓଡ଼ିଆରେ ସେଭଳି କିଛି ନାହିଁ।

ଆଗାମୀ ଦିନରେ ବିଭିନ୍ନ କମ୍ପାନୀ ତରଫରୁ ପ୍ୟାକେଜ ଟୁରର ଭରପୁର ବ୍ୟବସ୍ଥା ଉପଲବ୍ଧ ହେବ । ଘର ମୁହଁ କୁ ଗାଡି ଆସି ଆପଣଙ୍କୁ ଉଠେଇ ନେଇଯିବା ଏବଂ ନିର୍ଦ୍ଧାରିତ ଯୋଜନା ଅନୁସାରେ ସବୁକିଛି ଆଗେଇ ଚାଲିବ । ଆପଣଙ୍କ ରୁଚିକୁ ନଜର ରଖି ସର୍ବତ୍ର ଖାଇବା ବ୍ୟବସ୍ଥା, ରହିବା ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଏପରିକି ଗାଇଡ଼ ର ବ୍ୟବସ୍ଥା ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ। ଆଗାମୀ ଦିନରେ ପର୍ଯ୍ୟଟନ କହିଲେ ଏହାହିଁ ବୁଝାଇବ। ଏଥିରେ ରୋମାଞ୍ଚକତା ବା ଶିହରଣ ନଥିବ । ଏହି କ୍ରମରେ ଜଣେ ନନ୍ଦନକାନନ ଆସି ଧଳା ବାଘ ଦେଖି ଯେତିକି ଆମୋଦିତ ହୋଇଥାଏ, ମୁକ୍ତ ଭାବେ ବୁଲି ଆଉ ଜଣେ, ନୂଆ ଭୂଖଣ୍ଡରେ ଦୌଡ଼ି ପଳାଉଥିବା ଗୁଣ୍ଡୁଚିଟିଏ ଦେଖି ହୁଏତ ତତୋଧିକ ମୁଗ୍ଧ ହୋଇପାରେ ।

ଜଣେ ବିଳାସୀ ପର୍ଯ୍ୟଟନରେ ବାହାରିଲେ ସବା ଆଗ ଖୋଜିଥାଏ କୋଉଠି ମିଳିବ ସର୍ବୋତ୍ତମ ରହିବା ବ୍ୟବସ୍ଥା, ବଜାର, ଗହଣା ଦୋକାନ, ପୋଷାକ ଦୋକାନ, ଖାଇବା ପାଇଁ ସର୍ବୋତ୍ତମ ହୋଟେଲ । ଓଡ଼ିଆରେ ଏ ପ୍ରକାର ମାନସିକତାକୁ ନେଇ ଭ୍ରମଣକାହାଣୀ ନାହିଁ । ଲେଖାହେଲେ, ସେସବୁ ଶୋଭା ଦେ ଙ୍କ ଉପନ୍ୟାସ ପରି ଲାଗିବ ।

ବାହାହୋଇ ସଂସାର ଆରମ୍ଭ କରୁଥିବା ନବଦମ୍ପତ୍ତି ନୂଆ ଜାଗାକୁ ବୁଲିବାକୁ ଯାଇଥାନ୍ତି । ସେମାନେ ନିଜକୁ ନେଇ, ପରସ୍ପରକୁ ନେଇ ତଥା ଭବିଷ୍ୟତକୁ ନେଇ ଏତେ ସ୍ୱପ୍ନ ବିଭୋର, ସେହି ସମୟର ମନେପକେଇ ସାହିତ୍ୟ ଲେଖିବା ମାନସିକତାରେ ନଥାନ୍ତି। ଏ ରକମର ମଧୁଚନ୍ଦ୍ରିକାଧର୍ମୀ ଭ୍ରମଣ ସାହିତ୍ୟ ଓଡ଼ିଆରେ ନାହିଁ ।

ଡାକ୍ତରଙ୍କ ପରାମର୍ଶ କ୍ରମେ, ନିଜର ଚିହ୍ନାଜଣା ଘରଦ୍ୱାର ଓ ସହର ଛାଡି ଜଣେ ଅନ୍ୟତ୍ର କିଛିଦିନ ମନପରିବର୍ତ୍ତନ ପାଇଁ ବା ବିଶ୍ରାମ ପାଇଁ ଗ୍ଲେଲିଯାଏ । ଖବରକାଗଜ, ଟି.ଭି., ମୋବାଇଲ ତଥା ରୀତିମତ ଧାଁ ଧପଡରୁ ମୁକ୍ତ ରହି ସେ ନିରବରେ ଶକ୍ତି ସଂଗ୍ରହ କରିଥାଏ । ଏହା ଏକ ଚିକିତ୍ସାଧର୍ମୀ ପର୍ଯ୍ୟଟନ । ଦୀର୍ଘଦିନର କ୍ଳାନ୍ତିକର କାର୍ଯ୍ୟରେ ବିରତି ଆଣିବା ପାଇଁ ଏମିତି ବିଶ୍ରାମ ନେବା ଜରୁରୀ ହୋଇପଡେ । କିଛି ଓଡିଆ ସିନେମାରେ

ଏଭଳ ପରିସ୍ଥିତିକୁ ନେଇ କାହାଣୀଟି ଆଗକୁ ବଢିଥିବା ଦେଖୁ । କନ୍ତୁ ସାହିତ୍ୟରେ ଏପରି ବିଶ୍ରାମଧର୍ମୀ ପର୍ଯ୍ୟଟନ କଥା ଆମ ଭାଷାରେ ଆଦୌ ନାହିଁ ।

କେବଳ ମନୋରଞ୍ଜନ ପାଇଁ ମଧ ଲୋକେ ବୁଲିଥାନ୍ତି । ସେମାନେ କୌଣସି ଶୈଳନବାସରେ ରହନ୍ତି, ବିଦେଶ ଯାଆନ୍ତି, ଜଳ ଜାହାଜରେ ରହନ୍ତି, ମଦଶାଳାରେ ନାଚଗୀତରେ ବା ଜୁଆଖେଳ, କାସିନୋ ଭିତରେ ବୁଡି କରି ରହନ୍ତି । ଓଡିଆରେ ଏପରି ଖାଣ୍ଟି ମନୋରଞ୍ଜନଧର୍ମୀ ଭ୍ରମଣ ସାହିତ୍ୟ ନାହିଁ ।

୨. ନର୍ଦ୍ଦିଷ୍ଟ ଆଭିମୁଖ୍ୟଧର୍ମୀ: ଜଣେ ପରିବ୍ରାଜକ ଯେବେ କୌଣସି ଏକ ନର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ଆଦର୍ଶକୁ ନେଇ ବୁଲି ବାହାରେ, ସେ ସବା ଆଗ ଯାହା ଦେଖିବ ବୋଲି ଧରିନେଇଥାଏ, ତାହା ହିଁ ଦେଖିଥାଏ । ତା'ର  ମନ ବା ଆଖିରେ ବିନାନୁମତିରେ ପ୍ରକୃତିର ସୌନ୍ଦର୍ଯ୍ୟ, ମାନବ ଜୀବନର ବହୁବିଧ ରୂପ, ବିଭିନ୍ନ ଅର୍ଦ୍ଧସତ୍ୟ ଉପରେ ଆଧାରିତ ସଂସ୍କୃତି, ପରମ୍ପରା ଆଦି କଛି ମଧ ତାଙ୍କ ଭିତରକୁ ପ୍ରବେଶ କରିବାକୁ ସକ୍ଷମ ହୋଇନଥାଏ । ଭାରତକୁ ବୁଲି ଆସୁଥିବା ଅଧିକାଂଶ ପାଶ୍ଚାତ୍ୟ ଲେଖକ ଏମିତି ଏକ ବିଧିବଦ୍ଧ ଧାରଣା ନେଇ ଆସିଥାନ୍ତି । ସେମାନେ ଏଠାରେ କେବଳ ସାପନାଚ, ବୁଲାଷଣ୍ଢ, ଦରିଦ୍ର ଓ ନାଳନର୍ଦ୍ଦମା ଦେଖିଥାନ୍ତି । ଅନ୍ଧଙ୍କ ପରି ଭାରତକୁ ଆକଳନ କରନ୍ତି  । କଏ ଆସେ ଭାରତର ଅସଂଖ୍ୟ ଅନ୍ଧଲୋକଙ୍କୁ ଦେଖିବାକୁ, କଏ ଝୁମ୍ପୁଡିବାସୀଙ୍କୁ ଦେଖିବାକୁ ଆସେ, କଏ ଦାରିଦ୍ର୍ୟ ଦେଖିବାକୁ ତ କଏ ଖାସ୍ କରି ରେଡ୍ ଲାଇଟ୍ ଏରିଆର ଜନଜୀବନ ଦେଖିବାକୁ ଆସିଥାଏ ।

Behramiji Malbari ଜଣେ ପାର୍ସି ଥିଲେ ଏବଂ ସେ ଯେଉଁ ଭିନ୍ନ ଦୃଷ୍ଟିକୋଣ ନେଇ ଇଂଲଣ୍ଡକୁ ଦେଖିଥିଲେ, ତାର ପ୍ରତିଫଳନ ଥିଲା **English Life** । ତାଙ୍କର ପୁସ୍ତକରେ ସେ ଲେଖିଛନ୍ତି - ବ୍ରିଟିଶମାନେ ଅତିମାତ୍ରାରେ ଅନ୍ଧବିଶ୍ୱାସୀ, ଅଳସୁଆ, ପରଶ୍ରୀକାତର, ଝଗଡାପ୍ରିୟ, ଅଶାନ୍ତ ତଥା ଧର୍ମଭାବନାହୀନ । ଇଂଲଣ୍ଡକୁ ବିଦାୟ ଦେଲାବେଳେ ସେ ଲେଖିଛନ୍ତି - "ଏବେ ଲଣ୍ଡନକୁ ପରିଶେଷରେ ବିଦାୟ । ଗନ୍ଧିଆ ପାଣିର ଟୁବି ଗଡିଆ, ଗୋଟିଏ ଜୀବନ ଯାହାକି ସ୍ଫିତ ହୋଇ ଫୁଲିଫୁଲି ସାଗର ପରି ଦିଶୁଛି । ଇଂଲଣ୍ଡ ହେଉଛି ବୃହତ୍ତମ, କଦର୍ଯ୍ୟତମ,

ଏପରିକି ଲୌହଯୁଗର ଏକ ଶକ୍ତିଶାଳୀ ରାଷ୍ଟ୍ର ।" ଏହି ବହିଟିରେ ଓଡିଆ ଅନୁବାଦ ଏଯାବତ୍ ହୋଇନାହିଁ । ଉମେଶ ପଟ୍ଟନାୟକଙ୍କ ଦୁଇଟି ବହି "ପ୍ରାଚ୍ୟ ଦୃଷ୍ଟିରେ ପାଶ୍ଚାତ୍ୟ" ଓ "ଯୀଶୁଙ୍କ ଦେଶରେ ଜଣେ ହିନ୍ଦୁ ତୀର୍ଥଯାତ୍ରୀ" ଏଭଳି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଥିବା ଭ୍ରମଣ କାହାଣୀ । ଶତଶତ ବର୍ଷର ଲାଞ୍ଛନା ଓ ଅପମାନ ସହିବା ପରେ, ଜଣେ ହିନ୍ଦୁ ବାଧ୍ୟ ହେଉଛି ଖ୍ରୀଷ୍ଟିଆନ୍ ତଥା ମୁସଲମାନ ଦେଶମାନଙ୍କରେ ଗୁଲିଥିବା ଧାର୍ମିକ ମତାନ୍ଧତା ତଥା ବର୍ବରତା ବିଷୟରେ କହିବାକୁ । ପଟ୍ଟନାୟକ ସାରଙ୍କ ପ୍ରଚଣ୍ଡ ଯୁକ୍ତିନିଷ୍ଠତା, ଅନୁସନ୍ଧିତ୍ସା ଓ ସତ୍ୟ ଉଦଘାଟନ ଦିଗରେ ପ୍ରତିବଦ୍ଧତା ଦେଖି ବିସ୍ମିତ ହେବାକୁ ପଡେ । ଏସବୁ ଲେଖାରେ ଗାମ୍ଭୀର୍ଯ୍ୟ ଥାଏ, ଗଭୀରତା ଥାଏ, ଯୁକ୍ତି ଥାଏ କିନ୍ତୁ ବିସ୍ତାର ନଥାଏ, ବିବିଧତା ନଥାଏ କି ସୌନ୍ଦର୍ଯ୍ୟବୋଧ ନଥାଏ । ମଣିଷର ଚରମ ସ୍ୱାଧୀନତା ଓ ମୁକ୍ତି ସମ୍ପର୍କରେ ମତବ୍ୟକ୍ତ କରୁଥିବା ସ୍ୱାଧୀନଚେତା ସୁରେନ୍ଦ୍ର ମହାନ୍ତି ସବୁବେଳେ ଥିଲେ କମ୍ୟୁନିଷ୍ଟ ବିରୋଧୀ । ତାଙ୍କର "ପେକିଂ ଡାଏରି" ସେଭଳି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ନେଇ ଲେଖାଯାଇଛି ।

ଓଡିଆ ଭ୍ରମଣ ସାହିତ୍ୟର ଏକ ଅମୂଲ୍ୟ ସଂପଦ "ଶିଳାତୀର୍ଥ" ରେ ଚିତ୍ତରଞ୍ଜନ ଦାସ ସବାଆଗ ମଣିଷର ଦୁଃଖ, ଦୁର୍ଦ୍ଦଶା, ଯନ୍ତ୍ରଣା, ଭୋକ ଓ ଶୋଷକୁ ଦେଖିଛନ୍ତି । ତେଣୁ ହିମାଳୟର ତମାମ ସୌନ୍ଦର୍ଯ୍ୟ ସତ୍ତ୍ୱେ ଦେବାଦେବୀଙ୍କୁ ନେଇ ରହିଥିବା ଅସଂଖ୍ୟ କାହାଣୀ କିମ୍ବଦନ୍ତୀ ସତ୍ତ୍ୱେ, ସେ ବାରବାର ଫେରି ଆସିଛନ୍ତି ମଣିଷ ପାଖକୁ । ମଣିଷକୁ ଘେରି ରହିଥିବା ସମ୍ଭାବନାକୁ ନେଇ ସ୍ୱପ୍ନ ଦେଖିଛନ୍ତି, ଆଶାୟୀ ହେଇଛନ୍ତି । ପୂଜା ପାଉଥିବା ଦେବତା ଓ ଭଗବାନଙ୍କୁ ସେ ତୁଚ୍ଛା ଶିଳା ରୂପରେ ଦେଖିଛନ୍ତି ସିନା ସେଥିରେ ଦେବତ୍ୱ ଆରୋପ କରିନାହାନ୍ତି । ଏହି କାଳଜୟୀ ରଚନା ଜ୍ଞାନଗାରିମା ଓ ଭାଷା ଚାତୁର୍ଯ୍ୟ ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଉପରେ ପ୍ରତିଷ୍ଠିତ ।

**୩. ଶିକ୍ଷାଧର୍ମୀ ବା ଗବେଷଣାଧର୍ମୀ ଭ୍ରମଣ ସାହିତ୍ୟ:** ନିଜର ଗବେଷଣାମୂଳକ ଜ୍ଞାନକୁ ପାଠକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପର୍ଯ୍ୟଟନ କାହାଣୀ ସବୁ ଲେଖାଯାଇଥାଏ ।

ଏଥିରେ ତୁଚ୍ଛା ଆବେଗ, ଶବ୍ଦ ଆଡମ୍ବର ବା ସୌନ୍ଦର୍ଯ୍ୟବୋଧକୁ ବାଦଦେଇ ଜ୍ଞାନର ଦୀପ୍ତି ଦ୍ୱାରା ପାଠକ ମନରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବା ନମନ୍ତେ ପ୍ରୟାସ ଜାରି ରହିଥାଏ । ଚତ୍ତରଞ୍ଜନ ଦାସଙ୍କ ଲିଖିତ "ଆମେରିକାରୁ ଆସିଲି", "ଏରତାଜ୍ ଇସ୍ରାଏଲ୍", "ଭାରତରୁ ଚୀନ୍", "ଗଞ୍ଜାମ ମାଳରେ ସାତଦିନ", "ସାଗର ପଥ", "ସାଗର ଯାତ୍ରୀ", "ଡେନମାର୍କ ଚିଠି" ଆଦି ଏପରି ଶିକ୍ଷାଧର୍ମୀ ଭ୍ରମଣ ସାହିତ୍ୟ । ଶ୍ରୀହର୍ଷ ମିଶ୍ରଙ୍କ "ବିପୁଳାଚ ପୃଥ୍ୱୀ", ଅବକାଶ ବେଉରୀଆଙ୍କ "ମ୍ୟାନମାରରୁ ମାଡଗାସ୍କର", ଗୋକୁଳାନନ୍ଦ ମହାପାତ୍ରଙ୍କ "ନୀଳଚକ୍ରବାଳ ସେପାରେ", ବଳରାମ ସାହୁଙ୍କ "ଗୋଟିଏ ଜର୍ମାନୀ ଗାଁ ରେ ଦଶଦିନ", ପ୍ରମୋଦ କୁମାର ମହାପାତ୍ରଙ୍କ "ଆଜିର ଆମେରିକା, ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ "ପାଶ୍ଚାତ୍ୟ ଅନୁଭୂତି", କୁଞ୍ଜ ବିହାରୀ ଦାସଙ୍କ "ଆମେରିକା", କଶୋରୀ ଚରଣ ଦାସଙ୍କ "କାନାଡା ଡାଏରୀ" ଆଦି ସେଭଳ ଶିକ୍ଷାଧର୍ମୀ ଭ୍ରମଣ କାହାଣୀ ।

ଓଡିଶାରେ ଅନେକ ଗବେଷଣା ଗ୍ରଲିଛି, କନ୍ତୁ ଭ୍ରମଣଧର୍ମୀ ଗବେଷଣାକୁ ନେଇ ସାହିତ୍ୟ ଖୁବ୍ କମ୍ । ଦ୍ୱୀପ ଜଙ୍ଗଲ, ଗୁମ୍ଫା, ସୁଡଙ୍ଗ, ବର୍ଷାବନ ଆଦିକୁ ଗବେଷଣା ପାଇଁ ଯାଇଥିବା ଲୋକଙ୍କ ଦ୍ୱାରା ବିଦେଶରେ ପ୍ରଚୁର ଭ୍ରମଣ କାହାଣୀ ରହିଛି । ଓଡିଶାରେ ଯେଉଁ ବିସ୍ତୀର୍ଣ୍ଣ ଆଦିବାସୀ ବହୁଳ ଜନଜୀବନ ରହିଛି – ସେସବୁକୁ ନେଇ ଯଥେଷ୍ଟ ସମାଜ ବିଜ୍ଞାନ ବା ନୃତତ୍ତ୍ୱ ବିଜ୍ଞାନ ବହି ସବୁ ରହିଛି । ଅଥଚ ସେସବୁକୁ ନେଇ ଚମତ୍କାର ଭ୍ରମଣ କାହାଣୀ ସବୁ ଲେଖାଯାଇ ପାରିଥାନ୍ତା । ଭେରିୟର ଏଲୱିନ୍ କୋରାପୁଟର ବଣ୍ଡାମାନଙ୍କୁ ନେଇ ଲେଖିଥିଲେ –"The Highlander's" ଏବଂ ନାଗାଲାଣ୍ଡର ନାଗାମାନଙ୍କୁ ନେଇ ଲେଖିଥିଲେ "NAGALAND"। ଏ ଦୁଇଟିକୁ ନୃତତ୍ତ୍ୱ ତଥା ସମାଜ ବିଜ୍ଞାନର ବହି କୁହାଗଲେ ସୁଦ୍ଧା ଅସଲରେ ସେଗୁଡିକ ହେଉଛନ୍ତି ଚମତ୍କାର ଗବେଷଣାଧର୍ମୀ ଭ୍ରମଣକାହାଣୀ । ଦୁର୍ଭାଗ୍ୟ ସେସବୁର ଓଡିଆ ଅନୁବାଦ ହୋଇନାହିଁ । ଓଡିଶାର ଚିଲିକା, ହେନ୍ତାଳବନ, ଶିମିଳପାଳର ଜୈବ ବିବିଧତା, ବିସ୍ତୀର୍ଣ୍ଣ ସାଗର, ବେଳାଭୂମି, କୁଟୀର ଶିଳ୍ପ, ଶୈଳଭାସ୍କର୍ଯ୍ୟ ଆଦିକୁ ନେଇ ଅନେକ ଗବେଷଣାଧର୍ମୀ ଭ୍ରମଣ ସାହିତ୍ୟ ଲେଖାଯାଇ ପାରିଥାନ୍ତା ।

ଗୋପିନାଥ ମହାନ୍ତୀଙ୍କ "ପରଜା", "ଅମୃତର ସନ୍ତାନ", "ଲୟ ବିଲୟ", ପ୍ରତିଭା ରାୟଙ୍କ "ଆଦିଭୂମି" ରେ କଛି କଛି ଚରିତ୍ରକୁ କେନ୍ଦ୍ରକରି ସାହିତ୍ୟ ଏପରି ଗତିଶୀଳ ଯେ ସେସବୁକୁ ଆମେ ଉପନ୍ୟାସ ବୋଲି କହିଥାଉ । ଯଦି ଚରିତ୍ରମାନଙ୍କୁ ଯଥାସାଧ ଗୌଣକରି, ଜଣେ ପରିବ୍ରାଜକର ଦୃଷ୍ଟିରେ ଉପନ୍ୟାସର ଗତିଶୀଳତା ଅଣାଯାଇଥାନ୍ତା, ଗୋଟିଏ ଗୋଟିଏ ସମୟଖଣ୍ଡର ବର୍ଣ୍ଣନା ଦିଆଯାଇଥାନ୍ତା, ତେବେ ସେ ସବୁତି ଉପନ୍ୟାସ ବିଶ୍ୱସ୍ତରୀୟ ଭ୍ରମଣ କାହାଣୀରେ ପରିଣତ ହୋଇଥାନ୍ତା ।

**୪. ତୀର୍ଥାଟନଧର୍ମୀ ଭ୍ରମଣ ସାହିତ୍ୟ:** ଓଡିଶାରେ ସର୍ବାଧିକ ଲୋକ ଭ୍ରମଣ କହିଲେ ତୀର୍ଥାଟନକୁ ବୁଝିଥାନ୍ତି । ଓଡିଶା ଏକ ଧର୍ମପ୍ରାଣ ରାଜ୍ୟ ଏବଂ ଏଠାରେ ସବୁଠୁ ବଡ ଆବେଗ ହେଉଛି ଧାର୍ମିକ ଆବେଗ । ତେଣୁକରି ପୁରାଣ ବର୍ଣ୍ଣିତ ଅନେକ ତୀର୍ଥ ଜାଗା ବର୍ଷବର୍ଷ ଧରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି ଏବଂ ଏହି ତୀର୍ଥାଟନ ଯୋଗୁଁ ସାରାଦେଶ ଗୋଟିଏ ସାଂସ୍କୃତିକ ରଜ୍ଜୁରେ ବାନ୍ଧିହୋଇ ରହିଛି । ଏ ପ୍ରକାର ଭ୍ରମଣ ସାହିତ୍ୟର ସର୍ବାଧିକ ଚାହିଦା ମଧ୍ୟ ରହିଛି । ତା ଭିତରେ କଛି ଭକ୍ତିକଧର୍ମୀ, କଛି ଅନୁସନ୍ଧିତ୍ସାଧର୍ମୀ ଓ କଛି ଆଧ୍ୟାତ୍ମିକତାଧର୍ମୀ ସାହିତ୍ୟ । ପ୍ରକୃତି, ଜନଜୀବନ, ଜୈବବିବିଧତା, କଳା ସଂସ୍କୃତି ଅପେକ୍ଷା ପୌରାଣିକ କଥାବସ୍ତୁଟି ଏଠାରେ ମୁଖ୍ୟ ଥାଏ । ଯଦି ମନ୍ଦିରଟାଏ ବା ସାଧୁବାବାଙ୍କ ଗୁମ୍ଫାଟାଏ ନଥାନ୍ତା, ତେବେ ଅନେକ ଚମତ୍କାର ଜାଗାରେ ଓଡିଆମାନେ ପାଦ ପକେଇ ନଥାନ୍ତେ । ବଡଦୁଃଖର କଥା ହେଉଛି ଅଧ୍ୟାତ୍ମଧର୍ମୀ ଭ୍ରମଣକାହାଣୀ ନର୍ଦ୍ଦିଷ୍ଟ ସଂପ୍ରଦାୟ ଭିତରେ ସୀମିତ ରହିଛି ସିନା ଆଦୌ ସାର୍ବଜନୀନ ହେଉନାହିଁ । ପୁଣି ଆଉ କଛିରେ ଏତେ ମାତ୍ରାରେ ଧାର୍ମିକ ଆବେଗ, ଆର୍ତ୍ତି ଓ ଅନ୍ଧବିଶ୍ୱାସ ଭରି ରହିଛି ଯେ ତାହା ନହାତି ଗାଲୁ ଗଳ୍ପ ପରି ଲାଗିଥାଏ ।

ଓଡିଆ ଭ୍ରମଣ ସାହିତ୍ୟର ପିତାମହ ଭାବେ ଆମେ ଆର୍ତ୍ତତ୍ରାଣ ମିଶ୍ରଙ୍କୁ ନେଇଥାଉ । ପୁରାଣଶାସ୍ତ୍ର ତଥା ସଂସ୍କୃତରେ ତାଙ୍କର ଜ୍ଞାନ ଓ ପ୍ରବେଶ ଦେଖି ଅବାକ୍ ହୋଇଥାଏ । "ଦେବପୀଠ ହିମାଳୟ", "ମରୁପ୍ରାନ୍ତେ ରାଜସ୍ଥାନ", "ତିନି ସାଗର ସଙ୍ଗମ", "ଦେବଭୂମି

ଦାକ୍ଷୀଣାତ୍ୟ", "ଦ୍ୱାରକା ଓ ପ୍ରଭାସ", "ଅପରୂପ ନେପାଳ", "ତୁଷାରତୀର୍ଥ ଅମରନାଥ", ଆଦି ତାଙ୍କର କୃତି । ଆଖାପାଖି ୨୦୦୦ ପୃଷ୍ଠା ବ୍ୟାପୀ ଏହି ଭ୍ରମଣ କାହାଣୀ ସବୁରେ ସେ ସାରା ଭାରତ କଥା କହିଛନ୍ତି । ଯେକୌଣସି ବ୍ୟକ୍ତିକୁ ଏହା ଅପାର ଆନନ୍ଦ ଦେଇଥାଏ । ଶରତଚନ୍ଦ୍ର ନାୟକଙ୍କ "ଦକ୍ଷିଣ- ପଶ୍ଚିମ ଭାରତ ଭ୍ରମଣ", "ନେପାଳ ପରିଭ୍ରମଣ", "ଭାରତ ଭ୍ରମଣ", ପଞ୍ଚାନନ ମହାନ୍ତିଙ୍କ "ତପୋଭୂମି ପଣ୍ଡିଚେରୀ", ନାରାୟଣ ସ୍ୱାଇଁଙ୍କ "ସାଧନାପଥେ ହିମାଳୟ", ଲାଲମୋହନ ପଟ୍ଟନାୟକଙ୍କ "ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ", ଅନୁଦିତ ପୁସ୍ତକ "ବୃନ୍ଦାବନରେ ଅଲୌକିକ କୃପା" ଆଦି ଏହି ରକମର ତୀର୍ଥାଟନଧର୍ମୀ ଭ୍ରମଣ କାହାଣୀ ।

କ୍ରମଶଃ....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କଥା କବିତା
# କାହାଣୀ



ସଂଘମିତ୍ରା ସାମନ୍ତରାୟ

କଥା...
କବିତା....
କାହାଣୀ.....
କିଏ କହୁଛି, କିଏ ପଢୁଛି, କିଏ ଶୁଣୁଛି...
ଆଗ ପଛ ଦୌଡ ଦାଉଡ
ଟଣା ଓଟରା... ଛକା ପଞ୍ଝା....
ଖେଳ ନା କାଳ....!!!

ଅବାନ୍ତର ଉଦ୍ଭଟ ଅବ୍ୟବସ୍ଥିତ
ବିସ୍ମରଧାରାର ସ୍ରୋତ
ବୁହାଇ ନିଏ ଭାବର ଉଚ୍ଛ୍ୱାସ
ଆତ୍ମା ନିରେଖୁଥାଏ
କାଚକେନ୍ଦୁର ସ୍ୱଚ୍ଛତା
ହଁ, ଅଟକିଯାଇଥିବା ଭାବନା
ବନ୍ଧନମୁକ୍ତ ହେବାଲାଗି
ନିଜ ଭିତରେ ଯୁଝିଗଲେ ଅନବରତ
ତଥାପି ବେଳେ ବେଳେ ସହମିଯାଏ
ବାଟରେ ନିତି ଭେଟୁଥିବା
ତାଳଗଛର ଛାଇ ପାଖେ.....!!!!

ଦେଖତ, ମୋ ଭାବନାର ମୋଡ
ହଠାତ୍ କେମିତି ବଦଳିଗଲା
ତୁମେ ପାଖେ ପାଖେ ଅଛବୋଲି ଭାବୁ ଭାବୁ
ଲୁହ କେଇ ବୁନ୍ଦା ମୋ ଆଖିରୁ ଝରିଗଲା....
କଥା ଆଉ କ'ଣ ଥିଲା କି....
କିଛି ନୁହଁ ମ'
ଟିକେ ମିଛ ଅଭିମାନ ଆଉ
ମିଠା ମିଠା ପ୍ରେମ ଥିଲା....!!!!!

ଭାରତୀୟ ଜୀବନ ବୀମା ନିଗମ, ପୁରୀ

# ସ୍ମୃତି ଅତୀତର.....



ପୁଷ୍ପିତା ଭୂୟାଁ

ହେ ସମୟ ରହି ଯା ତୁ,
ମୁଁ ଆଜି ଖୋଜୁଛି ନିଜକୁ,
କେଉଁଠି ହଜାଇ ଦେଲି ମୋ ଅତୀତକୁ,
ମୁଁ ଆଜି ଝୁରୁଛି ସେଇ ଦିନ କୁ ।
କାଲି ପରି ଲାଗେ ସବୁ ଭାବୁଛି ବସି ମୁଁ ,
ପିଲାଦିନ ଚଟା ଖେଳ ସାଙ୍ଗ ସାଥୀ ମେଳ,
ବର୍ଷାରେ ଭିଜି ଭିଜି କଙ୍କି ଧରା,
ସ୍କୁଲ ଛୁଟି ପରେ ବାରମଜା,  କମଳା ଲେମ୍ବୁ ର ବାସନା,
ହେ ସମୟ ରହି ଯା ତୁ,
ମୁଁ ଆଜି ଝୁରୁଛି ସେଇ ଦିନ କୁ ।
ମା ର ତାଗିଦ ବାପା ଙ୍କ ନାଲି ଆଖିକୁ,
ଭାଇ ସାଙ୍ଗେ ଝଗଡା ମନ ମାଳନକୁ,
ଜେଜେ ମା ର ଥଟା ଓ ଭଲ ପାଇବାକୁ,
ହେ ସମୟ ରହି ଯା ତୁ,
ମୁଁ ଆଜି ଝୁରୁଛି ସେଇ ଦିନ କୁ ।
ଯେବେ ସାଜି ଥିଲି ବୋହୂ ବେଶ ମୁଁ ,
ପାଦ ରେ ପାଉଁଜି ମୁଣ୍ଡ ରେ ଓଢଣା ଟାଣି,
ଓ କେଉଁ ଏକ ଅଜଣା ପୁରୁଷ ର ହାତ ଧରି,
ଯାଇଥିଲି ଶାଶୂ ଘର କୁ ମୁଁ
ହେ ସମୟ ରହି ଯା ତୁ,



ମୁଁ ଆଜି  ଝୁରୁଛି ସେଇ ଦିନ କୁ ।
କୁନ କୁନ ହାତ ର ସ୍ପର୍ଶରେ ଯେବେ,
ପାଇ ଥିଲି ମାତୃତ୍ୱର ଅନୁଭବ ମୁଁ,
ତା କୁଆଁ କୁଆଁ ସ୍ୱରରେ ହଯାଇଥିଲି ନଜକୁ ମୁଁ,
ଅଜାଡି ଦେଇ ସବୁ ସ୍ନେହ ସହାନୁଭୂତି କୁ,
ହେ ସମୟ ରହି ଯା ତୁ,
ମୁଁ ଆଜି ଝୁରୁଛି ସେଇ ଦିନ କୁ ।
ସବୁ ଆଜି ହଜିଗଲା କେଉଁ ଏକ ଅଜଣା ଗର୍ଭରେ,
ବୟସ ଗ୍ଭପରେ ମୁଁ ଆଜି ଜର୍ଜରିତ,
ନା ଏବେ ଅଛି ମନରସଗ୍ଭଗ ନାଦେହର ବଳ,
ଆଜି ଖାଲି ମନ ଗ୍ଭହେଁ,
ଅସନ୍ତାକ ଫେରି ସେହି ଦିନ,
ହେ ସମୟ ରହି ଯା ତୁ,
ମୁଁ ଆଜି ଝୁରୁଛି ସେଇ ଦିନକୁ ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଗ୍ଭହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ନାଲି ଗ୍ଣ



ସୁବଳ ମହାପାତ୍ର

ମିନତୀ ସକାଳୁ ଉଠି ଗେରସ୍ତ ପାଇଁ ନାଲି ଗ୍ଣ ଟିକେ ତିଆରି କଲା । ରାତିରେ ହାଣ୍ଡିଆ ରେ ବଟିକା ମିଶେଇ ପିଇକ ଆସିଛି ବାଡ଼ିପୋଡା । ସକାଳୁ ମୁଣ୍ଡ ବିନ୍ଧୁଚ ଯେ କାମ କୁ ଯାଇନ । ଗ୍ଣ ରେ ଲେମ୍ବୁ ଟିକେ ମିଶେଇ ପିଇବାକୁ ଦେଲା ତାକୁ । ଜଲଦି ଜଲଦି କାମ ସାରିଲେ ପୁଣି ବାବୁଘରକୁ ଯିବ । ଫି ଦିନ ମଦ ଗୁଡା ପିଇକ ଆସୁଛି । ଯାହା ରୋଜଗାର କରୁଛି ଅଧାରୁ ଅଧିକ ପିଇ କ ଉଡେଇଦେଉଛି । ଛୁଆଙ୍କ ପାଇଁ କ୍ଷୀର ଆଣିବାକୁ ବି ପଇସା ନାହିଁ । କ୍ଷୀର ଗ୍ଣ କୁଆଡୁ କରିବ? ନଜେ ବି ନାଲି ଗ୍ଣ ଟିକେ ପିଇ ଦେଇ ସେ ବାବୁ ଘରକୁ ବାହାରି ଗଲା ।

ବାବୁ ଘର ତାଲା ପଡିଛି । ବାବୁ ବାବୁଆଣୀ ଆଜି ଏତେବେଳ ଯାଏ ଉଠି ନାହାନ୍ତି । ରାତିରେ କଉଠି ଗୋଟେ ପାର୍ଟି ଥିଲା ବୋଲି କହୁଥିଲେ । ଡେରିରେ ଫେରିଥିବେ । ବାବୁଆଣୀଙ୍କୁ ନ ଉଠେଇ ସେ ତା କାମ ଆରମ୍ଭ କଲା । ଝାଡୁ ମାରି ବାସନ ଧୋଇ ମାଛ କୁ ଖାଇବାକୁ ଦେଲା ବେଳକୁ ବାବୁଆଣୀ ଉଠିଲେ । ପାଦ ଇଆଡ଼େ ସିଆଡେ ପଡୁଥାଏ । ତାକୁ ନାଲି ଗ୍ଣ କରି ସେଥିରେ ଲେମ୍ବୁ ପକେଇ ଆଣିବାକୁ କହିଲେ । ବାବୁଙ୍କ ସହ କଣ ସବୁ କଥା ହେଉଥିଲେ "କାଲି ଟିକେ ହେଭି ହେଇଗଲା, ଦି ତିନଟା ବ୍ରାଣ୍ଡ ଏକାଠି ପିଇଥିଲେ ବୋଲି ଆଜି ହ୍ୟାଙ୍ଗଓଭର ଛାଡ଼ିନ । ଆଜି ଆଉ ଅଫିସ ଯାଇ ହବନ" ।

ମିନତୀ ତା ଗେରସ୍ତ କୁ ବାଡ଼ିପୋଡା କହିଥିଲା ବୋଲି ଜିଭ କାମୁଡି ଦେଲା । ଏଠି ସବୁ ସମାନ.... ଦେଶୀ ଓ ବିଦେଶୀ ରେ କୌଣସି ଅନ୍ତର ନାହିଁ, ଏକଥା ସେ ହୃଦୟଙ୍ଗମ କରୁଥିଲା.....

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯

# କବିତା

ସୁବଳ ମହାପାତ୍ର

କବିତା ଗୁଡିକ
ମନ୍ତ୍ରମୁଗ୍ଧ କରେ
ହଜେଇ ଦିଏ କୌଣସି ଏକ ଅଲଗା ଦୁନଆଁ ରେ
ହଲେଇ ଦିଏ ହୃଦୟ ତନ୍ତ୍ରୀ କୁ
ଭୁଙ୍ଗି ଦିଏ ମନ ର ଅକଥ୍ୟ ବେଦନା କୁ
ଖଣ୍ଡ ଖଣ୍ଡ କରି ବିଦାରି ଆଣେ
ମୁହଁ ଉପରେ ଘୋଡେଇ ହୋଇଥିବା ଭଦ୍ରତା ର ମୁଖା ଟିକୁ...

ଆଉ....

କହିବା ବାହୁଲ୍ୟ

ଖୋଲି ଦିଏ ନଜର ଚରିତ୍ର କୁ ନଜ ଆଗରେ,
ଲଙ୍ଗଳା କରି ଦେଖେଇଦିଏ ନଜକୁ, ଦର୍ପଣ ରେ ନଜ ମୁହଁ

ଗାନ୍ଧୀନଗର, ଗୁଜରାଟ

**ବେଦାନ୍ତୀର ହ୍ଵାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**

**ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନଜର ମତାମତ ଦିଅନ୍ତୁ ।**

# ସେ ଦୁନଆଁ ଚଲ୍‌ସି



ଆଶୁତୋଷ ମେହେର

ଏଡେଟେ ଦୁନଆଁ ଚଲ୍‌ସି କଏ ଯେ
ସବୁ କଥା ବନ୍ଧାଛନ୍ଧା
ସକାଲୁଁ ବେଲ ଟା ଉଦସି ପୁରବେ
ଅଁନ୍ଧାରେ ତ ମାମୁଁ ଚନ୍ଦା ।
ଫୁଲ୍ ତ୍ ଫୁଟସି ବାସ୍ ଚହଟାସି
ଭୁର୍ ଭୁର୍ କରି ଧୁକା
ଚେରେଁ ଚରଗୁନ୍ ଗୀତ୍ ଗାଏସନ୍
ସଂସାର୍ ଟା କେତେ୍ ନୁକା ।
ଝର୍ ଝର୍ କରି ଝରନ୍ ବହେସି
ବରଷ୍ ଯାକର୍ ପାନ



ଆକାଶ୍ ନ କେନ୍ତା ରଂଗ ସାନ ହେସିଁ
ଇନ୍ଦର୍ ଧନୁର୍ ମାନ ।
ଲେଖମି କେତେ୍ ଯେ କେଡେ୍ ବଡ୍ ସେଯେ
ଲେଖନ ହେବା ଯେ ବଂକା
ତାହାକେ୍ ଖୁଜଲେ୍ ପାଏବୁ ସଂସାରେ୍
ନେହେଲେ ରହେବୁ ଅଁକା ।

* ଇନେ ସରଲ୍*

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଦୋଛକ



ଆଶା ସାହୁ

ଅଫିସ୍ କେବିନ୍ ରେ ବସିଥାଏ ଅସୀମ । ଏ.ସି. ଗ୍ଭଲିଥିଲେ ସୁଦ୍ଧା କପାଳରେ ତାର ବିନ୍ଦୁ ବିନ୍ଦୁ ଝାଳ । ଚେୟାର ରେ ତାର ମୁଣ୍ଡକୁ ଭର୍ ଦେଇ ଏକଲୟରେ ଅନେଇ ଥାଏ ମୁଣ୍ଡ ଉପରେ ଥିବା ଫ୍ୟାନଟିକୁ । ସେ କେବେହେଲେ ଭ୍ବି ନ ଥିଲ୍ ତା ଜୀବନରେଏଭଳ ଏକ ପରିସ୍ଥିତି ମଧ ଆସିବ । ଜୀବନର ଏ ଦୋଛକ ରେ ସେ କେଉଁଟାକୁ ବାଛିବ । ସଚ୍ଚୋଟତା ବଜେଇ ରଖିଲେ ତାର ଗ୍ଭକରୀରେ ଆଞ୍ଚ ଆସିପାରେ ହୁଏତ ଜୀବନକୁ ମଧ ପାଣି ଛଡେଇବାକୁ ପଡିପାରେ । ନଚେତ୍ ମନ୍ତ୍ରୀ ମହାଶୟଙ୍କ ପ୍ରସ୍ତାବକୁ ମାନନେଇ ଦୁର୍ନିତିରେ ସାମିଲ ହେଲେ ପଦୋନ୍ନତି ହେବ, ଦରକାରେ ପଡିଲେ ରାଷ୍ଟ୍ରପତି ପୁରସ୍କାରଟିଏ ମଧ ମିଳଯାଇପାରେ । ଯଥାଶୀଘ୍ର ତାକୁ ସିଦ୍ଧାନ୍ତ ନେବାକୁ ପଡିବ ।

ତୁଳସୀ ଦୁଇ ପତ୍ରରୁ ବାସିଲ୍ ପରି ଅସୀମର ପ୍ରତିଭ୍ ସମସ୍ତଙ୍କୁ ଚମକୃତ କରୁଥିଲ୍ । ଘରେ ଶୀକ୍ଷକ ବାପା, ମାଆ, ସ୍କୁଲରେ ଶୀକ୍ଷକମାନେ ସାଇପଡିଶା ସମସ୍ତେ ଜାଣିଥିଲେ ଯେ ଅସୀମ ବହୁତ ବଡ କଛି ଗୋଟାଏ କାମ କରିବ । ସେଇଆ ହେଲ୍ ମଧ । ପଲିଟିକାଲ୍ ସାଇନ୍ସରେ ସ୍ନାତକ ହୋଇ ସେ ଏକାଥରକେ ସିବିଲ୍ ସର୍ଭିସ୍ କ୍ଲିଅର କଲ୍ । ସେ ବି ବହୁତ ଭଲ **rank** ରେ ।

ଘରେ ବାହାରେ ସମସ୍ତ ଶୁଭେଚ୍ଛୁମାନେ ଗର୍ବ ଅନୁଭବ କରିଥିଲେ । ବାପା ଓ ଜାଣିଲ୍ ଶୁଣିଲ୍ ଲୋକେ ତାକୁ ସଚ୍ଚୋଟତାର ପାଠ ପଢାଇଥିଲେ ।

ତାର ସଚ୍ଚୋଟତା ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଗଲ୍ । ତା ଗ୍ଭକରୀ କାଳରେ ଏ କୋଡିଏ ବର୍ଷ ଅତି ସୁରୁଖୁରୁରେ ବିତିଲ୍ । ଯେଉଁ ସ୍ଥାନରେ ବି ତାର ପୋଷ୍ଟିଂ ହେଲ୍ ସେଠାକାର ଲୋକେ ତାର ପ୍ରଶଂସାରେ ଶତମୁଖ ହୋଇ ପଡିଲେ । ଅନେକ ଅନେକ

ଉନ୍ନତିମୂଳକ କାମ କରିଛି ସିଏ । ଅନେକ ଦୁର୍ନିତିଗ୍ରସ୍ତ ଲୋକ ଓ ସଂସ୍ଥା ମାନଙ୍କର ଶତ୍ରୁ ପାଲଟିଛି ସିଏ । ଅନ୍ୟାୟରେ ଟଙ୍କାଟିଏ ଆତ୍ମସାତ୍ କରିନ । ଏମିତିକି ଅଡରଲି, ପିଅନ ମାନଙ୍କଠୁ ମଧ୍ୟ ଅଯଥାରେ ସେବା ନେଇନ ।

କିନ୍ତୁ ଆଜିର ଏ ମୁହୂର୍ତ୍ତରେ ପରିସ୍ଥିତି ଭିନ୍ନ ପ୍ରକାର ଦେଖାଯାଉଛି । ଥରେ ଭାବୁଛି ନା ନିଜର ଅନ୍ତରାତ୍ମାକୁ ସେ କଦାପି ଧୋକା ଦେବନି । ଅତି ଛୋଟ କାମଟିଏ । କେବଳ ଖଣ୍ଡି ଦୁର୍ନିତିର ଫାଇଲଟିଏ ହଜେଇ ଦେବାକୁ ପଡିବ । ହଜିଗଲେ ତା ପରି ସଚ୍ଚୋଟ ଅଫିସର ଉପରେ କାହାର ହେଲେ ସନ୍ଦେହ ହେବନି । କିଛିଦିନ ପରେ ମାମଲା ଥଣ୍ଡା ପଡିଗଲେ ସବୁ ଭୁଲିଯିବେ ଲୋକେ । ବଦଳରେ ତାକୁ ମିଳିବ ପଦୋନ୍ନତି ଓ President Award । କିଛି କମ୍ କଥା ନୁହେଁ । ଲୋକ ଦେଖାଣିଆ ରେ ତାର ସଚ୍ଚୋଟ ଭାବମୂର୍ତ୍ତିରେ କୌଣସି ଆଞ୍ଚ ଆସିବ ନାହିଁ ।

ପୁଣି ଭାବେ, କେହି ନ ଜାଣନ୍ତୁ । କିନ୍ତୁ ତାର ବିବେକ ତାକୁ କ୍ଷମା ଦେବ ତ? ସେ ଏଭଳି କୁକର୍ମ କେବେ ହେଲେ କରି ନପାରେ । ପର ମୂହୁର୍ତ୍ତରେ ତାର ଆଖି ସାମନାରେ ଦେଖାଯାଏ କରୁଣ ଦୃଶ୍ୟଟିଏ । Road accident ରେ Spot death ହୋଇଛି ତାର । ତାର ବିକୃତ ଶବାଧାରରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ତାର ବାପା । ମାଆ ଓ ସ୍ତ୍ରୀ ମୁଣ୍ଡପିଟି କାନ୍ଦୁଛନ୍ତି । ପିଲା ଦୁଇଟି ଆବାକାବା ହୋଇ ଅନାଉଛନ୍ତି ତାର ଶବକୁ ଥରେ ଓ ତା ସ୍ତ୍ରୀ କୁ ଥରେ ।

ମସ୍ତିଷ୍କ ଭିତରଟା ତା ର ଗରମ ହୋଇଯାଏ । ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଗୋଟିଏ ଗରମ ଲହରୀ ଖେଳିଯାଏ । ଚମକି ପଡେ ସେ । ସତକଥା, ମନ୍ତ୍ରୀ ପ୍ରକାରାନ୍ତର ଏହି ଛବିଟି ତ ତାର ମୁଣ୍ଡରେ ପୁରାଇ ଦେଇ ଯାଇଛନ୍ତି ।

କଣ କରିବ ସିଏ । ଏପରି sensitive କଥା ବିଷୟରେ ତ ସେ କାହା ସାଙ୍ଗରେ ହେଲେ ଆଲୋଚନା ମଧ୍ୟ କରି ପାରିବନି । ଯାହା ନିଷ୍ପତି ନେବ ସେ ନିଜେ ହିଁ ନେବ ।

ଆଖି ପଡିଗଲା ତାର ଟେବୁଲ ଉପରେ ଥିବା ଜଗନ୍ନାଥଙ୍କ ଫଟୋ ଉପରେ । କିଛିଟା ଶକ୍ତି ସଞ୍ଚାରିତ ହେଲା ତା ମନରେ । ଅଡରଲି କୁ ଡାକି ଟି.ଭି. ଚଲେଇବାକୁ କହିଲା ଓ କପେ

ଗ୍ଲାସ ଅର୍ଡର ଦେଲା । ଅର୍ଡରଲି ଗ୍ଲଲିଗଲା । ସେ ଆଖି ପକାଇଲା ଟି.ଭି. ଉପରେ ଅନିଲ କପୁରର "ନାୟକ" movie ଚାଲିଛି ଓ ଅନିଲ କପୁର ନିଜର ବାହୁରେ shoot କରି revolverଟିକୁ ଫିଙ୍ଗିଦିଏ ଅମରିଶ୍ ପୁରୀ ର ହାତକୁ ।

ଅସୀମ ମୁଣ୍ଡରେ ଯୋଜନାଟିଏ ରୂପନିଏ । ପୁଣି lunch ପରେ ଆସିବେ ବୋଲି କହିଯାଇଛନ୍ତି ମନ୍ତ୍ରୀ ମହାଶୟ । ସେ ଖଣି ଦୁର୍ନିତି ଫାଇଲ୍ ଟିକୁ ଟେବୁଲ ଉପରେ ଥୋଇଲା । ଫୋନ ଲଗେଇଲା ଡି.ଆଇ.ଜି ଙ୍କୁ ।

Lunch box ଖୋଲି ସେ ଖାଇବାକୁ ବସିଲା । ତୃପ୍ତିର ସହଭୋଜନ କରୁ କରୁ ମୁଣ୍ଡରେ ତାର ବିରାଟ ଏକ ବୋଝ ଓହ୍ଲେଇ ଯାଉଥାଏ । ଚକ୍ଷୁ ନିବଦ୍ଧ ହୁଏ । ଜଗନ୍ନାଥଙ୍କ ଚକା ଚକା ଆଖିରେ ଅସୀମ ଗଭୀରତାରେ ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# "ତୃତୀୟ ପୁରୁଷ"



ବିନୟ ମହାପାତ୍ର

କିଏ କହେ,
ଆତ୍ମା ମରେ ନାହିଁ, ଜଳେ ନାହିଁ,
ଆତ୍ମାର ଅନୁଭବ ନାହିଁ,
ଆତ୍ମାକୁ ଯନ୍ତ୍ରଣା ହୁଏନା ?
ଆତ୍ମାର ଆତ୍ମା ବି ଜଳ ଯାଏ,
ନିତି ନିତି ଲହୁ ଲୁହାଣ ହୁଏ
ବାହୁନି ବାହୁନି କାନ୍ଦେ,
କେହି ଜଣେ ଆତ୍ମୀୟର
ଟିକିଏ ଆଘାତରେ ।

କିଏ କହେ,
ଆତ୍ମାର ଭୋକନାହିଁ ଶୋଷନାହିଁ ?
ନିତି ଏଠି ଆତ୍ମସାତ ହୁଏ
ଆତ୍ମା ଲୁଟିନିଏ, ଶୋଷିନିଏ
ଅନ୍ୟର ସର୍ବସ୍ୱ 'ଆତ୍ମସାତ' କରିଯାଏ ।
'ପର ର ଆତ୍ମା' କୁ ତ ଚେହ୍ନେନା ମଣିଷ
ନିଜ ଆତ୍ମା ଖୁସି ପାଇଁ ସବୁ କରିଯାଏ,
ବିଡମ୍ବନା ଦେଖ,

ଜୀବନର ଅବଶେଷେ
'ପରମ- ଆତ୍ମା'କୁ ଖୋଜେ !

କିଏ କହେ,
ଆତ୍ମାରେ ଲାଗେନା ନିଆଁ
ଆତ୍ମା କେବେ ଜଳେ ପୋଡେ ନାହିଁ ?
ଆତ୍ମା ଏଠି ନିତି ଜଳିଯାଏ,
ସମାଜର ସମ୍ପତି ଲୋଭର
ପରଝିଅ ଭେଟି ଚଢିଯାଏ,
ନୂଆଁ ବୋହୂ ନିତି ଜଳ ଜଳ
ଅବଶେଷେ ଆତ୍ମାରେ ତା
ଢାଳି ଦିଏ କେରୋସିନ୍
ନିତି କେତେ 'ଆତ୍ମଦାହ' ହୁଏ ।

କିଏ କହେ ଆତ୍ମା କେବେ
ସମ୍ପର୍କରେ ବାନ୍ଧି ହୁଏ ନାହିଁ?
ଯେତେ ସବୁ 'ଆତ୍ମୀୟ' ସେ ସବୁ ତ
ଆତ୍ମାର ଆପଣାର ଜନ !
ଆତ୍ମାରେ ଆତ୍ମା ଯୋଡିଛି
ସମ୍ବନ୍ଧର ଡୋରୀ,
ଆତ୍ମା ଦେହାତୀତ ନୁହେଁ
ଆତ୍ମା ନୁହେଁ 'ତୃତୀୟ ପୁରୁଷ' ଅବା
ଆତ୍ମା ଆମ ଭିତରେ
ଆଉ 'କେହି ଜଣେ' ନୁହେଁ ।



ଆଖି ଦେଖେ, କାନ ଶୁଣେ
ଆତ୍ମା ବି ଅନୁଭବ କରେ,
ଆତ୍ମା କାନ୍ଦେ, ହସେ, ଭଲପାଏ,
ଆତ୍ମା ସନ୍ତୋଷ ବି ହୁଏ ।
ଆତ୍ମା ଲୋଭକରେ, ହିଂସା ବି କରେ
ଆତ୍ମା ହତ୍ୟା କରେ, ପୂଣ୍ୟ କରେ
କରେ ଅନେକ ପାପ ବି
ଆତ୍ମା କଳୁଶିତ ହୁଏ ପବିତ୍ର ବି,
ଆତ୍ମା ଗ୍ରହେଁ କୁଶଳତା ସର୍ବ ସିଦ୍ଧି ପାଇଁ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

**ବେଦାନ୍ତୀର ଆଗାମୀ ସଂଖ୍ୟା ଅପ୍ରେଲ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ଦିନ ଗୁଡିକ ମୋର

ମୂଳ ରଚନା( ବଙ୍ଗଳା) :ସୁଶୀଳ ମଣ୍ଡଳ
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

ମୋତେ ତୁମେ ଛୁଇଁଥିଲ ଠିକ୍ ସିଡିଟାର ମୁଖେ
ଚୁମା ଖାଇବାକୁ ଭୟ ପାଇନ ହାତ ଦେଇଥିଲ ବୁକେ
ଦଶମ ଶ୍ରେଣୀର ଛାତ୍ରୀ ମୁଁ କୋଚିଂ କ୍ଲାସ ଶେଷେ
ଭାବି କୂଳ ପାଇ ନ ଥିଲି, ଏମିତି କଏ ମିଶେ ।

ନମ ଗଛ ସାକ୍ଷୀ ଥିଲ୍ ପତର ଝାଡିଣ ମଥାରେ
ତୁମକୁ ମୁଁ ଭଲପାଏ, କାହିଁକି ଲେଖିଲି ଖାତାରେ?
ମାଆର ଆଖି ଅନେକ ଆଲୋକ ଅନେକ ରମକ ଖୋଜ
କଛି ଦେଖି ବୁଝି ପାରିଛି ହଜାର ପ୍ରଶ୍ନ ରୋଜ ।

କଶୋରେ କାଳର ଦିନ ଗୁଡା ସବୁ ବୃତ୍ତ ହୋଇ ଘୂରେ
ଜାମୁ ଜାରୁଲର ପଥମାନ ସବୁ କେବେଠୁ ଯାଇଛି ଦୂରେ
ଆଜି ବରଷ ତିରିଶ ପରେ ଦେଖେ ମୋର କନ୍ୟା
ସେଲ୍ ଫୋନ୍ ବୁକେ ଖାଲି ଏସେମେସ୍ ର ବନ୍ୟା ।

ବେରୁଆଁବାରୀ, ନୟାଗଡ, ଓଡିଶା

# ମୁଠାଏ ମାଟି



ଶାରଦା ପ୍ରସାଦ ପରିଡା

ଅନବରତ ଖାଲି କେଁ କାଁ ପେଁ ପାଁ ଆଉ ଘୋ ଘୋ ଶବ୍ଦ। ଏଇ ଶବ୍ଦ ମାନଙ୍କର ଅସ୍ବାଭାବିକତା ସୁଚେଇଦିଏ କୃତିମତା ର ଅବସ୍ଥିତିକୁ। ସହରଟାଏ, କଣ ଅଛି ସେଠି? କଛି ପ୍ରାକୃତିକ ନାହିଁ। ସବୁ ମଣିଷକୃତ। ଥାକ ଥାକ ର ପାର୍‌ଭାଡି ରେ ପାର୍ ରହିବା ପରି ମଣିଷମାନେ ରୁହନ୍ତି। ନଜେ ନଜର ବନ୍ଦୀ। ଦୂରକୁ ବେସ୍ ସ୍ୱଚ୍ଛନ୍ଦ୍ୟ ଆଉ ମୁକ୍ତ ମନେ ହୁଅନ୍ତି ସିନା ହେଲେ ଏଠି ନଶ୍ୱାସ ଟିକେ ବି ମୁକ୍ତର ମିଳେନ। ସମସ୍ତଙ୍କ ପାଇଁ ପାଚେରୀ। ଗୋଟାଏ ଆବଦ୍ଧ ସୀମା ଭିତରେ ବଢିବାକୁ ହୁଏ। ଗଛ ଗୁଡା ବି। ପ୍ରାକୃତିକ ପରିବେଶରୁ ବନ୍ଦୀ କରି ଆଣି ଆଶ୍ରୟ ଦିଆଯାଏ କେଇଟା କୁଣ୍ଡିଆ ଭିତରେ ସେମାନଙ୍କୁ।

ବେଳେ ବେଳେ ଏଇ ଗଛମାନଙ୍କୁ ଦେଖିଲେ ମନେ ହୁଏ, ସତରେ ସେମାନେ ବି ନର୍ବାସିତ କେଉଁ ଏକ ଅଜଣା ଅପରାଧରେ। ମାଟି ମୁଠାଏ ପାଇଁ ଡାହାଳ ବିକଳ ହୋଇ କଂକ୍ରିଟ ଛାତ ର ଉତ୍ତପ୍ତ ସ୍ପର୍ଶରେ ଯନ୍ତ୍ରଣାରେ ଚକ୍ରାର କରନ୍ତି। ଆଉ ଅନେକ ଟଳ ପଡନ୍ତି ସେ ଅସହ୍ୟ ଯନ୍ତ୍ରଣାରେ।

ସବା ଉପର ମହଲାରେ ମୋର ବଖୁରିକିଆ ଭଡାଘର। ଘର ସାମ୍ନାକୁ ଛାତଟା ଟିକେ ଫାଙ୍କା। କୁଣ୍ଡିଆରେ ଗଛ ଲଗେଇବା ଗୋଟାଏ ସଉକ। ସଉକ ଜୀବନ କୁ ବନ୍ଦୀ କରିବାର ନହେଲେ ଭଲ ପାଇବାର। ଚରିତ୍ର ପ୍ରବାହମାନ ମାନସିକତା। ଉଣା ଅଧିକେ ପ୍ରାୟ ସମସ୍ତେ ସୁବିଧା ଥିଲେ ସଉକରେ ଗଛ ଲଗେଇବାକୁ ଭଲ ପାଆନ୍ତି। ସେମିତି ମୋ ଘର ର ମାଲିକ ବି। ଠିକ୍ ମୋ ଦୁଆର ମୁହଁ ର ସାମ୍ନାକୁ ଆଣି ରଖିଥାଆନ୍ତି ଦଶ ବାରଟି ଫୁଲ କୁଣ୍ଡ। ନତି ସକାଳୁ ଉଠିବା ବେଳକୁ ଭେଟହୁଏ ସେମାନଙ୍କ ସହ। ସକାଳୁ ଉଠି ଗଛଟିଏର ମୁହଁ ଗ୍ଚହିଁଲେ କାହିଁ କେତେ ଯେ ଆନନ୍ଦ ମିଳେ ସେଇଟା କହିହେବ ନାହିଁ, ତେବେ କେବଳ ଅନୁଭବି ହିଁ ସେ କଥା ବୁଝିପାରିବ। ହେଲେ ସେଇ ମୁଣ୍ଡିଆ ମାନଙ୍କରେ ବନ୍ଦୀ ଥିବା ଗଛ

ଗୁଡାକୁ ଦେଖିଲେ ଖୁବ୍ ଅସହାୟ ମନେ ହୁଅନ୍ତି । ଅନୁଭବ ହୁଏ, ଯେମିତି ଗୋଟିଏ ରୁଗ୍ଣ ଜରାଗ୍ରସ୍ତ ମଣିଷ ବଞ୍ଚିବାକୁ ସଙ୍ଘର୍ଷରତ । ମାତ୍ର ସବୁତକ ସମ୍ବଳ ଖଟେଇ ବି ନଜର ପେଟ ଗୁଖଣ୍ଡକ ପୁରେଇବାକୁ ଅସମର୍ଥ ସିଏ । ଗଛଟାଏ, ମଣିଷ ହୋଇଥିଲେ କ ମୁହଁ ଖୋଲି କହିଦେବ ଭୋକ ଟା । ତେବେ ଜଳ ଜଳ ଫୁଟିଉଠେ ସେଗୁଡା, ଠିକ୍ ଭୋକଲା ମଣିଷ ର ମୁହଁ ରେ ଭୋକ ଆଙ୍କି ହୋଇଯିବା ପରି ।

ଅନେକ ଦିନ ଧରି ଫୁଲଗଛ ମାନଙ୍କର ଏ ଆକୁଳ ଚତ୍କାର ଦେଖିବା ଏଣିକ ଯେମିତି ଅସହ୍ୟ ମନେ ହେଉଥିଲା ମୋ ପାଇଁ । ଦିନେ ଅପରାହ୍ଣରେ ଘର ମାଲିକ ଜଣକ ଫୁଲ ଗଛରେ ପାଣି ଦେବା ସମୟରେ ମୁଁ କହିବସିଲି,

- - - "ଆଜ୍ଞା ଖାଲି ପାଣି ଦେଲେ କଣ ହେବ । ମାଟି ମୁଠାଏ ମୁଠାଏ ଆଣି ଦିଅନ୍ତେନ, ମୂଳରେ । ଦେଖୁନାହାନ୍ତି କେମିତି ଶୁଖି ଝାଉଁଳବାକୁ ବସିଲାଣି । ଆଗକୁ ପୁଣି ଖରାଦିନ ଆସୁଛି । ଏବେଠୁ ଯଦି ମାଟି ମୁଠାଏ ନଦେଲେ ଏ ଜୀବନ ଗିଳା ଖରାରେ ଜଳ ପୋଡି ପାଉଁଶ ହେବେ ସିନା । ଖାଲି ଦୁଇ ଓଳ ମୁନ୍ଦାଏ ମୁନ୍ଦାଏ ପାଣି ଦେଲେ କଣ କର୍ମ ପୁରିବ ।"

ମୋ କଥାକୁ କାଟ ଦେଇ କହିବସିଲେ ସିଏ, "କଣ ଲାଭ ଆଜ୍ଞା । ଲଗେଇବା ଦିନଠୁ ତ କଢ଼ କ ଫୁଲର ନା ନାହିଁ । ହଁ ହେଲେ ମାଟି ମୁଠାଏ ଦିଅନ୍ତେ ଯେ, କେଉଁ ସମ୍ଭବ ହଉଛି । କେଉଁଠି ସହଜରେ ମିଳୁଛି ଏ ମାଟି ମୁଠାଏ । ଯେଉଁ ଲୋକଟା କାମ କରିବାକୁ ଆସୁଥିଲା ତାର ତ ଦେଖାନାହିଁ । ବାକି ସେ ଝାଡୁ ଦେଉଥିବା ମୁନସିପାଲିଟି ପିଲାଟାକୁ କହିଥିଲି ଯେ ସେ ଆଜି କାଲି କହି ମାସେ ଗଡେଇଲାଣି । ଏ ଆଖପାଖରେ କଉ ମାଟି ମୁଠାଏ ମିଳୁଛି ଯେ ଯାହାକୁ ମନ ତାକୁ କହିଲେ ଆଣି ଦେବେ । ଏ କଂକ୍ରିଟ ଜଙ୍ଗଲ ଭିତରେ ମୁଠାଏ ମାଟି ପାଇଁ କୋଷ କୋଷ ବାଟ ଯିବାକୁ ପଡିବ । ତା ପୁଣି କାହାକୁ ସାଙ୍ଗରେ ନେଲେ ତ । ନହେଲେ ମୁଁ କଣ ଆଉ ନଜେ ଆଣି ପାରିବି । ଦେଖିଲା ଲୋକ କଣ କହିବେ?

ହେଲେ ହୁଅନ୍ତା, ଆଣନ୍ତି । ସେ ମାଟି ବି କଉ କାମକୁ । ଖାଲି ଭଣ ଭଣ କଂକ୍ରିଟ ଗୁଣ୍ଡ ଆଉ ଭଙ୍ଗା ଇଟା । ତାକୁ କଣ ଆଉ ଗଛ ମୂଳରେ ଦେଇ ହେବ କ । ସେ ବଗୁଲିଆ ମାଳୀ ଟୋକାଟା ଜୋର କରି ଏ ଗଛ ଗୁଡାକ ଦେଇ ଗଲା ଯେ, ଏ ଗଲା ମାସ କେଇଟା ହେଲା

ତାର ବି ଦେଖା ନାହିଁ । ଗଣ୍ଡାଏ ମାଟି ତା ଠାଉ ହେଲେ କଣି ଆଣନ୍ତା ମଣିଷ । ଏବେ କେଉଁ ଉପାୟ କୁହ । ହଉ ତେବେ ଦେଖିବା ।"

ଆକ୍ଷେପ ପ୍ରତ୍ୟାର୍ପ, ଯୋଜନା ଆଉ ଗଣନା ଭିତରେ ଗଡି ଯାଇଥିଲା ପୁଣି ମାସ ଗୋଟାଏ ।

ଶେଷକୁ ମାଟି ମୁଠାଏକୁ ଝୁରି ଝୁରି ହୋଇ ହୋଇ ଫୁଲ ଗଛମାନେ ଆଖି ବୁଜିବାର ଦେଖାଗଲା । ଅଜ୍ଞାତ ହତ୍ୟାକାରୀ ତାର ଅଜ୍ଞାତ ହତ୍ୟାକୁ ଠଉରେଇ ପାରି ନଥିଲା ସେତେବେଳକୁ ବୋଧହୁଏ । ପୁଣି କଣ ଗୁଡାଏ ଯୋଜନା କରୁଥିଲେ ସେମାନେ, ସେଇ ନିରୀହ ଫୁଲଗଛମାନଙ୍କୁ ନେଇ ।

ଅଧ୍ୟାପକ, ମେକାନିକାଲ ଇଂଜିନିୟରିଂଗ,
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ, ଖୋର୍ଦ୍ଧା



# ଜୀବନ ନାବ ର ମୁଁ ନାବିକ



ପ୍ରକାଶ ସାହୁ

କେଉଁ ନଦୀ ରେ ହେବି ପାର, ହେ ବଂଶୀଧର?
ସବୁବେଳେ ସବୁକାଳେ ତୁମେ ମୋର କର୍ଣ୍ଣଧାର,
ନାବ ଟି ମୋର ଅତି କ୍ଷୁଦ୍ର ନସହେ ଅଧର୍ମ ଭ୍ର।
ନାହିଁ କାତ କେରୁଆଳ, ଏଠି ଜଳ ଅକାତ ଗଭୀର।
ନଅ ଟି ଘଳଆ ତାହାର, ତୁମେ ଅନୁକୂଳ ସମୀର।
ଯେଉଁ ଆଡ଼େ ଗ୍ହୁଁଥାଇ, ଖାଲି ଜଳ ଜନ୍ତୁ ଙ୍କ ସ୍ୱର।
ଜୀବନ ନାବ ର ସାମ୍ନା ରେ ଦେଖି ପ୍ରକାଣ୍ଡ କୁମ୍ଭୀର,
ଡାକ ଶୁଭେ ନାହିଁ ଡାକ ସୁଖିଲ୍ ଗଳା ହେ ରଙ୍ଗାଧର
ଜୀବନ ନାବ ରେ ମୋତେ ବସାଇ ଦେଇ ଅଛ ଠେଲି,
ତତଲ୍ ବାଲି, ଅକାତ ବାରି ନା ଗ୍ଲିଛି ସୁଅ କୁ ଠେଲି,
ମୋ ଜୀବନ ଦୁଃଖ ର ନାବ ରେ ତୁମେ କଳା ନାଉରି,
କରିଣ ଅପୂର୍ବ କୃପା କାହିଁକି କରିଲ ତୁମର ଭକତ।
ଏବେ ଅଥଳ ରେ ବୁଡ଼ିଲି ବିପଦେ ଭଜିଲି ତୁମ ନାମ।
ଶୁଣିଛି ତୁମେ ଜଗତ ର ନାଥ, କାହିଁ ଗଲା ମୋ ପଥ,
କମ୍ପା କରିଲ ମୋତେ ତୁମେ ଜୀବନ ନାବ ର ନାବିକ
କ ଦୋଷ ତୁମ ପାଖେ କଲି ଏ କଣ ତୁମ ବିବେକ।
କ ଧନ ତୁମ୍ଭ କୁ ଦେବି ହେ ମୋର ପଙ୍କଜ ଆଖି,
ଯେ ଧନ ଦେଇ ଅଛ ସେହି ଧନ ମୁଁ ଅଛି ରଖି।
ଆଜନ୍ମ ରୁ ମୁହିଁ ତୁମ୍ଭର ଏବେ କାହିଁ କରିଲ ଅନ୍ତର?
ମୋ ଜୀବନ ନାବର ତୁମେ ହିଁ ଭରସା ହେ ଚକ୍ରଧର।

ନାବିକ, ଭାରତୀୟ ନୌସେନା

# ଜୀବନ



ରୀତା ଅପରାଜିତା ମହାନ୍ତି


ସତ କହିବାକୁ ଗଲେ

ଏ ଜୀବନ ଏକ କୁରୁକ୍ଷେତ୍ର

ସବୁଠି ଶକୁନୀର କପଟ ପଶା

ସମସ୍ତେ ପଞ୍ଚୁପାଣ୍ଡବ ପରି

ନିର୍ବାକ୍ ଓ ନିସ୍ପନ୍ଦ



ଦ୍ରୌପଦୀ ମୁଖ ନତ କରି

ଠିଆ ହୋଇଛି ସେମିତି

ସମୟର ଏରୁଣ୍ଡିବନ୍ଧ ପାଖେ

ବାକି ସମସ୍ତେ ନିଜ ଚକ୍ଷୁରେ

ଅନ୍ଧପୁଟୁଳି ବାନ୍ଧିଛନ୍ତି

ସେଦିନ ପରି ଆଜି ବି ॥

ସହ ସମ୍ପାଦିକା, ପୁଣ୍ୟତୋୟା ଜାହ୍ନବୀ ସାହିତ୍ୟ ସଂସଦ

# ଆତ୍ମ ସନ୍ତୋଷ



ପରମିତା ମିଶ୍ର

ଜୀବନରେ ପ୍ରଥମ ଥର ନିଜ ପାଇଁ କିଛି କରିଥିଲି, ନିଜର ନାମ ନଦେଇ ଲେଖାଟିଏ ଏକ ନାମି ଖବର କାଗଜର ଠିକଣାରେ ପଠାଇ ଦେଇଥିଲି । କିନ୍ତୁ ସତ କହିଲେ ମୋ ନିଜ ଉପରେ ମୋର ତିଳେ ବି ବିଶ୍ୱାସ ନଥିଲା ଯେ, ସେ ଲେଖାଟି ପ୍ରକାଶିତ ହେବ ବୋଲି । ସେଦିନ ମୋ ଜୀବନର ସବୁଠୁ ବଡ ଦିନ ଥିଲା, ଏକ ଫୋନ ଆସିଲା ମୋ ଲେଖାଟି ସେହି ନାମି ଖବର କାଗଜରେ ପ୍ରକାଶିତ ହୋଇଛି ବୋଲି କେହି ଜଣେ ପାଠକ କହିଲେ । ଖୁସିରେ ମୁଁ ଆତ୍ମହରା ହୋଇପଡିଲି, ପ୍ରଥମ ଥର ନିଜ ଉପରେ ବିଶ୍ୱାସ ଆସିଲା । ଅବଶ୍ୟ ମୋ ଲେଖା ବଦଳରେ ମୁଁ କିଛି ଆଶା ରଖିନଥିଲି କି ଆଜି ବି କିଛି ଚାହେଁନି । ଆଉ ତାପରେ ଏଇ ଯାତ୍ରା ଆରମ୍ଭ ହେଲା । ଜରୁରୀ ନୁହେଁ ସବୁବେଳେ ପ୍ରଶଂସା ମିଳିବ ବା ଲେଖାଟି କୃତକାର୍ଯ୍ୟ ହୋଇ ପାରିବ । କିନ୍ତୁ ପ୍ରଥମ ଥର ଛପିଥିବା ମୋ ଲେଖାଟି ମୋର ଆତ୍ମବିଶ୍ୱାସ କୁ ବଢାଇ ଦେଇଥିଲା । ତା'ପରେ ଆଉ ପଛକୁ ବୁଲି ଚାହିଁନି, ଇଣ୍ଟରନେଟର ମାଧ୍ୟମ ଲେଖାକୁ ଏକ ନୂତନ ଦିଗ ଦେଇଛି ତେଣୁ ମୁଁ ବି ତା'ର ଉପଯୋଗ କରି କେତେକ ଅନଲାଇନ ମାଗାଜିନରେ ମଧ୍ୟ ଲେଖା ଦେଲି ।

ଦିନେ ଲେଖା ପ୍ରକାଶିତ ହେଲା ପରେ ଖୁସି ହୋଇ ମୁଁ ଏମିତି ମୋର ଜଣେ ଅତି ପରିଚିତ ସମ୍ପର୍କୀୟଙ୍କୁ ବଡ ଉତ୍କଣ୍ଠାରେ ଦେଖେଇଥିଲି । ମୁହଁରେ ଏକ ତାଚ୍ଛଲ୍ୟ ଭରା ହସ ଦେଖି ମୁଁ ବୁଝିଗଲି ଯେ ମୁଁ ତାଙ୍କୁ ଲେଖାଟି ଦେଖାଇ ଭୁଲ କରିଛି । ସେ ଘରେ କିଛି ଦିନ ରହିଲେ, ପରଦିନ ମୋ ଶ୍ୱଶୁର ମୋ ଆଲେଖ୍ୟଟି ଖବରକାଗଜରେ ବାହାରିଛି ବୋଲି ଅବଗତ କରାଇଲେ । ସେଇ ପାଖରେ ସମ୍ପର୍କୀୟ ଜଣକ ବସି କହିଲେ - କଣ ମିଳୁଛି କହିଲ ଏ

ଫାଲତୁ କାମ କରି । ତୁମ ପାଖରେ ଯଦି ଏତେ ସମୟ ଅଛି ତେବେ ତୁମେ ତ ପାଠ ପଢିଚ, ଗ୍ଟକରି ଟେ କରୁନ । ଦି ପଇସା ଘରକୁ ଆସିବ । ଏସବୁରେ ଓଲଟା ବେକାର ଖର୍ଚ୍ଚ ଯେ ହେଉଛି ସେ ଅଲଗା, ଲ୍ଗୁଛି ଘରେ ତୁମର କଛି କାମ ନାହିଁ ।

ସେ ଜଣେ ବୟସ୍କ ତଥା ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମଧ । ମତେ ବହୁତ ଦୁଃଖ ଅନୁଭବ ହେଉଥିଲେ ହେଁ ମୁଁ କଛି ଉତ୍ତର ଦେଇ ପାରିଲିନ । କନ୍ତୁ ମୋ ଶ୍ୱଶୁର, ବ୍ୟକ୍ତି ଜଣକୁ ସୁନ୍ଦର ଭ୍ବେ ବୁଝାଇ ଦେଲେ, ସେ କହିଲେ, “ଭ୍ଇ ତ ରହିବନ, ଆସନ୍ତା ସପ୍ତାହରେ ସହର ସାହିତ୍ୟ ଏକାଡେମୀ ତରଫରୁ ସମ୍ମାନତ ହେବ । କଛି ମିଳବନ ମ, କଣ ଗୋଟିଏ କାଗଜ ଆଉ ସାଲଟେ ଦେବେ । ଆଉ କଛି ନାହିଁ ତ । ବ୍ୟକ୍ତି ଜଣକ ହସି ଏକମତ ଜଣାଇଲେ ଓ କହିଲେ ସେୟା ତ, କଣ ମିଳେ ?

“ଆମ୍ ସମ୍ମାନ ମିଳେ, ଅସ୍ତିତ୍ୱର ଲଢେଇରେ ନଜସ୍ୱ ପରିଚୟ ମିଳେ ଏବଂ ସର୍ବୋପରି ସନ୍ତୋଷ ମିଳେ । ଯେଉଁ କାମରେ ତାକୁ ଶାନ୍ତି ଲ୍ଗେ ସେ ସେହି କାମ କରୁଛି, କହିଲେ ମୋ ଶ୍ୱଶୁର । ମୋ ପାଇଁ ତ ଏୟା ଗର୍ବର ବିଷୟ । ବ୍ୟକ୍ତି ଜଣକ ଆଉ କଛି ତର୍କ କରିପାରିଲେନ ।”

ମୋ ଆଖି ଲୁହତକ ରେ ଭରି ଗଲ୍ । ମୁଁ ବି ତାଙ୍କୁ ଏୟା କହିବାକୁ ଗ୍ହୁଁଥିଲି । ଶ୍ୱଶୁରଙ୍କ କଥା ଶୁଣି ସତରେ ଭ୍ରି ଆମ୍ ସନ୍ତୋଷ ଲ୍ଗୁଥିଲ୍ ।



ଆତ୍ମପୁଆ, ବ୍ରହ୍ମପୁର- ୧୦
paramita310@gmail.com

# ନିଃଶବ୍ଦ ସହରରେ ଶେଷ ଇଛା



ସିପ୍ରା ନାମତା

ସହରର ଶବ୍ଦ ସବୁ ନିଶବ୍ଦ ହେଲ୍ ପରେ
ତୁମ ସ୍ମୃତି ଉଙ୍କିମାରେ ଘନ ତମସା ରେ ।
ଖୋଜେ ମନ ଆଜି ଦୂର ଅତୀତର ପ୍ରିତୀ
ହର୍ଇ ଦେଇଛି ସେଇ ସମୟରେ ସାଥୀ ।

ଆଖିର ପଲକ ତଳେ ଖେଳୁଥିଲ୍ ମୁହଁଟିଏ
ଗୃହାଁଣୀ ରେ ଭର୍ ଥିଲ୍ ସବୁଜ ସ୍ୱପ୍ନଟିଏ ।
ମୌସୁମୀରେ ଭିଜୁଥିବା ବାରିସିକ୍ତ ଦେହ
ଶରତ ର ପୂର୍ଣ୍ଣିମା ରେ ଜ୍ୟୋସ୍ନାୟିତ ମୋହ ।

ନଈ କୂଳ ଗୈର୍ ବାଲି କାଶତଣ୍ଡି ହସେ
ପରସ୍ତ ପରସ୍ତ କୋଷ ସ୍ନାୟୁ ଗ୍ରନ୍ଥି ମିଶେ ।
ତୁମ ସ୍ମୃତି...................................... ॥

ଶିହରିତ ପୁଲକତ ଛାତିତଳେ ଉଷ୍ମତା ର କୋହ
ନୀରବ ଥିଲ୍ ସେ ବାଣୀ କମ୍ପିତ ଅଧର ସହ ।
ଛଳ ଛଳ ଆର୍ଦ୍ର ଚକ୍ଷୁ ଥର ଥର ଛାତି
ଅନାତଗ ଭ୍ରାନ୍ତି ଆଣେ ତ୍ରସ୍ତ ହରିଣୀ ର ଭୀତି ।

ପ୍ରତିଶ୍ରୁତି ଥିଲ୍ ଅବା ଛଳନା ର ଖେଳ
ସମାଜର କଠୋରତା ହୋଇଲ୍ ତ କାଳ ।
ପରଶ ମଣି କୁ ହାରି ମନ ଖାଲି ଝୁରିମରେ
ଜୀବନ ତ ଠିଆ କଲ୍ ବୟସ ର ଦୋ ଛକ ରେ ।
ତୁମ ସ୍ମୃତି......................................... ॥

ନଇବନ୍ଧ ଆର ପଟେ ଛାଇ ଯାଏ ଗୁଲି
ଗାଁ ତଡ଼ିଦେଲ୍ କହି ଭୁଲିଯାଅ ବୋଲି ।
ବିରହ ର ସମୁଦ୍ର ଉଠେ କେତେ ଢେଉ
ଯନ୍ତ୍ରଣା ତ ବଢ଼ିଯାଏ ଅସହ୍ୟ ବିଚ୍ଛେଦ ଦାଉ ।

ପ୍ରତୀକ୍ଷା ଅସହ୍ୟ ଆଉ ବିତୁ ନାହିଁ ତ ମୁହୂର୍ତ୍ତ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଲ୍ଗୁଛି ଜଗତ ।
ଆଲିଙ୍ଗନବଦ୍ଧ ହେବାପାଇଁ ଅଚେତନ ମନେ
ସପନ ରେ ଥରେ ଆସି ଚୁମିଯାଅ ଏ ନୟନେ ।
ତୁମ ସ୍ମୃତି..................................... ॥



ସ୍ମୃତି ର ସହର ସାଗ୍ କରିଦେବି ଉପବନ
ଗଭ୍ ତୁମ ସଜାଇବି ପ୍ରିୟ ପୁଷ୍ପେ ସୁଶୋଭନ ।
ପାଦ ର ନକ୍ୱଣ ଛନ୍ଦେ ନନାଦିତ କରି
ଅଙ୍କ ମଣ୍ଡାଇବ ମୋର ଆଜାନୁ ଆବୋରି ।

ଲେଟିଯାଅ ବୁକୁରେ ମୋ ମେଣ୍ଟିଯାଉ ସବୁ କ୍ଳେଶ
ଧୋଇଯାଉ ସବୁ ଦୁଃଖ ଗ୍ଲାନ ଆଉ ଅବୋଷୋଷ ।
ଗାତ୍ର ପ୍ରକମ୍ପିତ ହେବ ଆନନ୍ଦାଶ୍ରୁ ଝର ଝରେ
ଶିହରଣ ର ସ୍ପନ୍ଦନ ଖେଳଯିବ ଶରୀର ରେ ।
ତୁମ ସ୍ମୃତି..................................... ॥

ହୃଦୟ ତ ମାନୁନାହିଁ, ଅନ୍ତ ନାହିଁ ଖୋଜିବାରେ
ତୃଷାର୍ତ୍ତ ପାଇଁ ତ ମରୁ ମରିଚୀକା ହୋଇ ଫେରେ ।
ଜଳଯିବି ଜଳୁଥିବି ତୁମ ସ୍ମୃତି ସ୍ମରଣ ରେ
ଭରସା ତ ଭାଙ୍ଗିବିନ ଯଦି କେ ତୁମ ହାତ ଧରେ

ଶତଗଜ ବଳ ଧରି ବଳଷ୍ଠ ମୋ ବାହୁରେ
ସ୍ୱୀକାରୋକ୍ତି ନ ପାଇଲ ପୌରୁଷ ମୋ ଧିକ୍କାରେ ।
ଶେଷ ଇଛା ମୋର ଶୁଣି ଥାଅ ପ୍ରିୟା ଥରେ
ତେଜିବାକୁ ଦେବ ଶ୍ୱାସ ମୋ ତୁମରି କୋଳ ରେ ।
ତୁମ ସ୍ମୃତି....................................... ॥

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସମୟ



ରବି ଶତପଥୀ

ଲିଭିଯାଇଥିବା
ଦୀପ ପାଖରେ
ରାଜୁତି କରେ ଅଂଧାର
ଝଡିଯାଇଥିବା
ପତ୍ର ସାଥିରେ
ପବନ ଖେଳେ ଖେଳ ।
ଥରେ ଏମିତି ହାରିଗଲେ
ଚାରି ଦିଗରୁ
ମାଡି ଆସେ ଦୁଃଖ
ଅଟ୍ଟହାସ୍ୟ କରେ ଅସହାୟ
ଯେମିତି ଅଙ୍ଗାର
ଦୋଷ ନ ଥାଏ
ନଈ ଶୁଖିଯିବାରେ
ତାରାମାନଙ୍କର ବି
ଭୁଲ ନ ଥାଏ
ଦିନବେଳେ ହଜିଯିବାରେ ।

ଦିନ ସରିଯିବା ପରେ
ରାତି ଆସେ,
ନା, ରାତି ଆସେ ବୋଲି
ଦିନ ସରିଯାଏ?
କାହାକୁ ନ ପଚାରି ପାରିବା
ଅବଶୋଷରେ
ବଢୁଥାଏ ବୟସ,
କିଛି କରି ନପାରିବାର
ଦୀର୍ଘଶ୍ୱାସରେ
ସରିଯାଉଥାଏ ସମୟ ॥

ଅଧ୍ୟାପକ, ଓଡିଆ ବିଭାଗ, ନନ୍ଦପୁର
କଲେଜ, କୋରାପୁଟ



# ଅନୁତାପର ଅନ୍ତରାଳେ



ରାଜୀବ ଗୋପାଳ ସ୍ୱାଇଁ

ସଂକ୍ଷିପ୍ତ ପରିଚୟ: ରାଜୀବ ଗୋପାଳ ସ୍ୱାଇଁ
ଠିକଣା: ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ- ୭୫୯୧୨୧
ସମ୍ମାନ :୨୦୦୪ ଭୁବନେଶ୍ୱର ପୁସ୍ତକ ମେଳା( ରବି ପଟ୍ଟନାୟକ ଗଳ୍ପ ସମ୍ମାନ) , ଶ୍ରେଷ୍ଠ ଗଳ୍ପ- ୨୦୦୯ ଗଳ୍ପପାଠୋତ୍ସବ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ପ୍ରକାଶିତ ପୁସ୍ତକ: ସତ ସ୍ୱପ୍ନ ର ରାତି( ଗଳ୍ପ ସଂକଳନ) , ସାଗର ପକ୍ଷୀ ( କବିତା ସଂକଳନ)

ଦେହରେ ଅମାପ ବଳ । ଯୁବ ସୁଲଭ ଉଦ୍ଧାମତାରେ ସରଜୁ ଉଗ୍ର ଆଉ ଚଳଚଞ୍ଚଳ । କଥା କଥାରେ ଅନ୍ୟକୁ ତାଚ୍ଛଲ୍ୟ । ଥଟ୍ଟା ତାମସାରେ ମନ । "ଗଣ୍ଡେ ଖାଇ ଖଟି କରିବା, ପର ଘର କଳ ନଜ ଘରକୁ ଆଣିବା" ସତେ ଯେମିତି ତାର ଗୋଟେ ନତି ଦିନଆ ଅଭ୍ୟାସ ।

ତାର କଳା ମଚ୍ ମଚ୍ ଶରୀର, ବଡ ବଡ ବାହୁ, ତାଳ ଗଛ ପରି ଡେଙ୍ଗା ଦେହ ତଥା ଆଖିରେ ପଡିଥିବା ଲାଲ୍ ଡୋରକୁ ଦେଖିଲେ ଯେ କେହି ଭୟ କରିଯିବ । ଘରେ, ଭାଇରେ, ସାଇରେ, ଗାଁରେ ଗୋପାଳ ଟୋକା ସରଜୁ ଆତଙ୍କର ଅନ୍ୟ ନାମ ।

ଗାଁର ମୁରବିମାନେ ଯାହା ସହିତ କଥା ହେବା ଅପେକ୍ଷା ଚୁପ୍ ରହିବାକୁ ଅଧିକ ପସନ୍ଦ କରନ୍ତି । ସ୍ତ୍ରୀ ଲୋକମାନେ ବାଟ କଡେଇ ଚାଲି ଯାନ୍ତି । ଝିଅମାନେ କବାଟ କଳନ୍ତି ଆଉ ଟୋକାଦଳ ଯାହା ସହିତ ଖେଳ କୁଦ କରିବାକୁ ନାପସନ୍ଦ କରନ୍ତି । ସରଜୁର ମୋଟା ମୋଟି ବୟସ ସେତେବେଳକୁ ପଚଶ କି ଛବିଶ ବୋଧହୁଏ ଥିଲା । ବାପା ମାଆଙ୍କର ଅବାଧ ସନ୍ତାନ ଭାବରେ ବଢି ଚାଲିଥିବା ବେଳେ ପର ବାଡିରେ ପଶି ସେ କରିଥିବା ଚୋରୀକୁ ସେଦିନ ତା ପରିବାର ଲୋକ ସମର୍ଥନ କରିନଥିଲେ ହୁଏତ ଏ ଦିନ ଦେଖିବାକୁ ମିଳନଥାନ୍ତା ।

ଛୋଟ ମୋଟ ଚୋରୀରୁ ବଡ ଚୋରୀ କରିବା ଶିଖିଥିଲା ସରଜୁ । ଥରେ ଦି'ଥର ଜେଲ ପବନ ଖାଇ ବାହାରିବା ପରେ ତାର ବଢିଥିଲା ସାହାସ । ସେଇ ଜେଲ ଭିତରେ ଥିଲାବେଳେ ତାର ସାକ୍ଷାତ୍ ହୋଇଥିଲା ବନମାଳୀ ସହିତ । ବନମାଳୀ ପେଶାରେ ଗଞ୍ଜେଇ ଆଉ ଅଫିମ ବେପାରୀ ଥିଲା । ଚୋରାରେ ଚଳାଇଥିବା ତା କାରବାର ପାଇଁ ସେ ଯଦିଓ ସ୍ଥାନୀୟ ପ୍ରଶାସନକ ଅଧିକାରୀଙ୍କୁ ମାସିକଆ ଦେଉଥିଲା ତଥାପି ଦୁଇପକ୍ଷର ହିତ ପାଇଁ ବର୍ଷକୁ ଏଇମିତି ଥରେ ଦୁଇଥର ତାକୁ ହାଜତ୍ ଭିତରକୁ ଆସିବାକୁ ହୋଇଥାଏ ।

ଟଙ୍କା ଲୋଭ ଆଉ ବନମାଳୀର ଧନ୍ଦା ସରଜୁର ମନକୁ ବେଶ୍ ପାଇଲା । ସେ ବନମାଳୀର ପାଖେ ପାଖେ ଛାଇ ପରି ଲାଗି ରହି ବନମାଳୀର ମନ ଜଣିବାକୁ ସକ୍ଷମ ହୋଇ ପାରିଥିଲା।

ହାଜତ୍ ରୁ ବାହାରିବା ପରେ ......

ସରଜୁ ଗାଁ ଅପେକ୍ଷା, ପାଖ ସହରରେ ବିତାଇଲା ଅନେକ ସମୟ । ଗାଁ ଲୋକ ଗୁଡାକ ଛାହି ଛାହି କଲେ । ଯା' ହେଉ କୁଳାଙ୍ଗରଟା ଘର ଗାଁ ଛାଡି ଅନ୍ୟ ଆଡେ ମନ ବଳାଇଲାଣି, ଭଲ ହେଲା ।

ସରଜୁ ପାଖ ସହରରେ ବନମାଳୀର ପୋଷତ ଚେଲାଟିଏ ପରି, ସବୁ କାମ କଲା । ବିଭିନ୍ନ ପାର୍ଟି ପାଖରେ ଚୋରା ଅଫିମ୍, ଗଞ୍ଜେଇ ପହଞ୍ଚାଇବା ଥିଲା ତା'ର ମୁଖ୍ୟ କାମ । ତା ସହିତ ଚାଷୀ ପାଖରୁ ବସ୍ତା ବସ୍ତା ଗଞ୍ଜେଇ ଆଣିଲା ବେଳେ ଖୁବ୍ ଫୁର୍ତ୍ତି ଓ ସାହସ ଦେଖାଉଥିଲା ସରଜୁ । ଏହିକ୍ରମରେ ସରଜୁ ଅଧିକରୁ ଅଧିକ ବିଶ୍ୱାସଭାଜନ ହୋଇପଡୁଥିଲା ବନମାଳୀର।

ସରଜୁ ବାପା- ମାଆଙ୍କର ତିନ ପୁଅ ଦୁଇ ଝିଅଙ୍କ ଭିତରେ ସବୁଠୁ ବଡ । ତା'ର ବାହାଘର ହେବ କେମିତି? ଏପରି ଗୋଟେ ଅପଦାର୍ଥକୁ କିଏ କାହିଁକବା ଝିଅଟିଏ ଦେଇ ତା'ର ଜୀବନକୁ ନଷ୍ଟ କରିଦେବ? ବାପା ମାଆ ବହୁତ ଚିନ୍ତିତ ଥାନ୍ତି । ସରଜୁଟା ବାହା ନହେଲେ ନାହିଁ । ମନ ଭିତରେ ତା'ପ୍ରତି ଛି ଭାବଟିଏ ତିଆରି ହୋଇ ସାରିଥାଏ । ଏଟା ବଡ ନହୋଇଥିଲେ ଏମିତିରେ ଚିନ୍ତିତ ହେଲା ପରି କିଛି ନଥିଲା, ସେ ଯୁଆଡେ ଯାଉଛି ଯାଉ।

ଯାହା କରିବା କଥା କରୁ । ମନକୁ ମନ ତେଜ୍ୟ ହୋଇଯାଉ; ଯାହା ହେଲେ ବି ସେଥିରେ କଛି ହେଲେ ଫରକ୍ ପଡିବାର ନଥିଲା ।

ହେଲେ ସରଜୁ ଏ'ଘରର ବଡ ପୁଅ । ବଡ ପୁଅ ହିସାବରେ ତାର ବାହାଘର ନସାରି ଯଦି ଅନ୍ୟମାନଙ୍କ ପାଇଁ ଚେଷ୍ଟା କରାଯାଏ ତେବେ ସମାଜ, ସାହି, ଭାଇରେ ଅପଯଶ ହେବ । ଏମିତିରେ ତ ଏ କୁଳାଙ୍ଗାରଟା ପାଇଁ ବାଟ ଦାଣ୍ଡରେ ମୁଣ୍ଡ ଟେକ ଚାଲି ହେଉନ, ସେଥିରେ ପୁଣି ଏପରି ଏକ ନିଷ୍ପତ୍ତି ରସାତଳକୁ ଠେଲି ନେବ । ସରଜୁଟା ବାହା ନହେଲେ ଅନ୍ୟମାନଙ୍କର ବାହାଘର ହେବା ସମାଜରେ ନିନ୍ଦିତ ହେବା ସହିତ ସମାନ । କିଏ ବୁଝାଇବ ତାକୁ? ସେ କଣ ଆଉ ବୁଝିବା ବୟସ କି ବୁଝିବା ସ୍ଥିତିରେ ଅଛି ଯେ ବୁଝିବ?

ସରଜୁ ସହିତ ବନ୍ଧା ଏମିତି ଅନେକ ଗୁଡିଏ ସମସ୍ୟା ସମସ୍ତ ପରିବାରଟିକୁ ଘାଣ୍ଟି ସନ୍ତୁଳ ପକାଉଥିଲା ବେଳେ, ସରଜୁ କିନ୍ତୁ ନିଜ ଜୀବନ ଜୀଇଁବାରେ ବ୍ୟସ୍ତଥିଲା ।

ସେଇ ସମୟ ଭିତରେ ଭଗବାନ ସାଥି ଦେଲାପରି ଘଟଣାଟିଏ ଘଟିଲା । ବନମାଳୀକୁ ଧରିଲା କୁଷ୍ଠ । ଧୀରେ ଧୀରେ କରି ସବୁ ସହଯୋଗୀ ମାନେ ତା ପାଖରୁ ହଟିବାକୁ ଆରମ୍ଭ କଲେ । ଏହା ଦେଖି ବନମାଳୀର ମନ ଝାଉଁଳି ପଡୁଥାଏ ଆଉ ସେ ମାନସିକ ସ୍ତରରେ କେଉଁ ଏକ କୁଷ୍ଠାଶ୍ରମକୁ ଚାଲିଯିବାପାଇଁ ପ୍ରସ୍ତୁତ ହେଉଥାଏ । ହେଲେ ସରଜୁ ଛାଡିଲା ନାହିଁ ବନମାଳୀର ସଙ୍ଗ । ସରଜୁ ଯେ କେବଳ ଏ ଚୋରା ବେପାରଟାକୁ ଭଲ ପାଇଥିଲା ତାହା ନୁହେଁ, ତା'ଠାରୁ ବୟସରେ ଢେର ବଡ ବନମାଳୀକୁ ବି ସେ ଗୁରୁ ଭାବରେ ମାନ ସାରିଥିଲା। ବନମାଳୀ ଯେତେ ଯାହା କହିଲେ ବି ସରଜୁ ତା ପାଖରୁ ମୋଟେ ଗଲାନ ।

ବନମାଳୀ ନିଜ ଘରଠୁଁ ଦୂର, ନିକାଞ୍ଚନ ପରିବେଶ ଭିତରେ ମଶାଣୀ ଭୂଇଁକୁ ଲାଗି ଦେଢ ବଖରା ଘର ତିଆରି କଲା । ସେ ସେଠାକୁ ଗଲାବେଳେ ତା ସହିତ କେବଳ ମାତ୍ର ଦି'ଜଣ ଥିଲେ । ଜଣେ ହେଲା ତାର ପୋଷା କୁକୁର ଆଉ ଅନ୍ୟ ଜଣକ ସରଜୁ । ଦି ଜଣଙ୍କୁ ଅନେକ ମାରି ତଡିଲା ପରେ ବି ସେମାନେ ତା'ପାଖ ଛାଡି ନଥିଲେ । ବନମାଳୀ ସେଦିନ ବହୁତ କରି କାନ୍ଦିଥିଲା କାରଣ ସ୍ତ୍ରୀ, ପିଲା, ବଞ୍ଚିଥିବା ମାଆ ଭଳ ପୁରିଲା ସଂସାର ଭିତରେ

କେବଳ ଏ'ଦିଟା ଅବାଞ୍ଛିତ ହିଁ ତାର ପଦାନୁସରଣ କରିଥିଲେ । ଅନ୍ୟ ମାନଙ୍କୁ ବୁଝାଇ ଦେବା ଭିତରେ ସେମାନେ ବୁଝି ଯାଇଥିଲେ, ହେଲେ ଏମାନେ ବୁଝିବି ଅବୁଝା ।

ସେଦିନର ଅସହାୟ ବନମାଳୀ ପ୍ରଥମ କରି ଅନୁଭବ କରିଥିଲା ସଂବେଦନଶୀଳ ମାନବିକତାର ଅର୍ଥ । ଯେଉଁ ପରିବାର ପାଇଁ ସେ ଅହର୍ନିଶି କେତେ କେତେ ପୀଡା ଉଠାଇଥିଲା, ଆଜି ସେହି ପରିବାର ତାର ଦୁରାରୋଗ୍ୟ ଶରୀର ନିମନ୍ତେ ତାକୁ କରିଛି ପ୍ରତ୍ୟାଖାନ, ଅଥଚ ତାର ମୁଠାଏ ଉଚ୍ଛିଷ୍ଟରେ ପ୍ରତିପାଳିତ ମୂକ ପ୍ରାଣୀଟିଏ ତାକୁ ଛାଡି ଚାଲି ଯାଇନି । ସରଜୁ ପରି ପର ମଣିଷ, ଯାହା ସହିତ ତାର କୌଣସି ସଂବଧ ହିଁ ନଥିଲା, ସେ ଆଜି ସାଜିଛି ନିରବ ଅନୁଗାମୀ । ଚରମ ବୈରାଗ୍ୟ ସତ୍ବେ ବନମାଳୀ ମନେ ମନେ ସଂକଳ୍ପ ନେଇଥିଲା ସରଜୁ ପାଇଁ ନିଶ୍ଚୟ କିଛି କରିବ ।

ତାହା ହିଁ ହେଲା । ବନମାଳୀର କଥା ମାନି ଓ ପରିଚିତ ମହଲରୁ ଠିକ୍ କରିଥିବା ଝିଅକୁ ଦେଖି ସରଜୁ ବିବାହ ପାଇଁ ସମ୍ମତ ପ୍ରଦାନ କଲା । ବାପା, ମାଆ ବହୁତ ଖୁସି, ଯାହେଉ ସେ ନିଜ ପାଇଁ କିଣ କରୁ ନକରୁ ନିଜ ପାଇଁ ଝିଅଟିଏ ତ ଠିକ୍ କରି ପାରିଲା। ସବୁଠୁଁ ବଡ କଥା ତା ବାହାଘର ପରେ ହୁଏତ ସେ ପରିବର୍ତ୍ତନ ହୋଇଯାଇପାରେ। କେବଳ ସେତିକି ନୁହେଁ, ସରଜୁର ବାହାଘର ତା'ର ଅନ୍ୟାନ୍ୟ ଭାଇ ଭଉଣୀଙ୍କ ପାଇଁ ବରଦାନ ସଦୃଶ ହେବ।

ସରଜୁର ବାହାଘର ସେଇଠି ହିଁ ହେଲା ଆଉ ଏଥି ସହିତ ସମୟ ଓ ପରିସ୍ଥିତିରେ ଆସିଲା ବହୁତ ବଡ ପରିବର୍ତ୍ତନ । ସରଜୁକୁ ନିୟମିତ ଭାବରେ ଘରକୁ ଫେରିବାକୁ ପଡିଲା । ସମୟାନୁବର୍ତ୍ତୀ ହେଲା ସରଜୁ । ସେ ଯେଉଁ ପେଶାକୁ ନେଇ ବନମାଳୀ ପାଖରେ ଥିଲା ସେଇ ପେଶାକୁ ନିଜ ବେଉଷା ବନାଇଲା । ଘରେ ଚାଲିଲା ଅଫିମ, ଗଞ୍ଜେଇ ବେପାର । ଅଫିମିଆ, ଗଞ୍ଜୋଡଙ୍କର ଭିଡ ଲାଗିଲା ଘରେ । ଭୂଆଷୁଣୀ ଝିଅ ଗୁଡାକ ଘରେ ଥାଉ ଥାଉ ଏମିତି ପରିସ୍ଥିତି ଦେଖି ସରଜୁର ବାପା ଦେଖି ସହି ପାରିଲେ ନାହିଁ । ମନରେ ଅନ୍ତରୀଣ ଯନ୍ତ୍ରଣା ଓ କ୍ଷୋଭର ସମାହାର । ଦିନେ ପୁଅକୁ ଡାକି ବୁଝାଇବା ବେଳେ ସରଜୁର ବ୍ୟବହାର ତାଙ୍କୁ ବ୍ୟଥିତ କଲା । ରାଗରେ ପୁଅ ଗାଲରେ ଠୋ କରି ଚଟକଣାଟିଏ

ପକାଇଲେ ସିନା, ହେଲେ ଯେ କଣ ରାମଚନ୍ଦ୍ରଙ୍କ ପରି ଆଜ୍ଞାକାରୀ ପୁଅ ହୋଇଛି ଯେ ଘର ଛାଡି ବନବାସରେ ବାହାରିଯିବ? ଯେ ପରା କଂସ ପରି ରାକ୍ଷସ ଯିଏ ନଜର କ୍ଷମତା ଆଉ ସ୍ୱାର୍ଥ ପାଇଁ ନଜ ପିତା ପର୍ଯ୍ୟନ୍ତକୁ ବନ୍ଦୀ କରିପାରେ !

ବାପାଙ୍କର ଚଟକଣାର ଜବାବରେ ସରଜୁର ଆଖି ଲାଲ୍ ଲାଲ୍ ହୋଇଗଲା । ନାକରୁ ବାହାରିଲା ଖର ନିଃଶ୍ୱାସ, ମୁଣ୍ଡରେ ଚଢିଲା ପିତ । ସରଜୁ ଆଉ ସରଜୁ ହୋଇ ରହିଲା ନାହିଁ । ପାଲଟିଲା କଂସ । ବାପାର ହାତ ଓଟାରି ବିଧା, ଗୋଇଠା ବର୍ଷି ଦେଇଗଲା । ଛଡାଇବାକୁ ଆସିଥିବା ମାଆ, ଭାଇ, ଭଉଣୀ, ସ୍ତ୍ରୀ କେହି ହେଲେ ବି ବର୍ତିଲେ ନାହିଁ । ଘରେ ଚାଲିଲା ଭେଁ ଭାଁ କାନ୍ଦ । ତାହାରି ଭିତରେ କ୍ରୋଧାନ୍ଧ ସରଜୁର ବାପା ଅଭିଶାପ ଦେଲେ - ସରଜୁରେ ତୋ ଜୀବନ ଦୁର୍ବିଶହ ହୋଇଯାଉ । ତୋଠି ଗଳତ କୁଷ୍ଠ ହେଉ । ତୁ ଅନ୍ୟ କାହାକୁ ମାରିବା ପାଇଁ ତୋ ପାଖରେ ହାତ ଗୋଡ ନରହୁ ... !

ସରଜୁ ସେଇ ରାତି ରାତି ଗାଁ ଛାଡି ବନମାଳୀ ପାଖକୁ ପଳାଇଗଲା ସେଇଁଠି ଢେର ଦିନ ଯାଏ ରହି ବେଶ ଭଲ କରି ଦି ପଇସା କମାଇଲା । ସେହି ସମୟ ଭିତରେ ସେ ଭୁଲିଗଲା ଘର, ଦ୍ୱାର, ବଂଧୁ, ବାନ୍ଧବ, ସମସ୍ତଙ୍କୁ ଏପରି କ ନଜ ଅନ୍ତଃସତ୍ତ୍ୱା ପତ୍ନୀକୁ ।

ସାତମାସର ଅନ୍ତଃସତ୍ତ୍ୱା ତା' ସ୍ତ୍ରୀ ସେଦିନ ବିକଳ ହେଲା ବେଳେବି ସେ' ଘରକୁ ଫେରିନଥିଲା । ହେଲେ ଯେଉଁ ଦିନ ସେ ଶୁଣିଲା ଯେ ତା ସ୍ତ୍ରୀ ତା ପରିବାରର ପ୍ରଥମ ଦାୟାଦକୁ ଭୂପୃଷ୍ଠକୁ ଆଣିଛି ସେଦିନ ସେ ଥୟ ଧରି ରହିପାରିଲା ନାହିଁ । ସବୁକଛିକୁ ପଛକରି ସେ ଘରକୁ ଦୌଡିଲା । ଘରେ ପହଞ୍ଚି ସେ ଦାଣ୍ଡ ଦୁଆର ଉଠିବାକୁ ଯାଉଛି ସମସ୍ତେ ତାକୁ ଆପାଦ ମସ୍ତକ ଚାହୁଁଥାନ୍ତି । କଡେଇ ହୋଇ ପଡୁଥାନ୍ତି ଜନଗହଳ । କେତେକ ତାକୁ ଦେଖି ମୁହଁ ମୋଡୁଥାନ୍ତି । ତାହାରି ଭିତରୁ ଜଣେ ବୃଦ୍ଧା କହି ଉଠିଲେ- ଆଲୋ ମା' ଏ ସରଜୁଟା ଏମିତି କଣ ଦିଶୁଛି ? ତା ବାପାର ଶାଇପ ଫଳଲା ଲୋ ମା ... । ସରଜୁକୁ କୁଷ୍ଠ ହୋଇଛି .....!

ଗାଁ ମାଇପେ ଟୁପୁରୁ ଟାପୁରୁ ହେଲେ । ଗାଁରେ ଉଠିଲା ବାସନ୍ଦ କରିବାର କଥା । କୁଟୁମ୍ବରୁ ଭାଇମାନେ ଅନ୍ୟ ଅଡେ ଯାଇ ଘର ତିଆରିବାକୁ ମନ ବଳେଇଲେ । କିଏ ରହିବ ଯା ପାଖରେ .. ଡିଆଁ ରୋଗଟା ... ସମସ୍ତଙ୍କୁ ହୋଇଯିବ ।

ନିଜ ହାତକୁ ଆଗକୁ ବଢାଇ ନିଜର ପ୍ରଥମ ସନ୍ତାନ, ଶିଶୁପୁତ୍ରକୁ କୋଳେଇ ନେବାର ମୋହ ସମ୍ବରଣ କରିପାରୁ ନଥାଏ ସରଜୁ । ଘରର ସବୁ ସଦସ୍ୟ ମଝିଆ ମାଝି ଘର ବାରଣ୍ଡାରେ ଠିଆ ହୋଇଥାନ୍ତି । ଏଣ୍ଟିଡି ଶାଳରୁ ନବଜାତ ଶିଶୁର ମୁହଁରେ ଶାନ୍ତ ସ୍ନିଗ୍ଧ ଆଭା ଟିକିଏ ଝଲସି ଉଠୁଥାଏ । ସେଇ ଶିଶୁ ପୁତ୍ରକୁ କୋଳରେ ଧରି ତାର ଜନ୍ମଦାତ୍ରୀ କରୁଣ ନୟନରେ ସରଜୁର ଆଗକୁ ବଢିଥିବା ହାତକୁ ଲକ୍ଷ କରୁଥାନ୍ତି । ଇଚ୍ଛା- ଅନିଚ୍ଛାର ଦୋ ଛକରେ ଦ୍ୱନ୍ଦର ପାହାଡ । ସରଜୁର ବଢିଲା ହାତ ଆପେ ଆପେ ପଛକୁ ହୋଇଗଲା । ଦୀର୍ଘଶ୍ୱାସ ଛାଡିଲେ ସରଜୁର ବାପା ।

ସରଜୁ ଓଠ, କାନରେ ଧଳା ଛଉ, ଗୋଡ ଆଉ ହାତର ଆଙ୍ଗୁଠି ମାନ ବଙ୍କା ହୋଇ କଲେଣି । ବିକୃତ ଦେଖାଯାଉଛି ସରଜୁର ମୁହଁ । ସରଜୁ ତା ବାପାଙ୍କ ଅଭିଶାପକୁ କାନ୍ଧେଇ ସାରିଛି ..... ।

ସରଜୁ ଦୂରରୁ ଥାଇ ସେଦିନ ନିଜ ପୁଅ କୁ ଦେଖି ଫେରିବା ବେଳେ ମୁହଁ ରେ ହସ ଆଉ ହୃଦୟରେ ଆନନ୍ଦ ପ୍ରତିବଦଳରେ ବିଷାଦର କଳା ମେଘ ଘୋଟି ଆସିଥିଲା । କଣ ହେଲା କେଜାଣି ସେଇଠୁଁ ଫେରିବା ପରେ ସରଜୁ ଗୁମ୍ ସୁମ୍ ପାଲଟିଗଲା । ନିଜ ଦେହରେ ଘଟିଥିବା ପରିବର୍ତ୍ତନକୁ ବାରମ୍ବାର ଲକ୍ଷ କଲା ଦର୍ପଣରେ । ବଞ୍ଚିବାର ମୋହ ଅପେକ୍ଷା, ମନରେ ନିଜକୁ ନିଜେ ମାରି ଦେବାର ଇଚ୍ଛା ଅଧିକରୁ ଅଧିକ ସୃଷ୍ଟି ହେବାକୁ ଲାଗିଲେ ।

ସମୟ ବିତୁଥିଲା .... । ଏ ଭିତରେ ସରକାରୀ ସ୍ତରରେ କୁଷ୍ଠ ନିରାକରଣ ପ୍ରୋଗ୍ରାମ୍ କୁ ଦେଖି ସରଜୁ ଓ ବନମାଳୀ ମନରେ ଆଶାର କିରଣ ଦେଖା ଦେଲା । ବନମାଳୀର କ୍ଷୟିଷ୍ଣୁ ଶରୀର ପରି ସରଜୁ ବେଶ ରୋଗ ଆକ୍ରାନ୍ତ ହୋଇନଥିଲେ ବି ତାର ହସ୍ତ ଓ ପାଦାଙ୍ଗୁଳ

ଗୁଡିକ ଗଭିର ଭାଗରେ ଆକ୍ରାନ୍ତ ହୋଇଥିଲେ । ଏପରି ଅବସରକୁ ଏମ.ଡି.ଟି. ଏମାନଙ୍କୁ ନୂତନ ଜୀବନ ପ୍ରଦାନ କରିଥିଲା ।

ଦୁହେଁ ବଞ୍ଚିଗଲେ । ବନମାଳୀ ଓ ସରଜୁ ନିଜର ନବଜୀବନ ଭିତରେ ଉଲ୍ଲାସ ଅନୁଭବ କଲେ ବି ପୂର୍ବ ପରି ଉଦ୍ଧାମତା ଆଉ ନଥିଲା । ଏ ଭିତରେ ବାପା- ମାଆ ସଭିଁଏ ଚାଲି ଯାଇଥିଲେ । ଭାଇମାନେ ଅଲଗା ଅଲଗା ସଂସାର ତିଆରିଥିଲା ବେଳେ, ଭଉଣୀମାନେ ନିଜ ନିଜର ଶାଶୂଘରେ ସୁଖୀ ଥିଲେ । ଏବେ ସରଜୁ ଏକା ଏକା । ସେ ନିଜ ସ୍ତ୍ରୀ ଓ ଝିଅ ମାନଙ୍କୁ ଛୁଇଁବା ପାଇଁ ଡରୁଥିଲା ଯଦିଓ ସେମାନେ ଏକା ଘରେ ରହୁଥିଲେ। ଗାଁ, ଭାଇ, କୁଟୁମ୍ବରେ ଆଦର ଅପେକ୍ଷା ଅନାଦାର ଥିଲା ଅଧିକ ।

ଡାକ୍ତର ସରଜୁକୁ କୁଷ୍ଠରୁ ସମ୍ପୂର୍ଣ୍ଣ ଆରୋଗ୍ୟ ବୋଲି ଯେଉଁଦିନ ଘୋଷଣା କଲେ, ସେଦିନ ଖୁସିରେ ଝୁମି ଉଠିଥିଲା ସରଜୁ । ସକାଳୁ ସକାଳୁ ଗାଧୋଇ ପାଧୋଇ ଶିବ ମନ୍ଦିର ସମ୍ମାରୁ ଫେରିବା ପରେ ନିଜ ପତ୍ନୀ ହାତରୁ ପୁଅକୁ ଛଡାଇ ନେଇ ବୋକ ପରେ ବୋକ ଅଜାଡି ପକାଇଲା । ମନରେ ଉଠିଥିବା ଅନେକ ଦିନର ଅବଶୋଷ, ସେଦିନ ତରଳ ଯାଇ ପୁଅ ଉପରେ ସ୍ନେହର ବର୍ଷା ରୂପରେ ବର୍ଷି ଚାଲିଥିଲେ । ଖୁସିରେ ଗଦ୍ ଗଦ୍ ହୋଇ ଚାଲିଥିଲା ମନ । ଆଖିରେ ଭରି ଆସିଥିବା ଆନନ୍ଦାଶ୍ରୁ ସବୁକଛି ଦୃଶ୍ୟକୁ ଝାପସା କରି ଦେଉଥିବା ବେଳେ .. ସରଜୁ ନିଜ ବାପାଙ୍କର ପ୍ରତିଛବିକୁ ଆଗରେ ଆବିଷ୍କାର କରିଥିଲା । ହୃଦୟ ଭିତରେ ଅନୁରଣିତ ହେଉଥିଲା ବାପାଙ୍କର କଣ୍ଠସ୍ୱର........... ଏବେ ବୁଝିଲୁତ ? ଗୋଟେ ବାପା ପାଇଁ ତା ପୁଅର ମହତ୍ୱ କଣ? ଅନ୍ତର ଭିତରେ ଗୋଟେ ବାପା ତା ପୁଅ ପାଇଁ କେତେ ସ୍ନେହ ରଖିପାରେ? ଅଥଚ ସେହି ବାପା ତାର ସେହି ଅଲିଅଳ ପୁଅକୁ କେତେ କଠୋର ହେଲେ ଯାଇ ଅଭିଶାପ ଦେଇପାରେ, ତୁ ଅନୁଭବ କର। ଜୀବନ ଆଉ ସଂସାରର ସବୁ ନିତି, ନିୟମ, ଆଦର୍ଶ ଆଉ ମର୍ଯ୍ୟାଦା ଭୁଲି ଯେଉଁ ପୁଅ ନଷ୍ଟ ପଥର ଯାତ୍ରୀ ହୁଏ ..... ସେ ହିଁ ବାପାର ସବୁ ଭଲ ପାଇବାକୁ ଜାଳପୋଡି ଅଙ୍ଗାର କରିପାରେ, ଆଉ ସେହି ପୁଅକୁ ବାପା ନିଜର ଅନ୍ତରାତ୍ମାକୁ ମାରି ଅଭିଶାପ ଦିଏ .... !! ଏବେ ତୋ ପୁଅକୁ ସ୍ନେହ କରୁଥିବା ଭିତରେ ମୋ ପରି ଗୋଟେ ବାପାର ମନକୁ ଦେଖି, ତୁ ନିଶ୍ଚୟ ଦେଖିବୁ

ଗୋଟେ କୋମଳ ବାପାର ମନ କେମିତି ହୋଇପାରେ ନିଦାରୁଣ, କଠୋର, ଉଗ୍ର .... !! ଅଶ୍ରୁ ବିସର୍ଜନ ବେଳେ ବାପାଙ୍କର ପ୍ରତିଛବି ଲିଭି ଆସୁଥିଲା । ଅନୁତାପ ରେ ଭରିଯାଉଥିଲା ହୃଦୟ ।

ବେଳେ କୋହଭରା କଣ୍ଠରେ କହିଲା- ବାପା ମୋତେ କ୍ଷମା କରିଦିଅ । ମୋତେ କ୍ଷମା କରିଦିଅ ।

ମୋ ଭୁଲ ପାଇଁ ସତରେ କଣ କ୍ଷମା ଅଛି .....??

ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com

& editor.vedantimagazine@gmail.com.

Whatsapp & Mobile: 9594993733

# ତୁମେ ଆସିବ ବୋଲି....

କାର୍ତ୍ତିକ ପାଣିଗ୍ରାହୀ

ଦେଖୁଛ ତ........!!
ଶୀତ କେମିତି ମୁହଁଛୁପା ଦେଇ
ଗୁଲି ଯିବାକୁ ବସିଲାଣି.......
ବସନ୍ତ ବି ଆସିଗଲାଣି ଅତି ସନ୍ତର୍ପଣରେ,
ବହିଲାଣି ମୃଦୁ ମୃଦୁ ମଳୟର ଧାର୍
ବଉଳର ବାସ୍ନାରେ ମତୁଆଲା ହୋଇ
କୋଇଲି ମାନେ ବି ଆସ୍ଥାନ ଜମେଇଲେଣି
ପତ୍ରଝଡା ଗଛମାନେ ବି ନୂଆଁ ପତ୍ରର
ଆଗମନୀ ଅପେକ୍ଷାରେ.....
ପାଦ ଚପି ଚପି ତମେ ଆସିବ ବୋଲି
ପାଦ ଥାପି ସାରିଲାଣି ବସନ୍ତ
ସମସ୍ତଙ୍କ ଆଖିରେ ଏକ ପ୍ରସନ୍ନ ଭାବ.....
ନା କୋଇଲି ମନ ଖୋଲି ଗାଇ ପାରୁଛି
ନା ବଉଳ ତା ବାସ୍ନାର ମହକାଇ ପାରୁଛି
ନା ମଳୟ ପବନ ମନକୁ ହଜାଇ ପାରିଛି
ନା ଘାସଫୁଲ ସକାଳର କାକର ଟୋପାରେ
ନିଜକୁ ଭିଜାଇ ପାରୁଛି......



ସମସ୍ତଙ୍କର ଅପେକ୍ଷା.......

କେବେ ତମେ ଆସିବ....

କାରଣ ତମେ ଆସିଲେ ହିଁ ଆସିବ

ରଜ ଦୋଳର ମଉଜ

ହୋଲିର ସାତରଙ୍ଗରେ ଭରିଯିବ

ଜୀବନର ରଙ୍ଗ....

ସବୁ ତ ଆସିଲେଣି,

ଏଥର ତ ଆସିଯାଅ.....

ଭରିବାକୁ ମୋ ଭିତରେ

ପୁଣିଥରେ ଜିଇଁବାର ରଙ୍ଗ......

~~~~~~

**"ବେଦାନ୍ତୀର ଅପ୍ରେଲ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**
~~~~~~

# ସ୍ୱାଗତଂ ଶହସ୍ରାବ୍ଦ



ଶୁଭକାନ୍ତ ସାହୁ

ହସ୍ତରେ ମୋହର ମଧୁପୁଷ୍ପମୟ ଅର୍ପିବି ତୁମ ପୟର,
ସ୍ୱାଗତଂ ସ୍ୱାଗତଂ କ ଭାଷେ କହିବ ହୃଦୟ ତୁମକୁ ମୋର।
ଅଫୁରନ୍ତ ଖୁସି ଅପାର ଆନନ୍ଦ ଅସୀମ ଏ ଉଦ୍ଦୀପନା,
ଅନେକ ଆକାଂକ୍ଷା ଆଶାର ସାଗର ଅସରନ୍ତି ର କାମନା।
ଜୀବନରେ ନବୋଦୟ ନାହିଁ ଖାଲି ଉଦୟିଛ ନୂଆଁ ଜୀବନୀ,
ଆଶ୍ୱାସନା ଭର୍ ହେ ନବ ଶତାବ୍ଦୀ ଆସ ସ୍ନେହ ପ୍ରେମ ଘେନ।
ବିର୍‌ଜ ବସୁଧେ ଭ୍ରାତୃଭାବ ବହି ବିଶ୍ୱେ ଦିଅ ଶାନ୍ତି ବୁଣି,
ହୀରୋ୍‌ସୀମା, ନାଗାସାକ, କାରଗିଲ୍ ପ୍ରମୁଖର ବ୍ୟଥା ପୁଣି।
ନହେଉ ଅଞ୍ଜନା ଅର୍ଚ୍ଚନା ଧର୍ଷଣ ନହେଉ ପାଦ୍ରୀ ପୋଡି,
ଭାରତ- ପାକ୍ କାରଗିଲ୍ ନଯାଇ ପୁଣି ହୋଇଯାଉ ଯୋଡ଼ି।

ଗୋପବନ୍ଧୁ ହାଇସ୍କୁଲ ପୋଲସର୍, ଗଂଜାମ।



# ଆମୁର ଫାଲକନର ବିଶ୍ୱ ରାଜଧାନୀ

( ତୃତୀୟ ଭାଗ)



ଅଶୋକ ବିଶ୍ୱାଳ

ଯେଉଁ ଜାତିରେ ଏତେ ଯୁଦ୍ଧ, ଏତେ ବୀରତା ଅଛି ସେଠାରେ ସାଥିରେ ଜଣେ ଠିଆ ହେବାର ଆବଶ୍ୟକତା ଅଛି । ସବୁବେଳେ ଗାଁ ଗାଁ ମଧ୍ୟରେ ଯୁଦ୍ଧ, ଅନ୍ୟମାନଙ୍କ ସହ ଯୁଦ୍ଧ । ସେଠି ଏକ ସାହାସୀ ଯୋଦ୍ଧାର ସ୍ଥାନ ବହୁତ ଉପରେ । ନାଗାମାନେ ଦୁଃସାହାସୀ । ଅନେକ ଦୂର ଶିକାର ସଂନ୍ଧାନରେ ଯାଇ ପାରନ୍ତି ଏଣୁ ସେମାନେ ଏହି ପକ୍ଷୀମାନଙ୍କୁ ସମ୍ମାନ ଦେଉଥିଲେ । ଏମାନେ ଯେ ଏତେ ଦୂର ଯାତ୍ରା କରନ୍ତି ।

ପାଙ୍ଗତି ସେମାନଙ୍କ ଶୀତର ଚାରଣ ସ୍ଥାନ ନୁହେଁ ।- ସେ କହିଲେ ।

ଅର୍ଥାତ- ମୋ କଣ୍ଠରୁ ଶବ୍ଦଟି ବାହାରି ଆସିଲା ।

ଏପର୍ଯ୍ୟନ୍ତ ମୁଁ ବାର୍ଡ ମାଇଗ୍ରେସନରେ ପକ୍ଷୀମାନେ ସୁଦୂର ସାଇବେରିଆ, ମଙ୍ଗୋଲିଆରୁ ଭାରତ ବର୍ଷର ଅନେକ ସ୍ଥାନକୁ ଉଡି ଆସିବା ଶୁଣିଥିଲି । ସେମାନେ ଓଡିଶାର ଚିଲିକା ହ୍ରଦ, ଭିତରକନିକା, ରାଜସ୍ଥାନର ଭରତପୁର ଇତ୍ୟାଦି ଅନେକ ସ୍ଥାନକୁ ଉଡି ଆସନ୍ତି। ଶୀତରେ ଏହି ସ୍ଥାନ ମାନଙ୍କରେ ରୁହନ୍ତି ଆଉ ଶୀତ ରତୁ ଗଲାପରେ ନିଜ ନିଜର ଗ୍ରୀଷ୍ମ ରହଣି ସ୍ଥାନ ଯଥା ସାଇବେରିଆ ଆଡକୁ ଫେରି ଯାଆନ୍ତି । କିନ୍ତୁ ଏ ପକ୍ଷୀମାନେ ଏଠୁ ନିଜର ବାସ ସ୍ଥାନକୁ ଫେରିଯାଆନ୍ତି ନାହିଁ ।

କଥାଟା ମୋତେ କେମିତି ଆଶ୍ଚର୍ଯ୍ୟ ଲାଗୁଥିଲା । ପକ୍ଷୀମାନେ ତାହେଲେ କଣ କରନ୍ତି?

ସେମାନେ ଯେ ଆଗକୁ ଯାତ୍ରା କରନ୍ତି । - ମିସ୍ ଜୁଥୁଙ୍ଗଲୋ କହିଲେ

କୁଆଡେ ?

ସେମାନେ ଆଫ୍ରିକାର ଘ୍ବରଣ ଭୂମିକୁ ଏହାପରେ ସିଧା ଉଡିଯାଆନ୍ତି । ବିସ୍ତୀର୍ଣ୍ଣ ପାରସ୍ୟ ଉପସାଗର ଉପର ଦେଇ ଦକ୍ଷିଣ ଆଫ୍ରିକାକୁ ଉଡି ଯାଆନ୍ତି ।

ଆଶ୍ଚର୍ଯ୍ୟ, ଅତି ଆଶ୍ଚର୍ଯ୍ୟ ।- ମୋ ମୁହଁରୁ ବିସ୍ମୟର ଶବ୍ଦମାନଙ୍କ ଛଡା ଆଉ କଛି ନଥିଲା ।

ଗୋଟିଏ ଛୋଟ ପକ୍ଷୀ ଏତେ ବାଟ ସିଧା ଉଡି ଯାଇପାରେ? ଏତେ ଦୂର । ଘ୍ବରଣ ଭୂମି ପ୍ରାୟ ଘ୍ବରି ପାଂଚ ହଜାର କଲୋମିଟରରୁ ନଶ୍ଚିତ ଭ୍ବବେ ଅଧିକ ହୋଇଥିବ । ଏତେ ଦୂର କେଉଁଠି ନ ଅଟକ ପକ୍ଷୀଟି ଉଡିଯାଏ । ଆରବ ସାଗର ଉପରେ ଘ୍ବହିଁଲେ ଅଟକବାର ଘ୍ବସ୍ତା କାହିଁ ।

ତଳେ ତ ଅଥଳ ସମୁଦ୍ର ଲମ୍ବି ଯାଇଛି । ସେ ପକ୍ଷୀମାନେ ତାହେଲେ କେଉଁଠି ନଅଟକ ଉଡି ଯାଆନ୍ତି । ଆପଣ ଏହି କଥା କହୁଛନ୍ତି ? - ମୁଁ ତାଙ୍କୁ ପଘ୍ବରଲି ।

ଆଉ ନହେଲେ କଣ । ସେମାନେ ମୋଟେ ଆଉ ନ ଅଟକ ଉଡି ଯାଆନ୍ତି ।- ସେ ମୋତେ ବୁଝାଉଥିଲେ ।

ଏତେ ଶକ୍ତି ଆସେ କେଉଁଠୁ? – ମୁଁ ପଘ୍ବରଲି

ଏଠି ସେମାନେ ପ୍ରାୟ ଦୁଇ ରୁ ତିନ ସପ୍ତାହ ରୁହନ୍ତି । ଏ ଭିତରେ ସେମାନଙ୍କ ଓଜନ ପ୍ରାୟ ଦେହରୁ ଦୁଇଗୁଣ ହୋଇଯାଏ । ମୁଖ୍ୟତଃ ଝଡିପୋକ ଆଉ ଅନ୍ୟ ପତଙ୍ଗ ଖାଇ ସେମାନଙ୍କ ଓଜନ ବହୁତ ବଢିଯାଏ । ଦେହର ସେହି ଚର୍ବି ଏତେ ଦୂର ଯିବାପାଇଁ ଉନ୍ଧନ ଯୋଗାଇ ଦିଏ ।- ସେ ମୋତେ କହୁଥିଲେ ।

ମିସ୍ ଜୁଥୁଙ୍ଗଲେଙ୍କ ମୁହଁ ଆଗଭଳ ଚମକୁଥିଲା । ସୁନ୍ଦରୀ ନାଗା ମହିଳା ଏକ ସାହାସୀ ପକ୍ଷୀ କଥା କହିଲାବେଳକୁ ଖୁବ ଉତ୍ସାହିତ ହୋଇ ଯାଇଥିଲେ ।

ଆରେ ନାଗା ମାନେ ସାହାସୀଙ୍କୁ ଭଲ ପାଆନ୍ତି । ନାଗା ସମାଜରେ ସାହାସୀ ଆଉ ଦୁର୍ଦ୍ଧର୍ଷର ସ୍ଥାନ ଉପରେ ଅଛି । ସବୁ ତରୁଣୀ ସାହାସୀ ସ୍ୱାମୀ ପାଇବା ପାଇଁ ପ୍ରତିଦ୍ୱନ୍ଦିତା କରନ୍ତି । – ସେ କହିଲେ ।

ମୋତେ କଥାଟା କେମିତି ଅପ୍ରାସଙ୍ଗିକ ଲାଗୁଥିଲା । ଆଗରୁ ନାଗା ମାନଙ୍କ ସାହାସ କଥା ଶୁଣିଥିଲି । ଏ ସମାଜରେ ସୁନ୍ଦରୀ ତରୁଣୀ ଏକ ସାହାସୀ ନାଗା ଯୁବକ ପାଖକୁ ଗ୍ଲିଯାଏ।

ଆପଣକୁ ଲାଗୁଛି ପକ୍ଷୀ ବଂଚେଇବାର ଏହା ଏକ କାରଣ ହୋଇପାର? - ସେ କହିଲେ ।

ଆପଣ ତାହେଲେ ସାହାସୀ ଆଉ ଦୃଢମନା ପକ୍ଷୀ କଥା କହୁଛନ୍ତି । ଆପଣ ନାଗାମାନେ ତାହେଲେ ଏହି ସାହସୀ ପକ୍ଷୀକୁ ପ୍ରଶଂସା କରୁଛନ୍ତି । – ମୁଁ ଜବାବ ଦେଉଥିଲି ।

ଯେତେବେଳେ ସମସ୍ତେ ଏହି ପକ୍ଷୀମାନଙ୍କ କଥା ଜାଣିଲେ ସମସ୍ତଙ୍କ ମୁଣ୍ଡ ଉଚ୍ଚ ହୋଇଗଲା। ଏକ ସାହାସୀ ଜାତିର ଦେଶକୁ ଏକ ଦୁଃସାହାସୀ ପକ୍ଷୀ ଆସୁଛି । ଏକଥା ଜାଣିଲା ପରେ ଆଉ ପାଙ୍ଗତିର ଲୋକମାନେ ଏ ପକ୍ଷୀକୁ ଶିକାର କରି ନାହାନ୍ତି – ସେ କହିଲେ ।

ସମସ୍ତେ ସାହସୀକୁ ପ୍ରଶଂସା କରନ୍ତି । କେହି ଭୀରୁତାକୁ ପ୍ରଶଂସା କରନ୍ତି ନାହିଁ । ନାଗାମାନେ ସାହାସୀ ଜାତି । ତେଣୁ ଏକ ଲମ୍ବା ଯାତ୍ରା କରୁଥିବା ପକ୍ଷୀକୁ ସମ୍ମାନ ଦେଲେ ।

ମୁଁ ବାହାରକୁ ଅନାଇଲି । ଆକାଶରେ ଜହ୍ନ ଭଲ ଭାବେ ଦେଖା ଯାଉଥିଲା । ଖୁବ ଶୀତୁଆ ସଂନ୍ଧ୍ୟାରେ ଆକାଶରେ ବହୁତ ତାରା ଦେଖାଯାଉ ନଥିଲା । ଯେଉଁ କେତୋଟି ତାରା ଥିଲେ ସେମାନେ ଖୁବ ଉଜ୍ଜ୍ୱଳ ଦେଖା ଯାଉଥିଲେ । ଗଛ ଗୁଡିକ ଖୁବ ଲମ୍ବା ଦେଖାଯାଉଥିଲା । କ ଗଛ ଜାଣି ହେଉ ନଥିଲା ।

ଆପଣ ଜୀବନର କ ଦର୍ଶନରେ ବିଶ୍ୱାସ କରନ୍ତି ? – ମୁଁ ପଚ୍ଚରଲି । ମୋର ପଚ୍ଚରିବାର କାରଣ ଥିଲା । ସେ ସମାଜ ବିଷୟରେ ଆଉ ଏକ ସାମାନ୍ୟ ପକ୍ଷୀକୁ ବଂଚେଇବା

ବିଷୟରେ ଏତେ କହୁଥିଲେ । ଲୋକମାନେ ସାମାନ୍ୟ ପକ୍ଷାଣୀକୁ ଅତି ହେୟ କରନ୍ତି । ସେ କିନ୍ତୁ ସମ୍ମାନ ଦେଉଥିଲେ ।

ସେ କିଛି କହିଲେ ନାହିଁ । ତାଙ୍କ ଆଖି ଏକ ପାହାଡ ଆଡକୁ ଲମ୍ବି ଯାଉଥିଲା । ଜହ୍ନ ରାତିରେ ସେହି ପାହାଡ କଳା ଦେଖା ଯାଉଥିଲା ।

ଯଦି ଇଶ୍ୱର ଅଛନ୍ତି ତେବେ ଅନ୍ୟ ସତା ମଧ୍ୟ ଅଛି । ଆମକୁ ତାକୁ ସମ୍ମାନ ଦେବାକୁ ପଡିବ ।- ସେ କହିଲେ ।

ସେ ପାହାଡ ଆଡକୁ ପକ୍ଷୀମାନେ ଉଡି ଯାଆନ୍ତି ନାହିଁ । ସେପଟୁ ମଧ୍ୟ ଆମୁର ଫାଲକନ ଉଡି ଆସେ ନାହିଁ ।

ସେଇ ପାହାଡ ଦେଇ ସ୍ୱର୍ଗକୁ ଦ୍ୱାର ଲମ୍ବି ଯାଇଛି – ସେ ବାହାରକୁ ଅନାଇ କହୁଥିଲେ ।

ତାଙ୍କ ଆଖି ଅନେକ ସମୟ କଳା ପାହାଡକୁ ଅନାଇ ରହିଲା ।

ସଂନ୍ଧ୍ୟା ଅନେକ ଆଗେଇ ଯାଇଥିଲା । ବାହାରେ ଖୁବ ଥଣ୍ଡା ପଡିଥିଲା । କବାଟ ଖୋଲି ସେ ବାହାରି ଗଲେ । ମୁଁ ଝରକା ଦେଇ ସେହି ଲମ୍ବା ପାହାଡ ଶୃଙ୍ଖଳାକୁ ଅନାଇ ରହିଲି । ସକାଳର ସୂର୍ଯ୍ୟ କରଣରେ କାଲି ପ୍ରଥମେ ଝଲକ ଯିବ ସେ ପାହାଡ । ସକାଳୁ ଦେଖିବି ।

ମନରେ ଆମୁର ଫାଲକନ ବିଷୟରେ ବହୁତ କଥା ଆସି ଯାଉଥିଲା । ଏକ ଛୋଟ ପକ୍ଷୀ ଏତେ ଦୂର ଉଡି ଆସୁଛି । ମୋତେ ଲାଗୁଥିଲା ମୋର ଯେମିତି ଡେଣା ଲାଗିଯାଉଛି ଆଉ ମୁଁ ଏକ ବିଶାଳ ସମୁଦ୍ର ଉପରେ ଉଡି ଯାଉଛି ।

ପରଦିନ ସକାଳେ ସୂର୍ଯ୍ୟ କରଣ ପଡି ଯାଇଥିଲା । କମଳା ରଙ୍ଗର ସୂର୍ଯ୍ୟ କରଣରେ ଲମ୍ବା ପାଇନ ଗଛ ଗୁଡିକ ସୁନ୍ଦର ଲାଗୁଥିଲା । ଖୁବ ଲମ୍ବା ହୋଇ ବଢି ଯାଇଛି ଗଛ । ବାହାରେ କିଛି କୁକୁର ବୁଲୁଥିଲେ । ଗୋଟିଏ ଧଳା କୁକୁର ଲାଙ୍ଗୁଡ ହଲାଇଲା ।

ଏଠି କୁକୁର ! ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା । ନାଗାମାନଙ୍କର କୁକୁର ମାଂସ ଅତି ପ୍ରିୟ । କୁକୁର ପୁଣି କେଉଁଠି ରହିଲା । ସେମାନେ ଏହି କୁକୁରକୁ କିପରି ପାଖରେ କେମିତି ରଖିଛନ୍ତି।

କୁକୁରଟି ମୋ ପାଖରେ ଠିଆ ହୋଇଗଲା । ମୁଁ ଯେମିତି ତାର ଅତି ଜଣା ଶୁଣା ।

ଆରେ ମୋ ପାଖକୁ କଣ ପାଇଁ ଆସିଛୁ? - ମୁଁ କୁକୁରକୁ ପଚାରୁଥିଲି । ସେ କିଛି ବୁଝୁଥିବା ବୋଲି ମନେ ହେଉ ନଥିଲା ।

ସେ ଅନେକ ସମୟ ମୋ ଚାରିପାଖେ ବୁଲିଲା । ଥରେ ବି ଭୁକି ନାହିଁ ବା ଡରି ଦୌଡି ଚାଲି ଯାଇ ନାହିଁ ।

ମୁଁ ଆଗକୁ ଗୋଡ ବଢାଇଲି । ସକାଳେ ଟିକଏ ଚାଲିବି ବୋଲି ଭାବୁଥିଲି । ଆଗରେ ସକାଳର ଦୁନିଆ ଖୁବ ସୁନ୍ଦର ଲାଗୁଥିଲା । ଘରଗୁଡିକ ଚମକୁଥିଲା । କିଛି ତରୁଣ ତରୁଣୀ ହସା ହସି ହୋଇ ତଳକୁ ଓହ୍ଲାଇ ଆସୁଥିଲେ । ତରୁଣୀମାନେ ଖୁବ ସୁନ୍ଦର ପୋଷାକ ପିନ୍ଧିଥିଲେ । ଅନେକଙ୍କ ବାଳ ରଙ୍ଗ କରା ଯାଇଥିଲା ।

ଏଠିକାର ସମାଜ ଖୁବ ଷ୍ଟାଇଲିଶ ।

ଅନେକ ଲୋକ ରାସ୍ତାରେ ଯିବା ଆସିବା କରୁଥିଲେ । କେହି ମୋତେ ଉଗ୍ର ଦୃଷ୍ଟିରେ ଅନାଇ ନାହାନ୍ତି । କେହି ମୋତେ କିଛି କହି ବି ନାହାନ୍ତି ।

ରାସ୍ତାର ଧାରରେ ଏକ ବଡ ଗଛ ଥିଲା । ସେଥିର ଗୋଲାପୀ ରଙ୍ଗର ଫୁଲମାନ ଭରି ଯାଇଥିଲା । କେଉଁଠି ଟିକଏ ପତ୍ର ଥିଲା ଭଳି ଲାଗୁ ନଥିଲା । ସେ ଗଛଟି ଚିର ହରିତ ପାଇନ ଗଛ ପାଖରେ ଖୁବ ସୁନ୍ଦର ଦେଖା ଯାଉଥିଲା ।

ଏକ ଯାଗାରେ ରାସ୍ତାର ଧାରକୁ ଏକ ଘରର କାଠ ବାରଣ୍ଡା ବାହାରି ଆସିଥିଲା । ନାଗା ଘର ଗୁଡିକ କାଠ ଆଉ ବାଉଁଶରେ ତିଆରି । ଏବେ ଅବଶ୍ୟ ଲୋକେ ସୁନ୍ଦର ସିମେଂଟ ଇଟାର ଘର କଲେଣି । ଅନ୍ୟଥା ଘର ଗୁଡିକ କାଠ ବାଉଁଶରେ ତିଆରି । ଗଡାଣିଆ ଯାଗାରେ ଘର

ହେବା ହେତୁ ଲୋକମାନେ ଚଟାଣକୁ ସମତଳ କରିବା ପାଇଁ ତଳେ ବାଉଁଶ ବା କାଠ ଖୁଂଟମାନ ପୋତି ଥାଆନ୍ତି । ସେଗୁଡିକ ଘରର ଚଟାଣକୁ ଧରି ରଖେ । ପଛପଟେ ସାଧାରଣତଃ କାମ କରିବା ପାଇଁ ଜଚ୍ଛି ଖୋଲା ଯାଗାଥାଏ । ପଛ ବାରଣ୍ଡା କୁହାଯାଇ ପାରେ।

ସେହି ପଛ ବାରଣ୍ଡାରେ ଏକ ବୟସ୍କ ଦମ୍ପତି ବସି ଗ୍ରହା ପିଉଥିଲେ । ସେମାନେ ନରମ ଭାବେ ତଳ ରାସ୍ତାକୁ ଅନାଇ ରହିଥିଲେ ।

ଖୁବ ଥଣ୍ଡା ପଡିଛି ।- ମୁଁ ହିନ୍ଦୀରେ କହିଲି । ସେ ବୋଧହୁଏ ବୁଝିପାରୁଥିଲେ । ଆଗରୁ କେଉଁଠି କାମ କରିଛନ୍ତି ।

ସେ ମୁଣ୍ଡ ହଲାଇଲେ । ତାଙ୍କ ପାଖରେ ଥିବା ମହିଳା ଘୋଡେଇ ଘାଡେଇ ହୋଇ ବସିଥିଲେ। ସେମାନଙ୍କ ଉପରେ ସକାଳର କରଣ ପଡୁନଥିଲା । । ତଳ ରାସ୍ତାରେ କରଣ ପଡିଥିଲା ।

ଆପଣ କେଉଁଠୁ ଆସିଛନ୍ତି? - ସେ ପଗ୍ଭରିଲେ

କଲିକତାରୁ ।

ସେଠି ଶୀତ ନଥିବ । ଗ୍ରହା ପିଇବେ ।- ସେ ମୋତେ ଡାକୁଥିଲେ ।

ମୁଁ ପିଇକରି ଆସିଥିଲି । ତେଣୁ ମନାକଲି । ତାଙ୍କ ଡାକବାକୁ ମୁଁ ମୁଣ୍ଡ ଝୁଙ୍କାଇ ସ୍ୱାଗତ କଲି । ତାପରେ ଆଗକୁ ଗ୍ଭଲିବାକୁ ଲାଗିଲି ।

ସେପଟେ ଏକ ଛୋଟ ଝିଅ ତା ବାପା ସହ ଗ୍ଭଲି ଆସୁଥିଲା । ଖୁବ ସୁନ୍ଦର ଛୋଟ ଝିଅଟି ନଜର ସନ୍ତୁଳନ ବଜାୟ ରଖି ଆବୁଡା ଖାବୁଡା ରାସ୍ତାରେ ଗ୍ଭଲି ଆସୁଥିଲା । ତାର ମୁହଁ ଲାଲ ପଡି ଯାଇଥିଲା । ସେ ମୋତେ ଅନାଇଲା । ମୁଁ ମୋର ହାତ ବଢାଇ ଦେଲି ।

ତା ବାପା କହିଲେ ହ୍ୟାଣ୍ଡସେକ କରିବାକୁ । ଛୁଆଟି କଛି ବୁଝି ପାରିଲା ନାହିଁ । କନ୍ତୁ ଟିକଏ ପରେ ତା ହାତ ବଢାଇଦେଲା । ସେ ମୋ ହାତକୁ ଜାବୁଡି ଧରିଲା । ନରମ ହାତ, ନରମ ପାପୁଲିରେ ସେ ମୋତେ ଶ୍ରଦ୍ଧାର ସହ ଛୁଉଁଥିଲା ।

ସେହି ଛୁଆଟି ଉପରେ ସକାଳର କରଣ ପଡିଥିଲା । ଛୁଆଟି ଖୁବ ସୁନ୍ଦର ଦେଖାଯାଉଥିଲା। ସେ ଏକ ଫୁଲ କୁଣ୍ଡ ପାଖରେ ଠିଆ ହୋଇଥିଲା ।

ମୁଁ ଦୂରକୁ ଅନାଇଲି । ଗ୍ଲରିଆଡେ ଏପର୍ଯ୍ୟନ୍ତ ସକାଳ କରଣ ଛୁଇଁନ । ଧଳା ବାଦଲମାନ ତଳକୁ ତଥାପି ଝୁଲି ରହିଥିଲେ । ସେମଧ୍ଯରେ ଏକ ପାହାଡ ଉପରକୁ ମୁଣ୍ଡ ଟେକଥିଲା ।

ମୁଁ ଦିନ ଦିନରେ ପାଙ୍ଗତି ପହଂଚଗଲି । ଆଉ ସେଠି ମୋର କଛି ଲୋକଙ୍କ ସହ ସାକ୍ଷାତ ହେଲା । ସେମାନଙ୍କ ଭିତରେ ଜଣେ ଖୁବ ଉଜ୍ଜ୍ୱଳ ଲାଗୁଥିଲେ ।

କ୍ରମଶଃ...

ସେକ୍ଟର- ୩, ସଲ୍ଟଲେକ, କଲିକତା

"ବେଦାନ୍ତୀର ଅପ୍ରେଲ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"

# ସୁନେଲି ସପନ



ଦେବବ୍ରତ ଶତପଥି

ରାତ୍ରୀର ଘନ ଅନ୍ଧକାରେ ତୁମେ ଯେବେ ଆସ ନରବତାର ସାଥିରେ
ମୋ ବିଚଳତ ମନକୁ ପୁଲକତ କରି, ଆନନ୍ଦିତ କରି
ସେହି ରାତ୍ରିର ମୋ ସୁନେଲି ସପନରେ ଆସ ସତ ତମେ
ହେଲେ ମୋ ଲାଗି ବାସ୍ତବତାର ରୁପ ନେଇ
ମନେ ହୁଏ ମୋର ଦୁନଆର ସବୁ ସ୍ମୃତିକୁ ଭୁଲି
ତୁମ ସାଥେ ଏକ ହୋଇ ଯିବାକୁ
ଶୀତ ବସନ୍ତର ରାଇଜେ.....

କେଉଁ ଏକ ଅଜଣା ସ୍ଥାନରେ ଥିବା ଝରଣାର ତରେ
ତୁମରି କୋଳରେ ଶୋଇ ତୁମ ମୃତ ନୟନରେ
ଏକ ହୋଇ ଯିବାକୁ..........

ତୁମ ଚନ୍ଦ୍ରପରି ମୁଖ ମଣ୍ଡଳରେ ପଢିଥିବା ଘନ ବାଦଲ ପରି
କଳା କେଶ ରାଶିକୁ ସଜାଡିବାରେ
ମନ ଖାଲି ଚାହୁଁଥିବ ତୁମ ନାଲି ଅଧରରୁ ମିଠା ମିଠା
କଛି ପୀରତି ଭରା କଥା ଶୁଣିବାକୁ
ହୃଦୟ ବି କହୁଥିବ ତୁମ ସାଥେ ଏକ ହୋଇ

ସେହି ନିରବତାରେ ହଜି ଯିବାକୁ
ହେଲେ ସମୟର ସ୍ରୋତରେ ଜ୍ୟୋତ୍ସ୍ନା ରାତ୍ରିର ରାତ୍ରି ପ୍ରହରି
ଚାଲିଗଲା ପରେ, ଚନ୍ଦ୍ରମା ବି ନିଜ ଘରକୁ
ଫେରିଯିବା ପରେ..........

ପକ୍ଷୀମାନଙ୍କର କୋଳାହଳରେ ଯେବେ ସକାଳର
ସୁନେଲି କିରଣ ଧରିତ୍ରୀପୃଷ୍ଠକୁ ମୁଖରିତ କରେ..........

ମାଆ ମୋର ଆସି ମୋତେ ଡାକ ଦେଲେ ନିଦ ମୋର ଭାଙ୍ଗିଯାଏ
ହେଲେ ତୁମେ ଫେରିଯାଅ ପୁଣି ତୁମ ରାଇଜକୁ.....
ମନେରହେ ମୋର ତୁମେ ଗଲାବେଳେ ଦେଇଥିବା
ଆଶା ଆଉ ଆଶ୍ୱାସନା ଫେରି ଆସିବାକୁ ପୁଣିଥରେ
ମୋର ରାତ୍ରିର ସେହି ସୁନେଲି ସପନରେ
ମୋର କ୍ଳାନ୍ତଭରା ରାତ୍ରିକୁ ଆଲୋକିତ କରିବାକୁ
ସାଜି ମୋ ସପନର ରାଣୀ
ଅପେକ୍ଷା ଆଉ ପ୍ରତିକ୍ଷା ଖାଲି ତୁମର ଫେରିବା ସମୟକୁ
ପୁଣି ଥରେ ମୋ ସୁନେଲି ସପନର ରାଣି ସାଜି
ଭିନ୍ନ ଏକ ନୂତନ ରୂପରେ..........

ଜୁବେଲ ସିଟି, ସାଉଦି ଆରବିଆ

# ନବୀନ ଆଶାର ଆଲୋକ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଅତି ପ୍ରିୟତମ ଅମୃତ ସନ୍ତାନ, ଦିବ୍ୟ ଅନୁପମ ଜଗତ ଭୂଷଣ,
ଧାତାଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ, ନବ ପ୍ରଭାତର ରକ୍ତିମା କରଣ,
ଏହି ବିଶ୍ୱେ ତୁମେ ଚର ଆୟୁଷ୍ମାନ ।( ୧)

ଯେହ୍ନେ ପୁଷ୍ପୋଦ୍ୟାନେ ବିକଚ ପ୍ରସୂନ, ଶିଶୁର ସୃଷ୍ଟିରେ ହସଇ ଭୁବନ,
ତୁମ ରୂପଜ୍ୟୋତି ଅତି ଶୋଭବନ, ବିଧାତାଙ୍କ ପାଇଁ ଶ୍ରେଷ୍ଠ ନିଦର୍ଶନ,
ଧନ୍ୟ- ଧନ୍ୟ ତୁମେ ପ୍ରିୟ ଶୁଶୁଗଣ ।( ୨)

ଅସ୍ଥିର ପଦରେ ସଧୀର ଗମନ, ଚପଳ- ଚଞ୍ଚଳ ତବ ତନୁ- ପ୍ରାଣ,
ଦନ୍ତେଟି ହସଯେ ଦିବ୍ୟ ଆଭୂଷଣ, ଦୁଃଖ- କ୍ଲେଶ- ଶୋକ- ରହିତ ଜୀବନ,
ଧନ୍ୟ ହେ ଇଶ୍ୱର! ତୁମରି ଭିଆଣ ।( ୩)

ନିରଭିମାନରେ ସଦା ସୁପ୍ରସନ୍ନ, ଲୋଭ- ମୋହ- ମାୟା- ନ କରେ ଆଚ୍ଛନ୍ନ,
ନିଷ୍କପଟ ତୁମେ ବାଳୁତ ଅଜ୍ଞାନ, ସଭିଙ୍କର ତୁମେ ପ୍ରାଣର ସ୍ପନ୍ଦନ,
ପର- ଆପଣାକୁ କର ସମ ଜ୍ଞାନ ।( ୪)

ବୃଦ୍ଧ- ବୃଦ୍ଧାଙ୍କର ପ୍ରିୟ ଗଳାହାର, ଦୁଃଖି ପ୍ରାଣେ ଆନନ୍ଦ ଅପାର,
ପିତାମାତାଙ୍କର ହୃଦ ରତ୍ନହାର, ତପ ପ୍ରାଣେ ବିଭୁ କରନ୍ତି ବିହାର,
ତୁମେ ଭଗିରଥ ପବିତ୍ର ଗଙ୍ଗାର ।( ୫)

ତୁମ ସ୍ନିଗ୍ଧହସେ ପ୍ରଫୁଲ୍ଲିତ ଧରା, ମିଳନ- ବିରହ ପ୍ରବାହିତ ଧାରା,
ନିଃସଙ୍ଗ ଜନର ତୁମେ ହିଁ ସାହାରା, ବିରହେ ତୁମର ଜୀବନ ଅଧୁରା,
ରାମ- କୃଷ୍ଣ ଶିଶୁ ଲୀଳା ଅପାସୋରା ।( ୬)

ଶାନ୍ତିଦୁତ ତୁମେ ନୈରାଶ୍ୟ ନାଶକ, ସକଳ ଆଶାର ଜ୍ୟୋତି ପ୍ରଦାୟକ,
ଶାଶ୍ୱତ ପ୍ରେମର ତୁମେ ହିଁ ଦ୍ୟୋତକ, ରାଷ୍ଟ୍ର ଭବିତବ୍ୟ ମହାନ ନାୟକ,
ପୁଷ୍ପସମ ବାସ ବିତରି ମହକ ।( ୭)

ଆୟୁ- ବିଦ୍ୟା- ଯଶେ ହୁଅ ଯେ ନିର୍ଭୀକ, ରାଷ୍ଟ୍ର ପ୍ରଗତିର ଭବ୍ୟ ନାଗରିକ,
ଅମ୍ଳାନ କୀର୍ତ୍ତିର ଶ୍ରେଷ୍ଠ ଦ୍ୟୋତକ, ବିଭୁ କୃପାବଳେ ରଖ ଦେଶ ଟେକ,
ତୁମେ ହିଁ ଆମର ଆଶାର ଆଲୋକ ।( ୮)

ସାଙ୍କୁଡା, ଗଞ୍ଜାମ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଆରାଧ୍ୟ ଦେବତା

ଭଗିରଥି ବେହେରା

ହେ ଉତ୍କଳର ଆରାଧ୍ୟ ଦେବତା
ମନେପଡେ ଆଜି ସବୁ ତୁମ କଥା ।
ତୁମ ଗୁଣ ଶୁଣି ଯାଉଅଛି ଦିନ
ତଥାପି କାହିଁକ ବୁଝୁ ନାହିଁ ମନ ।

ତୁମ୍ଭ ଅବିସ୍ମୃତି ଝୁରେ ରାତି ରାତି
ଆଜିବି ତୁମ୍ଭକୁ ଝୁରେ ଏଇ ଜାତି ।
ତୁମ୍ଭେ ଥିଲ ପରା ଉତ୍କଳର ମଣି
ଗୋପବନ୍ଧୁ ନାମ ବୋହିଥିଲ ପୁଣି ।

ତୁମ୍ଭେ ଗଢିଥିଲ ଉତ୍କଳ ସାମ୍ରାଜ୍ୟ
ତୁମ୍ଭେ କରିଥିଲ ସ୍ୱପ୍ନ ରାମ ରାଜ୍ୟ ।
ତୁମ୍ଭେ ଥିଲ ବୋଲି ସତ୍ୟର ପୂଜାରୀ
ତେଣୁ ଅବତାର ନେଇଥିଲ ପୁରୀ ।

ଗୁଣିଦ୍ର ଉତ୍କଳେ ଜଣେ କେହି ନାହିଁ
ତୁମ୍ଭ ଗୁଣ, ଜ୍ଞାନେ, ସରି ହେବା ପାଇଁ ।
ତୁମ୍ଭ ପରି ଜ୍ଞାନ ତରୁ ମଉଳଲା
ଏହା ଲେଖିବାକୁ ବିହୀ କହିଥିଲା
ତୁମ୍ଭେ ବୁଝିଥିଲ ଗରିବର କୋହ
ତୁମ୍ଭେ ପୋଛିଥିଲ ଏ ଜାତିର ଲୁହ ।

ତୁମ୍ଭ ବିନା ଆଜି ଅମା ଅନ୍ଧକାର
ଚଉଦିଗେ ଶୁଭେ ଖାଲି ହାହାକାର ।
ଆସହେ ଜାତିର ଜୀବନ୍ତ ଠାକୁର
ତୁମ୍ଭ ପାଦତଳେ କୋଟି ନମସ୍କାର ।

ଧୂଙ୍ଗିଆମୁଣ୍ଡା, ପୋଅ- ଛତରଙ୍ଗ,
ଜିଲ୍ଲା- ବୌଦ୍ଧ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଖୁସି

ମୂଳ ଋଷ – ମିଖାଇଲ ପିନ୍ନବିଚ୍

ଆର୍ଟସିଦାସେଓ

ଅନୁବାଦ – ସୁଧାଂଶୁ ଦ୍ୱିବେଦୀ



ସୁଧାଂଶୁ ଦ୍ୱିବେଦୀ

ଯେବେଠୁ ସାଶା ବେଶ୍ୟାର ନାକ ଛିଡିଗଲା, ସେବେଠୁ ତା ସୁନ୍ଦରତା ସଢିଯାଇଥିବା ଖପୁରିପରି ଅନୁଭବ ହୁଏ । ପରିସ୍ଥିତି ତା'ଠୁ ସବୁକିଛି ଛଡେଇ ନେଇଛି । ତା ଜୀବନ ଏକ ଭୟଙ୍କର ଦୁଃସ୍ୱପ୍ନ ପରି ପରିବର୍ତ୍ତିତ ହୋଇଯାଇଛି । ନିଜ ଚେହେରାରେ ଆଉ ନାହିଁ । କେବଳ କଟିମିଟି କଳାରାତି ରହିଯାଇଛି ତା ପାଇଁ । ଯେଉଁ ରାତି କେବେବି ଶେଷ ହେଉନଥିବା ଜଟିଳ ପାଲଟିଯାଇଛି । ଶୀତ ଓ ରୋଗରେ ତା ଦୁର୍ବଳ ଦେହ ଓ ଢିଲା ପଡିଯାଇଥିବା ସ୍ତନରେ କେବଳ ପଞ୍ଜରା ସଦୃଶ ଦୃଶ୍ୟମାନ ହେଉଛି ଯାହା ।

ବଡ ସଡକରୁ ବାହାରି ନିଛାଟିଆ ଗଳି ଭିତରେ ପଶିଲା ସେ । ସବୁଠୁ ଅପରିଷ୍କାର, ଘୃଣ୍ୟ ଲୋକମାନଙ୍କୁ ତା ଦେହ ବିକିବାକୁ ଚେଷ୍ଟା କଲା ।

ଥରେ ସେ ବରଫାବୃତ ଜହ୍ନରାତିରେ ନୂଆ ନିର୍ମିତ ହୋଇଥିବା ଚଉଛକରେ ପହଞ୍ଚିଗଲା । ସେଇଟା ସହରର ଶେଷମୁଣ୍ଡ ରେଲୱେ ଲାଇନ୍ ପାଖେ ଅବସ୍ଥିତ । ସେଇଠି ଆବର୍ଜନା ପାଇଁ ବ୍ୟବହୃତ ବଡ ବଡ ଡବା ବସିଥାଏ । ଇଲାକାଟି ସଂପୂର୍ଣ୍ଣ ଶୂନଶାନ୍ । ସଡକ କଡରେ ଆଲୋକ ଶୃଙ୍ଖଳା ନୀଳ ଜହ୍ନ ପରି ଚମକୁଥାଏ । ଯେଉଁଠି ଆବର୍ଜନା ଡବାର ଛାଇ ଭୌତିକ ଭୟର ଶିହରଣ ସୃଷ୍ଟି କରୁଥିଲା । ଟେଲିଫୋନ ଖୁଣ୍ଟ ଓ ତାର ବରଫାଚ୍ଛନ୍ନ ଜହ୍ନଛାଇରେ ପ୍ରେତପରି ରହସ୍ୟମୟ ଲାଗୁଥାଏ । ଶୁଖିଲା ପବନରେ କେମିତି ଏକ କଣ୍ଟକମୟ ଅନୁଭୂତ ହେଉଥାଏ । ଯେମିତି ଦେହରେ ଜମିଯାଉଥିବା ବରଫର ପରସ୍ତ ପରି ଭୀଷଣ ଅସହନୀୟ । ଶୀତରେ ସବୁକିଛି ପଥର ହୋଇଗଲା ପରି ଜଣା ହେଉଥାଏ । ମୁହଁରୁ ବାଷ୍ପର ବଉଦ ବାହାରି ସଫା ବରଫ ସହ ମିଶି ନୀଳ ଆକାଶକୁ ଗୁଳିଯାଉଥାଏ ।

ପାଞ୍ଚଦିନଯାଏ ସାଶା ପାଖେ କାମ କଛି ନଥାଏ । ଦିନେ ଗ୍ତିରେ ତାକୁ ବାଡେଇ ବାଡେଇ ଫ୍ଲାଟ୍ ରୁ ବାହାର କରି ଦିଆଗଲା । ତା ପାଖରେ ଥିବା ଭଲ ସୁଏଟେରକୁ ମଧ ଛଡେଇ ନଆଗଲା ।

ସେହି ନଛାଟିଆ ଜହ୍ନଗ୍ତିରେ ତା ଯନ୍ତ୍ରଣାକ୍ତ ଶରୀର ଭୟ ପାଇଯାଇଥାଏ । ଥଣ୍ଡା ଓ ବରଫରେ ନଜ ନଶ୍ୱାସକୁ ଠିକଭ୍ବେ ସମ୍ଭାଳବା ପରେ ସେ ଭ୍ବୁଥାଏ କେବଳ ସେ ହିଁ ଏକାକୀ ଏପରି ନଛାଟିଆ ସ୍ଥାନରେ ଅବସ୍ଥିତ । କେବେବି ଆଉ ମୁକୁଳବାର ବାଟ ନାହିଁ ତା' ର ।

ତା' ଗୋଡ ଦିଇଟା ବରଫ ପାଲଟି ଯାଇଥାଏ । ବରଫ ଉପରେ କେବଳ ରକ୍ତହୀନ ଦେହ ଓ ହାଡର ପଞ୍ଜର୍ ରହିଯାଇଥାଏ ।

ସେହି ଶୂନ୍ୟ ଗ୍ରିଛକରେ ସାଶାକୁ ପ୍ରଥମଥର ପାଇଁ ଅସ୍ତିତ୍ୱହୀନ ପରି ଅନୁଭବ ହେଲ୍ । ତା ପରେ ସେ ଖୁବ୍ ଜୋରରେ କାନ୍ଦିଉଠିଲ୍ । ଥଣ୍ଡାରେ ଶିକୁଡି ଯାଇଥିବା ଗାଲ ଉପରେ ତା ଆଖିରେ ଲୁହ ଗଡି ଆସିଲ୍ । ଜହ୍ନ ସେହିପରି ସଫା- ଶୀତଳ ନୀଳ ଆକାଶରେ ଚମକୁଥାଏ ।

କେହି ଆସିଲେନ । ହତାଶାଭର୍ ମଣିଷର ଭ୍ବନା । ଯାହା ଆସ୍ତେ ନଜ ସତ୍ତାକୁ ଗ୍ରାସ କରିଯାଏ । ତା ପରେ ଏଭଳ ଏକ ସୀମାରେ ପହଞ୍ଚିଯାଏ, ଲ୍ଗେ ସେ ଯେମିତି ଚକ୍ାର କରୁଛି । ପୁଗ୍ ଚଉଛକ, ସମସ୍ତ ଦୁନଆକୁ ନଜ ଦୁଃଖ ଶୁଣେଇବା ପରେ ସବୁ ଚୁପ୍ ଗ୍ପ୍ । ସଶା ପ୍ରାର୍ଥନା କରେ, - ମରିଯାଆନ୍ତି କ!.... ନହାତି ମରିବା ଉଚତ୍ । ହେଲେ ସେ ମରିପାରେନ ।

ତାପରେ ସଫା ବରଫ ବିଛା ଗ୍ସ୍ତାରେ କେହି ଜଣେ ଲ୍ୋକର ଲମ୍ବା ଛାଇଟିଏ ଦେଖିଲ୍ ସେ । ସେହି ଲ୍ୋକ ସାଶାର ଅତି ନକଟକୁ ଆସୁଥାଏ । ବରଫ ଉପରେ ଗ୍ଲିବାର ଶବ୍ଦ ଶୁଣିପାରୁଥାଏ ଓ ଜହ୍ନ ଗ୍ତିର ଆଲୁଅରେ ତା ସାର୍ଟର କଲର ସିଧା ଥିଲ୍ପରି ଜଣା

ହେଉଥାଏ । ସାଶା ଅନୁମାନ କଲା ସେଠିକା କାରଖାନାରେ କାମ କରୁଥିବା କେହି କର୍ମଚାରୀ ହୋଇଥିବ!

ରାସ୍ତା ସାଇଡରେ ଛିଡା ହୋଇଥାଏ ସାଶା । ଥଣ୍ଡାରେ ଶିକୁଡି ଯାଇଥିବା ହାତର ଆଙ୍ଗୁଳ ଗ୍ଲୋଭସ୍ ଭିତରେ ପୁରେଇବାବେଳେ ସମାନ୍ତରାଳଭାବେ କୁଦି କୁଦି ଅଳ୍ପ ଆଗକୁ ଯାଇ ଲକ୍ଷ୍ୟ କରୁଥାଏ । ତା ଓଠ ଅସାମାନ୍ୟ ରବର ପରି ହୋଇଯାଇଥାଏ । ତଥାପି ସାଶାକୁ ଡର ଲାଗୁଥାଏ । ଏ ଅବସ୍ଥାରେ ସେ କଣ ସଉଦା କରିପାରିବ?

ସା- ହେ- ବ! ଅନୁଚ ସ୍ୱରରେ ଡାକଲା ସେ ।

ବାଟୋଇ କ୍ଷଣପାଇଁ ଠିଆହୋଇ ତାକୁ ଦେଖିଲା ପୁଣି ଆଗକୁ ବଢି ଚାଲିଲା । କିନ୍ତୁ ସାଶା ହତାଶା ନହୋଇ ଦୌଡିଯାଇ ବାଟୋଇ ସମ୍ମୁଖରେ ଖୋଲା ପିଠି ଦେଖାଇ ଠିଆହେଲା । ତା ପରେ ମିଛ ହସ ଧାଡିଏ ହସି କହିଲା, ସାହେବ୍.... ଚାଲନ୍ତୁ.... କୋଉଠିକୁ ଯିବେ? ମୋ ସହ ଚାଲନ୍ତୁ । ଆଜି ମୁଁ ଆପଣଙ୍କୁ ଏମିତି ଦୁନିଆଟେ ଦେଖେଇବି ଦିଲ୍ ପୁରାପୁରି ଖୁସି ହୋଇଯିବ । ଯିବେନା.... ଚାଲନ୍ତୁ । ନିଶ୍ଚୟ ଦେଖେଇବି । ସତ କହୁଛି....!

ବାଟୋଇ କିଛି ନ ଶୁଣିଲା ପରି ପୁଣି ଆଗକୁ ଆଗେଇଲା । ଜହ୍ନ କିରଣର ପ୍ରକାଶରେ ତା ଭାବହୀନ ଚେହେରାର ଆଖି ଦୁଇଟି କାଚ ପରି ଚମକୁଥାଏ । ସାଶା ସେଇମିତି ତା ସମ୍ମୁଖରେ ଖୋଲା ପିଠି ଦେଖେଇ ନାଚୁଥାଏ । ହଠାତ୍ ରୁଦ୍ଧ କଣ୍ଠରେ କହିଲା – ସାହେବ, ଆପଣ ଦେଖୁଛନ୍ତି ନା ମୁଁ କେମିତି ନାଚୁଛି? ମୁଁ ପୁରା ସଫା- ପରିଷ୍କାର । ମୋ ପାଖରେ ଫ୍ଲାଟ୍ ଅଛି । ଏଇ ନିକଟରେ....ଚାଲନ୍ତୁନା ସେଇଠିକୁ.... ।

ଜହ୍ନ ଚଉଛକ ଉପରେ ଚମକୁଥାଏ । ସାଶାର ଶିଥିଳ କଣ୍ଠସ୍ୱର ଜାଡ ମିଶା ଶୀତୁଆ ପବନରେ ଥରଥର ହେଉଥାଏ ।

- ଚାଲନ୍ତୁ ସାହେବ! ପ୍ରଖର ଶ୍ୱାସ- ପ୍ରଶ୍ୱାସ ଓ ନିଜକୁ ସଂଯମ ରଖି ପାରୁନଥିବା ଅବସ୍ଥାରେ ବି ଖୋଲା ପିଠି ଦେଖେଇ ସେହିପରି ନାଚୁଥାଏ ସେ ।

- ଓଃ.... ଜାଣିଲି....! ଆପଣଙ୍କର ଦରକାର ନାହିଁ। ହଉ.... ତାହେଲେ ୨୦ କୋପେକ୍ ଦିଅନ୍ତୁ ସାହେବ। ସାରାଦିନ କଛି ଖାଇନ। ହଉ ନହେଲା ନାହିଁ ୧୦ କୋପେକ୍ ଦିଅନ୍ତୁ...! ....ଦିଅନ୍ତୁ ସା- ହେ- ବ....!

ବାଟୋଇ ଚୁପଚାପ୍ ତାକୁ ଦେଖୁଥାଏ ପୁଣି ଆଗକୁ ବଢିବାର ପ୍ରୟାସ କରୁଥାଏ। ଯେମିତି ସେ କଛି ଜାଣେନ। ତା ନକଟରେ କେହିନାହିଁ। ଖାଲିସ୍ଥାନ। ତାର ଦୁଇଟି ଆଖି ସେଇମିତି ବରଫାକୃତ ଜହ୍ନ କରଣରେ କାଚ ପରି ଚମକୁଥାଏ।

ସାଶାର କଣ୍ଠ ରୁଦ୍ଧ ହୋଇଯାଉଥାଏ। ଆଖିପତା ଲୁହରେ ଭିଜି ଯାଉଥାଏ।

ବାସ୍ ୧୦ କୋପେକ୍! ଆପଣ ଦୟାଳୁ ସାହେବ! ଆପଣଙ୍କର କଛି କ୍ଷତି ହେବନ। ଜାଣନ୍ତି ସାହେବ! ମୁଁ ଆପଣଙ୍କ ପାଇଁ କଣ କରିବି? ଏମିତି ନମୁନା ଦେଖେଇବି .... ମୋ ରାଣ!.... ସ୍କଟ ଖୋଲି ଏଇ ବରଫ ଉପରେ ବସିବି। ପୁରା ପାଞ୍ଚ ମିନଟ୍....! ଆପଣ ନଜ ସମୟ ଦେଖିନେବେ।

ହଠାତ୍ ବାଟୋଇ ଯାଉ ଯାଉ ଅଟକଗଲା। ତାର କାଚ ସଦୃଶ ଆଖି ସଜୀବ ହୋଇଉଠିଲା ଓ ବିସ୍ମିତଭାବେ ହସି ଉଠିଲା। ଜାଡରେ ଥରିଯାଉଥିବା ଦେହଧାରୀ ସାଶା ବାଟୋଇର ପଛରେ ଠିଆ ହୋଇଥାଏ। ନଜେ ବି ହସିବାକୁ ପ୍ରୟାସ କରୁଥାଏ।

- ଆଚ୍ଛା ମୁଁ ଯଦି ତୋତେ ୧୦ କୋପେକ୍ ବଦଳରେ ୫ ରୁବଲ ଦିଏ?

- ପ୍ରବଳ ଥଣ୍ଡାରେ ଥରଥର ହେଉଥିବା ସାଶାକୁ ବିଶ୍ୱାସ ହେଉନଥାଏ।

- ତୁ ଦେହରୁ ସବୁ ଡ୍ରେସ୍ ବାହାର କରିଦେବୁ। ମୁଁ ତୋତେ ୧୦ ଥର ମାରିବି। ପ୍ରତିଥର ପାଇଁ ୫୦ କୋପେକ୍ ଦେବି। ରାଜି.....?

ନଜ ମନର କଥା ଜଣେଇ ବାଟୋଇ ହସି ଉଠିଲା। ତା ହସରେ ଆବର୍ଜନା ଭରି ରହିଥିବା ପରି ଜଣାଯାଉଥାଏ।

ପ୍ରବଳ ଥଣ୍ଡା.... । ଆଶ୍ଚର୍ଯ୍ୟ, ଭୟ ଏବଂ ଅବିଶ୍ୱାସରେ ସାଶାର ଦେହ ଭୟର କମ୍ପି ଉଠିଲା ।

- ସେଇଥିପାଇଁ ତ ୫ ରୁବେଲ୍ ଦେବି.... ।
- ଆପଣଙ୍କ ମାଡ ଯନ୍ତ୍ରଣା ଦେବ ।
- ସହିଯିବୁ । କାରଣ ୫ ରୁବଲ ନେଉଛୁ ।

ସାଶା ପୁଣି ନର୍ଭଶିତ ଭାବେ ଥରିବାକୁ ଲାଗିଲା ।

- ଆଚ୍ଛା ଠିକ୍ ଅଛି! ମାତ୍ର ୫ କୋପେକ୍ ଦିଅନ୍ତୁ ।

ସଶା ବାଟୋଇର ହାତ ଧରିନେବାକୁ ଚାହୁଁଥାଏ । ହେଲେ ବାଟୋଇ କ୍ରୋଧିତ ହୋଇ ତାକୁ ଏପରି ଦେଖିଲା ଯେମିତି କାଚର ଆଖି ଦୁଇଟା ସତେଜ ହୋଇ ଜଳ ଉଠିଛି । ସଙ୍ଗେ ସଙ୍ଗେ ସେ ଭୟପାଇ ଦିଇପାଦ ପଛକୁ ଫେରିଲା ।

- ଠିକ୍ ଅଛି ସାହେବ - ! ମୁଁ ରାଜି....ଆସନ୍ତୁ ମୋତେ ମାରନ୍ତୁ - ତା'ପରେ ସେ ତା ଶୀତଳ ହାତରେ ବ୍ଲାଉଜ ଖୋଲିଲା । ନହ ନହ ଆଙ୍ଗୁଳରେ ବ୍ରା ର ହୁକ୍ ଖୋଲିଲା । ସଂପୂର୍ଣ୍ଣ ଅନାବୃତ ହୋଇଗଲା ସେ । ପ୍ରବଳ ଜାଡ ଉଲଗ୍ନ ସାଶାକୁ ଚାରିପଟୁ ଘେରିନେଲା । ଜାଡରେ ଶିଠୁଆ ପଡିଯାଇଥିବା ତା ତ୍ୱଚାକୁ କେହି ଯେମିତି ଚିରି ପକାଉଛି ।

ଶୀଘ୍ର ମାରନ୍ତୁ - । ସାଶା ବାଟୋଇ ସମ୍ମୁଖରେ ଉଲଗ୍ନ ଅବସ୍ଥାରେ ଦାନ୍ତକୁ ଚାପି ଠିଆହେଲା ।

ବାଟୋଇ ଧିରେ ସାଶାର ନିକଟକୁ ଆସିଲା । ସାଶାର ଗୋଟେ ହାତର କହୁଣୀକୁ ଉଠେଇ ପିଠିରେ ଶକ୍ତ ବିଧାଟିଏ ମାରିଲା । ଯନ୍ତ୍ରଣାରେ ଚିତ୍କାର କଣ ସଶା ଜାଣିପାରିଲାନି । ତାକୁ ପ୍ରତୀତ ହେଉଥାଏ ଯେମିତି ଚାରିଛକ, ଜହ୍ନ, ବାଟୋଇ, ଆକାଶ ଓ ପୁରାସଂସାର ତାର କଣ୍ଟକମୟ ଯନ୍ତ୍ରଣାର ମଜ୍ଜା ନେବାପାଇଁ ଏକଜୁଟ ହୋଇଯାଇଛନ୍ତି ।

ପୁଣି ଦ୍ୱିତୀୟଥର ମଧ୍ୟ ସେହିପରି ଅସହଣୀୟ ଯନ୍ତ୍ରଣାକ୍ତ ମାଡ ତା ପିଠିରେ ହେଲା । ଚତୁର୍ଥଥର ବେଳକୁ ସେ ଚିତ୍କାର କରି ତଳେ ପଡିଗଲା । ତଳେ ପଡିବା ମାତ୍ରେ ବାରମ୍ବାର ତା ଉଲଗ୍ନ ଦେହରେ ମାଡ ବସିଲା । ତା ମୁହଁ ଭିତରେ ବରଫ ପଶିଯାଉଥାଏ । ଶେଷରେ ସେ ଚେତନା ହରେଇ ନଗ୍ନ ପେଟପଟେ ଶୋଇଗଲା ।

- ନଅ! ଛେପ ଢୁକୁଥିବା କଣ୍ଠରେ ବାଟୋଇ ଗଣି ଗ୍ଭଲିଥାଏ । ସାଶା ଗୋଟେ ସାପ ପରି ଘସି ଘସି ହୋଇ ନିଜ ପିଠିପଟକୁ ଚିତ୍ ହୋଇ ଶୋଇପଡିଲା ।
- ଦଶ! ତା ଭିତରୁ ଭୟଙ୍କର ଚିତ୍କାରଟିଏ ଶୁଣିପାରିଲା ସେ ।
- ଉଠ୍ – ଏଇ ନେ - ! ନିଜ ନଗ୍ନ ଦେହ ଉପରେ ସୂନା ରଙ୍ଗର ୫ ରୁବଲ୍ ର ସିକ୍କା ଜହ୍ନାଗ୍ଭିରେ କଣ୍ଟାପରି ଲାଗୁଥିଲା ତାକୁ ।

ଜହ୍ନଟା ଉପରେ ଚମକୁଥାଏ । ବରଫ ଝିର୍ ଝିର୍ ପଡୁଥାଏ । ଗ୍ଭରିଛକ ଶାନ୍ତ- ସ୍ତବ୍ଧ- ଶୂନଶାନ୍ । ମଣିଷପରି ଦୃଶ୍ୟ ହେଉନଥିବା ନଗ୍ନ ସାଶା ଯେମିତି ହେଉ ଟଳଟଳ କମ୍ପିତ ହାତରେ ଭର୍ ଦେଇ ଉଠିଲା । ତାକୁ ଆଉ ଶୀତ ଅନୁଭୂତ ହେଉନଥାଏ । ଦେହରେ ଏକପ୍ରକାର ତୀବ୍ର ପୀଡା ଅନୁଭବ କରୁଥାଏ ସେ । କଷ୍ଟେ ମଷ୍ଟେ ନିଜ ପିନ୍ଧା ବସ୍ତ୍ରକୁ ଉଠେଇଲା । ଚଉଛକର ବରଫାଚ୍ଛନ୍ନ ଜହ୍ନରେ ଭିଜି ଯାଇଥିବା ନିଜ ବସ୍ତ୍ରକୁ ପିନ୍ଧିନେଲା । ପାପୁଲି ଖୋଲି ସୂନା ରଙ୍ଗର ସିକ୍କାକୁ ଭଲଭାବେ ଦେଖିନେଲା ।

- ପାଞ୍ଚ! ସାଶାର ମନ ଅତ୍ୟନ୍ତ ଖୁସିରେ ଭରିଗଲା । ମୁଠା ଭିତରେ ୫ ରୁବେଲ୍ କୁ ସଜୋରରେ ଗ୍ଭପିଧରି କମ୍ପିତ ପାଦରେ ସିଧା ସହର ପଟକୁ ଆଗେଇଲା ସେ । ପିନ୍ଧିଥିବା ସ୍କର୍ଟ ରକ୍ତରେ ଭିଜି ନିତମ୍ବରେ ଗ୍ଭପି ଯାଉଥାଏ । କେବେ କେବେ ଜ୍ୱଳନ ଯନ୍ତ୍ରଣାରେ ଅତିଷ୍ଠ ହୋଇ ପଡୁଥାଏ ସେ । ସେଥିପାଇଁ ତାର ଚିନ୍ତା ନାହିଁ । ଆଜି ସେ ବହୁତ ଖୁସି । ତା'ର ପୁଣ୍ ଅସ୍ତିତ୍ୱ ଖୁସିର ଭାବନାରେ ମଗ୍ନ ହୋଇଉଠିଲା । ଖାଦ୍ୟ- ଉଷ୍ମତା ଓ ଶାନ୍ତିଃ.... ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା


# ଶୁଷ୍କ ହୃଦୟ



ମାମାଜିନ ପ୍ରଧାନ

ଗୁହୁଁ ଗୁହୁଁ ଶୂନ୍ୟ ଆକାଶରେ
ଭାସୁଥିବା ମେଘ ଖଣ୍ଡକୁ !
ଇଛା ହେଲା ଟିକେ ଭିଜିବାକୁ
ଆଉ ଟିକେ ଇଛା ହେଲା ଭିଜେଇବା ପାଇଁ,
ଛାତି ତଳେ ଶୋଇଥିବା ଶୁଷ୍କ ହୃଦୟକୁ !

ଧୀରେ ସ୍ପର୍ଷ କଲା ଶୀତଳ ସମୀର
ଏମିତି ଶରୀରକୁ !
ତୁଷାର ପାତ ହେଲା,
ଭାସିଗଲେ ମରୁଭୂମି ବାଲି ସବୁ
ମେଣ୍ଟାଇବା ପାଇଁ ବଳକା ତୃର୍ଷ୍ଣା
ସାଗର ବେଳା ଭୂମିକୁ !



ଶାନ୍ତ ନିଶବ୍ଦ ରଜନୀର କୋଳେ
ଶୋଇ ଗଲେ ଯେତେ ସବୁ !
ଯେଉଁ ଜନ, ଜୀବ ଘୁରିବୁଲୁଥିଲେ,
ଫେରିବେ ବୋଲି ନିଜ ସ୍ଥାନକୁ !

ସ୍ୱଳ୍ପ ସମୟ ତୃପ୍ତି ପରେ
ପୁଣି ଉଦୟ ହୁଅନ୍ତି,
ସ୍ୱାଗତ ଜଣାଇବା ପାଇଁ
ନୂତନ ଏକ ଆହୁତିକୁ !
ଅହରହ ଘୁରୁଥାଏ ଜୀବନ ଚକ୍ର
କେବେ କଏ, କ୍ଲାନ୍ତ ହୋଇଯାଏ
କେବେ କଏ, ସମ୍ଭାଳ ନଅନ୍ତି ନିଜକୁ !

ପ୍ରତି ଘନ କଳା ରାତ୍ରୀ ପରେ
ପାଏ ଦିବା ଦିବ୍ୟ ଆଲୋକ,
ପୁଣି ଢଳେ ସଞ୍ଜ, ଆସେ ସନ୍ଧ୍ୟା
ଘେରିଯାଏ ଅନ୍ଧକାର ସଭିଙ୍କୁ !
କଳ୍ପନା କରି ଗୃଲି ଗଲି କିଛି ପଥ,
ଫେରୁ ଫେରୁ ଦେଖେ 'ଜଗି ବସିଛନ୍ତି'
ସେଇ ଶୂନ୍ୟ ଆକାଶ, ମେଘ ଖଣ୍ଡ
ନୂତନ ସକାଳର ଆରମ୍ଭ ପାଇଁ
ବିଦାୟ ଦବାକୁ !

ବାଲିଛାଇ, ଗଞ୍ଜାମ, ଓଡିଶା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**

**ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# ତୁମେ ଗଲ୍‌ପରେ



ମଧୁଛନ୍ଦା ବେହେରା

ଫଗୁଣ ଆସିଛି ରଙ୍ଗ ଡାଲ୍ ନେଇ
ଦେହେ ମୋର ବୋଳିବାକୁ
ହେଲେ ସେ କ'ଣ ଜାଣିଛି
ଭଲ ପାଏନ ମୁଁ
ରଙ୍ଗ ଆଉ ଫଗୁଣକୁ

ଫଗୁଣର ରଙ୍ଗନାହିଁ ମୋ ଜୀବନେ
ନାହିଁ, ଇନ୍ଦ୍ରଧନୁ ସାତ ରଙ୍ଗ
ଫିକା ଫିକା ଏ ଜୀବନ ରେ
ମୁଁ ଏକା ଏକା ଆଉ ନିସଙ୍ଗ ।



ସେ କ'ଣ ଜାଣିଛି ହଜିଯାଇଛି ମୋ
ଜୀବନର ସାତ ରଙ୍ଗ
ରଙ୍ଗହୀନ ଏଇ ଜୀବନେ ମୋହର
ତୁମେ ଗଲ୍ ପରେ,
ଲାଗିଛି କଳଙ୍କ ଦାଗ

ବସନ୍ତ ମଳୟ ନାଚ ନାଚ ଆସେ
ମୋ ମନ ଛୁଇଁବା ପାଇଁ
ହେଲେ ସେ କ'ଣ ଜାଣିଛି

ପାଲଟିଯାଇଛି,
ମୋ ମନ ଜଳନ୍ତା ଯୁଇ

ଶ୍ରାବଣ ଆସିଛି ଝୁମି ଝୁମି ଆଜି
ମୋତେ ଭିଝାଇବା ପାଇଁ
ହେଲେ ସେ କ'ଣ ଜାଣିଛି
ମୁଁ ନିଜେ ଶ୍ରାବଣୀ,
ମୋ ଦୁଇ ଆଖି ଲୁହ ନଈ

ସେ କ'ଣ ଜାଣିଛି ସ୍ୱପ୍ନ ଭରା ଆଖି
ଲୁହ ନଈ କିଆଁ ହେଲା
ସେ ଲୁହ ନଈ ରେ,
ବାସ୍ତବତା ମୋର
ଦେଖୁ ଦେଖୁ ବୁଡିଗଲା

ତୁମେ ଗଲା ପରେ,
ଏଇ ଜୀବନ କୁ
ନାହିଁ କିଛି ଆଉ ଲୋଭ
ଫଗୁଣ, ଶ୍ରାବଣ କାହାରି ସଙ୍ଗରେ
ନାହିଁ ଆଉ ମୋର ଭାବ ॥

କଟଓ୍ୱାରିଆ ସରାଇ, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସତୀ



କାଳକଙ୍କର

ମୋ ଆଗରେ ସତୀ ବସିଥିଲା । ସତୀ ଅତ୍ୟନ୍ତ ସୁନ୍ଦରୀ । ଗୋରା ତକ ତକ ତାର ଦେହ । ଆଖିକୁ ମୃଗ ମୃଗୁଣୀର ଆଖି ସହ ତୁଳନା କଲେ ଠିକ୍ ହେବନାହିଁ କାରଣ ସେ ଆଖିକୁ ଦେଖିଲେ ପଶୁର ମନରେ ପ୍ରେମଭାବ ଜନ୍ମ ହେଉଥିଲା କି ନାହିଁ ଜଣା ନାହିଁ କିନ୍ତୁ ସତୀର ଆଖିକୁ ଦେଖିଲେ ପୁରୁଷର ମନ ମତୁଆଲା ହେବା ଥିଲା ସ୍ୱାଭାବିକ୍ ।

ସତୀର ଗାଲ ଓଠ ସବୁ କେମିତି ରସାଳୁ ପରି ଲାଗୁଥାଏ ଯେଉଁଥିରୁ ହୁଏତ ପ୍ରେମର ରସ ମିଳପାରିବ । ସେ ଗାଲ ଓ ଓଠ ଦେଖିଲେ ପୁରୁଷର ଓଠରେ ତୃଷା ଜାଗି ଉଠୁଥିଲା ଯେ ଚୁଷି ନଅନ୍ତା ସେ ଓଠ ଓ କାମୁଡି ନଅନ୍ତା ସେ ଗାଲର ଦୁଇପାର୍ଶ୍ୱ ।

ସତୀ ଥିଲା କେଶବତୀ କନ୍ୟା । ମୁକ୍ତ କେଶ ଯେତେବେଳେ ନିତମ୍ବ ପର୍ଯ୍ୟନ୍ତ ଲମ୍ବିଯାଏ ସେତେବେଳେ ପୁରୁଷ ମନ ସବୁ ସୀମା ପରିସୀମାର ଲମ୍ବ ପ୍ରସ୍ଥ, ଆୟତନ ଓ କ୍ଷେତ୍ରଫଳ ବାହାର କରିବାରେ ବ୍ୟସ୍ତ ହୋଇଯାଏ । ସତୀର ଛାତିର ମାଂସଳ ପରିପାଟି, ନାଭି ଓ ତାର ଉତର ଓ ଦକ୍ଷିଣ ଗୋଲାର୍ଦ୍ଧ ସବୁ ଯେମିତି ହୃଦୟ ଭିତରେ କେମିତି ବୋଲ୍ଡୋଜର ଚପେଇ ଦେଇ ଗ୍ଳଲିଯାଏ ।

ସତୀ ସ୍କୁଲ ବେଳରୁ ସେମିତି ରୂପବତୀ । ତୃତୀୟ ଶ୍ରେଣୀରେ ପଢିଲା ବେଳେ ଶ୍ରେଣୀର ବାଲୁଙ୍ଗା ଗୌତମ ତାକୁ ଥରେ ଜାବୁଡି ଧରିଥିଲା ଓ ଚୁମା ଦେଇ ଦେଇଥିଲା । ସତୀ ଏ କଥା କାହାକୁ କହି ନ ଥିଲେହେଁ ସାଂଗ ଝିଅ ଦେଖି କହି ଦେଇଥିଲେ ଗୁରୁମାଙ୍କୁ । ଗୁରୁମା ବଡସାରଙ୍କୁ କହିବାରୁ ବିଚରା ଗୌତମ ପିଠିରେ ବସିଥିଲା ଏମିତି ପ୍ରହାର ଯେ ସତୀକୁ ମଧ ଭଲ ଲାଗି ନ ଥିଲା ।

ଅଷ୍ଟମ ଶ୍ରେଣୀ ବେଳକୁ ଛାତିରେ ତାର ମାଂସ ବଢି ଯାଇଥିଲା । ମାଆ ତାକୁ ତାଗିଦ୍ କରି କହିଥିଲେ ଭିତରେ ସେମିଜ୍ ଟିଏ ପିନ୍ଧି ଡ୍ରେସ୍ ପିନ୍ଧିବୁ ଓ ସ୍କୁଲକୁ ଯିବୁ । କିନ୍ତୁ ସ୍କୁଲର ବାର୍ଷିକ ଉତ୍ସବ ଦିନ ରାତିରେ ପୁଣି ଗୌତମ ତାକୁ ଏକ ଅଂଧାର କୋଣକୁ ଟାଣି ନେଇ ଛାତିରେ ହାତ ବୋଲାଇ ଦେଇଥିଲା, ଓଠକୁ ଚୁମି ଦେଇଥିଲା । ଏକଥା ସତୀ କାହାକୁ କହି ନ ଥିଲା କିନ୍ତୁ ସେହି ଦିନରୁ ଗୌତମକୁ ଦେଖିଲେ ଲାଜେଇ ଯାଉଥିଲା ।

ଗୌତମ ସ୍କୁଲରୁ ଫେରିଲେ ସତୀର ଘର ବାଟ ଦେଇ ଅନେକ ଥର ଚକ୍କର ଲଗାଏ । କାଳେ ସତୀ କୁଆଡେ ଥିବ ଓ ତାକୁ ସେ ଟିକଏ ଦେଖିନେବ । ଏମିତି ଦିନ ଦଶଟାରୁ ଚାରିଟାଯାଏଁ ଏକା ଶ୍ରେଣୀରେ ଗୌତମ ଓ ସତୀ ପାଠ ପଢନ୍ତି । ସତୀ ଡାହାଣ କଡରେ ଝିଅମାନଙ୍କ ସହ ଆଗରେ ବସେ । ଗୌତମ କିନ୍ତୁ ଶ୍ରେଣୀର ପଛରେ ବସିବାକୁ ଭଲପାଏ। ପଛରେ ବସିଲେ ସେ ସତୀକୁ ଭଲ ଭାବରେ ଦେଖିପାରେ ।

ବିଦ୍ୟାଳୟ ଏବେ ଦଣ୍ଡମୁକ୍ତ ଅଂଚଳ ହୋଇଛି । ଏଣୁ ଯଦି କେହି ସତୀକୁ ଚୁମା ଦେବା ବା ଛାତିରେ ଭିଡି ଧରିବା ଦେଖି ନଅନ୍ତି ତେବେ ମଧ୍ୟ ବିଶେଷ କିଛି ହେବନାହିଁ । ହଁ, ସେ ଅନାଦି ସେଣ ସାରଙ୍କୁ ଟିକଏ ଡର । ସେ ସରକାରୀ ନୀୟମ କାନୁନକୁ ଆଦୌ ଡରନ୍ତି ନାହିଁ। ଶ୍ରେଣୀରେ ପାଠ କରି ନ ଥିଲେ ବା ଠିକ୍ ଉତର ନ ଦେଲେ ବାଇନ ପିଅନକୁ କହି ବିଶାଳ ବେତବାଡି ଆଣନ୍ତି ଓ ଚାଏଁ ଚାଏଁ ଛାଟ ଲଗାନ୍ତି । ଗୌତମ ମାଆଲୋ, ମଲିଲୋ, ବୋପାଲୋ, ମଲିଲୋ ଯେତେ କଲେ ମଧ୍ୟ ନସ୍ତାର ନାହିଁ । ସତୀ ଆଗରେ ତାକୁ ଏମିତି ମାଡ ହେବା ତାକୁ ବାଧେ । ତେବେ ଅଧିକ ବାଧେ ଯେତେବେଳେ ସେ ସେଣ ମାଷ୍ଟର ସତୀର ପିଠିରେ ଚାଏଁ ଚାଏଁ ପ୍ରହାର କରନ୍ତି । ସତୀ କିଛି ନ କହି କେବଳ ଛିଡା ହୋଇ ମାଡ ସହେ ଓ କାନ୍ଦେ ।

ଗୌତମକୁ ଇଚ୍ଛାହୁଏ ସେ ସେଣ ମାଷ୍ଟରକୁ ସବକ ଶିଖାନ୍ତା । ଦିନେ ରାଗରେ ସାରଙ୍କର ସାଇକେଲରୁ ପମ୍ପ ଖୋଲି ଦେଇଥିଲା ଯେ ଷଷ୍ଠଶ୍ରେଣୀର ସେ ଝୁମୁରି ଦେଖି ନେଇଥିଲା । ଝୁମୁରିକୁ କିନ୍ତୁ ସେ ଟ୍ୟୁସନ କଲାବେଳେ ଜାଣି ନେଇଥିଲେ ଯେ ଏ କାମ ଗୌତମର । ବାସ୍, ଆଉ କାହିଁ, ପରଦିନ ଆସି ଶ୍ରେଣୀରେ କଠିନ କିଛି ପ୍ରଶ୍ନ ସବୁ ପଚାରିଲେ । ଅନେକ

ହାତ ଉଠାଇଲେ ନାହିଁ ଆଉ ଗୌତମ ମଧ୍ୟ । ତେବେ ପଚରା ଗଲା ଗୌତମକୁ ଆଉ ଯେଉଁ ମାଡ । ଆହା ହା....... ।।

ସେଦିନ ଛୁଟି ହେଲାପରେ ଗୌତମ ଘରକୁ ଫେରୁଥିଲା ବେଳେ ସତୀ ତାକୁ ପାଖକୁ ଡାକ କହିଲା, ଦେଖ ତୁମକୁ ଏମିତି ମାଡ ଲାଗିଲେ ମୋତେ ଭଲ ଲାଗେ ନାହିଁ । ତୁମେ ସେ ଖରାପ କାମ ଛାଡି ମନ ଲଗାଇ ପାଠ ପଢିଲେ ହୁଅନ୍ତା ନାହିଁ ?

ସତୀର ଏଇ ପଦଟିଏ କଥା ଗୌତମକୁ ବହୁତ ଭଲ ଲାଗିଲା । ସେ ସେହିଦିନରୁ ରାତି ଅଧିକଯାଏଁ ବସି ପାଠ ପଢିଲା । ଶିକ୍ଷକ ଦେଇଥିବା ସମସ୍ତ କାର୍ଯ୍ୟ କଲା । ତାର ଏ ପରିବର୍ତ୍ତନ ଦେଖି ସ୍କୁଲର ଶିକ୍ଷକ ଓ ଅନ୍ୟାନ୍ୟ ସହପାଠୀ ଅବାକ୍ । ବେଶି ଅବାକ୍ ହେଲେ ଅନାଦି ସାର୍ ।

ମନରେ ଗର୍ବକରି କହିଲେ, ଟୋକାକୁ ଏମିତି ଧୋଲେଇ କଲି ଯେ ଟୋକାର ଜ୍ଞାନ ବୁଦ୍ଧି ଏବେ ପାକଳ । ମନ ଲଗାଇ ପାଠ ପଢୁଛି । ସ୍କୁଲରେ ମଧ୍ୟ ଏବେ ଚର୍ଚ୍ଚା ଯେ ଅନାଦି ସାର୍ ବାଲୁଙ୍ଗା ଗୌତମକୁ ଠିକ୍ ବାଟକୁ ନେଇ ଆସିଲେ । ମ୍ୟାନେଜିଙ୍ଗ କମିଟି ମିଟିଙ୍ଗରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା ହେଲା ଓ ଅନାଦି ସାରଙ୍କୁ ପ୍ରଶଂସା କରାଗଲା ।

ସେ ବର୍ଷର ବାର୍ଷିକ ଉତ୍ସବରେ ମଧ୍ୟ ଅନାଦି ସେଣ କେମିତି ଜଣେ ଦୁଷ୍ଟ ପିଲାକୁ ଶିଷ୍ଟ କଲେ ସେ କଥା ବଖାଣ କରାଗଲା । ଗୌତମର ନାମ ମଧ୍ୟ କୁହାଗଲା । ଗୌତମକୁ ମଂଚ ଉପରକୁ ମଧ୍ୟ ଡକାଗଲା । କରତାଳ ମଧ୍ୟ ପଡିଲା ।

କନ୍ତୁ ଗୌତମ ସେତେବେଳେ ତଳେ ଆପଣାର ଭାଉଜଙ୍କ ସହ ବସିଥିବା ସତୀଙ୍କ ଆଡକୁ ଚାହିଁଲା । ଇଚ୍ଛା ହେଉଥିଲା ଯେ ସେ କହିଦେବ, ଦେଖନ୍ତୁ ସାର୍, ଆପଣ କଛି କରି ନାହାଁନ୍ତି। ଆପଣ ତ ବାରମ୍ବାର ମୋତେ କଠିନରୁ କଠିନ ଦଣ୍ଡ ଦେଇ ବିପଥଗାମୀ କରାଉଥିଲେ । କେବେ ସ୍ନେହ, ମମତା, ଭଲପାଇବାର ସ୍ପର୍ଶ ଦେଇ ମୋର ଜୀବନକୁ ନିୟନ୍ତ୍ରିତ ବା ଶୃଂଖଳିତ କରିବାର ଚେଷ୍ଟା କରି ନାହାଁନ୍ତି ।

ମୋତେ ଭଲ ମଣିଷ କରିବାର ଶ୍ରେୟ ମୋର ପ୍ରେମ କରିଛି । ମୋ ସତୀ କରିଛି । ମୋର ଭଲ ପାଇବା କରିଛି । ଭାବିଲା ସତୀକୁ ସେହି ମଂଚକୁ ଡାକ କହନ୍ତା ହେ ଦର୍ଶକ, ହେ ଶ୍ରୋତାବୃନ୍ଦ, ଏଇ ସତୀକୁ ମୁଁ ଭଲ ପାଏଁ, ଏଇ ସତୀର ପ୍ରେରଣାରେ ମୁଁ ବଦଳ ଯାଇଛି ।

ନା, ଏମିତି ହେଲେ ସତୀ ଓ ତାର ଭଲପାଇବାକୁ ସମସ୍ତେ ଜାଣିଯିବେ । ହୁଏତ ତା ଘରେ ଓ ଗୌତମର ଘରେ ଏ ନେଇ କଛି ଅସୁବିଧା ହୋଇପାରେ । ତା ବାପା ଜଣେ କ୍ରୋଧୀ ମଣିଷ । ଗାଁରେ ବହୁତ ଗଣ୍ଡଗୋଳ ସେ କରନ୍ତି । ଜାଣିଲେ ଘରକୁ ଆସି ଗୌତମର ବାପା ମାଆ ସହ କଳ ଝଗଡା କରିବେ ।

ତେବେ ସେଦିନ ସାହସ କରି ବିଦ୍ୟାଳୟ ବାର୍ଷିକୋତ୍ସବ ଚାଲିଥିଲାବେଳେ ସତୀକୁ ସାର୍ ଡାକୁଛନ୍ତି କହି ଡାକ ନେଇଗଲା । ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠକୁ ଯିବାପାଇଁ ନିର୍ଜନ ସଂକୀର୍ଣ୍ଣ ପଥ । କଛି ଅଂଧାର ମଧ ହୋଇଥାଏ । ସେଇଠି ଗୌତମ ଆଦରରେ ଆପଣାର ଓଠ ଖୁବ୍ କୋମଳତାର ସହ ସତୀର ଓଠରେ ଲଗାଇ କହିଲା, ଧନ୍ୟବାଦ ସତୀ ମୁଁ ତୁମ ପାଇଁହିଁ ନିଜକୁ ବଦଳାଇଛି । ସତୀ ମଧ କୌଣସି ପ୍ରତିରୋଧ ନ କରି ନୀରବ ସମର୍ଥନ ଦେବାରୁ ଉତ୍ସାହିତ ଗୌତମ ସତୀକୁ ସେହି ଅନ୍ଧାରରେ ଛାତିରେ ଭିଡି ଧରିଲା ।

ଏବେ ସତୀ ସେମିଜ୍ ଛାଡି ବ୍ଲାଉଜ୍ ପିନ୍ଧିଲାଣି କାରଣ ଛାତିର ମାଂସ ତାର ଖୁବ୍ ପୁରି ଯାଇଛି। ଗୌତମ ସେହି ପୁରିଲା ମାଂସଳ ଛାତିକୁ ବେଶ୍ ଅନୁଭବ କରି ପାରୁଥିଲା । ଏବେ ସତୀର ପିଠିକୁ ଆପଣା ଛାତି ଉପରକୁ ଭିଡିନେଇ ହାତରେ ସତୀର ମାଂସଳ ଛାତିକୁ ଧିରେ ଧିରେ ଚପିବାକୁ ଲାଗିଲା । ସତୀର ସର୍ବାଙ୍ଗ ଯେମିତି ବରଫ ହେଇଯିବ ? ସେ କହିଲା, ଦେଖ କିଏ ଆସିଯିବ ? ମୋତେ ଛାଡିଦିଅ । ମନ ଦେଇ ଏମିତି ପାଠ ପଢ ଓ ଭଲ ଚାକରୀଟିଏ କର । ମୁଁ ତୁମକୁ ଅପେକ୍ଷା କରିବି ।

ଗୌତମ ସତୀକୁ ଛାଡିଦେଲା ଓ ସତୀ ସଅଳ ପାଦରେ ଭାଉଜ ପାଖକୁ ଫେରିଗଲା ।

ସେ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଫଳ ବାହାରିଲା ଓ ଗୌତମ ପ୍ରଥମ ଓ ସତୀ ପ୍ରଥମ ଶ୍ରେଣୀରେ ପାସ୍ ହେଲେ । ସେଦିନ ସାହସ କରି ଗୌତମ ଯାଇଥିଲା ସତୀର ଘରକୁ ।

ହାତରେ ନେଇଥିଲା ଜଟି ଦେ ଦୋକାନରୁ କିଛି ଚକୋଲେୟର ଚକୋଲେଟ୍ । ଅନେକ ଥର ସେ ସତୀକୁ ସେ ଚକୋଲେଟ ଦେଇଛି । ସତୀ ବହୁତ ଖୁସି ହୋଇଯାଏ ।

ସେଦିନ କେହି ସତୀର ଘରେ ଗୌତମର ଆସିବାକୁ ଅନ୍ୟଥା ନେଇ ନ ଥିଲେ । ସେ ଭଲ ପିଲା ଓ ଭଲ ନମ୍ବର ରଖି ପାସ୍ କରିଥିବାରୁ ସତୀର ଘରେ ମଧ୍ୟ ତାର ପ୍ରଶଂସା ହୋଇଥିଲା। ସତୀ ଓ ଗୌତମ ମଧ୍ୟ ବହୁତ ଖୁସି ହୋଇଥିଲେ । ବହୁ ସମୟ ସେମାନେ ସତୀର ଘର ବାରଣ୍ଡାରେ ବେଂଚ ଉପରେ ବସିଥିଲେ । ସତୀର ଭାଉଜ ଆଣି କିଛି ପିଜୁଳ, କଦଳୀ ଓ ମିଠା ଖାଇବାକୁ ଦେଇଗଲେ ।

ଖାଅ, କହିଲା ସତୀ । ତୁମେ ମଧ୍ୟ ଖାଅ କହିଲା ଗୌତମ । ଏତିକିରେ ସତୀ ପିଜୁଳ ଖଣ୍ଡ ଗୌତମକୁ ଖୁଆଇ ଦେଇ କହିଲେ ଦେଖ, ଏଥର ତୁମେ କଲେଜକୁ ପାଠ ପଢିବାକୁ ଯିବ । ମନ ଦେଇ ପାଠ ପଢିବ । ମୋର ପାଠ ପଢିବାର ନିଶ୍ଚିତତା ନାହିଁ । ବାପା କହୁଥିଲେ, ଯେତିକି ହେଲା ଯଥେଷ୍ଟ । ଝିଅ ପିଲା ବେଶି ପାଠ ପଢିଲେ ଅଡୁଆ । ଅଧିକ ପଢିଲେ ବେଶି ଖର୍ଚ୍ଚ କରିବାକୁ ପଡିବ ପୁଣି ସେମିତି ପାଠୁଆ ପୁଅ ମଧ୍ୟ ଦରକାର ହେବ ।

ତେବେ ଭାଉଜ ଏ କଥାକୁ ବିରୋଧ କରି ବୁଝାଉଛନ୍ତି ଯେ ନାହିଁ, ଝିଅମାନେ ପାଠ ପଢିବା ଦରକାର । ଆଜିକାଲି ଯେଉଁ ବେଳକାଳ, ପାଠ ପଢି ରଖିଥିଲେ କାମରେ ଲାଗିବ । ସରକାର ମଧ୍ୟ ସବୁ କ୍ଷେତ୍ରରେ ନାରୀ ଶିକ୍ଷାକୁ ପ୍ରୋତ୍ସାହନ କରୁଛନ୍ତି । ତେବେ ବାପା ବୁଝିଲେ ସିନା ?

ଗୌତମର ମନଟା ଉଦାସ ହୋଇଗଲା । ହେଉ, ତୁମେ ଚେଷ୍ଟାକରି ଫର୍ମ ପକାଅ । ବାପା ମାଆଙ୍କୁ ବୁଝାଅ । ସେମାନେ ବୁଝିଗଲେ ସହରକୁ ଯାଇ ପାଠ ପଢିବା । ଦେଖା ସାକ୍ଷାତ ମଧ୍ୟ ନିୟମିତ ହୋଇପାରିବ ।

ନା, ତୁମେ ଯାଅ । ମନ ଲଗାଇ ପାଠ ପଢ । ଦେଖା ସାକ୍ଷାତ ସେ ସବୁ ଭାବ ପ୍ରବଣତା ଦରକାର ନାହିଁ । ପ୍ରଥମେ ନିଜର ଭବିଷ୍ୟତ ଗଢ । ତାପରେ ବହୁତ ସମୟ ମିଳିବ ।

ଗାଁ ଛାଡି ଗୌତମ ସହରର କଲେଜରେ ପଢିବା ପାଇଁ ଗ୍ଳଲିଗଲା । ସତୀ କିନ୍ତୁ ସହର କମ୍ପା କଲେଜ ଯାଇ ପାରିଲା ନାହିଁ । ଯେତେ ବୁଝାଇଲେ ମଧ୍ଯ ସତୀର ବାପା ବୁଝିଲେ ନାହିଁ। କହିଲେ, ଝିଅ ଆଉ ପଢିବ ନାହିଁ । ଘରେ ରହି ଘର କରଣା କାମଦାମ ଶିଖୁ । ବିବାହ ପରେ କାମରେ ଲାଗିବ । ଶାଶୁ ଶ୍ୱଶୁର ସ୍ୱାମୀଙ୍କର ସେବା କରିବ ।

ବାପା ତାଗିଦ୍ କରି କହିଲେ, ତାକୁ ତରକାରୀ ରାନ୍ଧିବା ଶିଖାଅ, ଶାଗ ଖରଡିବା ଶିଖାଅ, ରାଇ ଖଟା ଆଦି ଶିଖାଅ, ବିଭିନ୍ନ ପ୍ରକାରର ଦେଶୀ ବିଦେଶି ଖାଦ୍ୟ ରାନ୍ଧିବା ଶିଖାଅ, କଫି କରିବା ଶିଖାଅ, ସବୁଦିନ ସଂଜରେ, ରାତିରେ ଘରର ଗୁରୁଜନଙ୍କୁ ପାଦ ମୋଡିବା ଶିଖାଅ ।

ବାପା ଏମିତି ଲମ୍ବା ସୂଚନା ଓ ନିର୍ଦ୍ଦେଶ ଦେଲେ । କହିଲେ ଲୁଗା କାଚବା ଓ ଇସ୍ତ୍ରୀ ଦେବା କାମ ଆଜିଠୁଁ ସତୀ କରିବ । ଘରର ଅଇଁଠା ବାସନ କୁସନ ସବୁ ସେ ସଫା କରିବ । କାଲିଠୁଁ ଧାନ ଉସେଇଁବା, ମୁଢି ଭାଜିବା, ଘରର ପିଠା ପଣା ଆଦି କରିବା ସବୁ ଶିଖିବ । ଝିଅ ବଡ ହେଉଛି । ଆଉ ବର୍ଷେ ଦୁଇବର୍ଷ ପରେ ଭଲ ଘର ଦେଖି ବାହା କରାଇ ଦେଲେ ହେଲା ।

ବାପା ଆଗରେ ଛିଡା ହୋଇ ଉତର ଦେବାର ସାହସ ଘରର କାହାର ନାହିଁ । ସେ ତ ସାମାନ୍ୟ ଝିଅ ପିଲାଟେ । ତାର ଅବା ହିସାବ କେତେ ? ଛଅ ବର୍ଷର ହୋଇଥିଲା ଯେ ପଡୋଶୀ ଘରର ଟୁଇଁ ନାନୀ ସାଂଗରେ କାହାକୁ ନ କହି ବାଟକୁ ବର କନିଆଁ ଦେଖିବାକୁ ଗ୍ଳଲି ଯାଇଥିଲା ଯେ ବାପା ଦେଖି ଦେଲେ । ଘରେ ପହଂଚଲା ପରେ ଏମିତି ଏକ ଗର୍ଜନ କଲେ ଯେ ଛିଡା ଛିଡା ପେଂଟରେ ପରିସ୍ରା କରି ପକାଇଲା ।

ସତୀ ଭାବୁଛି, କଣ ହେବ ତାର ଆଉ ଗୌତମର ସଂପର୍କ । ସେ ଏବେ ପାଠ ପଢୁଛି । ପାଠ ପଢି ଗ୍ଳକରୀ କେବେ କରିବ ଯେ ମୋ ଘର ଲୋକ ସେ ଦିନକୁ ଅପେକ୍ଷା କରି ରହିବେ । ଆଖିରେ ତାର ଲୁହ ଜକେଇ ଆସିଲା । ମିଛ ପ୍ରତିଶୃତି ଦେଇଛି ମୁଁ ଗୌତମକୁ। ତାର ମୋର ମିଳନ ଅସମ୍ଭବ । ହେ ଠାକୁରେ, ତୁମେ ଦୟାକର । କିଛି ଗୋଟିଏ ଉପାୟ ନିଶ୍ଚୟ ବାହାର କରିବ ।

ଗ୍ରୀଷ୍ମ ଛୁଟିରେ ଗୌତମ ଗାଁକୁ ଆସି ପ୍ରଥମେ ସତୀର ଘର ରାସ୍ତାରେ ଚକ୍କର କାଟିଲା । କେତେ ଚକ୍କର କାଟିଲା ପରେ ହଠାତ୍ ଦାଣ୍ଡ କଡ କଳକୁ ସତୀ ଯାଉଥିବାର ଦେଖିଲା । ଧିର କରି ଡାକଲା ସତୀ !

କଡ ଲେଉଟାଇ ସତୀ ଦେଖିଲା ଗୌତମକୁ । ସଂଗେ ସଂଗେ ସେମିତି ଲୁଗା ତକ ଥୋଇ ବେଢା କଡକୁ ଆସିଲା । ପତଳା ଶାଢିଟିଏ କେବଳ ତାର ଲଙ୍ଗଳା ଦେହକୁ ଢାଙ୍କିବାର ପ୍ରୟାସ କରୁଥିଲା । କିନ୍ତୁ ଛାତିର ମାଂସଳ ଦୁଇ ମନୋରମ ଭାଗ ପ୍ରୀତିର ଶୃଙ୍ଗ ଭଳି ଫୁଟି ଦିଶୁଥିଲା । ଦେହର ଅଧିକାଂଶ ଅଂଶ ସେହି ପତଳା ଶାଢିରେ ଜଳ ଜଳ ଦିଶୁଥିଲେ ମଧ ସେଥିପ୍ରତି ଖାତିର ନ ଥିଲା ସତୀର ।

କେବେ ଆସିଲ ? ପଚାରିଲା ସତୀ ।

କାଲି ରାତିରେ, କିନ୍ତୁ କାଲି ରାତିରୁ ମୁଁ ଏ ରାସ୍ତାରେ ଦଶ ଚକ୍କର କେବଳ ତୁମକୁ ଟିକଏ ଦେଖିବାକୁ କାଟିଲିଣି । ଯାହାହେଉ, ଆଜି ଦେବୀ ଦର୍ଶନ ହେଲା । ସୁନ୍ଦରୀ ସତୀର ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ କହିଲା ଗୌତମ ।

ହେଉ, ମୁଁ ଯାଉଛି ଗାଧୋଇବି । ଆଜି ସଂଧ୍ୟାରେ ଘରେ କେହି ରହିବେ ନାହିଁ । ବାଲି ମେଳା ଯିବେ । ବାପା ଆଗରୁ ପଳାଇବେ କାରଣ ସେ ବାଲିମେଳା କମିଟିର ସଦସ୍ୟ । ଭାଉଜଙ୍କୁ ଧରି ମାଆ ଗାରିଟା ବେଳକୁ ଯିବ । ମୁଁ ଯିବି ନାହିଁ ବୋଲି କହି ଦେଇଛି । ସେମାନେ ଗଲେ ଭିତରୁ କବାଟ କିଳି ରହିବି ।

ସେମାନେ ଗଲେ ତୁମେ ଆଗ ବାଟରେ ଆସିବ । ମୁଁ କବାଟ ଖୋଲି ଦେବି । ବହୁତ ଦିନରୁ କଥା ହୋଇନୁଁ, ହେବୁ । କହିଲା ସତୀ ଓ ପଛକରି ଚାଲିଗଲା ।

ପ୍ରସନ୍ନ ଭାବରେ ଘରକୁ ଫେରିଗଲା ଗୌତମ ।

ଆଜି ଆଉ ଗୌତମର କେଉଁଠି ମନ ଲାଗୁନାହିଁ । ସେ ବହୁତ ଦିନ ପରେ ସତୀକୁ ପାଖରେ କିଛି ସମୟ ପାଇବ । ଅନେକ ଖୁସି ଗପ ହେବ । ଘରେ କେହି ନ ଥିବେ । କେବଳ

ସେମାନେ ଦୁଇଜଣ । ଏ କଥା ଭାବିଲା ବେଳକୁ ତାର ଦେହରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇ ଯାଉଛି ।

ସଂଜ ବେଳକୁ ସତୀର ବାପା ମାଆ ଭାଉଜ ସବୁ ବାଲିମେଳା ଚାଲି ଗଲେଣି । ଗଲାବେଳେ ଝିଅକୁ ତାଗିଦ୍ କରି କହିଗଲେ ଦେଖ୍, ଯିଏ ଆସିଲେ ମଧ କବାଟ ଖୋଲିବୁ ନାହିଁ । ଆମେ ଆସି ଡାକଲେ ଖୋଲିବୁ । ଭିତରେ ଥିବୁ, ଟି.ଭି. ଦେଖିବୁ ଅବା ଭୋକ ଲାଗିଲେ କଣ ଖାଇବୁ ।

ଏମିତି ଅନେକ ଥର ଘର ଭିତରୁ ବନ୍ଦ କରି ସତୀ ରହିଛି । ସେମିତି କଛି ଅଘଟଣ କେବେ ଘଟିନାହିଁ ଗାଁରେ । ଅବଶ୍ୟ ଆଜିକାଲି ଗାଁରେ ମଧ ବହୁତ ଦୁର୍ଘଟଣା ଘଟିଲାଣି । ହତ୍ୟା, ବଳାତ୍କାର ଗାଁର ଜୀବନକୁ ଆନ୍ଦୋଳତ କଲାଣି ।

ଠିକ୍ ସମୟରେ ଗୌତମ ଆସି ପହଂଚଛି । ଗୌତମକୁ ଘର ଭିତରକୁ ପୂରାଇ କବାଟ କଳ ନେଲା ସତୀ । ତାପରେ ଭାଉଜଙ୍କ ଘର ଭିତରକୁ ଡାକ ନେଲା । ଭାଉଜଙ୍କ ଘରର ପଲଙ୍କ ସଜଡା ହୋଇ ପଡିଛି । ଦୁଇଟି ତକଆ ଓ ବେଶ୍ ପ୍ରେମ କରିବାର ପରିବେଶ । ସତୀକୁ ଅନାଇଁଲା ଗୌତମ । ସତୀ ତାକୁ ଅତ୍ୟଧୀକ ସୁନ୍ଦରୀ ଦିଶୁଥିଲ । ଗୌତମ ପଲଙ୍କ ଉପରେ ବସିଥାଏ ଓ ପାଖରେ ସତୀ । ଗୌତମ ସତୀକୁ ଆପଣାର ଛାତି ଉପରକୁ ଭିଡି ନେଲା । ସତୀ କଛି କହିଲା ନାହିଁ । ତାର ନରମ ଓଠ ସହ ଆପଣାର ଓଠକୁ ଲଗାଇ ପ୍ରେମର ଅମୃତ ଚୁଷିବାକୁ ଲାଗିଲା । ସତୀ ନୀରବ । ତାପରେ ଗୌତମ ସତୀର ଶାଢୀକୁ ଖୋଲିଦେଲା । ସତୀ ଏବେ କେବଳ ଏକ ଶାୟା ଓ ଏକ ବ୍ଲାଉଜରେ ଆବୃତ । ଆହୁରି ସୁନ୍ଦର ଦିଶୁଥିଲା ସତୀ । ଗୌତମ ସତୀର ବ୍ଲାଉଜର ବୋତାମ ସବୁ ଖୋଲି ଦେଲା । କଛି କହିଲା ନାହିଁ ସତୀ । ତାପରେ ବ୍ରାର ହୁକ୍ ଖୋଲି ଦେଲା ବେଳକୁ ତା ଭିତରୁ ଦୁଇଗୋଟି ଅଦ୍ଭୁତ ବେଲୁନ ବାହାରି ଆସିଲା । ଆଉ ଏବେ ଗୌତମ ଓ ସତୀ ଏକ ଅସମ୍ଭାଳ ଅନୁଭବ ଭିତରେ ଛଟପଟ ।

ସତୀ କହିଲା ଦେଖ ଗୌତମ, ମୁଁ ଜାଣେନ ତୁମେ ମୋତେ ଆଉ ମିଳବ କି ନାହିଁ ତେଣୁ ଆଜି ମୋର ସବୁ କିଛି ତୁମର କରିନିଅ । ଏକ ଅଧିର ଆବେଗରେ ନିବେଦନ କରୁଥିଲା ସତୀ ।

ସେତିକି ବେଳେ ଆପଣାକୁ ସଂପୂର୍ଣ୍ଣ ପ୍ରସ୍ତୁତ କରି ନିଜର ଗାଡିଟିକୁ ସଂକରିଳ ରାସ୍ତା ଭିତରେ ଅତ୍ୟନ୍ତ ସହଜ ଢଙ୍ଗରେ ପଶେଇ ସାରିଥିଲା ଆରୋହୀ ଜଣକ । ରାସ୍ତାଟି ଥିଲା ସଂପୂର୍ଣ୍ଣ ନିରାପଦ, ନିର୍ଜନ, ଖୁବ୍ ପରିଷ୍କାର ପରିଚ୍ଛନ୍ନ । ସତୀର ଗୋରା ତକ ତକ ଦେହ ସେ ଘରର ଜିରୋ ହଳଦୀ ଆଲୁଅରେ ଏକ ଅନନ୍ୟ ଶୋଭା ଧାରଣ କରିଥିଲା । ସେହି ଦେହଟି ଦିଶୁଥିଲା ଏକ ଭୂଭାଗ ଆଉ ସେହି ଭୂଭାଗ ଚାରିକଡରେ କେବଳ ଶୂନ୍ୟତା । ଛାତିର ଦୁଇ ମାଂସଳ ଅଂଶ ଦୁଇ ଏଭରେଷ୍ଟ ଶୃଙ୍ଗ ଭଳି ଦେଖାଯାଉଥିଲା ଆଉ ପେଟର ତଳ ଭାଗରେ ଯେମିତି ବୋହି ଯାଉଥିଲା ଗଙ୍ଗାର ପବିତ୍ର ଧାର । ଦୁଇ କୂଳରେ ଶସ୍ୟ ଶ୍ୟାମଳ ଶସ୍ୟକ୍ଷେତ୍ର ।

ରାତି ଆଠଟା ହେଲାଣି କାଳେ ବାପା ମାଆ ଭାଉଜ ଆସିଯିବେ ତେଣୁ ତରବରରେ ନିଜର ସମସ୍ତ ବସ୍ତ୍ର ସାଉଁଟିବାକୁ ଲାଗିଲା ସତୀ । ପ୍ରଥମେ ବ୍ରା ଟିକୁ ଆଣି ଗୌତମକୁ ହୁକ୍ ଲଗାଇ ଦେବାକୁ କହିଲେ । ଗୌତମ ପରମ ଆନନ୍ଦରେ ବ୍ରାରେ ହୁକ୍ ଲଗାଇ ମାଂସଳ ଅଂଶକୁ ଯତନରେ ତା ତଳେ ସାଇତି ଦେଲେ । ତାପରେ ସତୀ ନିଜେ ବ୍ଲାଉଜର ବୋତାମ ଲଗାଇ ନେଲେ । ବ୍ଲାଉଜର ତଳ ସମସ୍ତ ଅଂଶ ଥିଲା ବସ୍ତ୍ରହୀନ । ଏବେ ସତୀ ନିଜର ଦେହରେ ଶାଢିକୁ ଆବୃତ କରି ଗୌତମ ଆଡକୁ ଦେଖି ହସି ପକାଇଲେ । ଲଙ୍ଗଳା ଅବସ୍ଥାରେ ଛିଡା ହୋଇଥିଲେ ଗୌତମ । ସତୀ ତାଙ୍କର ଚଡି ଓ ତାପରେ ପ୍ୟାଂଟ ପିନ୍ଧିବାରେ ସହଯୋଗ ଦେଲେ ।

ଏବେ ତୁମେ ଶିଘ୍ର ଯାଅ, କହିଲେ ସତୀ । ଦୁହେଁ ବାହାରକୁ ବାହାରି ଆସିଲେ ଆଉ ଦେଖିଲେ ଭାଉଜ, ମାଆ ଓ ବାପା । ଭୟରେ ଆଶଂକିତ ହୋଇ ଉଠିଲେ ସତୀ ଓ ଗୌତମ। ସଂଦେହ ଓ କ୍ରୋଧରେ ବାପା ଉଭୟଙ୍କର ଅସଂଜତ ଚେହେରା ଦେଖୁଥିଲେ । ମାଆ ଓ ଭାଉଜ ମଧ୍ୟ କେମିତି ନିଶ୍ଚିତ ସନ୍ଦେହ ଭିତରେ ସେମାନଙ୍କୁ ଅନାଇଁ ହେଉଥିଲେ ।

ତେବେ ହାତ ଯୋଡି ପ୍ରଣାମ ଜଣାଇ ଗୌତମ କହିଲା ମୁଁ ଗାଁକୁ ଆସିଥିଲି କାଲି ଚାଲିଯିବି ବୋଲି ଆଜି ଦେଖା କରିବାକୁ ଆସିଥିଲି । ଆପଣମାନେ ନ ଥିଲେ ଆଉ ମୁଁ ଫେରି ଯାଉଥିଲି ଯେ ସତୀ ଭିତରୁ ମୋତେ ଦେଖି ଗେଟ୍ ଖୋଲି ବସାଇଲା, ଡେରି ହେଲାଣି ତେଣୁ ମୁଁ ଯାଉଛି । ଏତିକ କହି ସେ ସ୍ଥାନରୁ ପ୍ରସ୍ଥାନ କଲା ଗୌତମ ।

ଯାହାହେଉ ପ୍ରାଣ ବଂଚଲା ଗୌତମର । ତେବେ କଣ କରିବ ଯେ ସତୀ । ଭାଉଜ ଘର ଭିତରେ ପଶିଲେ ସବୁ ବୁଝିଯିବେ କାରଣ ବିଛଣାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। ଫେରିଥିଲେ ସଜାଇଥାନ୍ତି ।

ବାପା ମାଆ ଘର ଭିତରକୁ ଗଲେ ଆଉ ଭାଉଜ କଳ ପାଖକୁ ଯିବାକୁ ଡାକଲେ । ବାଧ ହୋଇ ମୁଁ ତାଙ୍କୁ ଅନୁସରଣ କଲି । କଳ ପାଖରେ ଭାଉଜ ସିଧା ପଚାରିଲେ କଣ, ତୁମେ ଗୌତମକୁ ଭଲ ପାଉଛ ? କଣ କରିବ ସତୀ ? ଏମିତି ତ କଛି କ୍ଷଣରେ ଭାଉଜ ତାଙ୍କର ଶୋଇବାଘର ବିଛଣାର ଅବସ୍ଥା ଦେଖି କଣ ନା କଣ ବୁଝିଯିବେ । ଧିର ସ୍ୱରରେ କହିଲି, ହଁ ।

ଭାଉଜ ଭିତରକୁ ଯାଇ ଅବ୍ୟବସ୍ଥ ଅବସ୍ଥାରେ ଥିବା ବିଛଣା ଦେଖି ସବୁ ବୁଝିଗଲେ । ତେବେ କଛି କହିଲେ ନାହିଁ । ପରଦିନ କନ୍ତୁ ଘରର ଦୃଶ୍ୟ ବଦଳଗଲା । ଭାଇ ସହରରୁ ଫେରି ପ୍ରଥମେ ସତୀକୁ ବହୁତ ଗାଳଗୁଲଜ କଲେ । ଭାଇ ଓ ଭାଉଜଙ୍କର ଗାଳଗୁଲଜରେ ଆଉ ଥରେ ଉଲଗ୍ନ ହୋଇ ଯାଇଥିଲା ସତୀ ।

କେମିତି ବୁଝାଇବ ଯେ ସେ ଓ ଗୌତମ ପରଷ୍ପରକୁ ଭଲ ପାଆନ୍ତି । ଭାଇ କହିଲେ, ସେ ଗୌତମ ଗାଁରେ ଅଛି ନା ସହରକୁ ଗଲାଣି ? ତାକୁ ଥରେ ପଚାରିବି ଯେ ମୋ ଭଉଣୀ ସତୀକୁ ସେ କଣ ଭାବି ଭଲ ପାଇଲା ? ଭୟ ଓ ଆଶଙ୍କାରେ ସେଦିନ ଦିନ ପରେ ରାତି ଆସିଲା । ରାତିରେ ଅନେକ ଦୁଃଖରେ ଶୋଇ ପଡିଲା ସତୀ । ଭଗବାନଙ୍କ ଉଦ୍ଦେଶ୍ୟରେ କହିଲା ହେ ଈଶ୍ୱର ସତରେ ତୁମେ ମୋତେ ସତୀ କରିଦେଲ । ମୋର ପ୍ରେମ ଜଳପୋଡି ଛାରଖାର ହୋଇଗଲା । ଆଖିରୁ ବୋହି ଚାଲିଥାଏ ଅଶ୍ରୁ ।

ରାତି ପାହିଲା ବେଳକୁ ଗାଁରେ ସବୁଆଡେ ଗହଳ ଚହଳ । ବିଚରା ଭଲ ପିଲା ଥିଲା । ଦୁଇଦିନ ତଳେ ଗାଁକୁ ଆସିଥିଲା । କିଏ ତାକୁ ରାତିରେ ଆସି ମାରି ଦେଇଗଲା । ଭାଉଜ ଆସି ଡାକଲେ ସତୀ, ସର୍ବନାଶ ହୋଇ ଯାଇଛି ।

କଣ ହୋଇଛି ଭାଉଜ ? ପଚାରିଲା ସତୀ । ଗୌତମକୁ କାଲି ରାତିରେ କିଏ ମାରି ଦେଇଛି। କହିଲେ ଭାଉଜ ।ଚିତ୍କାର କରି ଉଠିଲା ସତୀ । ପାଗଳନୀ ପରି ସେ ଦୌଡିଲା ଗୌତମର ଘର ଆଡକୁ । ଭାଇ ବାପା ଯିଏ ଯେତେ ପ୍ରତିରୋଧ କରିବାକୁ ଚାହିଁଲେ ମଧ୍ୟ କେହି ତାର ପଥକୁ ଅବରୋଧ କରି ପାରିଲେ ନାହିଁ ।

ନଦୀ କୂଳର ଶ୍ମସାନକୁ ନିଆ ଯାଇଥିଲା ଗୌତମର ଶବ । ହୁ ହୁ ହୋଇ ଜଳୁଥିଲା ଗୌତମର ଶବ । ସତୀ ସେଠାରେ ପହଂଚ ଦେଖିଲା ଯେ ସେହି ହୁ ହୁ ହୋଇ ଜଳୁଥିବା ଗୌତମର ଶବ ଭିତରୁ ଗୌତମ ହାତ ବଢାଇ ଡାକୁଥିଲା ସତୀ, ମୁଁ ତୁମକୁ ଭଲପାଏ , ବହୁତ ଭଲପାଏ । ତୁମେ ପାଇଁ ମୋର ଏ ସତୀ ପରୀକ୍ଷା ।

ସତୀ ନଦୀର କୂଳରେ ଛିଡା ହୋଇଥିଲା ଓ ତାର ଠିକ୍ ତଳେ ଜଳୁଥିଲା ଗୌତମର ଚିତା । ଈଶ୍ୱରଙ୍କ ଆଡକୁ ହାତ ଟେକି ସେହି ଚିତା ଉପରକୁ ଜୀବନ୍ତ ଡେଇଁ ପଡିଲା ସତୀ । ଏକ ବିକଟ ଚିତ୍କାର ସହ ସେହି ଚିତାରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ନିଜକୁ ସତୀ କରିଦେଲା ସତୀ। ଲୋକଙ୍କର ଚେଷ୍ଟା ସତ୍ୱେ ବଂଚ ପାରିଲା ନାହିଁ ସତୀର ଜୀବନ । ଶୋକାକୁଳ ପରିବେଶରେ ସତୀର ପୁଣି ଚିତା ଜଳାଗଲା ନଦୀ କୂଳରେ ଆଉ ଧୂଆଁର ଅନ୍ଧାରରେ ଏ ନିର୍ଦ୍ଦୟ ସମାଜକୁ ଉପହାସ କରି ଉଡିଗଲେ ପ୍ରେମର ସେହି ଦୁଇପକ୍ଷୀ ।

ସତୀ ମୋ ଆଗରେ ବସିଥିଲା ବୋଲି ମୁଁ ଗଳ୍ପ ଆରମ୍ଭରୁ କହିଥିଲି । ତେବେ ସତୀ ତ ସତୀ ହୋଇ ଯାଇଛି ! ହଁ ଏହା ସତ କଥା । ତେବେ ମୋ ଆଗରେ ଅନୁ ବସିଛି, ସିନୁ ବସିଛି, ସ୍ମୃତି ବସିଛି,ରା କ୍ଷୀ ବସିଛି ଇତ୍ୟାଦି ଇତ୍ୟାଦି ସତୀ ହେବାର ଇଚ୍ଛାରେ, ପ୍ରତି ମୂହୂର୍ତରେ, ପୃଥିବୀର ପ୍ରତି କୋଣରେ, ସମୟର ସବୁ ଯୁଗରେ । ଦୁଇ ହାତ ଉପରକୁ ଟେକି ସେମାନେ କହୁଛନ୍ତି ସତୀ ! ସତୀ ! ସତୀ !

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ

# ଫୁଲ



ମାନସ କୁମାର ପାତ୍ର

କି ସୁନ୍ଦର ଆହା ସୁମନ
ବୃକ୍ଷେ ଯାଆନ୍ତି ମଣ୍ଡି
ବିଧି ଗଢ଼ିଅଛି ଯତନେ
ବେଳ କାଳକୁ ଉଣ୍ଡି ।
ଅଙ୍ଗେ ଅଙ୍ଗେ ତାର ଭରିଛି
ନାନା ଅପୂର୍ବ ରଙ୍ଗ
ନାଲି ,ନେଳ, ଧଳା ,ହଳଦୀ
ମୋହେ ମନ ତରଙ୍ଗ ।
ପ୍ରତି ପାଖୁଡ଼ା ରେ ଭରିଛି
ମନ ଲୋଭା ବାସନା
ମୁନ, ଋଷି ଧ୍ୟାନ ଭଙ୍ଗନ୍ତି
ମନେ ଜାଗେ କାମନା ।
ଅତି କୋମଳ ତା ତନୁଟି
ତାକୁ ଛୁଇଁଲେ ଥରେ
ଶିହରଣ ଭରେ ମନରେ
ଦୁଃଖ ଉଦାସ ହରେ ।
ଅଙ୍ଗ ଅଙ୍ଗ ଚୁମେ ଭ୍ରମର
ପ୍ରଜାପତି ଖୁସି ରେ
ମଧୁ ଶୋଷି ମଧୁମକ୍ଷିକା
ଜନ ମଙ୍ଗଳ କରେ ।



ଦେବତା ସେବାରେ ଲାଗଇ
ଜନ୍ମ ସାର୍ଥକ ହୁଏ
କାମିନୀ ଚୁଡାରେ ଶୋଭଇ
ପ୍ରେମୀ ମନକୁ ମୋହେ ।
କଛି କଛି ଦିନେ ଫୁଟନ୍ତି
କଛି କଶି ରେ ଫୁଟି
ମହକ ରେ ଭରି ଦିଅନ୍ତି
ଏହି ସୁନ୍ଦର ସୃଷ୍ଟି ।
କବି ଓ ଭାବୁକ ମନରେ
ଭରି ଦିଏ ପ୍ରେରଣା
ସ୍ରଷ୍ଟାଙ୍କର ଶ୍ରେଷ୍ଠ ଦାନ ଏ
ଧନ୍ୟ ତାଙ୍କ ସର୍ଜନା ।



ଅରଳା, ଗୋପାଳପୁର, ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଭୁଲା ମୁହୂର୍ତ୍ତ



ତରୁଣ କୁମାର ଦାସ

ମିଳନର ଅଭୁଲା ମୁହୂର୍ତ୍ତସବୁ
ତୋଠି ଓଜାଡ଼ି ଦେଲା ପରେ
କ'ଣ ବା ଅଛି ବାକି
କହିବା ଲାଗି ତୋତେ ?
ତୁ ଆଜି କୁନ ପିଲା ପରି
ଅମାନିଆ ହୋଇ ଅଝଟ କରୁଛୁ
ଅଭିମାନରେ ମୁହଁକୁ ମୋଡ଼ୁଛୁ,
ଜାଣିନୁ,
ତୋ ଦୁଃଖ ପାଇଁ ମୋଠି ଫୁରସତ ନାହିଁ
ସହି ପାରିବିନି ତୋର ବିରହର ଜ୍ୱାଳା
ହସି ହସି ଆ । ଭିଜେଇଦେ ସ୍ମୃତିର ନଈକୁ
ଦେଖିବୁ ସବୁକିଛି ଏକାକାର ହୋଇ ଯିବ
ତୋ ମୋ ପ୍ରୀତି ବନ୍ଧନରେ ।
ପୁଣି ଥରେ ଇନ୍ଦ୍ରଧନୁର ହୋଲିରେ
ଚହଟିବ ମାଟିଠୁ ଆକାଶ ।



ଚନ୍ଦ୍ରକଣା ରୋଡ଼, ପଶ୍ଚିମ ମେଦିନପୁର, ପଶ୍ଚିମ ବଙ୍ଗ

# ରଙ୍ଗ



ସତ୍ୟବ୍ରତ ସାହୁ

ମୋତେ ଯିଏ ଯାହା ବୋଲ ବା ନବୋଲ
ମୁଁ କନ୍ତୁ ବୋଲ ଦେବି ସମ୍ପର୍କର ରଙ୍ଗ,
ଜାଣିଛି ଯେତେ ଦୂରେ ଥାଅ ପଛେ ମୋ ରଙ୍ଗ
ଛୁଇଁବ ନଷ୍ଟେ ତମ ତନୁ ମନ ।
ଏମିତି ସୁଯୋଗଟିଏ ଆଜି ମୋତେ
ଆଣିଦେଲା୍ ହୋଲି,
ପ୍ରିୟ ହୋଲି.....
ଆଜି ତ ବୁଲିବ ତମେ ସାର୍ ଦେଶ ସାର୍ ଗ୍ରାମ
ସବୁ ବନ୍ଧୁଙ୍କ କାନରେ ଫିସ୍ ଫିସ୍ କହିଦେବ
ସମସ୍ତଙ୍କୁ ଜଣାଇଛି ମୁଁ ହୋଲି ଅଭିନନ୍ଦନ ।

ପଲ୍ଲାସାହି, କଂଆଳପୁର, ଅହିୟାସ, ଯାଜପୁର



# ମୁକ୍ତି

ମୂଳ ହିନ୍ଦୀ – ଭାରତୀ ଲୋଦାୟା
ଓଡିଆ ଅନୁବାଦ – ମଧୁସ୍ମିତା ପଟ୍ଟନାୟକ



ମଧୁସ୍ମିତା ପଟ୍ଟନାୟକ

ମୁଁ ଚମକ ପଡି ପଚାରିଲି, "ହାଁ !.. ତୁ ଏ କ'ଣ କରିଦେଲୁ? " ରାତିର ନିଃଶବ୍ଦତା ସାଙ୍ଗକୁ ମୋର ସ୍ୱର ଉଚ୍ଚ ହୋଇ ଉଠୁଥିବାରୁ ନମ୍ରତା ପାଟିରେ ଆଙ୍ଗୁଳ ରଖି ମୋତେ ଇସାରା କଲା ଚୁପ୍ ହୋଇଯିବା ପାଇଁ ।....

"ନମ୍ରତା"- ମୋ ପିଲାଦିନର ସାଙ୍ଗ! ତା ସ୍ୱାମୀଙ୍କର ମୃତ୍ୟୁ ଖବର ଶୁଣିବା ମାତ୍ରେ ଆଗ ଯେଉଁ ବସ୍ ଅଛି ସେଥିରେ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲି । ଅଜୟ ଟୁରରେ ଯାଇଥିଲେ । ତାଙ୍କୁ ଫୋନ୍ କରି ଏକଥା ଜଣାଇବାରୁ ସେ ପରାମର୍ଶ ଦେଲେ, "ଦି ଦିନ ରହିଯାଅ । ଦୁହେଁ ସାଙ୍ଗ ହୋଇ ସେଠିକି ଯିବା ।" ହେଲେ ମୋ ପାଖରେ ଧୈର୍ଯ୍ୟ ନଥିଲା । ତେଣୁ ମୋର ବ୍ୟସ୍ତତା ଦେଖି କହିଲେ, "ଠିକ୍ ଅଛି, ତୁମେ ତାହେଲେ ନାଗପୁର ବାହାରିଯାଅ, ମୁଁ ମଧ କାମ ସାରି ସେଠି ପହଞ୍ଚିଯିବି । ଏବେ ତୁମର ଆବଶ୍ୟକତା ଥାଇପାରେ ।" ଛୁଆ ଦି ଙ୍କୁ ନଣନ୍ଦଙ୍କ ପଖରେ ଛାଡିଦେଇ ମୁଁ ଶୀଘ୍ର ବାହାରି ପଡିଲି ।

ରାସ୍ତାଯାକ ଭାବୁଥାଏ...ଘଟଣା କଣ ହୋଇଥିବ! ନମ୍ରତାର ଅବସ୍ଥା କେମିତି ଥିବ? ନୀଲେଶ ତ ଅଚାନକ ଚାଲିଗଲେ । ନିଜ ଭାଇମାନଙ୍କ ସହ ନୀଲେଶଙ୍କର ସମ୍ପର୍କ ଭଲ ନଥିଲା । ତେଣୁ ଏବେ ଯେ କେତେ ଝାମେଲା ସୃଷ୍ଟି ହେବ ତାହା ଜଣାନାହିଁ । ଏମିତି ପରିସ୍ଥିତିରେ ନମ୍ରତା ଏକୁଟିଆ କ'ଣ କେମିତି କରିବ? ଏତେ ସବୁରେ ଏତିକି ଭଲ କାମ ହୋଇଥିଲା ଯେ ତାଙ୍କ ବ୍ୟବସାୟକୁ ପୁଅ ଅମେୟ ସମ୍ଭାଳିବା ଆରମ୍ଭ କରିଦେଇଥିଲା ।

ହେଲେ ଅଳ୍ପ ବୟସର ପିଲ୍ଟା....ଏବେ ସବୁ ପ୍ରକାର ଦାଇତ୍ୱ ପଡିଗଲ୍ ତା' ଉପରେ । ଭଲ ହେଉଛି ନମ୍ରତା ଝିଅର ବାହାଘର ଆଗରୁ ସରିଯାଇଛି । ନହେଲେ ବର ଖୋଜି ଭଉଣୀର ବାହାଘର କରିବାର ଦାଇତ୍ୱ ମଧ୍ୟ ତା ଉପରେ ହିଁ ପଡି ଯାଇଥାଆନ୍ତା ।

ଅଗ୍ଦନକ ବସରେ ବ୍ରେକ୍ ଲ୍ଗିବାରୁ ମୋ ଚନ୍ତାଧାର୍‌ରେ ମଧ୍ୟ ବ୍ରେକ୍ ଲ୍ଗିଗଲ୍ । ଗ୍ଧ ପାଣି ପାଇଁ ବୋଧେ ଅଟକଥିଲ୍ ବସ୍ । କଛି ସମୟ ପରେ ବସ୍ ଗ୍ଲିବା ଆରମ୍ଭ କରିବା ମାତ୍ରେ ଯାତ୍ରୀମାନେ ପୁଣି ଆରମ୍ଭ କରିଦେଲେ ଢୁଳେଇବା । ହେଲେ ମୋ ଆଖିରୁ ନଦ ଥିଲ୍ କାହିଁ କେତେ ଦୂରରେ । ବସ୍ ତା ଗତିରେ ଆଗକୁ ବଢୁଥିଲ୍ । ଆଉ ମୁଁ ଫେରୁଥାଏ ମୋ ଅତୀତକୁ...ପିଲ୍‌ଦିନର ସେଇ ସମୟକୁ...ନମ୍ରତା ଆଉ ମୁଁ ଦୁହେଁ ମିଶି ସ୍କୁଲବ୍ୟାଗ୍ କାନ୍ଧରେ ଲଦି ସବୁଦିନ ସ୍କୁଲକୁ ଯିବାର ଦୃଶ୍ୟ ଆଖି ଆଗରେ ନାଚ ଯାଉଥାଏ ।

କଲେଜରେ ମଧ୍ୟ ଦୁହେଁ ଏକାସାଙ୍ଗରେ ଆଡମିଶନ୍ ନେଲୁ । କଲେଜ୍ ର ସେଇ ଶେଷ ବର୍ଷର କଥା...ସେ ସମୟରେ ସେ ଭଲପାଇ ବସିଥିଲ୍ ତା ଖୁଡୀଙ୍କର ସଂପର୍କୀୟ ଭାଇ ନୀଲେଶଙ୍କୁ । ନୀଲେଶ ତାଙ୍କ କାମରେ ବହୁ ସମୟରେ ତା ଖୁଡୀଙ୍କ ଘରକୁ ଆସନ୍ତି । ନମ୍ରତା ସହ ସମ୍ପର୍କ ବଢିବାରୁ ଯିବା ଆସିବା ଆହୁରି ବଢିଗଲ୍ । ତାଙ୍କର ବ୍ୟକ୍ତିତ୍ୱ ଏତେ ଆକର୍ଷକ ଥିଲ୍ ଯିଏ ବି ଦେଖିବ ପ୍ରଥମ ନଜରରେ ହିଁ ଆକର୍ଷିତ ହୋଇଯିବ ।

ଧୀରେଧୀରେ ଏକଥା ନମ୍ରତାର ମା- ବାପା ଜାଣିଲେ । ସେମାନେ ତାର ଖୁଡୀଙ୍କୁ ଡାକ ଏ ବିଷୟରେ ପଚର୍ ଉଚର୍ କଲେ । ହେଲେ ତା ଖୁଡୀ ନଜେ ଏ ବାହାଘର ହେଉ ବୋଲି ଗ୍ଜିନଥିଲେ । ତାଙ୍କ ମତରେ ନମ୍ରତା ସେଠି ଆଡଜଷ୍ଟ କରିପାରିବନ । ପୁରୁଣା ନୀତିନୟମକୁ ମାନ ଚଳୁଥିବା ଏକ ରୂଢିବାଦ ପରିବାର ଥିଲ୍ । ପୁରୁଣା କାଳଆ ଛୋଟିଆ ନଡା ଛପରର ମାଟିଘର ସାଙ୍ଗକୁ ଗାଁ ପରିବେଶ । ଗୁହାଳରେ ଥିବା ଗାଈ, ମଇଁଷିଙ୍କ ଗନ୍ଧରେ ଫାଟି ପଡୁଥିବା ଘର । ଆର୍ଥିକ ଅବସ୍ଥା ଠିକ୍ ଠାକ୍, ହେଲେ ଘରର ପରିବେଶ ଏହିପରି ।

ସେମାନଙ୍କର ଗୋଟେ ଲୁଗା ଦୋକାନ ଥିଲ୍ ଯାହାକୁ ନୀଲେଶର ବାପା ସମ୍ଭାଳନ୍ତି । ନୀଲେଶଙ୍କର ପାଠପଢାରେ ରୁଚ ନଥିଲ୍ । ତେଣୁ ଦ୍ୱାଦଶଶ୍ରେଣୀରେ ଫେଲ୍ ହେଲ୍ ପରେ ସେ ମଧ୍ୟ ଦୋକାନ କାମରେ ସାହାଯ୍ୟ କରିବାକୁ ଲ୍ଗିଲେ । ନମ୍ରତାର ବାପା- ମା ଅନ୍ୟ

ସୂତ୍ରରୁ ତାଙ୍କ ପରିବାର ବିଷୟରେ ପଚରା ଉଚରା କରି ଜାଣିବାକୁ ପାଇଲେ ଯେ ନୀଲେଶର ମା ବହୁତ କଡା ମିଜାଜର ଲୋକ ବୋଲି । ଏତେ କଥା ଜାଣିଲା ପରେ କୋଉ ମା- ବାପା ନିଜର ଏକମାତ୍ର ଝିଅକୁ ଜାଣିଶୁଣି କୂଅ ଭିତରକୁ ଠେଲି ଦେବେ? ହେଲେ ନମ୍ରତା ତ ଅନ୍ଧ ହୋଇଯାଇଥିଲା ତା ପ୍ରେମରେ । ଶେଷରେ ତା ମା- ବାପା ପଢା ଶେଷ ହେବାମାତ୍ରେ ବାହାଘର କରିଦେବେ ବୋଲି ନିର୍ଣ୍ଣୟ ନେଇ ଜୋରସୋର୍ ରେ ବରପାତ୍ର ଖୋଜିବାକୁ ଲାଗିପଡିଲେ ।

ମୁଁ ମଧ୍ୟ ବହୁତ ଚେଷ୍ଟା କରିଥିଲି ନମ୍ରତାକୁ ବୁଝେଇବା ପାଇଁ । ହେଲେ ପରୀକ୍ଷା ପୂର୍ବରୁ ସେ ଘରୁ ଲୁଚ କରି ପଳେଇ ନୀଲେଶକୁ ବାହା ହୋଇ ପଡିଲା । ଗଲାବେଳେ ବହୁତ କାନ୍ଦିଥିଲା ଏମିତି ଲୁଚକରି ବାହା ହେଉଥିବାରୁ । କାଶ୍, ସମସ୍ତେ ରାଜି ହୋଇଯାଇଥାନ୍ତେ କି?

ପ୍ରଥମେ ପ୍ରଥମେ ବହୁତ ଅଙ୍ଗାମା ହେଲା । ଶାଶୁଘର ଲୋକ ମଧ୍ୟ ଦୋ ଦୋ ପାଞ୍ଚ ହେଲେ ତାକୁ ଗ୍ରହଣ କରିବାକୁ । ହେଲେ ଘରର ଗୁରୁଜନ ମାନେ ମଝିରେ ହସ୍ତକ୍ଷେପ କରିବାରୁ ସେମାନେ ତାକୁ ଗ୍ରହଣ କଲେ । ଧୀରେ ଧୀରେ ବାପଘର ଲୋକମାନଙ୍କର ରାଗ ମଧ୍ୟ ଶାନ୍ତ ହେଲା । ଦେଢବର୍ଷ ଭିତରେ ଗୋଟେ ସୁନ୍ଦର ଝିଅର ମା ହୋଇଯାଇଥିଲା ସେ । ମୋ ବାହାଘର ମଧ୍ୟ ହୋଇଗଲା ସେ ସମୟରେ । ତା ପରେ ପରେ ବାପାଙ୍କର ଟ୍ରାନ୍ସଫର । ଆମ ଦୁହିଁଙ୍କ ଭିତରେ ବହୁବର୍ଷ ପର୍ଯ୍ୟନ୍ତ ସମ୍ପର୍କର ମଜବୁତ ସେତୁ ଭାବେ କାମ କରୁଥିଲା ଚିଠି । ଧୀରେ ଧୀରେ ଚିଠିର ସ୍ଥାନ ନେଇଗଲା ଫୋନ୍ । ଥରେ ଦିଥର ସେ ତା ସ୍ୱାମୀ ଶ ମୁମ୍ବାଇ ଆସିଛି ବୁଲିବା ପାଇଁ । ଗତବର୍ଷ ତା ଝିଅ ବାହାଘରରେ ଯାଇଥିଲି ତା ଗାଁ କୁ । ହେଲେ ସେ ସମୟରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ତା ସହ ମନଖୋଲି କିଛି କଥା ହୋଇ ପାରିନଥିଲି ।

ହେଲେ ଆଜି...ଅଜି ଦିପହରେ ଅମେୟର ଫୋନ୍ ଆସିବା ମାତ୍ରେ ଯାହା ଶୁଣିଲି ସେଥିରେ ମୁଁ ନିଶ୍ଚଳ ହୋଇ ବସିରହିଲି । କିଛି ପଗାରିବାର ସାହସ ମଧ୍ୟ ମୋର ନଥିଲା । ନମ୍ରତାକୁ କେମିତି ସମ୍ଭାଳିବି? .... କେମିତି ସାନ୍ତ୍ୱନା ଦେବି? ....ଏମିତି ନାନା କଥା ଭାବି ଭାବି ତା ଘରେ ଆସି ପହଞ୍ଚିଗଲି । ଘର ଭିତରେ ବହୁତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ମତେ ଦେଖି ଅମେୟ ଆସି ମୁଣ୍ଡିଆ ମାରି ହାତରୁ ବ୍ୟାଗ୍ ନେଇ କହିଲା, "ମାଉସୀ, ମା' ଭିତର ରୁମ୍ ରେ ଅଛି ।"

ନମ୍ରତାକୁ ଦେଖିବା ମାତ୍ରେ ମୋର ସବୁ ସଂଚିତ ଶକ୍ତି କ୍ଷଣକରେ ଭଙ୍ଗିଗଲା । ଆମେ ଦୁହେଁ ପରସ୍ପରକୁଧରି କାନ୍ଦିବାକୁ ଲାଗିଲୁ । ଆମ ଦୁହିଁଙ୍କୁ ଏମିତି କାନ୍ଦିବାର ଦେଖି କିଛି ସମୟ ପରେ ଅପୂର୍ବା ଆସି କହିଲା, 'ଆପଣ ଆଗ ମା'କୁ ସମ୍ଭାଳନ୍ତୁ ମାଉସୀ । ସେମିତିରେ ତା' ଦେହ ଆଜିକାଲି ଭଲ ରହୁନ । ସେଥିରେ ପୁଣି କାଲିଠୁ ଖାଲି କାନ୍ଦୁଛି ।'

ମୁଁ ଚାହିଁଲେ ମଧ୍ୟ ନିଜ ଉପରେ ନିୟନ୍ତ୍ରଣ ରଖି ପାରୁନଥାଏ । ଧିକେଇ ଧିକେଇ ନମ୍ରତା ପାଖରେ ବସିଲା ବେଳକୁ ଅନ୍ୟ ସ୍ତ୍ରୀଲୋକମାନଙ୍କର କାନ୍ଦର ସ୍ୱର ଜୋର୍ ଜୋରରେ ବଢୁଥାଏ। ମୁଁ ଏପର୍ଯ୍ୟନ୍ତ ବୁଝିପାରୁନଥିଲି ଯେ ସବୁ କିଛି ଠିକ୍ ଠାକ୍ ଥିବା ନିଲେଶଙ୍କର ଅଚାନକ ଏମିତି କଣ ହେଇଗଲା ? କେବେବି ତାଙ୍କର ଦେହ ଖରାପ ହେବାର ଶୁଣି ନଥିଲି। ଅପୂର୍ବା କହିଲା, 'ବାପା ବୋଧେ ରାତିରେ ପାଣି ପିଇବା ପାଇଁ ଉଠିଥିବେ । ମୁ ବୁଲେଇ ଦେଇଥିବା ଯୋଗୁଁ ସିଡିରୁ ଗଡି ପଡିଥିବେ ।' ମା' ସକାଳୁ ଉଠିଲା ବେଳକୁ ଜଣା ପଡିଲା । ହେଲେ ସେତେବେଳକୁ ଦେହରୁ ବହୁତ ରକ୍ତ ବାହାରି ଯାଇଥିଲା । ସାଙ୍ଗେ ସାଙ୍ଗେ ଡାକ୍ତରଙ୍କୁ ଡକାଗଲା ହେଲେ ବହୁତ ଡେରି ହୋଇଯାଇଥିଲା ସେତବେଳକୁ । କହିଲା ବେଳେ ତା ଗଳା ରୁନ୍ଧି ହୋଇ ଯାଉଥାଏ । ନମ୍ରତା ଚୁପ୍ ଚାପ୍ ମୁଣ୍ଡ ତଳକୁ କରି ବସିଥାଏ ଓ ମଝିରେ ଆଖିରୁ ଲୁହ ପୋଛୁଥାଏ ।

ମୃତ୍ୟୁର ତୃତୀୟ ଦିନ ଅସ୍ଥି ସଂଗ୍ରହ ତଥା ଅନ୍ୟାନ୍ୟ ବିଧିବିଧାନ କର୍ମ ସରିବା ପରେ ବନ୍ଧୁବାନ୍ଧବ ମାନଙ୍କର ମେଳା ଧୀରେ ଧୀରେ କମିଗଲା । ରାତି ହେଲା ବେଳକୁ ହାତଗଣତିରେ ରହିଯାଇଥିଲେ କିଛି ସମ୍ପର୍କୀୟ । ଅଜୟଙ୍କୁ ଆହୁରି ଦୁଇ ଦିନ ସମୟ ଲାଗିବ ଆସିବା ପାଇଁ । ଏମିତି ଆସି କିଛି ନ ପଚାରି ଏଠୁ ଯଦି ପଳେଇବି ତବେ ମୋର ଆସିବାଟା ସାର୍ଥକ ହବେନି । ତେଣୁ ତା ସହ ନିରୋଳାରେ ଦିପଦ କଥା ହବୋ ପାଇଁ ମନ ମୋର ବ୍ୟାକୁଳ ହୋଇ ଉଠୁଥାଏ । ଏମିତିରେ ତ ନମ୍ରତା ପୁରା ଭାଙ୍ଗି ପଡିଛି । ଏବେ ପ୍ରଥମ କାମ ଥିଲା ତାର ମନୋବଳକୁ ଦୃଢ କରିବା । ତା ସହ କେମିତି କଥା ଆରମ୍ଭ କରିବି ସେଥିପାଇଁ ମନେ ମନେ ଉପଯୁକ୍ତ ଶବ୍ଦମାନ ଖୋଜୁଥାଏ ।

ରାତିରେ ନମ୍ରତା ଅପୂର୍ବାକୁ ଅନ୍ୟ ରୁମରେ ଶୋଇବା ପାଇଁ କହିବାରୁ ମୁଁ ନମ୍ରତାର ରୁମ୍ କୁ ଚାଲି ଆସିଲି । କିଛି ସମୟ ପାଇଁ ଆମେ ଦୁହେଁ ଚୁପ୍ ଚାପ୍ ବସି ରହିଲୁ । ନିଜେ

ଖୋଜିଥିବା ଶବ୍ଦମାନଙ୍କ ଜାଲରେ ମୁଁ ଯେ ଛନ୍ଦି ହୋଇଯାଉଛି ତାହା ଅନୁଭବ କରୁଥାଏ । ନମ୍ରତା ନିଜ ଆଖିରେ ଏକ ଲୟରେ ଛାତକୁ ଗ୍ଚହିଁ ବସି ରହିଥାଏ । ରୁମ୍ ଭିତରେ ଏ ପ୍ରକାର ନୀରବତାକୁ ସହିବା ବଡ କଷ୍ଟକର ହୋଇ ପଡୁଥାଏ ମୋ ପାଇଁ । ଶେଷରେ ମୁଁ କଥା ଆରମ୍ଭ କଲି, ଏସବୁ କଣ ହୋଇଗଲା ନମ୍ରତା ? ବୟସର ଏଇ ମୋଡରେ ପରସ୍ପର ଆବଶ୍ୟକତା ବେଶୀ ଜରୁରୀ । ପିଲାମାନେତ ନିଜ ନିଜ ଦୁନିଆରେ ରଚ ବସି ଯାʼନ୍ତି । ହେଲା ତାଙ୍କ ବିନା ତୁ ଜୀବନ କେମିତି କଟିବୁ ? ଭଗବାନଙ୍କ ଦୟାରୁ ଆର୍ଥିକ ଦୃଷ୍ଟିରୁ ତ କୌଣସି ଅସୁବିଧା ନାହିଁ । ନହେଲେ ତ..?

ମୋ କଥାକୁ ମଝିରେ କାଟି ସେ କହିବାକୁ ଆରମ୍ଭ କଲା.. ତୁ ମୋ ଜୀବନରେ ଗୋଟିଏ ପଟର ସତ୍ୟକୁ ଜାଣିଛୁ । ବହୁ ବର୍ଷ ହେଲାଣି..ହେଲେ କେବେବି ତ ଆମେ ଦୁହେଁ ଫୁରସତରେ ବସି କଥାବାର୍ତ୍ତା ହୋଇନେ । ଏମିତି ସୁଯୋଗ ମତେ ଆଉ ମିଳିବ କି ନାହିଁ ସନ୍ଦେହ । ଦିନେ ଦି ଦିନରେ ତ ତୁ ପଳେଇବୁ । ତେଣୁ ତତେ ମନଖୋଲି ବହୁତ କିଛି କହିବାର ଅଛି । ସେଥିପାଇଁ ଆଜି ତୋର ଶୋଇବା ବ୍ୟବସ୍ଥା ମୋ ରୁମରେ କରେଇଛି । ଅନୁ ..ତୁ ଯେଉଁ କାହାଣୀ ବାରମ୍ବାର ଶୁଣୁଛୁ ତାହା ପୂର୍ଣ୍ଣ ସତ ନୁହେଁ । ଏହି ଘଟଣା ପଛରେ ଯେଉଁ କଥା ଲୁଚି ରହିଛି କେବଳ ତତେ ମୁଁ ଆଜି ସେସବୁ କହିବି । କାରଣ ତତେ ଯଦି ଏସବୁ ନକହିବି ତେବେ ମତେ ଶାନ୍ତି ମିଳିବନି । ତତେ ଯାହା ସବୁ କହିବି ତୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବୁନି ଏହା ମୁଁ ଜାଣିଛି । ନିଜ ସ୍ୱାମୀ ଅଜୟଙ୍କୁ ମଧ୍ୟ ନୁହେଁ ।

ସେଦିନ ନିଲେଶ ବହୁତ ପିଇ କରି ଆସିଥିଲେ । କୌଣସି କାରଣରୁ ଆମ ଦୁହିଁଙ୍କ ଭିତରେ ଝଗଡା ଆରମ୍ଭ ହୋଇଗଲା ଓ ହାତ ଉଠେଇବା ପରି ପରିସ୍ଥିତି ସୃଷ୍ଟି ହୋଇ ଯାଇଥିଲା ସେ ସମୟରେ । ସେ ମତେ ମାରିଥିଲେ ମଧ୍ୟ । ହେଲେ ଏତିକରେ ତାଙ୍କ ମନ ଭରିଲାନି । ମଦ ନିଶାରେ ଏମିତି ଚୁର୍ ଥିଲେ ଯେ ନିଜର ଭରସାମ୍ୟ ହରେଇ ସିଢିରୁ ଖସି ପଡି ସିଧା ତଳେ ଆସି ଚଟାଣରେ ପଡିଲେ । ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସାଙ୍ଗକୁ ବେହୋସ୍ ହୋଇଗଲେ ।

ଅମେୟ ମଧ୍ୟ ଘରେ ନଥିଲା । ଯାଇଥିଲା ତାର ସାଙ୍ଗର ବାହାଘରକୁ ଆଉ କହିଯାଇଥିଲା ରାତିରେ ସେଠି ରହିବ ବୋଲି । ମୁଁ ଏସବୁ ଘଟଣାର ଟିକେ ଭୟଭୀତ ହୋଇ ପଡୁଥାଏ । ସାଙ୍ଗେ ସାଙ୍ଗେ ଦୌଡିଲି ଡାକ୍ତରଙ୍କୁ ଫୋନ୍ କରିବା ପାଇଁ । କିନ୍ତୁ ପରକ୍ଷଣରେ ଭାବିଲି ଯେଉଁ ଲୋକଟା ମୋ ଜୀବନକୁ ନର୍କ କରିଦେଇଛି ତାଠୁଁ ମୁକ୍ତି ପାଇଁ ଠିକ୍ ମଉକା ମିଳିଛି । ତାକୁ ଏମିତି ମରିଯିବା ପାଇଁ ଛାଡି ଦେବାଟା ହିଁ ଉଚିତ୍ ହେବ । ମନ ଆଉ ମସ୍ତିଷ୍କ ମଧ୍ୟରେ ଜୋରଦାର୍ ସଂଘର୍ଷ ଆରମ୍ଭ ହୋଇଗଲା ଏ କଥାକୁ ନେଇ । ଶେଷରେ ମଣିଷପଣିଆ ଉପରେ ଆସୁରିକ ଭାବନା ତାର ପ୍ରାଧାନ୍ୟ ବିସ୍ତାର କରିସାରିଥାଏ । ଆଉ.. ତାର ପରିଣାମ ତୋ ସାମ୍ନାରେ ....

ଏଭଳି ଅପ୍ରିୟ ସତ କଥା କହିଲା ବେଳେ କୌଣସି ପ୍ରକାରର ଛଳନାର ଭାବ ନଥିଲା ତାଠାରେ.. ନିର୍ବିକାର ଭାବମୂର୍ତ୍ତି .. 'ମୁଁ ହତବାକ ହୋଇ ପଡିଲି ଏକଥା ଶୁଣି । ଅନାୟସରେ ପାଟିରୁ ବାହାରି ପଡିଲା, ହାଃ !'..ତୁ ଏ କଣ କରିଦେଲୁ ? ରାତିର ନିଃଶବ୍ଦତା ସାଙ୍ଗକୁ ମୋର ସ୍ୱର ଉଚ୍ଚ ହୋଇ ଉଠୁଥିବାରୁ ନମ୍ରତା ପାଟିରେ ଆଙ୍ଗୁଠି ରଖି ମୋତେ ଇଶାରା କଲା ଚୁପ୍ ହୋଇଯିବା ପାଇଁ । ବଡ କଷ୍ଟରେ ନିଜକୁ ସଂଯତ କରି ପଚାରିଲି, ତୁମେ ଦୁହେଁ ପରା ଲଭ୍ ମ୍ୟାରେଜ୍ କରିଥିଲ ! ଆଉ ତୁ..ତୁ ଏତେ କଠୋର କେମିତି ହୋଇ ପାରିଲୁ? ..ସେ ପୁଣି ନିଲେଶ ସହ ..! ତୋ ଭିତରର ମାନବିକତା ଆଉ ନୈତିକତା ମରିଯାଇଥିଲା କି ? ମୋର ଆଜି ବି ମନେ ଅଛି ସ୍କୁଲରେ ପଢିବା ସମୟର ଘଟଣା । ଭିକାରୁଣୀ ବୁଢୀର ଖଣ୍ଡିଆ ଠିକ୍ ହେବା ପର୍ଯ୍ୟନ୍ତ ତୁ କେମିତି ତାର ସେବା କରିଥିଲୁ । ପ୍ରତ୍ୟେକ ଦିନ ନିଜ ଟିଫିନର ଖାଇବା ତକ ତାକୁ ଦେଇ ଦେଉଥିଲୁ । ସେଇ ନମ୍ରତା ଆଜି ଏତେ ବଡ ଜଘନ୍ୟକାଣ୍ଡ କରିବସିଛି..ତାହା ପୁଣି ନିଜ ଜୀବନସାଥୀ ସହ !

ପ୍ରତିକ୍ଷଣରେ ମୋ ମୁହଁର ବଦଳୁଥିବା ଭାବକୁ ପଢି କହିଲା, ଆଗ ମୋର ପୁରା କଥା ତ ଶୁଣ୍। ତାପରେ ଯାଇ କହିବୁ ମୁଁ ଠିକ୍ କରିଛି କି ଭୁଲ୍ କରିଛି ? ଆମେ ଦୁହେଁ ନିଜ ନିଜ ଘରଲୋକଙ୍କ ଇଛା ବିରୁଦ୍ଧରେ ଲୁଚି କରି ବାହା ହୋଇଥିଲୁ ବୋଲି ତୁ ତ ଜାଣିଛୁ । ଖୁଡୀ ମଧ୍ୟ ଏ ବାହାଘର ସପକ୍ଷରେ ନଥିଲେ । ହେଲେ ବୟସରେ ମୋର ଏତେ ବୁଝିବା ଶକ୍ତି କେଉଁଠି ଥିଲା ଯେ ! ଖାଲି ତାଙ୍କର ଆକର୍ଷକ ବ୍ୟକ୍ତିତ୍ୱ ଦେଖି ମୁଁ ଆତ୍ମହରା ହେଇଯାଉଥିଲି। ପ୍ରଥମତଃ ତାଙ୍କର କଥା କହିବା ଶୈଳୀ ବହୁତ ପ୍ରଭାବିଶାଳୀ ହେବା ସାଙ୍ଗକୁ ଲୋକଙ୍କୁ

ସହଜରେ ପଟେଇବାରେ ସେ ଥିଲେ ଧୁରନ୍ଧର । ଏଣେ ମୁଁ ତ ଥିଲି ଗୋଟେ ସାଦାସିଧା ଝିଅ !

ପ୍ରଥମେ ପ୍ରଥମେ ଶାଶୂଘର ଲୋକମାନେ ମତେ ସହଜରେ ଗ୍ରହଣ କରିନଥିଲେ । ଶାଶୁ ଚାହୁଁଥିଲେ ଅଧିକା ଯୌତୁକ ସାଙ୍ଗକୁ ଘର କାମଦାମରେ ନିପୁଣ ଥିବା ଝିଅଟେ । ହେଲେ ମୁଁ ଥିଲି ତା ବିପରୀତ । କାରଣ ମୁଁ ପୂର୍ଣ୍ଣ କରିପାରି ନଥିଲି ତାଙ୍କର ସେଇ ଇପ୍ସିତ ଇଛା ଓ ସ୍ୱପ୍ନକୁ । ଏଇ କଥାକୁ ନେଇ ସେ ଜୀବନଯାକ ଅସନ୍ତୁଷ୍ଟ ରହୁଥିଲେ । ବହୁତ ଚେଷ୍ଟା କରିଥିଲି ତାଙ୍କ ହୃଦୟରେ ମୋ ନିଜ ପାଇଁ ତିଆରି କରି ପାରିନଥିଲି ଏକ ସମ୍ମାନଜନକ ସ୍ଥାନ ।

ଖୁଡି ଠିକ୍ କହୁଥିଲେ ..ସେ ଜଣେ କଠୋର ହୃଦୟର ସ୍ତ୍ରୀଲୋକ ବୋଲି । ଘରର ଅନ୍ୟ ସଦସ୍ୟ ଯେପରିକି ଦେଢଶୁର, ବଡଯା, ନଣନ୍ଦ ସମସ୍ତଙ୍କ ପାଇଁ ମୁଁ ଥିଲି ରାସ୍ତାରୁ ଗୋଟା ହୋଇ ଆସିଥିବା ଗୋଟେ ଝିଅ । ମାଗଣାରେ ମିଳିଯାଇଥିଲା ଗୋଟେ ଚାକରାଣୀ । ଦିନଯାକ ଖାଲି କାମ..କାମ..ଆଉ କାମ । ଘର ଲିପା ପୋଛାଠୁ ଆରମ୍ଭ କରି ଗାଈ-ମଇଁଷିଙ୍କ କାମ.. । ଯେଉଁ କାମ କେବେ କରିନଥିଲି ସେ କାମ ମଧ କଲି । ଏଠିକି ଆସି ଖୁସିହେବା ନାମକୁ ଭୁଲିଗଲି । ସତରେ, ସହରୀ ଜୀବନ ଆଉ ଗାଁ ଜୀବନ ଭିତରେ କେତେ ଅନ୍ତର ! ଏତେ ହଇରାଣ ହରକତ ହେବା ପରେ ସେସବୁକୁ ଭୁଲି ଯାଇଥିଲି କମଳେଶଙ୍କ ପ୍ରେମରେ । ବଢୁଥିବା ସମୟ ସହ ବାପ ଘର ଲୋକମାନଙ୍କର ରାଗ ମଧ ଧୀରେ ଧୀରେ ଶାନ୍ତ ପଡିଲା । ଭାଇର ବାହାଘର ପରେ ଯିବା ଆସିବା ଆରମ୍ଭ ହୋଇଗଲା ।

ଅପୂର୍ବା ଆଉ ଅମେୟକୁ ନେଇ ମୁଁ ବ୍ୟସ୍ତ ରହିଲି । କମଳେଶଙ୍କ ବ୍ୟବହାରରେ ମଧ ପରିବର୍ତ୍ତନ ଦେଖା ଦେଉଥାଏ । ଚିଡଚିଡା ସ୍ୱଭାବର ହେଇଯାଉଥାନ୍ତି ସେ । ଆରମ୍ଭ ହେଇଗଲା ରାତିରେ ଡେରିରେ ଘରକୁ ଫେରିବା । କିଛି ପଚାରିଲେ କୌଣସି ବାହାନା କରନ୍ତି ନ ହେଲେ ରାଗିଯାନ୍ତି । ଘରଲୋକ ତଥା ପିଲାମାନଙ୍କ ଆଗରେ ଏଇସବୁ ତାମସାଠୁ ବଞ୍ଚିବା ପାଇଁ ଧିରେ ଧିରେ ସେସବୁ ପଚାରିବା ବନ୍ଦ କରିଦେଲି । ହେଲେ ଦିନେ ତାଙ୍କ ପକେଟରୁ ଗୋଟେ ଝିଅର ଚିଠି ଦେଖି ମୋ ମୁଣ୍ଡ ଘୂରେଇ ଦେଲା । ଏ ବିଷୟରେ ପଚାରିଲି ! ହେଲେ ସେତ ବାକ୍ ଚାତୁରୀରେ ନିପୁଣ ! ସେ ଚିଠି ଜଣେ ସାଙ୍ଗ ନିକଟରେ ପହଞ୍ଚେଇ ଦେବା ପାଇଁ

ଆଣିଥିଲେ ହେଲେ ଭୁଲରେ ପକେଟରେ ରହିଯାଇଛି ବାଲି ବଡ ଚତୁରତାର ସହ କହି କଥାର ମୋଡ୍ ବଦଳେଇ ଦେଲେ ।

ସେ କନ୍ତୁ ଏ ଘଟଣା ପରେ ସାବଧାନ ହୋଇଗଲେ । ସ୍ୱାମୀଙ୍କୁ ଶହେ ପ୍ରତିସତ ଠିକ୍ ବୋଲି ମାନୁଥିଲି ବୋଲି ଏ ଘଟଣାକୁ ଗମ୍ଭୀରତାର ସହ ନେଲିନ । ହେଲେ ଏ ଗାଁଟି କୋଉ ବଡ ଗାଁ ହେଇଛି ଯେ ଏମିତି କଥା ଲୁଚେଇଲେ ଲୁଚବ । ଏ ଘଟଣା ପରେ ମୋ ପ୍ରତି ଲୋକମାନଙ୍କର ଦୃଷ୍ଟିକୋଣ ମଧ୍ୟ ବଦଳଗଲା । ଘରର ସଦସ୍ୟମାନେ ମୋତେ ତିରସ୍କାର କରିବା ସହ ମୋର ପରାଜୟରେ ଅତି ପ୍ରସନ୍ନ ଥିଲେ । ସେମାନେ ମୋତେ ସହଯୋଗ କରିବା ଦୂରର କଥା ଓଲଟା ବିଦ୍ରୁପ କରିବାକୁ ଲାଗିଲେ । ମୋ'ଠି ବୋଧେ କଛି ଦୋଷ ତୃଟି ଅଛି ଭାବି ରାତା ରାତି କାନ୍ଦିଛି । ପଡିଶାଘରର ମାଉସୀ ମୋର ଅବସ୍ଥା ଦେଖି ଦିନେ କହିଲେ, "ଆଲୋ ଝିଅ, ତୁ ନଜକୁ ଦୋଷ ଦେବା ବନ୍ଦ କର । ଏଇ ନଲେଶଟା ମୂଳରୁ ସେମିତି । କେତେ ଝିଅଙ୍କୁ ତା ରୂପର ଜାଲରେ ଆଗରୁ ଫସେଇଛି । ରାକରାଣୀଠୁ ଆରମ୍ଭ କରି କ୍ଷେତରେ କାମ କରୁଥିବା ମୂଲିଆଣୀ ପର୍ଯ୍ୟନ୍ତ କାହାକୁ ସେ ଛାଡିନ । ତୋ ଭାଗ୍ୟ ଖରାପ ଯୋଗୁଁ ଏଭଳ ଲୋକ ସହ ଛନ୍ଦି ହେଇଛୁ ।"

ଏଭଳ ଘୃଣିତ କଥା ଶୁଣି ଲାଗୁଥାଏ ଯେମିତି ମୋ ପାଦ ତଳର ମାଟି ଖସି ଖସି ଯାଉଛି । ଏହି ଘଟଣା ପରେ ବାପଘରକୁ ଯାଇଥିବା ସମୟରେ ଶାଶୁଘର ବିଷୟରେ ପରୋକ୍ଷରେ କଛି କହିବାକୁ ଚେଷ୍ଟା କରିବାରୁ ଭାଇ ଅଟକାଇ ଦେଇ କହିଲା, ନମ୍ରତା, ଏ ନର୍ଣ୍ଣୟ ତୁ ନେଇଥିଲୁ । ଆମେ ତ ଏସବୁରେ ବିରୋଧ କରିଥିଲୁ । ଏବେ ଯାହା ଯେମିତି ଘଟୁଛି ତୁ ସେଥିରେ ଆଡଜଷ୍ଟ କରିବା ଶିଖ । ମୋ ମନରେ କଛି ଛନ୍ଦ କପଟ ନଥାଏ । ତେଣୁ ତାଙ୍କ ଆଗରେ ଏକଥା ସବୁ କହିଦେଲି । ଆଉ ଇଏ ଭରପୁର ଫାଇଦା ଉଠେଇଥିଲେ ଏକଥାରୁ। କାରଣ ଆଗକୁ ଅସୁବିଧା ହେଲେ ମୋ ପାଇଁ ବାପଘର ଦୁଆର ଯେ ବନ୍ଦ !..ମୁଁ ଯିବି ତ କୁଆଡେ ଯିବି କହ ? ବହୁତ ଥର ମନ କରିଥିଲି କଛି ଖାଇ ସବୁଦିନ ପାଇଁ ଶୋଇଯିବି ବୋଲି..ହେଲେ ଛୁଆଦୁଇଟିଙ୍କର ମୋହ ଯୋଗୁଁ କଛି କରିପାରିଲିନ । ମୁଁ ବଞ୍ଚିଥିବା ବେଳେ ତ ଛୁଆମାନଙ୍କର ଏପରି ଅବସ୍ଥା ଆଉ ମୁଁ ମଲାପରେ..? ଏମିତିରେ ସବୁବେଳେ ମମତାର ନକତିର ଭାର ବଢୁଥାଏ ଆଉ ମୋ ପାଦ ପଛକୁ ଫେରିଯାଉଥାଏ ।

ନାଗପୁରର ଖୁବ୍ ନିକଟରେ ଏଇ ଗାଁ ଟି । ପିଲାମାନଙ୍କର ଭଲ ପାଠ ପଢା ପାଇଁ ତାଙ୍କୁ ଏଇ ନାଗପୁରରେ ରହିବା ପାଇଁ ଜୋର୍ ଦେଇଥିଲି । ଭାବିଥିଲି ଏମିତି ଯଦି ହୁଅନ୍ତା ତାହେଲେ ଗାଁଠୁ ଦୂରରେ ରହିବା ସହ ମୋର ସବୁ ସମସ୍ୟାର ଅନ୍ତ ମଧ୍ୟ ହେଇଯିବ । ଜାଣିଥିଲି ଦୁକୁ ଦୁକୁ ହୋଇ ଜଳୁଥିବା ଦୀପର ଶିଖାକୁ ଝଡତୋଫାନ୍ ଗତିର ସାମ୍ନା ତ କରିବାକୁ ପଡିବ । ଘରେ ସମସ୍ତେ ମିଶି ଜୋରଦାର ବିରୋଧ କରିଥିଲେ ମୋର ଏଇ ପ୍ରସ୍ତାବକୁ କିନ୍ତୁ ସବୁବେଳେ ଚୁପଚାପ୍ ରହୁଥିବା ମୋ ଶଶୁର ପ୍ରଥମ ଥର ପାଇଁ ମୁହଁ ଖୋଲିଲେ ମୋ ସପକ୍ଷରେ । ମୋର ଅବସ୍ଥା ଦେଖି ଘରେ କେବଳ ତାଙ୍କ ମନରେ ଦୟା ଆସୁଥିଲା । ଯାଙ୍କ ପାଇଁ ରେଡିମେଡ୍ କପଡାର ଦୋକାନ ସାଙ୍ଗକୁ ରହିବା ପାଇଁ ଘରର ବନ୍ଦୋବସ୍ତ କରି ସେ ତାଙ୍କ କର୍ତ୍ତବ୍ୟ ପାଳନ କରିଥିଲେ ।

ଗାଁ ରୁ ଏଠିକି ଆସିବା ସମୟରେ ଗୁଡାଏ ଝଞ୍ଜଟ ପଛରେ ପକାଇ ଛାଡି ଆସିଥିଲି । ଦଶବର୍ଷର ବହୁ ତିକ୍ତ ଅନୁଭୂତି, କ୍ଷତବିକ୍ଷତ ହୃଦୟକୁ କବରରେ ପୋତି ନୂଆ ଢଙ୍ଗରେ ଜୀବନ ଗଢିବାକୁ ଚାହୁଁଥିଲି । ପ୍ରଥମଥର ପାଇଁ ଘର ସମ୍ଭାଳିବା, ଘରକୁ ସଜେଇବାର ସ୍ୱାଧୀନତା ପାଇଯାଇଥିଲି ମୁଁ । ସତେ ଯେମିତି ମୋ କଳ୍ପନାସବୁକୁ ଡେଣା ମିଳିଯାଇଥିଲା ଉଡିବାକୁ । ନିଜର ସମସ୍ତ କଳା- କୌଶଳକୁ ଗୋଟିଏ ଦିନରେ ସାକାର କରିବାକୁ ମୋହ ପ୍ରବଳ ହୋଇ ରହୁଥାଏ ସେ ସମୟରେ ।

ଏସବୁରେ ଟିକେଶ ବେଶୀ ଖୁସି ନଥିଲେ । ଗାଁରେ ଥିବା ବେଳେ ସବୁ ଦାଇତ୍ୱ ବାପା- ଭାଇଙ୍କ ଉପରେ ଲଦି ଦେଇ ଗୁଲିଖଟି କରିବା ପାଇଁ ବହୁତ ସମୟ ମିଳିଯାଉଥିଲା ତାଙ୍କୁ । ହେଲେ ଏଠି ତାଙ୍କୁ ସବୁକିଛି ଏକୁଟିଆ କରିବାକୁ ପଡିବା ସହ ଦୋକାନକୁ ମଧ୍ୟ ଠିକରେ ଚଳେଇବା ଦାଇତ୍ୱ ଭାରି ପଡିଯାଉଥାଏ । ଆଗରୁ ଏକୁଟିଆ ଏତେ କାମ କେବେ କରିନଥିଲେ । ତେଣୁ ପୁଣି ଥରେ ପୁରୁଣା ଅଭ୍ୟାସଟା ବାହାରିଲା । ନାଗପୁରରୁ ଗାଁର ଦୂରତା ମାତ୍ର ଅଧଘଣ୍ଟାର ସମୟ । ଚାକରମାନଙ୍କ ହାତରେ ଦୋକାନ କାମ ଧରେଇ ଦେଇ ବାଇକରେ ପୁଣି ଗାଁକୁ ଯିବା ଆରମ୍ଭ କରିଦେଲେ ।

ଦେଖିବାକୁ ଗଲେ ମୁଁ ପ୍ରତି ପଦକ୍ଷେପରେ କେତେବେଳେ ସମୟଠୁ ହାରିଛି ତ କେତେବେଳେ ନିଜ ଭାଗ୍ୟଠୁ । ସେଇ ଝିଅଟିର ବାହାଘର ହେଲାପରେ ମୁଁ ଟିକେ ନିଶ୍ୱାସ ମାରିଲି ।

ଏହାପରେ ତାଙ୍କର ଗାଁକୁ ଯିବା ବନ୍ଦ ହୋଇଗଲା ହେଲେ ତାକୁ ଭୁଲିବା ପାଇଁ ଆରମ୍ଭ ହୋଇଗଲା ମଦ ପିଇବା ଅଭ୍ୟାସ । ଏସବୁ ନକରିବା ପାଇଁ କେତେବେଳେ ତାଙ୍କୁ ଭଲରେ ବୁଝାଏ ତ କେତେବେଳେ ଝଗଡାଝାଟି ମଧ୍ୟ କରେ । ହେଲେ ସେ ରାଗିଯାଇ କୁହନ୍ତି, 'ଜଣେ ସୁଧୁରିବାକୁ ଚାହୁଁଛି, ହେଲେ ତୁମେ କେବେ ସୁଧୁରିବାକୁ ଦେବନି ।' ସେଇ ସୁନ୍ଦରୀର ଦୁଃଖରେ ମଦକୁ ସାଥି କରିଥିବା ବ୍ୟକ୍ତିର ମନକୁ କେମିତି ବଦଳେଇବି ବୁଝିପାରୁନଥାଏ ।

ଦୋକାନ ପ୍ରତି ଧ୍ୟାନ ନ ଦେବାରୁ ଦୋକାନ ମଧ୍ୟ ଠିକରେ ଚାଲିଲାନି । ତେଣୁ ପୁଣି ଆରମ୍ଭ ହୋଇଗଲା ଆଉ ଏକ ନୂଆ ରାମାୟଣ । ଆର୍ଥିକ ସ୍ଥିତି ଖରାପ ହେବାରୁ ସବୁବେଳେ ଝିକ୍ ଝିକ୍ କରନ୍ତି ଆଉ କହନ୍ତି, 'ତୁମେ ବହୁତ ଖର୍ଚ୍ଚ କରୁଛ..ତୁମକୁ ଘର ସମ୍ଭାଳ ଅସେନି..ମୋ ମା' କେତେ କମ୍ ଟଙ୍କାରେ ଏତେ ବଡ ପରିବାରକୁ ଚଳଉଥିଲା.., ଇତ୍ୟାଦି..ଇତ୍ୟାଦି.. । ଏଠି ଜୀବନ ଯାପନ ଶୈଳୀ ତଥା ଖର୍ଚ୍ଚରେ ବହୁତ ଫରକ ଅଛି । ସେଥିରେ ପୁଣି ପିଲାମାନଙ୍କ ପାଠପଢା ଖର୍ଚ୍ଚ ମଧ୍ୟ ବହୁତ । ସେ ଯେଉଁ ଭଳି ପରିବେଶରେ ବଢି ଆସିଛନ୍ତି ତାଙ୍କୁ ଏସବୁ କଥା ବୁଝେଇବା ମାନେ ମୁଣ୍ଡ ଫଟେଇବା ସଙ୍ଗେ ସମାନ । ଖର୍ଚ୍ଚ କଥା ଉଠିବା ମାତ୍ରେ ଘରେ ହଙ୍ଗାମା ହେବା ସାଙ୍ଗକୁ ଯୁକ୍ତି ତର୍କ ଆରମ୍ଭ ହୋଇଯାଏ, ଯାହାର କୈାଣସି ଅନ୍ତ ନଥାଏ । ନିଜେ ତ ଖର୍ଚ୍ଚ ବଢେଇ ଚାଲିଥିବେ ହେଲେ କଷ୍ଟିକରି ଚଳିବାର ମାଡ ଆମ ଉପରେ ଆସି ପଡେ ।

ଅପୂର୍ବା ବିବାହଯୋଗ୍ୟ ହୋଇ ସାରିଥାଏ । ହେଲେ ଇଏ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ଉଚିତ୍ ମନେ କରୁନଥିଲେ । ଝିଅକୁ ଭଲ ପ୍ରସ୍ତାବ ଆସିଲେବି ଏବେ ଏତେ ଖ କରିପାରିବା ଅବସ୍ଥାରେ ନାହାନ୍ତି କହି କଥାକୁ ଟାଳ ଦିଅନ୍ତି । ମୁଁ ଜାଣିଥିଲି ଏ ଲୋକଟା ଝିଅର ବୟସ ଗଡିଗଲେ ମଧ୍ୟ କିଛି ଯୋଗାଡ କରିପାରିବନି । ତେଣୁ ଶଶୁରଙ୍କୁ ଡାକ ସବୁକଥା ବୁଝେଇ କହିବାରୁ ସେ କିଛି ସାହାଯ୍ୟ କଲେ ଆଉ ମୁଁ ନିଜ ଗହଣା ଆଦି ବିକ ଭଙ୍ଗି ଝିଅକୁ ଯେନତେନ୍ କରି ବାହା କରିଦେଲି ।

ଇତିମଧ୍ୟରେ ଅମେୟ କଲେଜ ଯିବା ସାଙ୍ଗକୁ ଦୋକାନ ସମ୍ଭାଳିବା ଆରମ୍ଭ କରିଦେଇଥାଏ । ସେ ଧ୍ୟାନ ଦେବାରୁ ସ୍ଥିତି କିଛିଟା ସୁଧୁରିବାକୁ ଲାଗିଲା । ପୁଅର ପରିଶ୍ରମ ଆଉ ସଫଳତା ଦେଖି ତାଙ୍କର ଅହଂ ଆହତ ହେଉଥାଏ । ପୁଅର କାମରୁ କିଛି ଶିଖିବା ନା ଖୁସି ହେବା

ପରିବର୍ତ୍ତେ ଓଲଟା ତାକୁ ସବୁବେଳେ ଗାଳଗୁଲଜ କରିବା ସଂଗେ ସଂଗେ ପାଞ୍ଚ ଲୋକଙ୍କ ଆଗରେ ଅପମାନତ କରିବାକୁ ଭୁଲୁନଥିଲେ । ଦିନେ ମୁଁ ତାଙ୍କୁ ପଗ୍ଚରିଲି, 'କେଉଁ କଥାକୁ ନେଇ ତୁମେ ମୋତେ ଏମିତି ଦଣ୍ଡ ଦେଉଛ ? ମୁଁ କ ଦୋଷ କରିଛି ? ତୁମ ପରିବାର ପାଇଁ ମୁଁ କଣ ନ କରିଛି ? କେବେତ ତୁମକୁ ଟଙ୍କା- ପଇସା, ଗହଣା- ଗାଣ୍ଠି କଛିତ ମାଗିନ? ' ଯେତେବେଳେ ଯାହା ମିଳଲ୍ ସେଇଥିରେ ସନ୍ତୁଷ୍ଟ ହୋଇ କାମ ଚଳେଇଛି ।

ଅହଂକାରଭର୍ ସ୍ୱରରେ ତାଙ୍କଠାରୁ ପ୍ରତ୍ୟୁତ୍ତର ମିଳଲ୍, ମୁଁ ଯାହା କରୁଛି ସେ ସବୁତ ତୁମମାନଙ୍କ ପାଇଁ କରୁଛି । ଏତେସବୁ କଲ୍ପରେ ତୁମକୁ ଆହୁରି ଅଧିକା କ'ଣ ଦରକାର? 'ଘର- ଖାଦ୍ୟ- ବସ୍ତ୍ର' ଏସବୁତ ତୁମ ପାଖରେ ଅଛି । ଏ ଘରେ ରହିବାର ଅଛି ତ ମୋ ହିସାବରେ ରୁହ..ନଚେତ୍ ଯାଇପାର..ତୁମେ ମଧ.. । ଏଭଳ ଉତ୍ତର ଶୁଣି ସାରିବା ପରେ ମୁଁ ତାଙ୍କୁ ଆଉ କଛି କହିବା ହିଁ ଛାଡିଦେଲି । ଯେଉଁ ଲୋକ ନଜ ଭୁଲକୁ ଚହ୍ନିବାର କ୍ଷମତା ନାହିଁ ତାଠାରୁ ସୁଧୁରିବାର ଆଶା କରିବା ମୂର୍ଖତାର କାମ ଛଡା ଆଉ କଛି ନୁହେଁ । ସବୁକଛି ଥାଇ ମଧ ଯେଉଁ ଜିନଷଟିର ଆବଶ୍ୟକତା ବେଶୀ ଥିଲ୍ ସେ ହେଲ୍ ସ୍ୱାମୀର ଭଲପାଇବା। ଯେଉଁଥି ପାଇଁ ମୁଁ ସବୁକଛି ଛାଡିଦେଇ ଏ ଲୋକସହ ପଳେଇ ଆସିଥିଲି । ନଜେ ତ ଆଜାଦ୍ ପକ୍ଷୀ ଭଳଆ ବଞ୍ଚିବେ..ଆଉ ଦୁନଆ ଯାକର କଟକଣାସବୁ ମୋ ପାଇଁ..ନା' କେଉଁଠିକ ଯିବା ଆସିବା, ନା କାହାସହ କଥାବାର୍ତ୍ତା.. । ମନର ସବୁ ଇଛାକୁ ମାରି ଜୀବନଟାକୁ ଯାହା ଘୋଷାଡୁଥିଲି ।

ଶାରୀରିକ, ମାନସିକ ଆଉ ଆର୍ଥିକ ସ୍ତରରେ ସବୁ ସୁଖରୁ ବଞ୍ଚିତ ହୋଇ କେବଳ ନଜ ଭାଗ୍ୟକୁ ନନ୍ଦି ଜୀବନଟାକୁ କାଟିବା ଛଡା ମୋ ପାଖରେ ଆଉ କଛି ଉପାୟ ନଥିଲ୍ । କାରଣ ୟାଙ୍କର ପରିବର୍ତ୍ତନ ହେବାର ସବୁ ସମ୍ଭାବନା ଦିନକୁ ଦିନ କ୍ଷୀଣ ହେବାକୁ ଲାଗୁଥାଏ। ସବୁବେଳେ ଖାଲି ଏତିକ ପାର୍ଥନା କରୁଥିଲି ପରିସ୍ଥିତି ଯେପରି ବେଶୀ ନ ବିଗୁଡୁ। ସବୁବେଳେ ପ୍ରତ୍ୟେକ ଦିଗରୁ ମୁଁ ଭୟଭୀତ ହୋଇ ପଡୁଥିଲି । ତେଣୁ ମୋର ସମସ୍ତ ନୈତିକତା, ମାନବିକତା ଓ ସଂବେଦନାକୁ ମାରି ସେଇ କ୍ଷଣରେ କଠୋର ହେବାକୁ ବାଧ ହୋଇଥିଲି । ସେମିତି ଦେଖିବାକୁ ଗଲେ ସେ ଏତେ ପିଉଥିଲେ ଯେ ରୋଗରେ ପଡି ପାରିଥାନ୍ତେ ନହେଲେ ବାଇକ୍ ଚଲ୍ଉଥିଲ୍ ବେଳେ ରାସ୍ତାର କେଉଁ କଡରେ..ପଡିଥାନ୍ତେ । ଦି ଦି ଥର ଆକ୍ସିଡେଣ୍ଟ ହୋଇସାରିଲ୍ଣି । ସବୁଆଡୁ ଦେଖିବାକୁ ଗଲେ ତାଙ୍କର ଯାହା

ହୋଇଥାନ୍ତା, ସେସବୁକୁ ମତେ ହିଁ ଭୋଗିବାକୁ ପଡିବ । ଇଛା ନଥିଲେବି ତାଙ୍କର ସେବା ମତେ ହିଁ କରିବାକୁ ପଡିଥାନ୍ତା !

ଗୋଟିଏ ଛାତ ତଳେ ବର୍ଷ ବର୍ଷ ଧରି ଏଭଳ ଗୋଟେ ସମ୍ପର୍କର ବୋଝକୁ ବୋହି ବୋହି ବହୁତ ଥକ ଯାଇଥିଲି ମୁଁ..ଏବେ ନଜକୁ ମୁକ୍ତ କରିଦେଲି !..ନଜକୁ ମୁକ୍ତ କରିଦେଲି !! ଜୀବନର ଯେଉଁ ଅଳ୍ପ କଛି ଦିନ ବାକ ଅଛି, ସେ ସମୟତକ ନଜ ହିସାବରେ ସୁଖଶାନ୍ତିରେ ବିତେଇ ଦେଇ ପାରିବି । ଦୁନଆ ପାଇଁ ମୁଁ ଥିଲି ସଧବା! କନ୍ତୁ ସେ ବଞ୍ଚିଥିବା ବେଳେ ବିଧବା ହିଁ ଥିଲି । ଏପରି କରି ନଜକୁ ଅପରାଧି ବୋଲି ଭାବୁନ । କେବଳ ସତ କଥା କହି ମୋ ମନର ବୋଝକୁ ଟିକଏ ହାଲୁକା କରିଦେଉଛି ।

ତା' ମୁଖମଣ୍ଡଳରେ ଥରେ ମଧ ଦେଖାଗଲାନ ପଶ୍ଚାତାପର ଭାବ । ସେ ଉଠି ଯାଇ ଖୋଲିଦେଲା ରୁମ୍ ର ଝରକାକୁ । ଭୋର ସମୟର ସିନ୍ଦୁରିତ ଆକାଶର ଲାଲିମା ସବୁଆଡେ ଖେଳଯାଉଥାଏ । ମୃଦୁମଳୟ ପବନ ଧୀରେ ଧୀରେ ଆସି ତାକୁ ସତେ ଯେମିତି ଆଉଁସି ଦେଇ ଗ୍ଲଲିଯାଉଥାଏ । ମୁଁ ଅବାକ୍ ହୋଇ ଏକଲୟରେ ତାର ନୂଆ ରୂପକୁ ଦେଖୁଥାଏ । ତାକୁ ଦେଖି ଲାଗୁଥିଲା ବହୁ ବର୍ଷ ପରେ ବଞ୍ଚିବାର ଇଛା ତାଠିପୁଣି ଜାଗି ଉଠିଛି ।

୨୭,ବ୍ରହ୍ମେଶ୍ୱର ବାଗ,
ଟଙ୍କପାଣି ରୋଡ୍, ଭୁବନେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୂଲ୍ୟ



ପ୍ରସନ୍ନ କୁମାର ଭୁଏ

ପଥର ହୃଦୟ ଧାରଣ କରିଛ
ବୁଝିବ କ ଲୁହର ମୂଲ୍ୟ ?
ସମ୍ଭାବନା ନାହିଁ ଯେଉଁ ହୃଦୟରେ
ଜାଣିବ କ ହସର ମୂଲ୍ୟ ?

ପିତାମାତାଙ୍କୁ ଯେ ମଣିଥାନ୍ତି ହୀନ
ଭଗବାନ କେମିତି ସହିବ,
କାଳ ତ ତା ପଛେ ପଛେ ଗୋଡ଼ାଏ
ମୁଣ୍ଡକୁ ଗ୍ରାସଇ ଦଇବ,
ଦୁଃଖ ଯନ୍ତ୍ରଣା ବିଷାଦ ମନ
ହେବ ଦେହେ ଆଗମନ,

ବିଷମ ସ୍ଥିତି ନୟନ ଦେଖିବ
ବିକଳ ହେବ ପରାଣ,
ଗର୍ବ ଅହଂକାର ହୋଇବ ଖର୍ବ
ବୁଝିଲେ ଜୀବର ମୂଲ୍ୟ,
ଧନ ସଂପତି ପିତ୍ତଳ ସମ
ହୋଇବ ଯେବେ ତୁଲ୍ୟ,

ସ୍ନେହ ମମତା ପ୍ରେମ ବନ୍ଧନ
ବୋଲାଏ ଯେ ଅମୂଲ୍ୟ,
ପିତାମାତା ଯହିଁ ପୂଜିତ ହୁଅନ୍ତି
ଘର ସେହି ସ୍ୱର୍ଗ ତୁଲ୍ୟ,
ଯାହା ମୁଣ୍ଡେ ଥାଏ ପିତାମାତାଙ୍କର
ଶୁଭାଶିଷ ଆଶିର୍ବାଦ,
ବିଷମ ରେଖା ଉଭେଇ ଯାଏ
ପୁଷ୍ପସମ ହୁଏ ପଥ ।

ରାଞ୍ଚି , ଝାରଖଣ୍ଡ



# ଜାଗର



ସାଗର ପ୍ରଧାନ

ବରଷକେ ଥରେ ଫଗୁଣ ମାସରେ
ଆସିଛି ମହାଜାଗର
ମଶାଣିକୁ ଛାଡି ମନ୍ଦିର ମଧ୍ୟରେ
ବିଜେ ଯେ ଶିବ ଶଙ୍କର ।

ଭକ୍ତି, ଅର୍ଘ୍ୟ ଢାଳ ତାଙ୍କରି ପୟରେ
ଧୋଇ ଦେବା ତାଙ୍କ ପାଦ
ସବୁ ଦୁଃଖ କଷ୍ଟ ବିନାଶ ହୋଇବ
ଟଳଯିବ ଯେ ବିପଦ ।

କ୍ଷୀର, ଗଙ୍ଗାଜଳ ମଥାରେ ଢାଳବା
ସାଥିରେ ବେଲ ପତର
ଅଳସୀ, ଦୁଦୁରି କଅଁ କେତକୀରେ
ଗୁନ୍ଥି ଦେବା ଗଳାହାର ।

ରାତ୍ରୀ ସାରା ଆମେ ରହି ଉଜାଗର
ଜାଳଦେବା ମହାଦୀପ
ଅଜ୍ଞାନ ଅନ୍ଧାର ଦୂର ହୋଇଯିବ
ଜଳବ ଜ୍ଞାନ ପ୍ରଦୀପ ।

ପଦାଦିଗି, ଗଞ୍ଜାମ

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

୧- ଶୈଶବ:- ଶିଶୁଟି ଭୂଇଁ ଛୁଇଁବା ମାତ୍ରେ ହିଁ କୁଆଁ କୁଆଁ ରାବ ଦେଇ ଥାଏ । ଏହା କେବଳ ବିଧିର ବିଧାନ ନୁହେଁ, ଯାହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ନିହିତ ରହିଛି । ମୋ କ୍ଷେତ୍ରରେ ସେଥିରେ ବ୍ୟତିକ୍ରମ ଥିଲା ବୋଲି ଅନ୍ୟମାନଙ୍କ ଠାରୁ ଶୁଣିଛି । ପିଲାଦିନେ ସେଇ କଥାଟି ଶୁଣିଲେ ମୁଁ ନିଜକୁ ନିଜେ ଗର୍ବ ଅନୁଭବ କରୁଥିଲି, ମୁଁ ପୃଥିବୀର ସମସ୍ତ ଜୀବ ମାନଙ୍କ ଠାରୁ ଭିନ୍ନ । ମାତ୍ର ଡାକ୍ତରୀ ବିଦ୍ୟା ପ୍ରାପ୍ତ କରି ସାରିବା ପରେ ମୁଁ ପ୍ରକୃତ କଥାଟି ବୁଝି ପାରିଥିଲି । ସେ ହେଲା ଜନ୍ମିତ ଶିଶୁର କୌଣସି କାରଣରୁ ଶ୍ୱାସ ରୋଧ ହେଲେ ସେ ଭୂମି ଛୁଉଁ ଛୁଉଁ କାନ୍ଦି ପାରେନା । ମତେ ଆଶ୍ଚର୍ଯ୍ୟ ଲାଗେ, ବାପା ଅପେକ୍ଷାକୃତ ଜ୍ଞାନୀ ହୋଇ ମଧ୍ୟ ସେ କେମିତି ଏଇ ବ୍ୟତିକ୍ରମଟିକୁ ବିଜ୍ଞାନ ଦୃଷ୍ଟିରେ ଦେଖି ନ ଥିଲେ!

ବହୁ ସମୟ ଭୂଇଁରେ ପଡି ରହିବା ପରେ ହଠାତ୍ ଶିଶୁଟିର କ୍ରନ୍ଦନ ଫୁଟି ବାରି ହୋଇ ପଡିଥିଲା । ପ୍ରସୂତି ଗୃହ ପାଖରୁ ବହୁ ଗୁଡିଏ ମିଳିତ କଣ୍ଠସ୍ୱର "ଆଲୋ ଛୁଆ କାନ୍ଦିଲାଣି ।" ତା ପରର ପ୍ରତିକ୍ରିୟା କ'ଣ ହୋଇଥିବ ମୁଁ କହିପାରିବିନି । ହେଲେ ମୁଁ ଏଇଯା ଶୁଣିଛି, ଶିଶୁର କାନ୍ଦ ଶୁଣି ରୁଗ୍ଣା ବୋଉ ବାପାଙ୍କ ଉଦ୍ଦେଶ୍ୟରେ କହି ଉଠିଥିଲେ, "ସବୁ ସେଇ ଲକ୍ଷ୍ମୀ ନାରାୟଣଙ୍କ କୃପା ( ଇଷ୍ଟଦେବ) ଛୁଆ ବକଟକ ଜୀବନ ପାଇଗଲାରେ ଆଜି ।"

ବାପା ଆଉ ବୋଉ ର କଥା ଉପରେ ଗୁରୁତ୍ୱ ନ ଦେଇ ଚଉପାଢୀ ଘରୁ କହିଲେ, "ଅଷ୍ଟମ ଗର୍ଭରେ ଇଏ ମୋର କୃଷ୍ଣ । ତେଣୁ ପାର୍ଥିବ କେଉଁ ଶକ୍ତି ବି ତା ଉପରେ ଆଞ୍ଚ ଆଣି ପାରିବନି ।

ତାପରେ ଆଉ ବୋଉ ନିଶ୍ଚୟ କହିଥିବେ ପୁଅ ନୁହେଁ ରେ ଝିଅଟାଏ । ବାପାଙ୍କର ତା ପରର ପ୍ରତିକ୍ରିୟା ମୁଁ ବା କ'ଣ କହି ପାରିବି! ହେଲେ ଜୀବିତ ଥିବା ପର୍ଯ୍ୟନ୍ତ ବାପା ଏଇ କଥା ପଦକ ମୋ ପାଇଁ ବାରଂବାର ଦୋହରାଇବାର ଶୁଣିଛି ।" ଅଷ୍ଟମ ଗର୍ଭରେ ସେ ମୋର କୃଷ୍ଣ"।

ମୁଁ ଥିଲି ବୋଉ( ମା) ର ଅଷ୍ଟମ ଗର୍ଭ । ଗର୍ଭାବସ୍ଥାରେ ସେ ବହୁତ ରୁଗ୍‌ଣା ଥିଲା । କହନ୍ତି ନିମୋନିଆ । ଡେଲିଭେରୀ ପରେ ସେଇ ରୁଗ୍‌ଣତା ବୃଦ୍ଧି ପାଇଲା । ଅଳ୍ପ କେଇଟା ଦିନରେ ସେଇ ଶୀର୍ଣ୍ଣକାୟା ମହିୟସୀ ନାରୀଟି ଇହଧାମ ତ୍ୟାଗ କରି ଚାଲିଯାଇଥିଲେ । ଏଇ "ଚାଲିଗଲେ" କଥାଟା ହେତୁ ହେବା ପରେ ଶୁଣି ମୁଁ ବଡ ଉତ୍ତେଜିତ ହୋଇ ଯାଉଥିଲି । କହନ୍ତି, ମା ସହନଶୀଳା ଧରିତ୍ରୀ ଠାରୁ ଅଧିକ । ତେବେ ଏ ଜନ୍ମିତ ଶିଶୁଟିକୁ ଛାଡି ସେ କେମିତି ଚାଲିଗଲେ? ତେବେ ମୋ ବୋଉ କ'ଣ ଏତେ ସ୍ୱାର୍ଥୀ ଥିଲା! ନିଜ ଖୁସି ପାଇଁ ସେ ମୋ କଥା ଥରେ ବି ଚିନ୍ତା କଲାନି ।

ଏଇ "ଚାଲିଗଲେ" ର ଅର୍ଥ ପ୍ରଥମ କରି ମୁଁ ବୁଝିଥିଲି ଦଶ ବର୍ଷ ବୟସରେ । ନିଜର ଧୃଷ୍ଟତା ପାଇଁ ନିଜକୁ ଧିକ୍କାରି ଥିଲି ମଧ୍ୟ ।

ମା ଛେଉଣ୍ଡ ପିଲାଟିକୁ କେମିତି ବଂଚେଇବାକୁ ହେବ! ସମସ୍ତଙ୍କର ଭାବିଲେଣି । ନାନା ମୁନି ନାନା ମତ ।

କହନ୍ତି ବହୁ ଆଲୋଚନା ପରେ ସଂପର୍କରେ ଜଣେ କକେଇ ଖୁଡୀ, ଯାହାଙ୍କର କୋଳ ବହୁ ବର୍ଷରୁ ଶୂନ୍ୟ ଥିଲା, ପୋଷ୍ୟା କନ୍ୟା କରିନେବାକୁ ଆଗେଇ ଆସିଥିଲେ । ମାତ୍ର ବାପା ଅମଙ୍ଗ ।" କୋଡରେ ମଲେ ଜୋଡକୁ ଫୋପାଡି ଦେବି । ମାତ୍ର ପୋଷ୍ୟା କନ୍ୟା କରି କାହା ହାତରେ ଉତ୍ସର୍ଗ ଦେବିନି ।"

ଏତେ ସବୁ ବାଧା, ବିଘ୍ନ, ଅଶାନ୍ତି ଭିତରେ ତାଳ ପତ୍ର ଉପରେ ଉତ୍କୀର୍ଣ୍ଣ ମୋର ଜନ୍ମ ଜାତକ ତ କରିବା ଦୂର କଥା, ଜନ୍ମ ତାରିଖଟି ମଧ୍ୟ କାହାର ମନେ ନ ଥିଲା । ବଡ ଭଉଣୀଙ୍କ ଠାରୁ ଚବିଶ ବର୍ଷ ସାନ ନ ଜାଣିଥିଲେ, ମସିହା ମଧ୍ୟ ଜାଣିବା କାଠିକର ପାଠ ହୋଇଥାଆନ୍ତା । ସେ ଯାହା ହେଉ, ମୁଁ ସେଇ ସମ୍ମାନସ୍ପଦୀୟ ଏବଂ ଶୁଭାକାଂକ୍ଷୀ ମାନଙ୍କ

ପାଖରେ ଚର କୃତଜ୍ଞା ଯେଉଁମାନେ ବହୁ ବର୍ଷ ପରେ ମୋର ଜନ୍ମ ଶ୍ରୀ ଗୁଣ୍ଡିଚା ଦିନ ଥିଲା ବୋଲି ଘୋଷଣା କରିଥିଲେ । ସେତେବେଳକୁ ଗାଁ ଛାଡି ମୁଁ ବହୁ ଦୂରକୁ ଚାଲି ଆସିଥିଲି ।

ପିଲାଟି ଦିନୁ ମୁଁ ଘରେ ଦେଖି ଆସିଛି ମୋ ଉପର ଭାଇ ଭଉଣୀ ମାନଙ୍କର ଜନ୍ମଦିନ ପାଳନ ହୁଏ । ସାଇ, ପଡିଶା, ବନ୍ଧୁ ବାନ୍ଧବ ସମସ୍ତଙ୍କ ଘରେ ପିଲାମାନଙ୍କର ଜନ୍ମଦିନ ମଧ୍ୟ ପାଳନ କରିଥାନ୍ତି । ବର୍ତ୍ତମାନ ସମାଜରେ ଦେଖି ଆସୁଛି କେବଳ ପିଲାମାନଙ୍କର ନୁହେଁ ବୟସ୍କ ମାନଙ୍କର ଜନ୍ମ ଦିବସ ପାଳନ ପ୍ରଥା ବିରଳ ନୁହେଁ, ତେବେ ମୋ ଜନ୍ମଦିନ କାହିଁକି ପାଳନ ହୁଏନା । ପିଲାଦିନେ ମତେ ଗାଁରେ ଅଣ୍ଡିରା ଚଣ୍ଡୀ ଉର୍ଦ୍ଦଣ୍ଡୀ ବୋଲି କେବେ କେବେ ଆଖ୍ୟା ଦେଇଥାନ୍ତି । କାହିଁକି ନା ସବୁ ଚଳନ୍ତି ଅଚଳନ୍ତି ପ୍ରଥା ଉପରେ ପ୍ରଶ୍ନ କରିଥାଏ । ହେଲେ କାହିଁକି ନା କେଜାଣି ନଜ ବିଷୟରେ ମୁଁ କେବେହେଲେ ବି କାହା ଠାରୁ ମତାମତ ନେବା ପାଇଁ ଆଗ୍ରହ ପ୍ରକାଶ କରେନ, ସେଇ ପ୍ରକୃତିଟିର ଅବସାନ ଏବେ ମଧ୍ୟ ହୋଇନ ବୋଲି ସମାଜର ମତାମତ ମିଳଥାଏ ।

ପିଲାଟି ଦିନରୁ 'ମାତୃହରା' ଜାଣିବା ପରେ କେବେ କେବେ ମୋ ମନରେ ପ୍ରଶ୍ନ ଆସେ ତେବେ କ'ଣ ମାତୃହରା ଶିଶୁଟିର ଜନ୍ମ ଦିବସ ପାଳନ କରିବା ସମାଜ ପାଇଁ କଳଙ୍କ! ତେବେ କ'ଣ ସେମାନେ ମତେ "ମା ଖାଇ ଡାହାଣୀ" ଉପାଧିରେ ଭୂଷିତ କରାଇଥିଲେ! ବହୁ ଗୁଡାଏ ପ୍ରଶ୍ନରେ ମୋ ମନ ବୀଣାର ତାର ଗୁଡାକ ଅଡୁଆ ତଡୁଆ ହୋଇଯାଏ । ପରିବାର ବର୍ଗ ତଥା ଅଡୋଶୀ ପଡୋଶୀ ମାନଙ୍କର ଟିପ୍ପଣୀ ।"ଏ ଛୁଆଟା ମଣିଷ ଛୁଆ ମାନଙ୍କର ଗଣତିରେ ଆସିବନ । ଦୟାମୟ ଯାଙ୍କୁ କଛି ସ୍ୱତନ୍ତ୍ର ଗୁଣ ଦେଇ ଦୁନଆକୁ ପଠାଇଛନ୍ତି ।" ତାର କାରଣ ହେଲା ମୁଁ ଅନ୍ୟ ପିଲାଙ୍କ ଭଳ କଛି ଦାବୀ କରୁ ନ ଥିଲି । ମୋ ହାତରେ ଥିବା ଜିନଷଟିକୁ କେହି ନେବାକୁ ଚାହିଁଲେ, ସେ ପିଲା ହେଉ ବା ବଡ ହେଉ, ମୁଁ ବିନା ଦ୍ୱିଧାରେ ବଢାଇ ଦେଉଥିଲି । କେହି କେବେ ମୋ ହାତରେ ଅଧଲାଟାକର ଜିନଷ ଧରାଇ ଦେଉଥିଲେ ମୁଁ କୃତକୃତ୍ୟ ହୋଇ ଯାଉଥିଲି । ତାହା ବଦଳରେ ଯଦି ମୋ ପାଖେ ଅନ୍ୟ କଛି ଜିନଷ ଥାଏ ତାହା ତାଙ୍କୁ ସମର୍ପଣ କରିବା ଗର୍ବ ଅନୁଭବ କରୁଥିଲି । ଅନ୍ୟ ପିଲାଙ୍କ ଭଳ ଅଝଟ କରୁ ନଥିଲି । କେବେ କେବେ ବାପା କହିବାର ଶୁଣିଛି, "ଅଦୃଶ୍ୟରେ ପିଲାଟା ମସ୍ତିଷ୍କ ଉପରେ ଗରୁ ଗ୍ରହ ରହୁଛି ।" କଥାଟାର ଅର୍ଥ ସେତେବେଳେ ମୋ ପକ୍ଷରେ ବୁଝିବା

ସମ୍ଭବ ନ ଥିଲା । ମାତ୍ର ଏବେ ଖୁବ୍ ଭଲ ଭାବେ ହୃଦୟଙ୍ଗମ କରିପାରୁଛି । ସତରେ ମୋ ମନରେ କିଛିଟା ଅଦୃଶ୍ୟ ଗ୍ଲାପ ମାଡି ବସିଥିଲା ।

ବାପା ଆମ ଇଲାକାର ସବୁଠୁ ବଡ ଜମିଦାର ଥିଲେ । କହନ୍ତି ଘରେ ରାଜକୀୟ ଚଳଣୀ ଥିଲା । ଗରିବ ପିଲାମାନଙ୍କୁ ଘରେ ରଖି ଶିକ୍ଷା ପ୍ରଦାନ କରିବାରେ ବାପା ବହୁ ଆନନ୍ଦ ଲାଭ କରୁଥିଲେ । ଜମିଦାରୀ ଯିବା ସଂଗେ ସଂଗେ ସବୁ ପର୍ଯ୍ୟାୟର ବିରତି ଘଟିଥିଲା ।ଗାନ୍ଧୀ ବାଦୀ ଏବଂ ପ୍ରଖ୍ୟାତ ଜମିଦାର ଙ୍କର ଜୀବନ ଧୀରେ ଧୀରେ ସଂପୂର୍ଣ୍ଣ ଆଧାତ୍ମିକ ଜୀବନ ଆଡକୁ ଗତି କରି ଥିଲା । ଏ ସବୁ ତାଙ୍କ ଜୀବନ ଉପରେ କ'ଣ ସବୁ ପ୍ରଭାବ ପକାଇଥିଲା ତାହା ତ କହି ପାରିବିନ, ମାତ୍ର ଦୃଢତାର ସହ କହିପାରେ ତାହା ମୋ ଜୀବନ ଉପରେ ବହୁ କିଛିପ୍ରଭାବ ପକାଇ ପାରିଛି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ମୋର ଗାଁ ବନେ ଲ୍ଗସି ମତେ



ଫିରୋଜ କୁମାର ପଟେଲ

ଇଥର କେନତା ଗାଁ ନେ ମୋର
ନୂଆଁ ରୂପରଙ୍ଗ ଦିଶୁଛେ
ଠାନ୍ ଚପଲି ସହର ଧିରେ ଧିରେ
ମୋର ଗାଁ ଆଡେ ଆସୁଛେ
ଯେତେ ମୁଇଁ ଭାବୁଛେ ରସୁଛେ ସେତେ
ମୋର ଗାଁ ବନେ ଲଗସି ମତେ ॥୦॥

ଗାଁ ଖୁଇଲ ମୋର କଂକ୍ରିଟ
ଧୁଇଲ ଟିକେ ନାଇଁ ମିଲେ
ଖପର ଉପରେ ମାଖନ ଲହ
ଦେଖବ କାଏଁନ ଥିଲେ?
ବହୁଗୁଡୁ କାଏଁଟା ଆଏ ବଲି
ଜାନବେ କେନୁ ପିଲେ
ସବୁ ପିଲା ତ ଘର ଭିତରେ
ମୋବାଇଲେ ହଜିଗଲେ
ଏଭେ; ମୋର ଗାଁ ସହର ହେଉଛେ ସତେ...
ଫିରଭି; ମୋର ଗାଁ ବନେ ଲଗସି ମତେ ॥୧॥





ଶିକ୍ଷିତ ସବୁ ସହର ଗଲେ
ମୁରୁଖ ରହେଲେ ଘରେ
ନଙ୍ଗଲ ଜୁଆଡି ଥୁଆ ହଇଛେ
କଏ ଆର ଗୃଷ କରେ
ସକାଲୁ ସକାଲୁ ଛେର୍ ଝିଁଟା
ନାଇଁ ଦିଶବାର ଆରୁ
ତିହାରେ ଖାଲି ତାର କହଁରିସି
ମହାପୁରୁ ମହାପୁରୁ
ଏଭେ; ଗାଁ ନେ ନୂଆଁପନ ଯେତେ ତେତେ
ଫିରଭି; ମୋର ଗାଁ ବନେ ଲାଗସି ମତେ ॥୨॥

ନୂଆଁଖାଇ ପୁଷପୁନ ବଲି
ଜନା ତିହାର ର ନାଁ
ଆଗର ଲେଖେ ଗୁଟେ ଠାନେ
ନାଇ ଜମବାରଅ ଗାଁ
ବଡର କଥା ମନା ତ ଦୂରେ
ଜୁହାରଟା ହଜି ଗଲା
ଘରେ ବୁବଡି ହଜି ଯାଉଛେ
ପର୍ପାଟକ ମିଶିଗୁଲା
ଏଭେ; ଗୁଟା ଗାଁଟା ଛିନାଛିନା ଲାଗେ ମତେ
ଫିରଭି; ମୋର ଗାଁ ବନେ ଲାଗସି ମତେ ॥୩॥

ଢିପାପର୍ ର ଢୁଡା ବନ୍ଧେ
କଇଁ ଫୁଲ ଫୁଟୁଥିଲା
ସେ କଇଁକେ ଟିଆ ଦେଇ

ଖ୍ରିତି ଜନ ଆସୁଥିଲା
ରସିଆ ରସିଏନ ଭେଟ୍ ପଡନ
ବନ୍ଧପାରି ବର ତଲେ
ଠାନ ଖଙ୍ଗଲା ଘର କରିକେ
ଢୁଡାବନ୍ଧ ତୁପିଦେଲେ
ଏଭେ; ସବୁଦି ମହଲ କେତେ କେତେ
ଫିରଭି; ମୋର ଗାଁ ବନେ ଲାଗସି ମତେ ॥୫ ॥

ବଦଲୁଛେ ଗାଁ ବଦଲିଯାଉ
କଥାନୀ ହଇ ରହୁ
ସେ କଥାନୀକେ କୁଆଁରୀ କୁଇଲି
ବୁଲିବୁଲି ଗାଉଥାଉ
ଯିଏ ଭିଜି ଜାଇଛେ ଥରେ
ଗାଁ ଘରର ମାଟି ପାନ
ସରଗ ସୁନ୍ଦର ଗାଁକେ ମୋର
ସେହି ନ ପାରବା ଜାନ
ବଦଲୁଛେ....ବଦୁଲୁ ମୋର ଗାଁ ଯେତେ
ଫିରଭି; ମୋର ଗାଁ ବନେ ଲାଗସି ମତେ ॥ ୬ ॥

ଅବନକେଲା, ସୁନ୍ଦରଗଡ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ- ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ବହେନ୍ ଟେ ଥିତା କ ମୋର୍



ଶୁଭମ ନାୟକ

ପଠାଲ୍ ମତେ ଏକଲ୍ କରି
ଦେଖ୍ ବିଧାତାର୍ ଖେଲ୍
ବହେନ୍ ଗୁଟେ ଥିତା ହେଲେ
ଦଦା ବଲି ଦେତା ଗେଲ୍ ।

କଥା କଥା କେ ସଙ୍ଗେ ଲଡତା
ରିସମି ହଇ ଫୁଲ୍ତା
ଆର୍ କଏ ମତେ ଡାକ ନେଲେ
ହାତ୍ ଧରି ସେ ଆନତା
ମୋର୍ ହେଲେ ବହେନ୍ ଟେ ଥିତା
ଦଦା ଗୋ କାନ୍ ଶୁନତା ।

ଇସ୍କୁଲ୍ କେ ଗଲେ ପାଠ୍ ପଢି
ସଙ୍ଗେ ନେତି ହାତ୍ ଧରି
ସଜେଇ ଦେତି ମୁଡ୍ କେ କୁରି
ସତେ ନ ସରଗ୍ ପରୀ
ତାର୍ ଆଁଖି ପାନ ଗଲେ ଝରି
ଛିନ ନେତି ମୁଁଠା କରି ।

ଫଗୁନ୍ ରଙ୍ଗେ ରଙ୍ଗେଇ ହଇ
ସଙ୍ଗେ ଖେଲତା ହୋଲି
ବର୍ ଗଛେଁ ବଡେ ଡୋର୍ ବାନ୍ଧି
ଝୁଲତା ପଟା ଦୁଲି
ଦିଆଲି ବେଲେ ଦିପ୍ ଜଲେଇ
ହାତେ ବନାତା ରଙ୍ଗୋଲି ।

ଶର୍‌ବନ୍ ମାସେ ପୁନ ଦିନେ
ଗୁଞ୍ଜେ ର୍‌କ୍ଷୀ ପୁନ ଶୋର୍
ସଭେଁ ଉଷଦ୍ ମନେ ଭୋର୍
ହାତ୍ ଖୁଜେ ର୍‌କ୍ଷୀ ଡୋର୍
ବହେନ୍ ଟେ ଥିତା କ ମୋର୍
ବାନ୍ଧି ଦେତା ର୍‌କ୍ଷୀ ଡୋର୍ ।

ତସଲ୍ଡିହି, ସୁନ୍ଦରଗଡ, ଓଡିଶା



# ପ୍ରତିଫଳ

ଲିନା ରାଣୀ ଧଳ ମଙ୍ଗରାଜ

ସେଦିନ ସକାଳୁ ଗାଁରୁ ଆସୁଆସୁ ହଠାତ୍ ଗୋଟିଏ ବାଇକ୍ ଆସି ଗାଡି ସାମ୍ନାରେ ପିଟିହୋଇଗଲା । ସ୍ପିଡ୍ ବାଇକ୍ ରେ ଥିବା ପିଲାମାନଙ୍କୁ ବଞ୍ଚାଇବାକୁ ଯାଇ ହଠାତ୍ ବ୍ରେକ୍ ଦେଉ ଦେଉ ଗାଡିର ଆଗକାଚଟା ଭାଙ୍ଗିଗଲା । ପିଲାମାନଙ୍କର କିଛି ହୋଇନଥିଲା । ତଳୁ ଉଠିଯାଉ ଯାଉ ସରି ଭୁଲ୍ ହୋଇଗଲା, ଆମର ଆଜି ପରୀକ୍ଷା ଅଛି । କାଚ ଭାଙ୍ଗି ଯାଇଥିଲେ ବି ପିଲାମାନଙ୍କ ପରୀକ୍ଷାକୁ ଦେଖି ଯିବାକୁ କହିଦେଲି । ଦେଖିଶୁଣି ଗାଡି ଚଲାଅ । ତମମାନଙ୍କର ଯଦି କିଛି ହୋଇଯାଇଥାନ୍ତା ତାହେଲେ..... । ପରେ ଗାଡି ଆଣି ସଜାଡିବାକୁ ଦେଲି ।

ଦି ଦିନ ପରେ ପୁଅକୁ ସ୍କୁଲରେ ଛାଡି ଗାଡି ପଛକୁ କରୁ କରୁ ଜଣେ ଗାଡିଧରି ପଶିଆସିଲେ । ଗାଡି ଟିକେ ବାଜିଯିବାରୁ ସେ ତାଙ୍କୁ ଗାଡିକୁ ଧିରେ ତଳେ ଥୋଇ ଛିଡା ହୋଇଗଲେ । ମାରି ଦେଇଥାନ୍ତ, ଗ୍ରେଡ୍ ଟା କଣ ତମର । ବଡ ବଡ ଗାଡି ଚଲଉଛ, ରାସ୍ତା ଦେଖାଯାଉନ । ହିରୋଗିରି । ଏମିତି ଆହୁରି କେତେ କଣ.... ମୁଁ ତାଙ୍କ କଥା ସବୁକୁ ଆଶ୍ଚର୍ଯ୍ୟ ହୋଇ ଶୁଣୁଥାଏ । ଭୁଲ୍ ନଥାଇ ଭୁଲ ମାଗିଲେବି ନଛୋଡବନ୍ଧା । ସେତେବେଳକୁ କୋଡିଏ ତିରିଶ ଜଣ ଲୋକ ଜମା ହୋଇଗଲେଣି । ସେ ଲୋକଟିର ଅଭିନୟକୁ ଲୋକମାନେ ବି ନୀରବଦ୍ରଷ୍ଟା ସାଜି ଉପଭୋଗ କରୁଥିଲେ । ମୋତେ ବହୁତ ଅପମାନିତ ଲାଗୁଥିଲା । ଆରେ ମୁଁ ତ ଗାଡି ପଛକୁ କରୁଥିଲି, ହର୍ଣ୍ଣ ବି ମାରିଥିଲି । ସେ ଗୋଟିଏ ମିନଟ ଅଟକି ଯିବା କଥା, କିନ୍ତୁ ମୋର ଭୁଲ ରହିଲା କେଉଁଠି? ମନେ ମନେ ଭାବୁଥିଲି ଦି ଦିନ ତଳର ଘଟଣା କଥା । ଭଲକାମ କଲେ କଣ ସତରେ ତମ ପାଇଁ ବି କିଛି ଭଲ ଫଳ ଅପେକ୍ଷା କରିଥାଏ କି?

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ଭୁବନେଶ୍ୱର

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

ରାଗ ଅଭିମାନ କରିବା ଟା
ତୋର ଯଥାର୍ଥ
ଗାଳି ଖାଇବାଟା ବି ମୋର
ଆଜି ପରମାର୍ଥ
ତଥାପି ତୁ ଭଲ ଲାଗୁ
ଅତି ନଜର ନଜର ଲାଗୁ ।
ନାଁ ମୁଁ ତୋ ଠାରୁ ଦୂରେଇ ପାରେ
ନାଁ ତୋ ପରେ ରାଗି ପାରେ
ଗୁଞ୍ଜି ହୋଇ ଚାଲିଆସେ
ତୋର ଅତି ନିକଟକୁ
ଆଉ ଆଣ୍ଠେଇ ପଡି
ଚାହିଁଥାଏ ତୋର ସେହି
ଗୋଲ ଗୋଲ ହସକୁରା ମୁହଁକୁ ।
ମୋତେ କନ୍ତୁ ଦିଶେ ତୁ ଅସୁଛୁ
ଆଉ କେବଳ ମୋତେ ହିଁ ଚାହିଁଛୁ
ଏହା ମୋର ଭ୍ରମ ହୋଇପାରେ
ସତ୍ୟ ବି ହୋଇପାରେ
ସବୁ ତ ତୁ ଜାଣୁ
କଣ ବା ତୋତେ କହିବି ଯେ ।
ମୁଁ ତୋ ଦୁଃଖରେ
ଲୁହ ଢାଳି ପାରେନା
କି ଖୁସିରେ ମନ ଖୋଲି
ହସି ପାରେନା

କାଳେ କିଏ ଦେଖିଦେବ ବୋଲି
ତୋ ନାଁରେ ମୋ ନାଁ ଟା
କାଳେ କେଉଁଠାରେ
ଯୋଡିଦେବ ବୋଲି ।
ମୁଁ ଭୟ କରେନା
ଏହି ମିଛ ମାୟାରେ ଭରା ଦୁନିଆଁକୁ
ମୁଁ ଭୟ କରେ ତୋର
ଦୁଇଟୋପା ଲୁହ ଧାରକୁ ।
ହଁ ଆଉ କେତେ ଟା ବା ଦିନ
ନିରବରେ ନିରବି ଯିବି
ସବୁ ଦିନ ପାଇଁ
ତୋ ଠାରୁ ଦୂରେଇ ବି ଯିବି
ମୁଁ ଜାଣେ ତୁ ଖୋଜିବୁ
ଏକ ଶୂନ୍ୟତା ଭିତରେ
ଆଉ ପୁଣି ଥରେ ନବକଳେବର
ରୂପ ନେଇ ଆଗେଇ ବି ଯିବୁ ।
ମୁଁ କିନ୍ତୁ ଫେରି ଆସିବି
ତୋର ଅତି ନିକଟକୁ
ଆଉ ଥରେ ତୋତେ,
ମନ ଭରି ଭଲ ପାଇବାକୁ
ମନ ଖୋଲି କହିବାକୁ
ମୁଁ କେବଳ ତୋ ପାଇଁ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# କ୍ଷୁଦ୍ର ଜୀବଟିଏ ମୁଁ

ଜୟକୃଷ୍ଣ ମେହେର

ସୁବିଶାଳ ବିଶ୍ୱ ବ୍ରହ୍ମାଣ୍ଡର
ଅତି ନଗଣ୍ୟ ଚଳମାନ
ଧୂଳିକଣା ବିନ୍ଦୁ ସମ
କ୍ଷୁଦ୍ର ଜୀବଟିଏ ମୁଁ... ।

ଲମ୍ବା ସମୟ ଇତିହାସର
ପାଣି ଫୋଟକା ସମ ବଞ୍ଚି
ଅସଂଖ୍ୟ ସ୍ୱପ୍ନ ଦେଖୁଥିବା
କ୍ଷୁଦ୍ର ଜୀବଟିଏ ମୁଁ... ।

ନିଜର ଅସ୍ତିତ୍ୱ ଓ ସତ୍ତା କୁ
ବୁଝି ପାରୁ ନ ଥିବା
ମନୁଷ୍ୟ ନାମରେ ନାମିତ
କ୍ଷୁଦ୍ର ଜୀବଟିଏ ମୁଁ... ।



ତଥାପି ବିଶ୍ୱ ବ୍ରହ୍ମାଣ୍ଡର
ଇତିହାସକୁ ପରିବର୍ତ୍ତିତ କରି
ନିଜର କାୟା ବିସ୍ତାର କରୁଥିବା
କ୍ଷୁଦ୍ର ଜୀବଟିଏ ମୁଁ...
କ୍ଷୁଦ୍ର ଜୀବଟିଏ ମୁଁ... ।

ଗୋହିରପଦର, ବଲାଙ୍ଗୀର

# ପଶ୍ଚାତାପ



ବିଜୟ ପଣ୍ଡା

ରେଭେନ୍ସା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଶେଷ ବର୍ଷ ପରୀକ୍ଷା ଦେଇ ସାରି ଦୀର୍ଘ ଛ ମାସ ପରେ ଘରକୁ ଆସିଛି ପ୍ରଶାନ୍ତ । ମେଧାବୀ ଛାତ୍ର ହିସାବରେ ବହୁତ କୃତି ପ୍ରଶାନ୍ତର । ମା'ର ଗେହ୍ଲା ପୁଅ କିନ୍ତୁ ବାପାଙ୍କଠୁଁ ସବୁବେଳେ ଗାଳି ଶୁଣେ ପ୍ରଶାନ୍ତ । ଆଜି ମା ତା ପାଇଁ ପସନ୍ଦ ମୁତାବକ ଶାଗ, ବଡି ଭଜା, ସୋରିଷ ଦିଆ ମାଛ ତରକାରୀ ସାଙ୍ଗକୁ ପଖାଳ ଭାତ ବାଢି ଦେଇଛନ୍ତି ତାର ମା ପାର୍ବତୀ । ବହୁତ ଦିନ ପରେ ମା ହାତ ରନ୍ଧା ସୁସ୍ୱାଦୁ ଖାଦ୍ୟ ମିଳିଛି, ଅତି ଖୁସିରେ ଖାଇସାରି ହାତ ଧୋଇଲା ପ୍ରଶାନ୍ତ । ଦୁଇ ବର୍ଷ ହେଲା ଗାଁ ଛାଡି ସହରରେ ହଷ୍ଟେଲ ରହି ପାଠ ପଢୁଛି । ଆଗ ଭଳି ଆଉ ସାଙ୍ଗ ମାନଙ୍କ ସହ ମିଶି ଜମା ଦୁଷ୍ଟାମି କରୁନି । ଗାଁ ଦାଣ୍ଡ ଉଠାନ୍ତି ପକାନ୍ତି ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ମିଶି କିନ୍ତୁ ଏବେ ଆମ୍ବତୋଟା, ପୋଖରିବାଡି, ନଈକୂଳ, ଗାଁ ହାଟ କଉଠିକୁ ଯାଏନି ସେ । ସତେ ନିଜ ବିବେକ ତାକୁ ବାରମ୍ବାର ପ୍ରଶ୍ନ କରୁଛି ତାର କିଛି ଭୁଲ ପାଇଁ । କାହାର ବିକଳ ସ୍ୱର ତାକୁ ଆକୁଳ ଚିତ୍ତରେ ବାରମ୍ବାର ଡାକୁଛି। ସେ ନିଜକୁ କ୍ଷମା କରିପାରୁନି । କେବଳ କୁଆଡେ ଯିବା ଆସିବା ବେଳେ ତାକୁ ଯାହା ଦେଖନ୍ତି । ଗାଁ ଲୋକ ପ୍ରଶାନ୍ତର ଏ ପରିବର୍ତ୍ତନ ଦେଖି ଟୁପୁରୁ ଟାପୁରୁ ହୁଅନ୍ତି, ନଗ୍‌କାର ସାରଙ୍କ ପୁଅଟା ପୁରା ବଦଳି ଗଲା, ପିଲାଟା ଯେମିତି ଆଉ ମାଛି କି ମର ବୋଲି କହୁନି । କିଏ କିଏ କୁହନ୍ତି, ଅଧିକ ପାଠର ଭାର ଯୋଗୁଁ ସେ ବଦମାସୀ କରିବାକୁ ସମୟ ପାଉନି । ତା ଭଳି ଉଦ୍ଧତ ପିଲା ଯେ ଏମିତି ଶାନ୍ତଶିଷ୍ଟ ହୋଇଯିବ ସେ ସେ କଥା ଲୋକ ହଜମ କରିପାରୁନଥିଲେ । କିଏ କିଏ କୁହନ୍ତି ଯେ ସହରରେ ରହି ପାଠ ପଢିଲାଣି, ଆଉ କଣ ଗାଁରେ ତାର ମନ ଲାଗିବ ?

ପ୍ରଶାନ୍ତର ମନକୁ ଗୋଟିଏ କଥା ଘାରି ହେଉଥାଏ, ବିଗତ ଦୁଇ ବର୍ଷ ହେଲାଣି, ଯେମିତି ନିଦ ହଜିଯାଇଛି ତାର । ତାକୁ ଦୁନିଆଟା ଖାଁ ଖାଁ ଲାଗୁଥାଏ । ସବୁଥାଇ ବି ଯେମିତି

ବହୁତ କଷ୍ଟ ହଉଥିଲା ଭଲ ଲାଗେ ତାକୁ । ଯେମିତି ସେ କାହାକୁ ମନେ ମନେ ଖୋଜି ହେଉଥାଏ । ବାପାଙ୍କୁ ଭାରି ଡର ପ୍ରଶାନ୍ତର, ଭଲ ପାଠ ପଢେ ବୋଲି ବାପା ତାର କଷ୍ଟ ଦୁଷ୍ଟାମିକୁ ଅଣଦେଖା କରନ୍ତି ସତ କିନ୍ତୁ ସବୁବେଳେ ତାଗିଦ କରନ୍ତି, ମାଡ ବି ମାରିଛନ୍ତି ଅନେକ ଥର । ମେଧାବୀ ଛାତ୍ର ହେଲେ ବି ବାପାଙ୍କର ଗେଲ୍ହା ପୁଅ ହେବାର ସୌଭାଗ୍ୟ ପାଇନି ପ୍ରଶାନ୍ତ ତାର ନିଜ ଉଦ୍ଧତାମୀ ପାଇଁ ।

ଗାଁ ସ୍କୁଲ ରେ ଶିକ୍ଷକତା କରନ୍ତି ନିରଂକାର ବାବୁ ବହୁତ ସଚ୍ଚୋଟ ଓ ନିଷ୍ଠାପର ଲୋକ ସେ, ଗାଁ ରେ ବହୁତ ଖାତିର ତାଙ୍କର। ସମସ୍ତ ଅଭିଭାବକ, ଛାତ୍ର ଛାତ୍ରୀ ଏମିତି କି ସ୍କୁଲ ର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ନିରଂକାର ବାବୁଙ୍କ ଶିକ୍ଷକତା, ଛାତ୍ର ମାନଙ୍କ ପ୍ରତି ସ୍ନେହ ପ୍ରେମ, ଦାୟିତ୍ୱ, ସମୟାନୁବର୍ତ୍ତୀତା, ନିଷ୍ଠାପରତା ଆଦି ଗୁଣର ଭୂଇୟସୀ ପ୍ରଶଂସା କରନ୍ତି । ନିରଂକାର ବାବୁଙ୍କର ଦୁଃଶ୍ଚିନ୍ତା ଥିଲା ତାଙ୍କର ବଡ ପୁଅ ପ୍ରଶାନ୍ତ ର ଉଦ୍ଧତାମି ଓ ସାନ ପୁଅର ସ୍ମୃତି । ନିରଂକାର ବାବୁଙ୍କ ସ୍ତ୍ରୀ ପାର୍ବତୀ, ବଡ ପୁଅ ପ୍ରଶାନ୍ତ ଓ ସାନ ପୁଅ କୁନାକୁ ନେଇ ଛୋଟିଆ ପରିବାର । ବଡ ପୁଅ ମେଧାବୀ ଛାତ୍ର, ସପ୍ତମ ଶ୍ରେଣୀରେ ଏନ. ଆର. ଟି. ଏସ ପରୀକ୍ଷା ରେ ଉତିର୍ଣ୍ଣ ହୋଇଛି, ସରକାରଙ୍କ ଠୁଁ ସ୍କଲାର୍ଶିପ ବି ପାଇଛି। ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ତାର ବିଜ୍ଞାନ ଭିତିକ ପ୍ରୋଜେକ୍ଟ କୁ ପ୍ରଥମ ସ୍ଥାନ ମିଳିଛି କେତେ ଥର । ବହୁତ ଭଲ କ୍ରିକେଟ ଖେଳେ ସେ, ବହୁତ ମ୍ୟାଚ ଜିତି ଟ୍ରଫି ସହ ମାନପତ୍ର ପାଇଛି। ପାଠରେ ପ୍ରଶାନ୍ତ ଯେମିତି ସବୁଥିରେ ପ୍ରଥମ, ବାଳୁଙ୍ଗାମିରେ ରେ ବି ସେମିତି ସବୁଥିରେ ଆଗୁଆ ।

ଗାଁ ନଈରେ ପହଁରିବାରେ ତାର ବହୁତ ଖୁସି। ପିଲା ଦିନେ ଏମିତି ସବୁ ଥର ବର୍ଷା ଋତୁର ନଈ ବଢି ସମୟରେ ପ୍ରତିଯୋଗୀତା ହୁଏ, ନଈ ବଢି ପାଣିରେ ଏକୂଳ ରୁ ସେକୂଳ କୁ କିଏ କେତେ କମ ସମୟ ମଧ୍ୟରେ ପାର ହେଇ ପାରିବ, ଆଉ ପ୍ରଶାନ୍ତ ସେଥିରେ ସବୁବେଳେ ପ୍ରଥମ । ଗାଁ ଦାଣ୍ଡରେ ଗିଲି ଦଣ୍ଡା ଖେଳରେ କଳଗୋଳ, ମାରପିଟରେ ବି ତାର ନାଁ ସବୁବେଳେ ଥାଏ । ସାଙ୍ଗ ମାନଙ୍କ ସହ ମିଶି କାହା ବାଡିରୁ ପିଜୁଳି ଚୋରୀ କରି ଖାଇବା, ଆମ୍ବ ତୋଟାରେ ଗଛ ଡିଆଁ, କ୍ରିକେଟ ଖେଳରେ ମାରପିଟ ଆଦିରେ ସବୁବେଳେ ପ୍ରଶାନ୍ତର ନାଁ ଥାଏ । ଏଥି ପାଇଁ କେତେ ଥର ନିରଂକାର ବାବୁଙ୍କ ମୁଣ୍ଡ ତଳକୁ ହୋଇଛି । ପ୍ରଶାନ୍ତକୁ

ଯେମିତି ବାପଙ୍କର ମାନ ସମ୍ମାନ ର କଛି ଫରକ ପଡେନ।  ତାର ଏଇ ଦାୟିତ୍ୱହିନତା ପାଇଁ ପରିବାରକୁ କେତେ କଷ୍ଟ ସେ ନଦେଇଛି ।

କାଲି ପୁଣି ଦୁଇ ବରଷ ବିତି ଗଲାଣି, ସେଦିନ ପ୍ରଥମ ରଜ ଥାଏ ।  କାଉଁଳଆ ପାଗ, ସୁଲୁସୁଲିଆ ପବନ ବହୁଥାଏ, ଆକାଶରେ ବାଦଲ ମାଳ ମାଳ ।  ରଜପର୍ବ ପାଇଁ ନାନା ରକମର  ପିଠା ପଣା ହୋଇଥାଏ ଘରେ ।  ପ୍ରଶାନ୍ତ ର ମ୍ୟାଟ୍ରିକ୍ ପରୀକ୍ଷା ଫଳ ବାହାରିଥାଏ ପୂର୍ବଦିନ, ପ୍ରଥମ ଶ୍ରେଣୀରେ ପଞ୍ଚା ଅଶି ପ୍ରତିଶତ ନମ୍ବର ରଖି ପାସ ହେଇଥାଏ ପ୍ରଶାନ୍ତ। ସେଥିପାଇଁ ନଗ୍ଦକାର ବାବୁ ସ୍କୁଲ ପିଲା ମାନଙ୍କୁ ମିଠା ବାଣ୍ଟିଲେ।  ପ୍ରଥମ ରଜ, ବହୁତ ଆନନ୍ଦ ଉଲ୍ଲାସ ର ଦିନ।  ନୂଆ ଲୁଗା ପିନ୍ଧି, ରଜ ପାନ ଖାଇ, ନଈ କୂଳେ ଲାଗି ଥିବା ଦୋଳରେ କୁନ କୁନ ପିଲା ଓ ଝିଅ  ବୋହୂ ମାନଙ୍କ ଦୋଳ ଖେଳ ଲାଗିଥାଏ ।  ଗାଁ ମୁଣ୍ଡ ବରଗଛ ମୂଳେ ତାସ ଖେଳ ଗ୍ଭଲିଥାଏ ବୟସ୍କ ଲୋକମାନଙ୍କର ।  ଦିନ ଯାଇ ସନ୍ଧ୍ୟା ହେଲା, ସାନଭାଇ ଓ ସାଙ୍ଗ ମାନଙ୍କ ଗହଣରେ ଦିନଟା କେମିତି କଟିଗଲା ଯେ ଜଣା ପଡିଲାନ ପ୍ରଶାନ୍ତକୁ ।  ସନ୍ଧ୍ୟାଠୁଁ ଆରମ୍ଭ ହେଲା ବର୍ଷା।  ସକାଳ ଭିତରେ ଗାଁ ନଈରେ ବନ୍ୟା ପାଣି ଆସିଯାଇଥାଏ ।  ଉଛୁଳା ନଈର ପାଣି ଏକୂଳ ସେକୂଳ ଖାଉଥାଏ ।  ସକାଳୁ ନଈ କୂଳ ଆଡେ ବୁଲି ଆସିଲାପରେ ପ୍ରଶାନ୍ତର ଖୁସି କହିଲେ ନସରେ ,ଆଜି ନଈ ପହଁରା ହେବ। ରଜ ପାଗକୁ ପରୀକ୍ଷା ଫଳର ଖୁସି, ତାକୁ ଯେମିତି ଆକାଶରେ ଉଡିଲା ପରି ଲାଗୁଥାଏ ।  ନଈ ପହଁରିବା କଥା ଶୁଣିଲେ ବାପାଙ୍କଠୁ ଗାଳି ଶୁଣିବାକୁ ମିଳେ ।  ସେଥିପାଇଁ ସକାଳୁ ସକାଳୁ ରଜ ପିଠା ଖାଇ, ସାଙ୍ଗ ମାନଙ୍କୁ ନେଇ ବାହାରିଲା ନଈ କୂଳକୁ ଦୋଳରେ ଝୁଲିବା ବାହାନା କରି ।  ସାନ ଭାଇ କୁନା ଜିଦ ଧରିଲା ମୋତେ ବି ନେଇ ଗ୍ଭଲ ଦୋଳରେ ଝୁଲେଇ ଦେବୁ।  କୁନାକୁ ନେଇ ଦୋଳ ଖେଳ ଆସୁଛି ବୋଲି ମା'କୁ କହି ପ୍ରଶାନ୍ତ ଆସି ପହଞ୍ଚିଲା ନଈ କୂଳରେ।

କୁନାକୁ ଦଶ ମିନଟ ଦୋଳ ଖେଳେଇ ଦେଇ ପ୍ରଶାନ୍ତ କହିଲା ତୁ ଏଇଠି ଖେଳୁଥା, କୁଆଡେ ଯିବୁନ, ମୁଁ ପାଞ୍ଚ ମିନଟରେ ଯାଇ ଆସୁଛି ନଈକୂଳ  ଆଡୁ।  ଏତିକ କହି ସାଙ୍ଗ ମାନଙ୍କ ସହ ମିଶି ନଈକୂଳ ଆଡକୁ ଛୁମନ୍ତର ହେଇଗଲା ପ୍ରଶାନ୍ତ ।  କୁନାକୁ ଏକୁଟିଆ କଛି ଭଲ ଲାଗିଲାନ।  ବଡଭାଇ କୁ ଖୋଜି ସେ ବି ହାଜର ହେଇଗଲା ନଈକୂଳରେ ।  ସେତେବେଳେ

ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ନଈ ପହଁଗ୍ରେ ବ୍ୟସ୍ତ ଥାନ୍ତି । କୁନା ବଡ ଭାଇକୁ ଡାକ ଡାକ, ଯାଇ ନଈ କୂଳରେ ବସି ପାଣି ପାଖରେ ବସି ପଡିଲା। ହାତ ବଢେଇ ଅଞ୍ଜୁଳାରେ ଅଞ୍ଜୁଳାଏ ପାଣି ଆଣୁଥାଏ ଆଉ ମୁଣ୍ଡ ଉପରେ ଛିଞ୍ଚି ହେଉଥାଏ, ଗୋଡ ବଢେଇ ପାଣିରେ ଚବ ଚବ ହେଉଥାଏ । ବଢି ପାଣିର ସୁଅ ଏକୂଳ ସେକୂଳ ଖାଉଥାଏ, ଏମିତି ପାଣି ସହ ଖେଳୁ ଖେଳୁ ଗୋଡ ଖସିଗଲା କୁନାର ଆଉ ବଉଲେ କହି ଜୋର ପାଟି କରି ପଡିଗଲା ନଈ ଭିତରେ । ଅଥଳ ପାଣିରେ ଉବୁଟୁବୁ ହେଉଥାଏ କୁନା, କଣ ଗୋଟେ ପାଣିରେ ପଡିଗଲା ବୋଲି ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ଫେରି ଗ୍ରହିନବାରୁ ଦେଖିଲେ କୁନାକୁ ବଢିପାଣିର ସୁଅ ଭସେଇ ନେଇଯାଉଛି। ପ୍ରାଣବିକଳରେ ଡାକ ଛାଡିଲେ ସମସ୍ତେ, ଗାଁ ଲୋକ ଯିଏ ଯୁଆଡେ ଥିଲେ ସବୁ ନାଇକୂଳେ ହାଜର ହେଲେ । କାହା ହାତରେ ଦଉଡି ତ କାହା ହାତରେ କାତ ବାଡି, ନାଉରି ବି ନା ନେଇ ହାଜର ହେଲା । କିନ୍ତୁ ବଢି ପାଣିର ସୁଅ ଏତେ ପ୍ରଖର ଥିଲା ଯେ ପାଞ୍ଚ ମିନଟ ରେ କୁନା କୁ ଭସେଇ ନେଲା ଆଖି ନପାଇବା ଦୂରତାକୁ। ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ କୁନାର ମୃତଦେହ ମିଳିଲା କିଛି ଦୂରରେ। ନରକାର ବାବୁ, ତାଙ୍କ ସ୍ତ୍ରୀ ପାର୍ବତୀ କାନ୍ଦି କାନ୍ଦି ଧରାଶାୟୀ ହୋଇଯାଉଥିଲେ । ସାନଭାଇର ମୃତ୍ୟୁକୁ ବିଶ୍ୱାସ କରି ପାରୁନଥାଏ ପ୍ରଶାନ୍ତ, ତାର ଦାୟିତ୍ୱହିନତା ଯୋଗୁଁ ତାରି ଆଖି ଆଗରେ ନିଜର ଭାଇକୁ ହରେଇଲା ପ୍ରଶାନ୍ତ । ଶବଦାହ କରି ସମସ୍ତେ ଘରକୁ ଫେରିଲେ । ନିର୍ଦ୍ଧାରିତ ତାରିଖ ଓ ସମୟରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହେଲା ।

ନରକାର ବାବୁ ଯେମିତି ପୂରାପୂରି ଭାଙ୍ଗି ପଡିଥିଲେ, ସବୁବେଳେ ଅନ୍ୟମନସ୍କ ରୁହନ୍ତି। ପ୍ରଶାନ୍ତର କଲେଜ ଏଡମିଶନ କଥା କିଛି ଚିନ୍ତା କରୁନଥିଲେ ନରକାର ବାବୁ କିନ୍ତୁ ପ୍ରଶାନ୍ତକୁ ଆଉ ଗାଁ ରେ ରହିବାକୁ ଇଚ୍ଛା ନଥାଏ। ସନଭାଇ ର ସେ ନିରୀହ ଚେହେରା ଟି ସବୁବେଳେ ତା ଆଖିଆଗରେ ନାଚ ଯାଉଥାଏ । ତାର ମୃତ ଦେହକୁ ଧରିଥିବାର ସ୍ମୃତିକୁ ସେ ଭୁଲେଇ ପାରୁନଥାଏ। ପଶ୍ଚାତାପରେ ତା ହୃଦୟ ସବୁଦିନ କାନ୍ଦି ଉଠେ, ରାତି ରାତି ନିଦ ହୁଏନା। ହୁଏତ ତାର ବାପାଙ୍କ ମନଠାରୁ ତାକୁ ବେଶୀ କଷ୍ଟ ହେଉଥାଏ। ଆଉ ନଇକୂଳକୁ କେବେବି ଯିବନି ବୋଲି ଶପଥ ନିଏ ।

ଇତି ମଧ୍ୟରେ ରେଭେନ୍ସା କଲେଜରେ ନାମଲେଖାଇ ଛାତ୍ରାବାସରେ ରହି ପଢିବା ପାଇଁ ମାକୁ ବହୁତ ଅନୁରୋଧ କରେ ପ୍ରଶାନ୍ତ । ସାନପୁଅ ଗଲା ପରେ ଗୋଟିଏ ବୋଲି ପିଲା ପ୍ରଶାନ୍ତକୁ ଛାତ୍ରାବାସରେ ରଖି ପାଠ ପଢାଇବାକୁ ଇଚ୍ଛା ନଥାଏ ନରକାର ବାବୁଙ୍କର କମ୍ବା ତାଙ୍କ ସ୍ତ୍ରୀ ପାର୍ବତୀଙ୍କର କିନ୍ତୁ ପ୍ରଶାନ୍ତର ଭବିଷ୍ୟତ ପାଇଁ ସେମାନେ ବାଧ୍ୟ ହେଲେ । ଶେଷରେ ନରକାର ବାବୁ ପ୍ରଶାନ୍ତକୁ ନେଇ ଛାଡି ଆସିଲେ ରେଭେନ୍ସା କଲେଜ ଛାତ୍ରାବାସରେ ।

ନିଜର ଦାୟିତ୍ୱହିନତା ଯୋଗୁଁ ସାନଭାଇ ଆଉ ଏ ଦୁନିଆରେ ନାହିଁ, ଏକଥା ପ୍ରଶାନ୍ତକୁ ସବୁବେଳେ କଷ୍ଟଦେଉଥାଏ । ଆଗ ଭଳି ଖେଳକୁଦରେ ତାର ଆଉ ସ୍ପୃହା ନଥାଏ । ପାଠ ପଢାରେ ତାର ଆଗ ଭଳି ଧ୍ୟାନ ରୁହେନ । ପ୍ରଥମ ବର୍ଷ ପରୀକ୍ଷାରେ ତାର ଖରାପ ନମ୍ବର ରହେ ଆଉ ସେଥିପାଇଁ ନରକାର ବାବୁଙ୍କୁ କଲେଜ ପ୍ରିନ୍ସିପାଲ ଚିଠି ଲେଖନ୍ତି ପ୍ରଶାନ୍ତ ବିଷୟରେ ସବୁ କଥା ବୁଝିବା ପାଇଁ । ଏତେ ମେଧାବୀ ଛାତ୍ର ହେଇ ପ୍ରଶାନ୍ତ କାହିଁକି ପରୀକ୍ଷାରେ ଖରାପ କରୁଛି ସେକଥା ପ୍ରିନ୍ସପାଲଙ୍କୁ ଅଡୁଆ ଲାଗୁଥାଏ । ଇତିମଧ୍ୟରେ ତାର କିଛି ସାଙ୍ଗ ମାନଙ୍କୁ ପଚାରି ବୁଝିଲେ ପ୍ରିନ୍ସପାଲ, ହେଲେ ହଷ୍ଟେଲରେ କାହାକୁ କିଛି ଏ ବିଷୟରେ ଜଣେଇ ନଥାଏ ପ୍ରଶାନ୍ତ । କେବଳ ଏ କଥା ତାର ଜଣେ ଝିଅ ସାଙ୍ଗ ପ୍ରିୟା କୁ ଜଣା ଥାଏ । କ୍ଲାସରେ ବହୁତ ଚୁପ ଚାପ ରହୁଥିବାରୁ ପ୍ରିୟା ସବୁବେଳେ ପ୍ରଶାନ୍ତକୁ ତାର କାରଣ ପଚାରୁଥାଏ କିନ୍ତୁ କିଛି ଉତ୍ତର ପାଏନ । ଏମିତି ଥରେ ପ୍ରିୟା ତାର ସାନଭାଇ କଥା ହେଉ ହେଉ ପ୍ରଶାନ୍ତକୁ ତାର ପରିବାର ବିଷୟରେ ପଚାରିଦେଲା, ତାର ସାନଭାଇ ଏ ଦୁନିଆରେ ଆଉ ନାହିଁ ବୋଲି କହି ପ୍ରଶାନ୍ତ ମନଦୁଃଖରେ ଉଠି ଚାଲିଯାଏ । ସେବେଠୁ ପ୍ରିୟା ବହୁତ ଚେଷ୍ଟା କରି ପ୍ରଶାନ୍ତଠୁ ଦିନେ ଜାଣିବାକୁ ପାଏ କୁନାର ମୃତ୍ୟୁର କାରଣ ।

ଚିଠିପାଇ ନରକାର ବାବୁ ଯାଇ ପହଞ୍ଚିଲେ କଲେଜରେ ସପ୍ତାହପରେ । ସଂଯୋଗକୁ ସେଦିନ ପ୍ରିୟା ପ୍ରିନ୍ସପାଲଙ୍କ ସହ କୌଣସି ବିଷୟରେ କଥା ହେଉଥାଏ । ନରକାର ବାବୁ ଅନୁମତି ମାଗି ପ୍ରିନ୍ସପାଲଙ୍କ ରୁମ ଭିତରକୁ ପଶିଆସନ୍ତି, ପ୍ରିୟା ଓ ପ୍ରଶାନ୍ତ ଗୋଟିଏ ଶ୍ରେଣୀରେ ପଢୁଥିବାରୁ ପ୍ରିନ୍ସପାଲ ପ୍ରିୟାକୁ ପ୍ରଶାନ୍ତ ବିଷୟରେ ପଚାରି ବୁଝନ୍ତି। ନରକାରବାବୁ ଓ ପ୍ରିୟା ଠାରୁ ସବୁ ଶୁଣିଲା ପରେ ପ୍ରିନ୍ସପାଲଙ୍କୁ ଅସଲି କାରଣ ବୁଝାପଡିଲା। ନରକାର ବାବୁଙ୍କୁ ଏକଥାର ଟିକେ ବି ସୁରାଗ ନଥିଲା ଯେ ପ୍ରଶାନ୍ତ ଏତେ ବଦଳି ଯିବ

ବୋଲି ଆଉ ସାନଭାଇର ମୃତ୍ୟୁକୁ ନେଇ ପ୍ରଶାନ୍ତ ଏତେ ଗଭୀର ଆଘାତ ପାଇଥିବ । ପ୍ରଶାନ୍ତ ନିଜକୁ ଦୋଷୀ ମନେ କରୁଛି ବୋଲି ଜାଣିବାକୁ ପାଇଲା ନିରାକାର ବାବୁ ଏଥର ନିଶ୍ଚିତ ହେଇଯାଇଥିଲେ ଯେ ପ୍ରଶାନ୍ତ ଜୀବନରେ ପ୍ରଥମ ଥର ପାଇଁ ସତରେ ନିଜ ଭୁଲ ପାଇଁ ପଶ୍ଚାତାପ କରୁଛି ଆଉ ମନେ ମନେ ବହୁତ ଆଶ୍ୱସ୍ଥ ହେଲେ । ଘରକୁ ଫେରି ପାର୍ବତୀ ପାଖରେ ସବୁ ବଖାଣିଲେ, ମା'ର ଦରଦୀ ହୃଦୟରୁ ପୁଅ ପାଇଁ ସଂବେଦନା ଆଉ ଧାର ଧାର ଅଶ୍ରୁ ଗଡିଗଲା ନୟନରୁ । ପୁଅକୁ ଖୁସିରେ ରଖ ହେ ପ୍ରଭୁ କହି ଜଗନ୍ନାଥଙ୍କୁ ଡାକୁଥିଲେ ।

ଆଜି ପ୍ରଶାନ୍ତ ଏକ ସୁଧାର ପିଲାଟିଏ ଯିଏ ନିଜର ଭବିଷ୍ୟତ ପାଇଁ ଯତ୍ନବାନ ବୋଲି ନିରାକାର ବାବୁ ମନକୁ ବୁଝେଇ ଦେଇଛନ୍ତି ଆଉ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳକୁ ଅପେକ୍ଷାରତ .. ।

"ଏ" ବ୍ଲକ, ବିନାୟକ ନଗର, ବାଙ୍ଗାଲୋର

**ବେଦାନ୍ତୀର "ଉତ୍କଳ ଦିବସ" ବିଶେଷାଙ୍କ ଅପ୍ରେଲ ୧ ତାରିଖରେ ପ୍ରକାଶ ପାଇବ । ଏହି ବିଶେଷ ସଂଖ୍ୟା ପାଇଁ ଆପଣମାନଙ୍କୁ ଲେଖା ପଠାଇବା ପାଇଁ ଅନୁରୋଧ । ଲେଖା ପଠାଇବାର ଠିକଣା ହେଲା:**


**www.vedantimagazine@gmail.com**

# ଆସିବ ବୋଲି



ଦୟାନନ୍ଦ ଶବର

ତୁମେ ଆସିବ ବୋଲି ରମ୍ୟ ମହଲ
ଏଠି ଗଢ଼ି ଦେଇଛି ଆଜି ।
ଆସି ଯାଅ ପ୍ରିୟା ରାଗ ରୁସା ଛାଡ଼ି
ନିଜକୁ ବଧୂ ବେଶରେ ସାଜି । ।



କ୍ଷଣସ୍ଥାୟୀ ଏଇ ଜୀବନ ମଧ୍ୟରେ
ହସ ଓ ଆନନ୍ଦ କରିବା ।
ସ୍ନେହ ଓ ମମତା ସାଇତି ରଖି
ଦୁନିଆଁ କୁ ବାଣ୍ଟି ଦେବା । ।

ଆମ ପ୍ରେମ କାହାଣୀ ଇତିହାସ ହେବ
ଦୁନିଆଁ ଜାଣିବ ଭଲ ପାଇବାର ମାନେ ।
ହିର୍ ରାଂଝା, ଲେଲି ମଜନୁ ପରି
ଆମ ଯୋଡ଼ିକୁ ମନେ ପକେଇବେ ଦିନେ । ।

ତୁମେ ଆସିବ ଯଦି ମୋ କଥା ମାନି
ସବୁ ସପ୍ନ ମୋର ସତ ହେବ ।
ଜୀବନ ଯାପନ କରିବା ଆମେ ଦୁହେଁ
ମୋ ଭଲ ପାଇବା ସଫଳ ହେବ । ।

ନୂଆପଡା, ପଲସିପାଣି, ଓଡିଶା

# ଆମ ଏ ଜୀବନ



ପର୍ଶୁରାମ ଶଗରିଆ

ଆମ ଏ ଜୀବନ ଭବ ବନ୍ଧନରେ ବନ୍ଧା,
ନିତିଦିନ ହୁଏ ନିତି ମନଛନ୍ଦା ।
ଆମ ଏ ଜୀବନ କେତେ ଦେଖେ ସପନ,
କୃତକାର୍ଯ୍ୟ ହେବାପାଇଁ ମନ ହୁଏ ଉଚ୍ଛନ୍ନ ।
କେତେ ଯେ ବ୍ୟାଘାତ ହୃଦୟ ଭିତରେ,
କମ୍ପନ ହୁଏ ପ୍ରତି ମୁହୂର୍ତ୍ତରେ,
କେତେ ଆଶା ପୁଣି କେତେ ନିରାଶା,
ମେଣ୍ଟାଇବାକୁ ଥାଏ ଅନେକ ତୃଷା,
କେତେ ଯେ ଭାବନା କେତେ କଳ୍ପନା ମନ ରାଇଜରେ ଉଡୁଛି,
ସଫଳତା ପାଇଁ ଏଇ ମନ ମୋର ନିତି ସପନରେ ହଜୁଛି,
ଜୀବନର ମାନେ କେତେ ସୁଖ ଦୁଃଖ କେତେ ହିଂସା ଅହଙ୍କାର,
ହିଂସା ଅହଂକାର ଦୂର କରି ଦେଇ ସତ୍ୟପଥେ ହୁଅ ଅଗ୍ରସର ।
କର୍ମ ହିଁ ଜୀବନର ଆବଶ୍ୟକତା, କର୍ମରେ ଜୀବନ ଛନ୍ଦା,
ଏ ଜୀବନ ଭବ ବନ୍ଧନରେ ବନ୍ଧା, ନିତି ମନ ହୁଏ ଛନ୍ଦା ।

ଗ୍ରାମ- କ୍ରିଷ୍ଣା, ଖଡିକାରପଡା

ବେଦାନ୍ତୀ ଇ- ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ- ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# ବିଲ୍ୱବୃକ୍ଷର ଜନ୍ମ



ରାଜଲକ୍ଷ୍ମୀ ସାହୁ

ଦିନକର କଥା । ବୈକୁଣ୍ଠପୁରରେ ଲକ୍ଷ୍ମୀନାରାୟଣ ବସି ଆନନ୍ଦରେ କଥା ହେଉଥିଲେ । ମା ଲକ୍ଷ୍ମୀ ନାରାୟଣଙ୍କ କୋଳରେ ବସି ଦରହାସୀ ମୁଖରେ ନାରାୟଣଙ୍କୁ ପ୍ରଶ୍ନ କଲେ - ପ୍ରଭୁ କପଟ ନକରି ପ୍ରଶ୍ନର ଉତ୍ତର ଦେବେ । ଏହା ଶୁଣି ନାରାୟଣ ହସିହସି କହିଲେ, ତୁମେ ମୋର ପ୍ରଣପ୍ରିୟା ଅର୍ଦ୍ଧାଙ୍ଗିନୀ । ତୁମଠାରେ କପଟ କଣ ? ଏହା ଶୁଣି ମା ଲକ୍ଷ୍ମୀ ହାତଯୋଡି ପ୍ରଭୁଙ୍କୁ ପ୍ରଣାମ କଲେ ଆଉ ପ୍ରଶ୍ନ କଲେ - ହେ ପ୍ରଭୁ ଦୟାକରି ମୋତେ କୁହନ୍ତୁ ମୋଠାରୁ ତୁମର ଆଉ କଏ ପ୍ରିୟ ଅଟେ ?

ଲକ୍ଷ୍ମୀଙ୍କର କଥାଶୁଣି ନାରାୟଣ କହିଲେ, ହେ ମହାଲକ୍ଷ୍ମୀ ଏ ସଂସାରରେ ଭକ୍ତମାନେ ମୋର ସବୁଠାରୁ ପ୍ରିୟ । ତାଙ୍କ ପାଇଁ ମୁଁ ମୋର ପ୍ରାଣ ଦେଇ ପାରିବି । ମୋର ସବୁଠାରୁ ବଡ଼ ଭକ୍ତ ହେଉଛନ୍ତି ମହାଯୋଗୀ ଶିବ । ଭକ୍ତିରେ ଯିଏ ଶିବଙ୍କୁ ପୂଜା କରନ୍ତି , ସେ ମଧ୍ୟ ମୋର ପ୍ରିୟ ଅଟନ୍ତି । ଏ ସଂସାରରେ ଯିଏ ଶିବଙ୍କ ପୂଜା ନ କରେ ସେ ଯେତେ ତପ କଲେ ମଧ୍ୟ ମୋର ପ୍ରିୟ ଭାଜନ ହୋଇ ପାରେନା । ଭକ୍ତିରେ ଶିବଙ୍କୁ ଯେଉଁ ପ୍ରାଣୀ ପୂଜା କରେ ସେ ମହାପୂଣ୍ୟବନ୍ତ ଅଟେ । ଶେଷ ସମୟରେ ସେ ବୈକୁଣ୍ଠ ପୁରକୁ ଯାଏ ।

ଏହା ଶୁଣି ମହାଲକ୍ଷ୍ମୀ ଅତ୍ୟନ୍ତ ମର୍ମାହତ ହେଲେ। ନାରାୟଣଙ୍କୁ କହିଲେ, ହେ ନାଥ ମୋର ଜୀବନ ଧିକ୍ । ମୁଁ ହତଭାଗିନୀ, ଏ ପ୍ରାଣ ନ ଯାଇ କାହିଁକି ବଞ୍ଚିରହିଛି । ଯାହା ପାଇଁ ତୁମର ଏତେ ଆନନ୍ଦ, ଯିଏ ତୁମର ଅତିପ୍ରିୟ, ବିଧାତା ମୋତେ ସେଥିରୁ କାହିଁକି ବଞ୍ଚିତ କରିଛି । ଲକ୍ଷ୍ମୀଙ୍କ ର ମନକଥା ଜାଣିପାରି ନାରାୟଣ କହିଲେ ହେ ପ୍ରିୟେ ମୁଁ ଯାହା କହୁଛି ମନଦେଇ ଶୁଣ । ଯିଏ ଶିବ ସିଏ ନାରାୟଣ, ତୁମେ ସର୍ବଦା ମୋର ପୂଜା କରୁଛ । ମୋତେ ପୂଜା କରିବା ଦ୍ୱାରା ତୁମର ଶିବ ପୂଜା ପୂର୍ଣ୍ଣ ହେଉଛି। ଯଦି ଶିବ ପୂଜା କରିବା ପାଇଁ ମନ

ବଳଛି ତେବେ ଆମ କଥା ମନ ଦେଇ ଶୁଣ, ଆଜିଠାରୁ ସଂଙ୍କଳ୍ପ କରି ତିନଶତ ପଦ୍ମପୁଷ୍ପ ଦେଇ ଶିବଙ୍କ ପୂଜା କର। ସ୍ୱାମୀଙ୍କ ମୁଖରୁ ଏହା ଶୁଣି ମହାଲକ୍ଷ୍ମୀ ଶିବଙ୍କୁ ଭକ୍ତିରେ ପୂଜା କଲେ। ପ୍ରତିଦିନ ଗଣିଗଣି ଏକ ଶତ ପଦ୍ମପୁଷ୍ପ ପୂଜା ଶେଷରେ ଶିବଙ୍କ ମୁଣ୍ଡରେ ଚଢ଼ାଇଲେ। ଯେଉଁ ଦିନ ଶେଷ ପୂଜା ସେଦିନ ଲକ୍ଷ୍ମୀ ପ୍ରଭାତରୁ ଆନନ୍ଦ ମନରେ ପଦ୍ମପୁଷ୍ପ ତୋଳବା ପାଇଁ ଗଲେ। ଗଣିଗଣି ଶହେ ପଦ୍ମପୁଷ୍ପ ତୋଳନେଇ ଆସିଲେ। ପୂଜାର ବିଧାନ ସବୁ ସଙ୍ଗରେ ଧରି ଶିବଙ୍କ ମନ୍ଦିରରେ ପହଞ୍ଚିଲେ ଏବଂ ଆନନ୍ଦରେ ଶିବଙ୍କୁ ଧ୍ୟାନରେ କଲେ।

ଲକ୍ଷ୍ମୀ ଧ୍ୟାନରେ ବସିବା ଜାଣିପାରି ତାଙ୍କୁ ପରୀକ୍ଷା କରିବା ପାଇଁ ଶିବ ଆସି ସେଠାରେ ପହଞ୍ଚିଲେ। ଲକ୍ଷ୍ମୀଙ୍କର ଅଜାଣତରେ ଦୁଇ ଗୋଟି ପଦ୍ମପୁଷ୍ପ ଗ୍ରେହ୍ୱଇ ନେଲେ। ଲକ୍ଷ୍ମୀ ଧ୍ୟାନ ଭାଙ୍ଗି ପୂଜା ଆରମ୍ଭ କଲେ। ପୂଜା ଶେଷରେ ମନ୍ତ୍ର ପଢି ଗଣିଗଣି ଶିବଙ୍କ ମୁଣ୍ଡରେ ଫୁଲ ଚଢ଼ାଇଲେ। ଶେଷ ବେଳକୁ ଦେଖିଲେ ଦୁଇ ଗୋଟି ପଦ୍ମପୁଷ୍ପ ନାହିଁ। ଏହା ଦେଖି ଲକ୍ଷ୍ମୀଙ୍କର ବୁଦ୍ଧି ବଣା ହୋଇଗଲା। ମନେମନେ ଚନ୍ତା କଲେ ଏକାଗ୍ର ଚତ୍ତରେ ତିନ ଥର ଗଣିଗଣି ଫୁଲ ଆଣିଥିଲି, ଏଠାରେ ଦାସୀ ପରିବରୀ କେହି ନାହାନ୍ତି? ଦୁଇଟି ଫୁଲ ଗଲା କୁଆଡ଼େ ? ମନେମନେ ଭାବିଲେ ପୂଜାରୁ ଉଠିଗଲେ କର୍ମ ଭଙ୍ଗ ହେବ, ପୂଜାରେ ବିଘ୍ନ ଘଟିବ। ବର୍ତ୍ତମାନ କ'ଣ କରିବି, କଏ ମୋତେ ଦୁଇଟି ଫୁଲ ଆଣିଦେବ ? ମନଦୁଃଖରେ ଲକ୍ଷ୍ମୀ ବସିରହିଲେ। କଛି କ୍ଷଣ ପରେ ନାରାୟଣ କହିଥିବା କଥା ତାଙ୍କ ମନେ ପଡ଼ିଲା। ନାରାୟଣ ତାଙ୍କୁ କହିଥିଲେ ଯେ - "ଲକ୍ଷ୍ମୀ ତୁମ ଶରୀର ସରୋବର ହେଲେ ତୁମ ଦୁଇ ସ୍ତନ ପଦ୍ମକଢି ଅଟେ। ଏହା ସତ୍ୟ ଅଟେ, ମୋର ବଚନ କେବେ ମିଥ୍ୟା ନୁହେଁ।"

ଲକ୍ଷ୍ମୀ ମନେମନେ ସ୍ଥିର କଲେ ଯେ ନଜର ସ୍ତନ ଦୁଇଟି କାଟି ଶିବଙ୍କୁ ପୂଜା କରିବି, ମୋର ମନସ୍କାମନା ପୂରଣ ହେବ। ଆଉ କାଳ ବିଳମ୍ବ ନ କରି ଲକ୍ଷ୍ମୀ ହାତରେ ଛୁରୀ ଧରି ନଜର ସ୍ତନ କଟିବାକୁ ବାହାରିଲେ। ଏହା ଦେଖି ଦୁଇ ସ୍ତନ ଲକ୍ଷ୍ମୀଙ୍କୁ କହିଲେ - ହେ ମାତ ଆମେ ଅତ୍ୟନ୍ତ ଭାଗ୍ୟବାନ। ପୂଣ୍ୟ ବଳରେ ତୁମ ଶ୍ରୀଅଙ୍ଗରେ ସ୍ଥାନ ପାଇଥିଲୁ, ଏବେ ଯାଇ ଶିବଙ୍କ ମୁଣ୍ଡରେ ରହିବୁ। ଯାହାଙ୍କ ମୁଣ୍ଡରେ ପବିତ୍ର ଗଙ୍ଗା ଓ ଚନ୍ଦ୍ର ସ୍ଥାନ ପାଇଛନ୍ତି ଆମେ ଯାଇ ସେଠାରେ ନବାସ କରିବୁ। ଆମଠାରୁ ଭାଗ୍ୟବାନ ଆଉ କଏ ହେଇପାରେ? କାଳ ବିଳମ୍ବ

ନ କରି ଛୁରୀ ଧରି ଲକ୍ଷ୍ମୀ ନିଜର ବାମ ସ୍ତନକୁ କାଟି ଶିବଙ୍କୁ ପୂଜା କଲେ। ଏହାପରେ ଦକ୍ଷିଣ ସ୍ତନ କାଟିବାକୁ ଯିବା ସମୟରେ ଶିବ ଆସି ସେଠାରେ ଉଭା ହେଲେ, କହିଲେ - ଲକ୍ଷ୍ମୀ ତୁମ ପୂଜାରେ ମୁଁ ସନ୍ତୁଷ୍ଟ ହେଲି କହି ଲକ୍ଷ୍ମୀଙ୍କ ହାତରୁ ଛୁରୀ ଛଡାଇ ନେଲେ। ଶିବଙ୍କୁ ଦେଖି ଲକ୍ଷ୍ମୀ ହାତଯୋଡ଼ି ଭକ୍ତିରେ ସ୍ତୁତି କଲେ। ତାଙ୍କର ସ୍ତୁତି ଶୁଣି ଶିବ କହିଲେ ହେ ଲୋକମାତ କମଳନୀ ତୁମ ପୂଜାରେ ମୁଁ ସନ୍ତୁଷ୍ଟ ହେଲି। ପ୍ରସନ୍ନ ଚିତ୍ତରେ ତୁମକୁ ବରଦାନ ଦେଉଛି, ଛପନକୋଟି ଜୀବଙ୍କୁ ତୁମେ ଅନ୍ନ ଯୋଗାଇବ। ସବୁ ପ୍ରାଣୀମାନଙ୍କର ମାତା ବୋଲାଇବ, ସମସ୍ତେ ତୁମର ପୂଜା କରିବେ। ତୁମକୁ ଯିଏ ଉପେକ୍ଷା କରିବ ତାକୁ ଅନ୍ନ ବସ୍ତ୍ର ମିଳିବ ନାହିଁ। ଭକ୍ତିରେ ଯେଉଁ ପୂଜା କଲ ଏ କୀର୍ତ୍ତି ତୁମର ଯୁଗଯୁଗକୁ ରହିବ। ଯେଉଁ ସ୍ତନ କାଟି ମୋତେ ସମର୍ପଣ କଲ ତାହାରି ଅଂଶରେ ବେଲ ବୃକ୍ଷ ଉତ୍ପନ୍ନ ହେଉ। ବେଲ ପତ୍ର ଦେଇ ମୋତେ ଯିଏ ପୂଜା କରିବ ତାର ମନବାଞ୍ଛା ପୂର୍ଣ୍ଣ ହେବ। ବେଲପତ୍ରରେ ଯେତିକି ପୂଣ୍ୟ ମିଳିବ ସୁନାର ପଦ୍ମ କମ୍ବା ଚମ୍ପାଫୁଲରେ ପୂଜିଲେ ସେତିକି ପୂଣ୍ୟ ମିଳିବ ନାହିଁ। ବେଲପତ୍ର ସହିତ ଚନ୍ଦନ ମିଶାଇ ପୂଜା କଲେ ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହେବ। ଯେଉଁ ସ୍ତନଟି କାଟି ମୋ ଶିରରେ ତୁମେ ଅର୍ପଣ କରିଥିଲ ତାହା ପୂର୍ବ ପ୍ରକାର ହେଇଯାଉ। ଏହି ବର ଦେଇ ଶିବ ଅନ୍ତର୍ଦ୍ଧାନ ହୋଇଗଲେ।

ଶିବଙ୍କର ଅନ୍ତର୍ଦ୍ଧାନ ହେବା ସଙ୍ଗେ ସଙ୍ଗେ ସେଠାରେ ଏକ ବେଲଗଛ ସୃଷ୍ଟି ହେଲା। ଗଛଟି ଅତି ସୁନ୍ଦର ଦେଖାଗଲା। ବୃକ୍ଷଟିକୁ ଦେଖିବାଲାଗି ସେଠାରେ ସବୁ ଦେବତା ଆସି ପହଞ୍ଚିଲେ ଓ ବୃକ୍ଷଟିର ତ୍ରିଶାଖା ପତ୍ର ଦେଖି ଆନନ୍ଦିତ ହେଲେ। ବୃକ୍ଷଟିକୁ ଦେଖି ଭଗବାନ ଶ୍ରୀହରି ବୃକ୍ଷଟିର ଅନେକ ନାମ ଦେଲେ, ଯଥା - ମାଲୁର, ବିଲ୍ୱ, ଶାଣ୍ଡିଲ୍ୟ, ଶୈଳୁଷ, ଧୂମ୍ରାକ୍ଷ, କୋମଳଛେଦ, ବିଷ୍ଣୁଦେବଦାସ, ତୀର୍ଥପଦ, ଶ୍ରାଦ୍ଧଦେବ, ଶିବପ୍ରିୟ, ଶୁକ୍ଳବର୍ଣ୍ଣ, ପାପାଘ୍ନ ଇତ୍ୟାଦି ନାମ ଦେଲେ। ଏହି ବୃକ୍ଷର ତିନି ଶାଖାକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି କୁହାଗଲା। ସେହିଦିନଠାରୁ ବେଲବୃକ୍ଷ ପୃଥିବୀରେ ଯୁଗଯୁଗକୁ ରହିଆସିଛି।

ଅତିଥି ଅଧାପିକା, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ



ହିମାଂଶୁ ଭୂଷଣ ଜେନା

# ନୂତନ ବିଶ୍ୱ ଗଢିବା

ମହକରେ ଭରା ପରା ଏହି  ଧରା
ମହକ ବିତରି ଯିବା
ଭଲ କାମ କରି ଜନହିତ ଲାଗି
ଜୀବନ ସମର୍ପି ଦେବା ।
ମହତ ଆଶ୍ରୟ ଲଭିଲେ ସଭିଏଁ
ସୁଖ ସମ୍ମାନ ବର୍ଷେ
କୁସଙ୍ଗ କୁନୀତି ପଶାପାଲରେ ପଡିଲେ
ଅକାଳ ବାର୍ଦ୍ଧକ୍ୟ ଗ୍ରାସେ ।
ପ୍ରଜ୍ଞା ବଳରେ ବଳୀୟାନ ହୋଇ
ମଣିଷ ଜିଣିଛି ବସୁନ୍ଧରା
ସ୍ୱର୍ଗକୁ ନଶୁଣି ବାନ୍ଧିଛି ଆଜି
ଛିଞ୍ଚି ବିଜୟର ବାରିଧାରା ।

ମଣିଷପଣିଆ ଆମ ପରିଚୟ
ଆସ ମଣିଷ ହୋଇ ବଞ୍ଚିବା
ଜାଗ୍ରତ କରି ଚେତନା ଆମର
ସୃଷ୍ଟିର ରହସ୍ୟ ଖୋଜିବା ।
ଅହିଂସା ପ୍ରେମର ବାରତା ବାଣ୍ଟି
ବିଶ୍ୱଶାନ୍ତି ପାଇଁ ଲଢିବା
ମାନବଧର୍ମର ସ୍ୱର ଝଙ୍କାରରେ
ନୂତନ ବିଶ୍ୱ ଗଢିବା ।

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ନଆଳ,  ଯାଜପୁର



# ସକାଳ



ଅଶୋକ କୁମାର ସେଠୀ

ସକାଳ ଆରମ୍ଭର ଅନ୍ୟ ଏକ ସଂଭ୍ବନା,
ସକାଳ ଅସରନ୍ତି ମୁହୂର୍ତ୍ତର, ମୁହୂର୍ତ୍ତେ ।
ସକାଳ ଆଶା ର ଆର ପାଖେ
ଆଉଥରେ ଫେରିବାର ବେଳ,
ସକାଳ ଦୂର, ଧିର ଦିଗନ୍ତ ଦେଖା ଗୃହାଁ।
କେବେ ଏ କୂଳ ସେ କୂଳ ।
ସକାଳ ତୀବ୍ର କୋଳାହଳ ଅନ୍ତରାଳେ
ଶାନ୍ତ କାନ୍ତ ଚଉଦିଗ ଶିଥିଳ, ଶିତଳ ।
ସକାଳ ଘନ ଅନ୍ଧକାର ଅବଧି ର ଅଧରେ ଅଧୁଲ୍‌ଏ
ଆଲୋକ ଉଜ୍ଜ୍ୱଳ ।
ସକାଳ ଗୁଂଜରିତ ପକ୍ଷିରବେ
ମୁଖରିତ ମଧୁର ମହ୍ଲାର ,
ସକାଳ ମୃଦୁ ମୃଦୁ ମଳୟ ର
ମହନୀୟ ସ୍ପର୍ଶ,
ସ୍ୱର୍ଗ ବା କେତେ ଦୂର..!



ସକାଳ ଟିପି ଟିପି କାକର ମୋତିଟେ,

ମତୁଆଲି ଦୂବ କାନେ ଝୁଲେ,

ସକାଳ ଦୂର୍ବାର ସେ କମନୀୟ ପରଶେ,

ସେଫାଳୀ ମୁଁ ଲୋଟୁଥାଏ ତଳେ ।

ସକାଳ ସକଳ ପତିଆଗ୍ସ ସଜବାଜ ଏଡ଼ାଇବାକୁ ପ୍ରତିକୂଳ ;

ବିଶ୍ୱାସ ମୋ ଆଢୁଆଳ ।

ସକାଳ ଲେଉଟାଣି ଲଲାଟରେ ଲଟକଛି ଲୋତକ କ ଲୋଭର

ଅନ୍ତଡିଶାଳ..!!

କଲ୍ୟାଣପୁର, ନୟାଗଡ଼

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ । ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଭୃଗୁ ସଂହିତାର ବାସ୍ତବିକତା



ବାଲ୍ମୀକ ନାୟକ

ଗତ ୨୦୧୧ ମସିହା ଅକ୍ଟୋବର ଏଗାର ତାରିଖ ଦିନ ପ୍ରାୟ ତିନଟା ସମୟରେ "ସୁବାର୍ତ୍ତା"ର ସ୍ତମ୍ଭକାର ଶ୍ରୀଯୁକ୍ତ ପ୍ରଭାତ କୁମାର ଦାସଙ୍କଠାରୁ ଗୋଟିଏ ଏସ୍ ଏମ୍ ଏସ୍ ପାଇଲି । "ସୁବାର୍ତ୍ତା" ପରିବାରପାଇଁ ଦୁଃଖଦ ସମାଚ୍ଚାର "ଗୋଲୋକ ବିହାରୀ ବିଶୋଇ ଆଉ ନାହାନ୍ତି ।" ମୁଁ ଗୋଲୋକ ବାବୁଙ୍କ ବିଷୟରେ କିଛି ଜାଣେ ନାହିଁ କମ୍ବା ତାଙ୍କ ସହ ପରିଚୟ ହୋଇନାହିଁ । ତେଣୁ ହୁଏତ ଖବରଟି ମୋ ପାଇଁ ଏକ ସାଧାରଣ ଘଟଣା ହୋଇଥା'ନ୍ତା । ପ୍ରତିଦିନ ଖବରକାଗଜ ଓ ଟିଭିରେ ପଢୁଥିବା, ଦେଖୁଥିବା ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଖବର ଭଳି ଭୁଲିଯାଇଥା'ନ୍ତି । କିନ୍ତୁ ଗୋଲୋକ ବିହାରୀ ବିଶୋଇ ନାମଟି ପଢିବା ପରେ ବିଜୁଳି ଭଳି ମୋ ସ୍ମୃତିପଟଳରେ ଚମକି ଉଠିଲା ଗୋଟିଏ ଚଷମା ଲଗା ବୟସ୍କ ବ୍ୟକ୍ତିଙ୍କ ଚେହେରା । କାରଣ ଗତ "ବୁବାର୍ତ୍ତା" (୧୨ ଅଙ୍କ) ର ୧୪ ପୃଷ୍ଠାରେ ଗୋଲୋକ ବାବୁଙ୍କର ଗୋଟିଏ ଲେଖା "ଏତିକି ନିବେଦନ" ପଢିଛି । ଉକ୍ତ ଲେଖାଟି ପଢିବାପରେ ମୁଁ ଗୋଟିଏ ପାଠକୀୟ ଅଭିମତ ଲେଖି ପଠାଇବାପାଇଁ ବିଚ୍ଚାର କରିଥିଲି । ପତ୍ରିକା ପାଇବାର ମାତ୍ର ଚ୍ଚାରିଦିନ ପରେ ଏହି ଦୁଃଖଦ ଖବରଟି ପାଇଁ ସବୁ ଯେମିତି ଗୋଳମାଳ ହୋଇଗଲା । ଅଭିମତ ଆଉ ଲେଖିବି କାହାପାଇଁ? ଯାହାଙ୍କୁ ମାନସିକ ସାନ୍ତ୍ୱନା ଦେବାପାଇଁ କିଛି ହେତୁବାଦୀ ବିଚ୍ଚାର ପଠାଇବାକୁ ଚ୍ଚାହୁଁଥିଲି ସେ ତା' ପୂର୍ବରୁ ହିଁ ମାନସିକ ଭାରସାମ୍ୟ ହରାଇ ଏଇ ଦୁନିଆରୁ ଦୂରେଇଗଲେ । ବର୍ତ୍ତମାନ ତାଙ୍କର ଶୋକ ସନ୍ତପ୍ତ ପରିବାର ଲୋକମାନଙ୍କୁ ଆମର ହାର୍ଦ୍ଦିକ ସମବେଦନା ଜଣାଇବା ଛଡା ଆଉ କିଛି କରିବାର ଉପାୟ ନାହିଁ । ଦୁଃଖରେ ମଥା ନଇଁଗଲା ।

ଏତିକରେ ମୁଁ ଲେଖାଟି ଶେଷ କରିଦେବାକୁ ଗ୍ରହୁଁନ, କାରଣ ସ୍ୱର୍ଗତ ଗୋଲୋକ ବାବୁଙ୍କ ଆଲେଖ୍ୟରେ ଥିବା ଭୃଗୁ ସଂହିତାର ରୋଚକ ତଥ୍ୟ ଉପରେ ସାମାନ୍ୟ ଆଲୋଚନା କରି "ସୁବାର୍ତ୍ତା" ର ବିଜ୍ଞ ପାଠକମାନଙ୍କ ମତାମତକୁ ଅପେକ୍ଷା କରିବି । ଭୃଗୁ ସଂହିତାଟି କଭଳ ଗ୍ରନ୍ଥ? ସେ ବିଷୟରେ ମୁଁ ଗୋଟିଏ ହିନ୍ଦୀ ପତ୍ରିକା "ବିଜ୍ଞାନ ଜ୍ୟୋତି"ରେ ମେଘରାଜ ମିତ୍ରଙ୍କ ଲିଖିତ ଏକ ଆଲେଖ୍ୟ ପଢିଥିଲି । ହେତୁବାଦୀ ମେଘରାଜ ମିତ୍ର ହରିୟାନା ପ୍ରଦେଶରେ ଥିବା ତର୍କଶୀଳ ସୋସାଇଟିର ଜଣେ ବଳଷ୍ଠ ତଥା ସକ୍ରିୟ ସଦସ୍ୟ । ସେ ବିଭିନ୍ନ ସମୟରେ ଠକ, ତାନ୍ତ୍ରିକ ଓ ଜ୍ୟୋତିଷମାନଙ୍କ ପାଖକୁ ଯାଇ ସେମାନଙ୍କ ଶଠତା ଓ ଭଣ୍ଡାମି ଉପରୁ ପରଦା ଉଠାଇ ସେମାନଙ୍କୁ ମିଥ୍ୟା ପ୍ରମାଣିତ କରିଛନ୍ତି ।

ମେଘରାଜ ମିତ୍ର ଲେଖିଛନ୍ତି, ତର୍କଶୀଳ ସୋସାଇଟି ଗଠନର ପ୍ରାରମ୍ଭିକ ସମୟରେ ହିଁ ଆମକୁ ଖବର ମିଳଲ୍ ଯେ, ହୋଶିୟାରପୁର ସହରରେ କଛି ଜ୍ୟୋତିଷଙ୍କ ପାଖରେ "ଭୃଗୁ ଗ୍ରନ୍ଥ" ନାମକ ରେକର୍ଡ ଅଛି । କୁହାଯାଏ ଯେ, ଏହି ଗ୍ରନ୍ଥରେ ସୃଷ୍ଟି ଆରମ୍ଭରୁ ଆଜିଯାଏଁ ଏହି ଦୁନଆର ସମସ୍ତ ବ୍ୟକ୍ତିଙ୍କ ଜୀବନ ବୃତ୍ତାନ୍ତ ଲିପିବଦ୍ଧ ହୋଇଥାଏ । ଯଦି ଏହା ସତ ତେବେ ଆମେ ଅନୁମାନ କରି ହିସାବ କଲୁ ଯେ, ବର୍ତ୍ତମାନ ଦୁନଆର ମୋଟ ଜନସଂଖ୍ୟା ପ୍ରାୟ ୭୦୦ କୋଟି ହେବ । ଯଦି ପ୍ରତି ବ୍ୟକ୍ତିଙ୍କ ଜୀବନ ବୃତ୍ତାନ୍ତ ଲେଖିବାପାଇଁ ମାତ୍ର ଦଶଗ୍ରାମ ଓଜନର ଭୋଜପତ୍ର ବ୍ୟବହାର ହୋଇଥିବ, ତେବେ ଏକ ଅରବ ବ୍ୟକ୍ତିଙ୍କ ପାଇଁ ଅତି କମ୍ ରେ ୭୦ ହଜାର ଟନ୍ ଓଜନର ଭୋଜପତ୍ର ବ୍ୟବହାର ହୋଇଥିବ । ଏତେ ଓଜନର ଭୋଜପତ୍ର ଗ୍ରନ୍ଥକୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତରିତ କରିବାପାଇଁ ଅନ୍ତତଃ ୭୦ ହଜାର ଟ୍ରକ ଆବଶ୍ୟକ । ସେହିଭଳ ବିଗତ କାଳର ମୃତ ଜନସଂଖ୍ୟା ପାଇଁ ଥିବା ଭୋଜପତ୍ର ପାଇଁ ଦଶ, କୋଡିଏ ହଜାର ଟ୍ରକ ଆବଶ୍ୟକ । କଥାଟା ଯଦିଓ ଆମକୁ ଅସମ୍ଭବ ଲାଗୁଛି ତଥାପି ଅସଲ ସତ୍ୟ କଅଣ ଜାଣିବାପାଇଁ ଆମେ ହୋଶିୟାରପୁରରେ ରହୁଥିବା କଛି ତର୍କଶୀଳ ସଦସ୍ୟଙ୍କୁ ଏହି କାମର ଦାୟିତ୍ୱ ଦେଲୁ । କଛି ଦିନ ପରେ ଉକ୍ତ ସଦସ୍ୟମାନଙ୍କ ଅନୁସନ୍ଧାନମୂଳକ ତଥ୍ୟ ପାଇଲୁ । ସେମାନେ କହିଲେ – ଏହା ଏକ ସୁପରିଚାଳିତ ଠକାମୀ ଧନ୍ଦା ।

ଠକବା କାର୍ଯ୍ୟ କପରି ହୁଏ?

ଜ୍ୟୋତିଷ ନଜର ଏକ ପ୍ରଶିକ୍ଷିତ ଏଜେଣ୍ଟକୁ ନଜ କୋଠରି ପଖରେ ଥିବା ଅନ୍ୟ ଏକ କୋଠରିରେ ବସେଇଥାଏ, ଯେପରି କ ସେ ଏହି କୋଠରିର ସମସ୍ତ ବାର୍ତ୍ତାଳାପ ଭଲଭାବରେ ଶୁଣିପାରିବ । ଗ୍ରାହକ ସହିତ ଜ୍ୟୋତିଷ କଥାବାର୍ତ୍ତା କରି ତା ଜୀବନର ଅନେକ ତଥ୍ୟ ସଂଗ୍ରହ କରୁଥିବା ସମୟରେ ଅନ୍ୟ କୋଠରିରେ ଲୁଚ ବସିଥିବା ଏଜେଣ୍ଟ ପୂର୍ବରୁ ସଂଗୃହୀତ ପୁରୁଣା ଭୋଜପତ୍ରରେ ତାହା ଲିପିବଦ୍ଧ କରିଥାଏ । ସେହି ଭୋଜପତ୍ରକୁ କୌଣସି ଏକ ପୁରୁଣା ବସ୍ତାନରେ ଥିବା ପୁରୁଣା ଭୋଜପତ୍ର ସହିତ ମିଶାଇ ରଖି ଦିଆଯାଏ । କଛି ସମୟପରେ ଜ୍ୟୋତିଷ ଭୋଜପତ୍ର ଥିବା ବସ୍ତାନଗୁଡିକ ମଗାଇ ଗ୍ରାହକ ଆଗରେ ଗ୍ରାହକର ଭୋଜପତ୍ର ଖୋଜିବାକୁ ଚେଷ୍ଟା କରିଥାଏ । କଛି ସମୟ ପରିଶ୍ରମ ପରେ ଗ୍ରାହକର ଭୋଜପତ୍ରଟି ଜ୍ୟୋତିଷ ଗୃରି, ପାଞ୍ଚଟି ବସ୍ତାନ ଖୋଜି ପଇବାରେ ସଫଳ ହୁଏ । ଗ୍ରାହକ ବିଷୟରେ ଲେଖାଥିବା ଅତିସାଧାରଣ କଥାଗୁଡିକରେ ଜ୍ୟୋତିଷିଆ ଭାଷା ମିଶାଇ ପଢି ଶୁଣାଇ ଦିଆଯାଏ । ଗ୍ରାହକ ବିଚରା ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଏ । ଜ୍ୟୋତିଷ ଦ୍ୱାରା ପ୍ରଭାବିତ ହୋଇଯାଇଥିବା ଗ୍ରାହକ ଅଣ୍ଟାରୁ ଟଙ୍କା ଖସେଇବା ଅତି ସହଜ ହୋଇପଡିଥାଏ । ହୋଶିୟାରପୁରରେ ରହୁଥିବା ଅନେକ ଜ୍ୟୋତିଷ ଏହି ପ୍ରକାର ଗ୍ରାହକମାନଙ୍କୁ ଠକେଇ କରି କୋଟିକୋଟି ଟଙ୍କା ରୋଜଗାର କରିପାରିଛନ୍ତି । ଆଜି ବି କେତେକ ଜାଗାରେ ଏହି ଭୃଗୁ ଗ୍ରନ୍ଥବାଲା ଜ୍ୟୋତିଷ ନଜର ଧନ୍ଦା ଖୋଲାଖୋଲି ଭାବେ ଗ୍ଲାଲୁରଖିଛନ୍ତି । ଭାରତ ସରକାର ଓ ପଞ୍ଜାବ ସରକାର ଶହେ, ଦୁଇଶହ ଟଙ୍କାର ଠକେଇ କରିଥିବା ଲୋକକୁ ଗିରଫ କରିବାପାଇଁ କେତେ ନା କେତେ ସମୟ ଓ ଶକ୍ତି ବ୍ୟୟ କରୁଛନ୍ତି, କନ୍ତୁ ଏହିଭଳ ଦିନ ଆଲୁଅରେ ଲୋକମାନଙ୍କୁ ଠକେଇ କରି ହଜାର ହଜାର ଟଙ୍କା ଲୁଟି ନେଉଥିବା ଭଣ୍ଡମାନଙ୍କ ବିରୋଧରେ କେହି କଛି କରନ୍ତି ନାହିଁ । କାରଣ ସରକାରଙ୍କ ଛତ୍ରଛାୟା ତଳେ ଏଇମାନେ ସୁରକ୍ଷିତ ବେପାର ଚଳାଉଛନ୍ତି । ତର୍କଶୀଳ ଶୋସାଇଟି ଗତ ପଚଶ ବର୍ଷ ହେଲା ଏହାର ବିରୋଧ କରି ସରକାରଙ୍କୁ ଉଚତ ପଦକ୍ଷେପ ନେବାପାଇଁ ଦାବି କରୁଆସୁଛି କନ୍ତୁ ଆଜିଯାଏଁ କଛି ହେଉନାହିଁ ।

ଏହା ଥିଲା "ଭୃଗୁଗ୍ରନ୍ଥ" ନାମରେ ଠକେଇ କାରବାର ଚାଲିଥିବା ଏକ ଖବର। ବର୍ତ୍ତମାନ ଆମେ ଜାଣିବାକୁ ଚାହୁଁଛୁ– ଅସଲ ଭୃଗୁ ଗ୍ରନ୍ଥଟି କଅଣ? ଏହି ଗ୍ରନ୍ଥଟି କେତେ ବଡ? ଏହି ଗ୍ରନ୍ଥଟି କେଉଁ ଭାଷାରେ ଲିଖିତ? (ସମ୍ଭବତଃ ସଂସ୍କୃତ ଭାଷାରେ ଲେଖାଥିବ), ଏହି ଗ୍ରନ୍ଥଟି କେଉଁ ସୂତ୍ର ପ୍ରୟୋଗ କରି ପ୍ରତ୍ୟେକ ବ୍ୟକ୍ତିର ଜୀବନ ବୃତ୍ତାନ୍ତ ଗଣନା କରାଯାଇ ଲେଖାଯାଇଛି? ସମସ୍ତ ପ୍ରଶ୍ନର ଉତ୍ତର ଆମ ପାଖରେ ନାହିଁ ବୋଲି ବିନୀତ ଭାବେ ସ୍ୱୀକାର କରୁଛୁ।

ଗଲୋକବାବୁ ତାଙ୍କ ଲେଖାର ପ୍ରଥମ ଭାଗରେ ହିଁ ଲେଖିଛନ୍ତି – ଭୃଗୁ ସଂହିତାରୁ ଜଣାପଡୁଛି, ପ୍ରଭୁଙ୍କ ଖଟୁଲି ବିକ୍ରି କରି ଅର୍ଥ ତୋଷାରଫ କରିଥିଲି। କେତେ ସତ କେତେ ମିଛ ମୋତେ ଜଣାନାହିଁ। କିନ୍ତୁ ଭୃଗୁ ସଂହିତାରୁ କଞ୍ଚିତ ଆଭାସ ମିଳେ, ଯେଉଁଥିପାଇଁ ପୂଜକ ବ୍ରାହ୍ମଣ ଘରେ ଜନ୍ମ ହୋଇଥିବା ମଣିଷଟି ପାଇଛି ଅଶେଷ ଯନ୍ତ୍ରଣା। ୮୪ ଲକ୍ଷ ଯୋନି ମଧ୍ୟ ଦେଇ ଜନ୍ମ ନେଇଛି ପୁନର୍ବାର ମନୁଷ୍ୟ ରୂପ ଧରି କଳିଯୁଗରେ ଏକ ଖଣ୍ଡାୟତ ସଂପ୍ରଦାୟରେ।"

ଉପରୋକ୍ତ ସ୍ୱୀକାରୋକ୍ତିଟି ପଢିବା ପରେ ଆମ ମନରେ ସ୍ୱତଃ ଅନେକ ପ୍ରଶ୍ନ ଉଠିଛି, ଯଥା-: (କ) ଗୋଲୋକବାବୁ ଜଣେ ଆଧୁନିକ ଯୁଗର ଶିକ୍ଷିତ ବ୍ୟକ୍ତି ହୋଇ ମଧ୍ୟ ଭୃଗୁ ସଂହିତାର ଭ୍ରମାତ୍ମକ ଗଣନା ଉପରେ ବିଶ୍ୱାସ କରୁଥିଲେ କାହିଁକି? ସେ କେଉଁ ଜନ୍ମରେ, କେଉଁ ଯୁଗରେ, କେଉଁ ଦେବତାଙ୍କ, କେଉଁ ଭଳି ଖଟୁଲି, କାହାକୁ, କେତେ ଦାମ୍ ରେ ବିକ୍ରି କରିଥିଲେ? ସେ ଏହି ବିଷୟରେ ଜାଣିନାହାନ୍ତି ବୋଲି କହିଛନ୍ତି କିନ୍ତୁ ଭୃଗୁ ସଂହିତାରେ ତ ଏହାର ସଠିକ୍ ବିବରଣୀ ମିଳିବା ଉଚିତ ଥିଲା? ସେ ଜଣେ ପୂଜକ ବ୍ରାହ୍ମଣ ଘରେ ଜନ୍ମ ହୋଇ ମଧ୍ୟ ସେ ଯୁଗରେ ଅର୍ଥାଭାବ ଯୋଗୁଁ ଏଭଳି ହୀନକର୍ମ କରିଥିବା ସମ୍ଭବ କି? ବ୍ରାହ୍ମଣରୁ ଖଣ୍ଡାୟତ ଘରକୁ ଆସିବା ଭିତରେ ସେ ୮୪ ଲକ୍ଷ ଯୋନିରୁ ଜନ୍ମ ହୋଇଥିଲେ, ସେ ସବୁର ବିବରଣୀ ଉକ୍ତ ଭୃଗୁ ସଂହିତାରେ ଅଛି କି ନାହିଁ?

ମୋଟ ଉପରେ ଯାହା ବୁଝାପଡୁଛି, ଗୋଲୋକବାବୁ ଅନେକ ସମସ୍ୟା ଯୋଗୁଁ ମାନସିକ ସ୍ତରରେ ଭାଙ୍ଗିପଡିଥିଲେ ଏବଂ ପରିବାରର ଦାୟିତ୍ୱ ତୁଲାଇବା ପାଇଁ ନିଜକୁ ଅକ୍ଷମ ଅନୁଭବ

କରି ମଙ୍ଗଳମୟ ଜଗନ୍ନାଥଙ୍କ କୃପାଭିକ୍ଷା କରୁଥିଲେ । ଭୃଗୁ ସଂହିତା ଉପରେ ବିଶ୍ୱାସ କରିବା କାରଣ ବି ତାଙ୍କର ଦୁର୍ବଳ ମାନସିକତାର ଲକ୍ଷଣ । ଗୋଲେକବାବୁଙ୍କ ମାନସିକ ଚକସ୍ଥା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧିର ଆବଶ୍ୟକ ଥିଲା ।

ଦୁଃଖର ବିଷୟ ଯେ, ଏହିସବୁ ପ୍ରଶ୍ନର ଉତ୍ତର ଆମେ ହୁଏତ ଗୋଲେକବାବୁଙ୍କଠାରୁ ପାଇଥାନ୍ତୁ । ତାଙ୍କର ତିରୋଧାନ ଯୋଗୁଁ ବର୍ତ୍ତମାନ ଆମେ ବିଜ୍ଞ ଶାସ୍ତ୍ର ବିଶାରଦମାନଙ୍କୁ ଅନୁରୋଧ କରୁବୁ ଯେ, "ଭୃଗୁ ସଂହିତା ସଂପର୍କରେ ଆଲେଖ୍ୟଟି ପ୍ରସ୍ତୁତ କରି ଆମ ଭଳ ଅକଞ୍ଚନ ପାଠକମାନଙ୍କ ସନ୍ଦେହ ମୋଚନ କରନ୍ତୁ । "ଭୃଗୁ ସଂହିତା"ରେ ବର୍ଣ୍ଣିତ ମଣିଷର ଜୀବନ ବୃତ୍ତାନ୍ତ ତଥ୍ୟ ବିଶ୍ୱାସଯୋଗ୍ୟ କି?

କେ.ଆର. ପୂରମ, ବାଙ୍ଗାଲୋର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com

& editor.vedantimagazine@gmail.com.

Whatsapp & Mobile: 9594993733

# ଶୁନ୍ୟତା

ରାମ ପ୍ରସାଦ ବିଶୋଇ

ସେ ତ, ଶୁନ୍ୟଆକାଶ
କାଲି ଥିଲ୍ ଆଜି ବି ଖାଲିପଣେ ଭର୍
ଝଲକାଏ ପବନଟିଏ ହୋଇ
ଫେରି ଆସିବି
ତା ସବୁ ପ୍ରତୀକ୍ଷିତ ମୁହୂର୍ତ୍ତକୁ
ଭରିଦେବି,
ଫଗୁଣର ମିଠା ମିଠା ରଙ୍ଗେ
ଭୁଲି
ମୋ ଜୀବନର ଲକ୍ଷ୍ୟ
ରଖିବାକୁ ବଳବତ୍ତର ସେଇ
ଛୋଟିଆ ଜାଗାଟି
ତା ହୃଦୟର- - - - - - - - - - - - !



ତୁ ଚାଲିଗଲ୍ ପରେ ଖାଁ ଭାଁ ରେ ଭର୍
ଦେଖ,
ସେଇ ପାହାଡ଼ତଳ ଛୋଟିଆ
ଆମ କୁଡ଼ିଆଘର

କାଲି

ସେଠି ଗଣବଳତ୍କାର ସହ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଥିଲା

ଗରୀବ ନାବାଳିକା କନ୍ୟାଟିକୁ- - - - - - - !!

ବ୍ୟବଚ୍ଛେଦ ପରେ,

ଭ୍ରୁଣଟିଏ ନଇସୁଅ ଧାରେ

ଭାସି ଗଲିଛି,

ଶୁନ୍ୟତା ସହ- - - - - - - - - - - - - - - !!!

ନୟୁକଲୋନୀ, ରାୟଗଡା, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com

& editor.vedantimagazine@gmail.com.

Whatsapp & Mobile: 9594993733

# ଇସ୍ତାପା



ଏମ୍. ବିଜୟ କୁମାର

ଇସ୍ତାପା ପତ୍ର ରଖ କର୍ଣ୍ଣେଲ
ଫେରାଇ ନଅ ଏ ବର୍ଦ୍ଦି
ଅଶୋକ ଚକ୍ର
ରାଷ୍ଟ୍ରପତି ପଦକ
ଦୁଃସାହାସିକତାର
ମୋ ବିଜୟର ଜିତାପଟ
ଦାନ୍ତେୱାଡାରୁ ଏ ମୁହୂର୍ତ୍ତରେ ଗ୍ଭଲିଯିବି
ମୋ ଜନମମାଟିକୁ ଫେରିଯିବି
କାହିଁକି? ଜାଣିଛ?
ଉଜୁଡି ଯାଉଛି ଗାଁ
ଜଳ ପାଉଁଶ ମୋ ଘର
ମାଓ କମ୍ବିଂ ଅପରେସନରେ
ଧର୍ଷିତା ପ୍ରେମିକା ଜେଲରେ
ବିଗ୍ଭରୀ ଭଉଣୀ ରକ୍ତହୀନତାରେ
କାନ୍ଦି କାନ୍ଦି ମା ପାଗଳ
କରିବାକୁ ବାପାର ସବସତ୍କାର
ସମାଜର ମୁଖ୍ୟସ୍ରୋତରେ ସାମିଲ
ପାରିବତ, ଇସ୍ତାପା ଦେଇ ମୋ ସାଙ୍ଗେ ଗ୍ଭଲ
ବାହାନୀ, ପୋଷା କୁକୁର
ଅଗଣିତ ଜନତାକୁ ଦଳ

କବର ଉପରେ ବିକାଶ
ଦରକାର, ବିକାଶ
ସୁପର- ପାୱାର
କର୍ପୋରେଟ, ପୁଞ୍ଜିପତୀ, ସରକାର
ହାତଗଣତିଂକ ସ୍ୱାର୍ଥ ହିଁ ଦେଶର ଉନ୍ନତି
ଗ୍ଭଲୁଅଛି
ଗଣହତ୍ୟାର ତନ୍ତ୍ର

ନଜେ ସରକାର
ସମ୍ବିଧାନର ହତ୍ୟାକାରୀ
ଗଣତନ୍ତ୍ରର ଧର୍ଷଣକାରୀ
ମାନବାଧିକାର ଉଲଂଘନକାରୀ
ମନେରଖ ସରକାର
ଇଜ୍ଜତ ସ୍ୱାଭିମାନ ଲଢେଇ
ଜମି ଜିବିକା ବଞ୍ଚିବା ଲଢେଇ
ହଜାର ହଜାର ଇସ୍ତାପା ଦେଇ
ଯୋଗ ଦେବେ ଗରିବ ପାଇଁ
ଭୋଟ ଆମର ରାଜ ତୁମର
ଚଳବ ନାହିଁ ଚଳବ ନାହିଁ

ଭୁବନେଶ୍ୱର, ଓଡିଶା

# ଅକାରଣ



ସ୍ୱାଗତ କୁମାର ପଣ୍ଡା

କାହିଁକି ସେ ବହେ
କଣ ତା ଠିକଣା
ଜାଣି ଥାଏ କି ତା ନଈ?
କଣ ବା ପାଏ ସେ ସାଗର ବକ୍ଷରେ
ଅସ୍ତିତ୍ୱ ନିଜ ହଜାଇ?

କଇଁ କୁ କି ଜଣା ଜହ୍ନ ଆଲୁଅକୁ
କାହିଁକି ସେ ଏତେ ଲୋଡ଼େ?
ମଧୁର ବିରହ ଯନ୍ତ୍ରଣା ଭୋଗି ସେ
ନିତି ଫୁଟେ ନିତି ଝଡ଼େ...



ପତଙ୍ଗ ଜାଣେକି ଅନଳ ଦେଖିଲେ
କାହିଁକି ତା ମନ ଧାଏଁ
ଏମିତି ନିଜକୁ ଜାଳି ମାରିବାରେ
କେଉଁ ସୁଖ ଅବା ଥାଏ?

ସବୁ ଜିନିଷର କାରଣ ନ ଥାଏ
ଅକରଣେ କିଛି ହୁଏ,
କେମିତି କହିବି କେଉଁ କାରଣରୁ
ତୁମକୁ ମୁଁ ଭଲପାଏ?

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଅସରନ୍ତି ଫଗୁଣ



ମୃତ୍ୟୁଞ୍ଜୟ ହୋତା( ଆଲୋକ)

ପୃଥିବୀ ଆଜି ଉତଫୁଲ୍ଲିତ ଚକତ ରଙ୍ଗର ଆସେ ପସରା,
ନବଦିଗନ୍ତ ଚକ୍ ଚକ୍ କରେ ଆସିଛି ଫଗୁଣ ପର୍ବ ।
ଉନ୍ନଦିତ ଚଉଦିଗ ସଜା ମୃଣମୟୀ ଆକାଶ ଦିଶେ,
ପବନ କରି ଅଭିମାନ ସୁଲୁ ସୁଲୁ ହୋଇ ଆସେ ॥
ନୂଆ ଉନ୍ମାଦନା ନୂଆ ସପନ ସତେ କ ଆଶାର କରଣ,
ପଶୁପକ୍ଷୀ ଅବା ଗଛ ଲତା ସଭିଁଏ ଫଗୁଣେ ନମନ ।
ଆମ୍ର ବଉଳ ବସନ୍ତ ଲକ୍ଷଣ ନବଘନ ରଚତ,
ହୃଦୟ ଖୋଲି ବ୍ୟକ୍ତ କରେ କୋଇଲି ତାର ଚରିତ ॥
ପ୍ରକୃତି ବାସନା ଦିବ୍ୟ ଛନ୍ଦନା ଉଠେ ମହ ମହ ହୋଇ,
ଧରଣୀ ଆଜି ଫଗୁଣେ ବିଭୋର ସତେ ନୂଆ ବୋହୂ ହୋଇ ।
ପକ୍ଷୀ ବିଚରଣ ଖୋଲା ଆକାଶରେ ସ୍ୱରର ରାଗିଣୀ ଗାଇ,
ଝରଣା ବହିଯାଏ ଆନନ୍ଦ ମନରେ ଅବା ପାହାଡକୁ ଛୁଇଁ ॥
ମଳୟର ଏହି ସୁନ୍ଦର ଅନୁଭୂତି ଗୋଲାପ ଫୁଲଠୁ ବେଶୀ,
ତଥାପି ମନ ଅଣାୟତ୍ତ ହୁଏ ଫେରିଯିବାକୁ ଆସି ।
ସୁରୁଜ ଆସେ ନଇଁ ଜହ୍ନକୁ ସ୍ୱାଗତ କରି,
ଘୁରିଆଡେ ଖାଲି ଫଗୁଣ ଆସର ହୃଦୟ ଅଥୟ କରି ॥

ରତାଖଣ୍ଡି, ବୌଦ୍ଧ, ଓଡିଶା

# ଉପହାସ



ଶିଶିର କୁମାର ସାମଲ

ଦୂର ଜହ୍ନ ଦେଖ      ହସି କୁହେ ମତେ
ହୋଇଲକ ବନ୍ଧୁ ବାଇ,
ଗୋଲ୍ପ ଫୁଲକୁ      ଭଲ ପାଅ କାହିଁ
କଣ୍ଟାର ଆଘାତ ସହି ॥
ଜହ୍ନ ଓ ଗୋଲ୍ପ      ଦୁହେଁ ଆନମନା
ଗ୍ୟେରେଇ ନଅନ୍ତି ମନ,
ସୁନ୍ଦର ରୂପର      ପସର୍ ମେଲେଇ
ଦେଖାନ୍ତି ମିଛ ସପନ ॥
ଫୁଲ ଫୁଟି ପଛେ      ଅକାଳେ ଝଡିବ
ଦୂରୁ ପାଉଥିବ ବାସ,
ନଜର ଭ୍ରବିକ      ଛୁଇଁବାକୁ ଗଲେ
ପାଖୁଡାରେ କଣ୍ଟା ବିଷ ॥
ଦୂର ଆକାଶର      ଜହ୍ନ ଭଳ ତୁମେ
ମୋ ଠାରୁ ରହିଲ ଦୂର,
ଛୁଇଁବାକୁ ହାତ      ବଢାଇଲେ କାହିଁ
ଲହୁ ରେ ଭିଜେ ଶରୀର ॥
ଜାଣିଜାଣି କାହିଁ      ଗୋଲ୍ପର ପାଇଁ
କଣ୍ଟାରେ ରଖୁଛି ହାତ,
କଣ୍ଟାର ଆଘାତେ ରକ୍ତାକ୍ତ ହେଲିଣି
ତଥାପି ଗୋଲ୍ପ ମିତ ॥

କଣ୍ଟିପୁର, ଯାଜପୁର

# ବିଦେଶ ଖବର




ଚଳତ ବର୍ଷ ସାଉଦି ଆରବ ନଜର ବାର୍ଷିକ କଳା ଓ ସାଂସ୍କୃତିକ ମହୋତ୍ସବ, ଯାହାକୁ ଜନାଦରିଆ ସାଂସ୍କୃତିକ ପର୍ବରେ ଭାରତ କୁ ପ୍ରଥମ କରି ଗତ ୩୨ ବର୍ଷ ମଧ୍ୟରେ ବିଶେଷ ଅତିଥି ଭାବେ ଯୋଗ ଦେବା ପାଇଁ ଆମନ୍ତ୍ରଣ ମିଳଛି । ଏହି ଉତ୍ସବ ଗତ ଫେବୃଆରୀ ୭-୨୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଛି । ଏହି ମହୋତ୍ସବରେ ଭାରତର ମଞ୍ଚକୁ ଯୁଗ୍ମ ଭାବେ ଭାରତର ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜ ଏବଂ ସାଉଦି ଆରବର ରାଜା ଶ୍ରୀମାନ ସଲମାନ ଫେବୃଆରୀ ୭ ତାରିଖରେ ଉଦଘାଟନ କରିଥିଲେ ।

ଏହି ମହୋତ୍ସବରେ ଭାରତର ପ୍ରତେକ ପ୍ରଦେଶ କୁ ନଜର କଳା, ସ୍ଥାପତ୍ୟ ତଥା ସଂସ୍କୃତି ବିଷୟରେ ଅବଗତ କରିବାକୁ ସ୍ଥାନୀୟ ଭାରତୀୟ ଦୂତାବାସ ତରଫରୁ ବିଶେଷ ପ୍ରୋତ୍ସାହନ ମିଳଥିଲା । ଆନନ୍ଦର ବିଷୟ, ଓଡିଶା ପ୍ରଦେଶକୁ ଗତ ଫେବୃଆରୀ ୧୯ ତାରିଖରେ ମଂଚ ପରିବେଷଣ କରିବାକୁ ସୁଯୋଗ ମିଳଥିଲା । ସାଉଦି ଆରବର

ରାଜଧାନୀ ରିୟାଦରେ ଗଠିତ ପ୍ରଭାସୀ ଓଡ଼ିଆ ସଂଗଠନ ରେଜା ( ରିୟାଧ ଓଡିଶା ସାମାଜିକ ତଥା ସାଂସ୍କୃତିକ ସଂଗଠନ) ନଜର ସାମୁହିକ ପ୍ରୟାସ ଦ୍ଵାରା ଓଡିଶା ମଞ୍ଚର ଉପସ୍ଥାପନା କରିଥିଲେ । ଓଡିଶା ମଂଚରେ ବିଶ୍ଵ ପ୍ରସିଦ୍ଧ ସମ୍ବଲପୁରୀ ଶାଢ଼ୀ, ପିପିଲି ର ଚାନ୍ଦୁଆ, କଟକର ତାରକସି ରୁପା କାମ, ପୁରୀ ର ନଡ଼ିଆ କତାର ଖେଳନା, ଆଦିବାସୀ ଚନ୍ଦ କଳା, ପଟ୍ଟ ଚନ୍ଦ, ରୁପା ର ଗହଣା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । କଳା ଓ ସଂସ୍କୃତି ଛଡା ଓଡିଶା ର ଉଦ୍ୟୋଗ, ଖଣିଜ ଦ୍ରବ୍ୟ, ଶିକ୍ଷା ଅନୁଷ୍ଠାନ, ବିଜ୍ଞାନ, ପର୍ଯ୍ୟଟନ ସ୍ଥଳୀ ତଥା ବିଶ୍ଵ ପ୍ରସିଦ୍ଧ ଓଡିଶୀ ନୃତ୍ୟ ର ଆଭାସ ଦିଆଯାଇଥିଲା ।

ଓଡିଶା ମଂଚକୁ ଭାରତୀୟ ରାଜଦୂତ ଶ୍ରୀ ଅହମଦ ଜାଭେଦ, ICCR ର ପ୍ରଧାନ ଅଧକ୍ଷ ଶ୍ରୀ ବିନୟ ସହସ୍ରବୁଦ୍ଧ, ଡେପୁଟି ଚଫ ମିଶନ ଶ୍ରୀ ସୁହେଲ ଆଜାଦ ଖାନ ଓ କମୁନଟି ୱେଲ ଫେୟାର କାଉନସେଲର୍ ଶ୍ରୀ ଅନଲ ନୌତିଆଲ ସମୂହ ଭାବେ ଉଦଘାଟନ କରିଥିଲେ । ଏହି ସମ୍ମାନୀୟ ଅତିଥିମାନେ ମଞ୍ଚରେ ପ୍ରଦର୍ଶିତ ପ୍ରତ୍ୟକ ଜିନଷର ଅଶେଷ ପ୍ରଶଂସା କରିଥିଲେ । ଶେଷରେ ସମ୍ମାନୀୟ ଅତିଥିମାନଙ୍କୁ ଓଡ଼ିଶାର ପ୍ରସିଦ୍ଧ ଛେନାପୋଡ଼ ମିଠା ପରସା ଯାଇଥିଲା । ସ୍ଥାନୀୟ ସାଉଦି ଅଧିବାସୀ ତଥା ବିଶେଷ ଅତିଥିମାନେ ଛେନାପୋଡ଼ ର ବିଶେଷ ପ୍ରଶଂସା କରିଥିଲେ ।

ଓଡିଶା ପ୍ରଦେଶର ମଞ୍ଚ ସଜା ପାଇଁ, ରେଜାର ଅଧକ୍ଷ ଶ୍ରୀ ଦେବାଶିଷ ରାଉତଙ୍କ ତତ୍ତ୍ଵାବଧାନ ରେ ସଂଗଠନର ପ୍ରମୁଖ ଶ୍ରୀ ବିବେକ ସିଲ୍, ଶ୍ରୀ ରାଜୀକ ବକୀଲ, ଶ୍ରୀ ପ୍ରବୀର ଦାସ, ଡ଼କ୍ଟର ଚନ୍ଦନା ଦାସ, ଶ୍ରୀମତୀ ଲୋପାମୁଦ୍ରା ପୃଷ୍ଟି, ଶ୍ରୀ ସୁକାନ୍ତ ପାତ୍ର, ଶ୍ରୀ ମାନସ ସ୍ଵାଇଁ, ଶ୍ରୀ ହାଡୁବନ୍ଧୁ ସାହୁ, ଶ୍ରୀ ଆଜିମୁଦୀନ ଖାନ, ଶ୍ରୀ ଆନୱାର ତରଫଦାର, ଡ଼କ୍ଟର ଫଜ଼ାଲ ହକ, ଶ୍ରୀ ସମଷେର ଅଲ୍ଲୀ, ଡ଼କ୍ଟର ମହେନ୍ଦ୍ର ପାତ୍ର, କୁମାରୀ ସମୀକ୍ଷା, କୁମାରୀ ଆଫ୍ରିନ ଓ କୁମାରୀ ଅନଷ୍କା ଯୋଗଦାନ କରିଥିଲେ । ଗୌରବର ବିଷୟ, ଓଡିଶାର ମଂଚ ସଜା ଦେଖି ସ୍ଥାନୀୟ ମହିଳା

ବିଶ୍ୱବିଦ୍ୟାଳୟ ତରଫରୁ ଓଡିଶା ର କଳା ଓ ସଂସ୍କୃତି ର ବିଶେଷ ଅନୁଧ୍ୟାନ ପାଇଁ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ପରିବେଷଣ କରିବା ପାଇଁ ଅନୁରୋଧ କରିଛନ୍ତି । ଗ୍ରେଜାର ସୀମିତ ଆର୍ଥିକ ତଥା ଜନବଳ ମାଧ୍ୟମରେ ବିଦେଶରେ ନିଜର ମାତୃଭୂମି ଓଡ଼ିଶାର କଳା, ସଂସ୍କୃତି ଓ ବାଣିଜ୍ୟ ର ବିକାଶ ପାଇଁ ଏହା ଏକ ଛୋଟ ପ୍ରୟାସର ଜ୍ୱଳନ୍ତ ଉଦାହରଣ । ଏହି ମହୋତ୍ସବର କିଛି ଫଟୋଗ୍ରାଫ ବେଦାନ୍ତୀର ପାଠକମାନଙ୍କ ପାଇଁ ଦିଆଯାଉଛି ।






The Soul of Incredible India


Welcome to ODISHA
THE GATEWAY
OF
EASTERN INDIA



# ଶିଶୁ ବିଭାଗ



# ଖେଳବା ଆସ ହୋଲି



ସତ୍ୟବ୍ରତ ସାହୁ

ବରଷ ପରେ ଆସିଛି ହୋଲି ଆସରେ ସବୁ ମିତ,
ରଙ୍ଗ, ଅବିର ହୋଇବା ବୋଳ ଗାଇବା ଖୁସି ଗୀତ ।୧।
ନଅରେ ନଅ ସାଥୀ ସଙ୍ଗାତ ଅବିର ମୋ ଠୁ ନଅ,
ମୁହଁରେ ମୋର ରଙ୍ଗ ଲଗାଇ ଗାଲ ଦେଖାଇ ଦିଅ ।୨।
ସଦଭାବନାର ବାରତା ଆଣି ଆସିଛି ପର୍ବ ହୋଲି,
ଶପଥ ନେବା ମନରୁ ରାଗ, ହିଂସାକୁ ଯିବା ଭୁଲି ।୩।
ବୋଉ କହିଲେ ମିଶି ଚଳଲେ ହୋଇବ ପିଲ୍ ସୁନା,
ବଜାରୁ ବାପା ଅବିର ଆଣି କହିଲେ ନେ ମୁନା ।୪।
ସାଥୀଙ୍କ ସହ ଖେଳବୁ ରଙ୍ଗ କରିବୁ ନାହିଁ କଳି,
ଭ୍ରାତୃତ୍ୱ ଭାବ ବଢାଏ ହୋଲି ମନୁ ଯିବୁନ ଭୁଲି ।୫।
ହୋଲିକୁ ଆସ ରଙ୍ଗାଇ ଦେବା ଖୁସିର ରଙ୍ଗେ ଆମେ,
ମିଳି ଚଳଲେ ଦିନେନା ଦିନେ ବିଜୟୀ ହେବା ଆମେ ।୬।



ପଲ୍ଲାସାହି, କଂଆଳପୁର, ଅହିୟାସ, ଯାଜପୁର



ପ୍ରକାଶ ସାହୁ

# ସୁନା ଭଉଣୀ ମୋ ସୁନା କଣ୍ଢେଇ

ଭଉଣୀ ମୋର ଟିକେ ଅଭିମାନନୀ
ପୁଣି କବେ କରେ ଅତି ଦୁଷ୍ଟାମୀ
ଆମ ଘରେ ସେ ଭାରି ଗେଲହୁଇ
ସେ ତ ମୋ ପାଇଁ ସୁନା କଣ୍ଢେଇ
ତା ପାଇଁ କରିଛି ମୁଁ ନୂଆ କଡେଇ
ଶିଖିବ ବୋଲି ସେ ନୂଆ ରୋଷେଇ
ବେସର ବାଟିବ, ଚୁଲି ଲଗେଇ
କହୁଛି ଭାଜିବ ଉଖୁଡା ଖଇ
ଆସୁଛି ବୋଲି ତ ରାଖି ପୁନେଇ
ବସିଥିଲା ସିଏ ମୁହଁ ସୁଖେଇ
ବୁଝିଲି  ଦୁଖଃ ତା ସବୁ ମୋରି ପାଇଁ
ମୋତେ ଦବାକୁ ତା ପାଖେ କଛି ନାହିଁ
କହିଲି ମୁଁ ତାକୁ ଯାଇ ବୁଝାଇ
ସୁନା ଭଉଣୀ ମୋ ସୁନା କଣ୍ଢେଇ
ତୁ ପାଖେ ଥିଲେ ହୁଏ ସବୁ ଶୁଭ
ତୋ ହାତ ଛୁଇଁ ସବୁ ହୁଏ ଲାଭ
ତୋମୁହଁ ଦେଖିଲେ ଦୂର ହୁଏ କଷ୍ଟ
ଆଜି  ନାହିଁ ବୋଲି କଛି ତୋ ପାଖେ
ମାଗିବି  ଦ୍ରବ୍ୟ ଟେ ଦବୁ ତୁ ମୋତେ
ଦ୍ରବ୍ୟ ଟି କେବେଳ ଅଛି ତୋ ପାଖେ
କହିଲା ସେ ମୋ ଆଡେ ମୁହଁ ବୁଲାଇ
ଭାଇ ଲୋ କଣ ଏମିତି ଦେବୀ ତୋତେ
ଖାଲି ହାତେ ପରା ଦେଖୁଛୁ ମୋତେ
କରୁଛୁ ତୁ ପୁଣି ପରିହାସ ମୋରି ସାଥେ
ବୁଝାଇ କହିଲି ବସି ମୁଁ ତା ପାଖେ
ଭାଇ ହୋଇ ପୁଣି ଥଟ୍ଟା ତୋ ସାଥେ
କେମିତି ଭାବିଲୁ କଥା ଏମନ୍ତେ
ଆଜି ହେଉଛି ରକ୍ଷା ବନ୍ଧନ ର ଦିନ
କଥା ଦେଉଅଛି ରଖିବି ମୁଁ ତୋ ମାନ
ତୋତେ ଯେ କରିବ ବଦ ଦୃଶ୍ୟ ମାନ
ଜାଣିଥା ଚାଲିଯିବା ତାର ଦୁଇ ନୟନ
ପ୍ରତିବଦଳ ରେ ଆଜି ମାଗୁଛି ତୋତେ
ବାହା ହୋଇ ଯେବେ କନଆଁ ସାଜିବୁ
ମୋତେ ଏକା କରି ଶାଶୂଘର କୁ ଯିବୁ
କଥାଦେ ଯେମିତି ମୋତେ ଭୁଲି ନ ଯିବୁ
ବିପଦ ରେ ଏ ଭାଇ କୁ ସହାୟ ହେବୁ
କହିଲା ସେ ଆଖି ରେ ଲୁହ ଗଡେଇ
ତୋ ପରି ଭାଇ ଏ ଜଗତେ ନାହିଁ
ସର୍ତ୍ତ ରଖୁଛି ଆଜି ନ ଭୁଲିବା ପାଇଁ
ଯା ସାଥେ ମୋର ପିଲା ଦିନ ଗଲା
ଯା ସାଥେ ଚାଲିବାକୁ ସାହସ ହେଲା
ମୋ ପାଇଁ ଯିଏ ମାଡ଼ ଖାଉଥିଲା
ଆମ ଶ୍ରୀର୍ ପ୍ରଶୀର୍ ରେ ଏକ ରକ୍ତ
ଆମେ ପରା ଗୋଟିଏ ମା ର ସନ୍ତାନ
କେମିତି କହିଲୁ ଭାଇ ଏମିତି ବଚନ

ଏ କହି ତ୍ୟାଗ କରିଲା ସେ ସ୍ଥାନ
ମନ ମାରି ସେ କରିଲା ଶୟନ
ବୁଝାଇ କହିଲି ତାକୁ ମୁଁ ଏଥର ଯାଇ
ଭୁଲ ରେ ମୁଁ ଦେଇଛି ଏମିତି କହି
ସୁନା ଭଉଣୀ ମୋ ସୁନା କଣ୍ଢେଇ
ତୋ ରାଗ ରେ ଅନ୍ଧାର ଘୋଟେ
ତୁ ହସିଲେ ଗୋଲାପ ଫୁଟେ
ସୁନେଲି ସୁରୁଜ କରଣ ପାଖକୁ ଆସେ
ଶୁଣିଲା ନାହିଁ ସେ ମୋରି କଥା
ନିରୁପାୟ ହୋଇ ବସିଲି ଏକା
କିଛି ସମୟ ପରେ ଉଠିଲା ସିଏ
ତାକୁ ତ ମୁଁ ଖାଲି ଦେଖୁଥାଏ
ଆସିଲା ମୋ ପାଖକୁ ଥାଳ ଧରି
ଥାଳ ରେ ଥିଲା ଦୀପ ରାଖି ର ଯୋଡି
ଦେଲା ସେ ଫୁଲ କୁ ମୋ ମୁଣ୍ଡେ ଥୋଇ
ମଥାରେ ଚନ୍ଦନ ଟୀକା ଲଗାଇ
ଦୀପ ର ଶିଖା କୁ ମୁହଁ ପାଖେ ବୁଲାଇ
ରାଖୀ ବାନ୍ଧିଲା ହାତ କୁ ଟାଣି ନେଇ
ମୁହଁ ରେ ମୋ ଦେଲା ମିଠା ଖୁଆଇ
ଆଶିଷ ନେଲା ମୋ ପାଦ କୁ ଛୁଇଁ

ତା ମଥା ରେ ମୁଁ ହାତ ରଖିଲି
ତା କୁନି ହାତେ ହାତ କୁ ମିଳାଇଲି
କହିଲି ମୁଁ ତାକୁ କୋଳେଇ ନେଇ
ସୁନା ଭଉଣୀ ମୋ ସୁନା କଣ୍ଢେଇ
ତୋ ପାଇଁ ଆଣିବି ମୁଁ ରାଜକୁମାର
କଥା ରହିଲା ଏ ମୋ ବେଦ ର ଗାର।
ଭାଇ ଥିବାଯାଏ କିଛି ହେବନି ତୋର।

ନାବିକ, ଭାରତୀୟ ନୌସେନା



# ଝିଅ



ସୁଦାମ ଗୌଡ଼

ମାଆ ବାପା ମୋର ଠାକୁରଙ୍କ ପରି ଜନ୍ମ ଦେଇଛନ୍ତି ମତେ ।

ତାଙ୍କରି କୋଳରେ ଝିଅ ଜନ୍ମ ପାଇ ଦୂନଆ ଦେଖୁଛି କେତେ

ମୁଁ ଛୋଟିଆ ଝିଅଟେ କଛି ଯାଣିନାହିଁ ନାଁଟି ମୋର ପ୍ରିତି ।

ଠାକୁରଙ୍କ ପାଖେ ଫୁଲ ଦୂପ ଦେଇ ପୂଜାକରେ ମୁଁ ନତି ।

ଠାକୁରେ ମୋର ଗୁହାରି ଶୁଣିବ ।

ମାଆ ବାପାଙ୍କୁ ମୋର ଭଲରେ ରଖିବ ।

ନ ଦେବ କାହା ମନେ କଷ୍ଟ ।

ଏତିକ ମୋର ଗୁହାରି ଶୁଣ କେବେ ହେବି ନାହିଁ ଦୁଷ୍ଟ ।


ସୁଦାମ ଗୌଡ଼, ବୁଢ଼ାବାହାଲ, ଜି : ସୁନ୍ଦରଗଡ଼



# ଚନ୍ଦ୍ର



ସିମ୍ରନ ମଲ୍ଲିକ ( ମାମା)



କୋଲକତା, ପଶ୍ଚିମବଙ୍ଗ

# ଚିତ୍ର



ମଧୁସ୍ମିତା ସାମଲ




ବରୀ, ଯାଜପୁର, ଓଡିଶା

# କଏ କହିବ

ପ୍ରକାଶ ସାହୁ

ଚରୋଟି ଅକ୍ଷର ନାମ ମୋହର
କୁନ ପିଲ୍ ଙ୍କୁ ମୁଁ କରେ ଆଦର
ମୋ ଭୟ ରେ ଦୁଷ୍ଟ ହୁଏ ଶିକ୍ଷ୍ୟାଚର
ବରଷେ ଥରେ ମେଢ ଲ୍ଗେ ମୋର
ମୁଁ ଅଟଇ ବିଦ୍ୟା ର ଜ୍ଞାନ ଠାକୁର
ଟୋକା ମାନ ଙ୍କ ର ପ୍ରିୟ ଠାକୁର
ପ୍ରଥମ ଦୁତୀୟ ମିଶାଇ ଦେବ
ସେ ତ ଜନ ସମୁଦ୍ର କୁ ବୁଝାଉ ଥିବ
ତୃତୀୟ ଚତୁର୍ଥ ମିଶାଇ ଦେବ
ସ୍ୱାମୀ ର ପ୍ରତିଶବ୍ଦ ବୋଲି ଜାଣିବ
ପ୍ରଥମ ତୃତୀୟ ଯୋଗ କରିବ
ଶୁଣିଲେ ତାହାକୁ ଖୁସି ଲ୍ଗିବ
ତୃତୀୟ ଦୁତୀୟ ଯୋଗ କରିବ
ଚଷୀ ଭ୍ଇ ମୋତେ କରେ ହିସାବ
ପ୍ରଥମ ଚତୁର୍ଥ ଦିଅ ମିଶାଇ
ଚଳିବା ଅର୍ଥ କୁ ସେ ବୁଝାଇ
ଏହାର ଉତ୍ତର ଯିଏ କହିବ
ସୁନା ପିଲ୍ ବୋଲି ସବୁ କହିବ
ସେ ଗଣେଶ ଙ୍କ ଠାରୁ କୃପା ପାଇବ



**ଉତ୍ତର- ଗଣପତି**

# ନିଜ ବଗିଚ୍ଚାର ଗୋଲାପ

( ଫଟୋ ପଠାଇଛନ୍ତି – ସୁଲୋଚନା ପଟ୍ଟନାୟକ, ଏଲକରିଜ୍, ମେରିଲାଣ୍ଡ)



# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୩/ ୨୦୧୮ | ଦୋଳ ପୂର୍ଣ୍ଣିମା ଓ ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା |
| ୦୨/ ୦୩/ ୨୦୧୮ | ହୋଲି ଉତ୍ସବ |
| ୦୬/ ୦୩/ ୨୦୧୮ | ପଞ୍ଚୁଦୋଳ ଓ ତାର୍‌ତାରେଣୀ ଯାତ୍ରା |
| ୦୭/ ୦୩/ ୨୦୧୮ | ସ୍କନ୍ଦ ଷଷ୍ଠୀ |
| ୧୩/ ୦୩/ ୨୦୧୮ | ପାପମୋଚନୀ ଏକାଦଶୀ, ଉପବାସ |
| ୧୫/ ୦୩/ ୨୦୧୮ | ମୀନ ସଂକ୍ରାନ୍ତି, ବାରୁଣୀ ସ୍ନାନ, ଶିବ ଚତୁର୍ଦ୍ଦଶୀ ଉପବାସ |
| ୧୬/ ୦୩/ ୨୦୧୮ | ସୁହୀ ଚତୁର୍ଦ୍ଦଶୀ |
| ୧୭/ ୦୩/ ୨୦୧୮ | ମଧୁ ଅମାବାସ୍ୟା, ଚନ୍ଦ୍ରକ୍ଷୟ |
| ୧୮/ ୦୩/ ୨୦୧୮ | ବାସନ୍ତୀକ, ତେଲୁଗୁ ନୂତନ ବର୍ଷ, ଚନ୍ଦ୍ର ଦର୍ଶନ ଓ ପୂଜା |
| ୨୨/ ୦୩/ ୨୦୧୮ | ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ବିଲ୍ୱବରଣ |
| ୨୩/ ୦୩/ ୨୦୧୮ | ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା ଓ ଖ୍ରୀଷ୍ଟୀୟ ନବବର୍ଷ |
| ୨୪/ ୦୩/ ୨୦୧୮ | ଅଶୋକାଷ୍ଟମୀ ଓ ଶ୍ରୀଲିଙ୍ଗରାଜ ଦେବଙ୍କ ରଥଯାତ୍ରା ଓ ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା |
| ୨୫/ ୦୩/ ୨୦୧୮ | ଶ୍ରୀ ରାମ ନବମୀ ଓ ବାସନ୍ତୀକ ଶ୍ରୀ ଦୁର୍ଗାଦେବ୍ୟାଃ ନବମୀ ପୂଜା |
| ୨୬/ ୦୩/ ୨୦୧୮ | ବାସନ୍ତୀକ ଦଶହରା |
| ୨୭/ ୦୩/ ୨୦୧୮ | ସର୍ବସମ୍ମତ କାମଦା ଏକାଦଶୀ, ଉପବାସ |
| ୨୯/ ୦୩/ ୨୦୧୮ | ଅନଙ୍ଗ ତ୍ରୟୋଦଶୀ |
| ୩୦/ ୦୩/ ୨୦୧୮ | ଗୁଡ ଫ୍ରାଇଡେ ଓ ଶିବ ଚତୁର୍ଦ୍ଦଶୀ |
| ୩୧/ ୦୩/ ୨୦୧୮ | ଚୈତ୍ର ପୂର୍ଣ୍ଣିମା, ହିଙ୍ଗୁଳା ଯାତ୍ରା ଓ ଚନ୍ଦ୍ରପୂଜା |

# ଚିତ୍ର କଥା କହେ




ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com



କଦଳୀ ର ସୁଗୁଣ ସେ ଜାଣିଛି
କଦଳୀ ର ସ୍ୱାଦ ଯେ ନେଇଛି
କଦଳୀ ର ଦୁର୍ଗୁଣ ସେ ଜାଣିଛି
ଚୋପା ତାର ଯା ଗୋଡ ଖସିଛି
ବଜାରେ ଲାଗିଛି ଦେଶୀ କଦଳୀ
ଘରଣୀ ର ମନ ହେଉଛି ବିକଳୀ

( ବିଜେତା: ପ୍ରକାଶ ସାହୁ,
ବିଶାଖାପାଟନମ୍ ନାଭାଲ ବେସ୍, ଆନ୍ଧ୍ର ପ୍ରଦେଶ)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ବ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**